R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୪୫
ତିଥି: ଦଶମୀ
୨୦ ସେପ୍ଟେମ୍ବର ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

Vol. - XXX, No. 345
20 September 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ମ. ପ୍ରଦେଶରେ ମା' ବଗଳାମୁଖୀଙ୍କ ଦର୍ଶନ ସାରି ଫେରିବା ବେଳେ ଅଘଟଣ

# ଭାସିଗଲା କାର, ଓଡ଼ିଆ ପରିବାରର ୭ ମୃତ

ଭୁବନେଶ୍ୱର, ୧୯ ।୯ (ସବ୍ୟୁ) : ମଧ୍ୟପ୍ରଦେଶ ଅଗରମାଲୱା ଜିଲ୍ଲାରେ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଛି । ସେମାନଙ୍କ ସହ କାର ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତ୍ୟୁ ହୋଇଥିବା ଗୋଟିଏ ପରିବାରର ୭ ଜଣ ଭୁବନେଶ୍ୱରରୁ ମଧ୍ୟପ୍ରଦେଶ ବଗଳାମୁଖୀ ଓ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନକୁ ବୁଲିବାକୁ ଯାଇଥିଲେ ।



ଗାଡକଣ ଗ୍ରାମରେ ବନା ବେହେରାଙ୍କ ଘର । ସେ ସପରିବାରରେ ଜୟଦେବ ବିହାର ଛକ ନିକଟରେ ରୁହନ୍ତି । ସେଠାରେ ତାଙ୍କର ହୋଟେଲ ବ୍ୟବସାୟ ଅଛି । ବନା ବେହେରାଙ୍କ ୩ ଝିଅ ଓ ଗୋଟିଏ ପୁଅ । ଦୁଇ ଝିଅ ଓ ପୁଅ ବିବାହ କରିଥିବା ବେଳେ ସାନ ଝିଅ ବିବାହ କରିନଥିଲେ । ସାନ ଝିଅ ରାଧାରାଣୀଙ୍କ ବିବାହ ସ୍ଥିର ହୋଇଥିବା ବେଳେ ଆସନ୍ତା ୨୭ ତାରିଖ ନିର୍ବନ୍ଧ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ବିବାହ ପୂର୍ବରୁ ସାନ ଭଉଣୀକୁ ବୁଲାଇ ଆଣିବା ଉଦ୍ଦେଶ୍ୟରେ ସେମାନେ ମଧ୍ୟ ପ୍ରଦେଶ ବୁଲି ଯାଇଥିଲେ । ବନା ବେହେରାଙ୍କ ପୁଅ ଶିବ ବେହେରା, ମଝିଆଣୀ ଝିଅ

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ**

**ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କଲେ କେନ୍ଦ୍ର, ରାଜ୍ୟ ସରକାର**

ଗୀତାରାଣୀ ବେହେରା ଓ ତାଙ୍କ ସ୍ୱାମୀ ଜ୍ଞାନେନ୍ଦ୍ର ବେହେରା, (୯ ପୃଷ୍ଠାରେ)

# ଜାପାନରେ ଏସୀୟ କ୍ରୀଡ଼ା ଆରମ୍ଭ



ନାଗୋୟା, ୧୯।୯ (ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଶନିବାର ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି ୨୦ତମ ଏସୀୟ କ୍ରୀଡ଼ା। ନାଗୋୟାର ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମରେ ରଙ୍ଗାରଙ୍ଗ ଉଦ୍‌ଘାଟନୀ ସମାରୋହ ସହ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ମହାକୁମ୍ଭ ଅକ୍ଟୋବର ୪ ପର୍ଯ୍ୟନ୍ତ ଚାଲିବ। ଜାପାନ ସମ୍ରାଟ ନାରୁହିତୋ ଏହି କ୍ରୀଡ଼ାର ଆନୁଷ୍ଠାନିକ ଉଦ୍‌ଘାଟନ ଘୋଷଣା କରିଥିଲେ।

'ହାର୍ମୋନିକ୍ ହାର୍ଟ ବିଟ୍' ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଉଦ୍ଘାଟନୀ ସମାରୋହରେ ଜାପାନର ପରମ୍ପରା, ସଂସ୍କୃତି ଓ ଆଧୁନିକତାର ଝଲକ ଦେଖିବାକୁ ମିଳିଥିଲା। ନୃତ୍ୟ, ସଙ୍ଗୀତ, ଆଲୋକସଜ୍ଜା ଓ ଆତସବାଜିରେ ଷ୍ଟାଡିୟମ୍ ଉତ୍ସବମୁଖର ହୋଇଉଠିଥିଲା। ଏହି ଅବସରରେ ୪୫ଟି ଦେଶ ଓ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ମାର୍ଚ୍ଚପାଷ୍ଟରେ ଅଂଶ ନେଇଥିଲେ। ଏଥର ଏସୀୟ କ୍ରୀଡ଼ାରେ ୧୧ ହଜାରରୁ ଅଧିକ କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି। ମୋଟ ୪୩ଟି କ୍ରୀଡ଼ାରେ ୩୬୯ଟି ସ୍ୱର୍ଣ୍ଣ ପଦକ ପାଇଁ ପ୍ରତିଯୋଗିତା ହେବ। ଆଥଲେଟିକ୍ସ, ସନ୍ତରଣ, ଶୁଟିଂ ଓ ହକି ଭଳି ଅଲିମ୍ପିକ୍ କ୍ରୀଡ଼ା ସହ କବାଡ଼ି, ସିପାକ୍ଟାକ୍ରୋ ଓ କୁରାଶ ଭଳି ଏସୀୟ କ୍ରୀଡ଼ାରେ ବିଶେଷ ପରିଚିତ କ୍ରୀଡ଼ା ମଧ୍ୟ ରହିଛି। ଏଥର ଟେକ୍ବଲ୍, ପାଡେଲ୍, ମିକ୍ସଡ୍ ମାର୍ଶାଲ ଆର୍ଟ୍ସ ଓ ଭର୍ଚୁଆଲ୍ ତାଏକ୍ୱାଣ୍ଡୋ ଭଳି ନୂଆ ଇଭେଣ୍ଟ ମଧ୍ୟ ସାମିଲ ହୋଇଛି। ଇ-ସ୍ପୋର୍ଟ୍ସ ମଧ୍ୟ ପଦକ ଇଭେଣ୍ଟ ଭାବେ ରହିଛି।

ଭାରତ ଏଥର ୫୦୦ରୁ ଅଧିକ କ୍ରୀଡ଼ାବିତ୍‌ଙ୍କୁ ନେଇ ଏସୀୟ କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଭାରତୀୟ କ୍ରୀଡ଼ାବିତ୍‌ମାନେ ୩୬ଟି କ୍ରୀଡ଼ାରେ ଅଂଶ ନେବେ। ହାଙ୍ଗଝାଉ ଏସୀୟ କ୍ରୀଡ଼ାରେ ୧୦୭ ପଦକ ଜିତିଥିବା ଭାରତ ଏଥର ମଧ୍ୟ ଭଲ ପ୍ରଦର୍ଶନ (୯ ପୃଷ୍ଠାରେ)

## ନୂଆଦିଲ୍ଲୀ ଗସ୍ତରୁ ଫେରିଲେ ମୁଖ୍ୟମନ୍ତ୍ରୀ

# ମାଇନ୍‌ରୁ ମାଇଣ୍ଡ ଇକୋନୋମିକୁ ଅଗ୍ରସର ହେଉଛି ଓଡ଼ିଶା

ଭୁବନେଶ୍ୱର, ୧୯ ।୯ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରୁ ଫେରିଛନ୍ତି । ଏହି ଦୁଇଦିନ ମଧ୍ୟରେ ଗତକାଲି ସେମିକନ୍ ଇଣ୍ଡିଆ ୨୦୨୬ ସମ୍ମିଳନୀରେ ଯୋଗ ଦେଇଥିଲେ ଏବଂ ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବିକଶିତ ଭାରତର ଲକ୍ଷ୍ୟ ପୂରଣ ପାଇଁ ଆୟୋଜିତ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗ ଦେଇଛନ୍ତି ।



ଏହି ସମ୍ମିଳନୀରୁ ଫେରିବା ପରେ ଆଜି ଭୁବନେଶ୍ୱର ବିମାନବନ୍ଦର ଠାରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ଆଗରେ ବିବୃତି ରଖି କହିଥିଲେ ଯେ, ଆଜି ଅନୁଷ୍ଠିତ ହୋଇଥିବା ରାଜ୍ୟ ଅର୍ଥମନ୍ତ୍ରୀ ସମ୍ମିଳନୀରେ ବିକଶିତ ଭାରତର ଲକ୍ଷ୍ୟ ପୂରଣ ପାଇଁ ଆବଶ୍ୟକୀୟ ଅର୍ଥ ଉପଲବ୍ଧତା ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଛି ।

ଏଥିରେ ବିଶେଷକରି କୃଷି କ୍ଷେତ୍ରର ବିକାଶ ଦିଗରେ ଏଗ୍ରୀକଲଚର ଲଜିଷ୍ଟିକ୍, କୋଲ୍ଡ ଚେନ୍, ଓ୍ୱାର୍ ହାଉସିଙ୍ଗ୍ ପାଇଁ ଅର୍ଥର ବ୍ୟାପକ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଏଥିପାଇଁ ଅର୍ଥ ଯୋଗାଇଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ଏଥିସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ କ୍ଲିନ୍ ଏନର୍ଜି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଓଡ଼ିଶା ମଧ୍ୟ ପାରମ୍ପରିକ ଶକ୍ତି ଉତ୍ପାଦନରୁ କ୍ଲିନ୍ ଏନର୍ଜି ଉତ୍ପାଦନ ଦିଗରେ ଅଗ୍ରସର ହେଉଛି। କ୍ଲିନ୍ ଏନର୍ଜି ଉପରେ ଫୋକସ୍ ରଖି ରାଜ୍ୟରେ ଶକ୍ତି ଭିତ୍ତିଭୂମି କ୍ଷେତ୍ରରେ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଙ୍ଗ୍ ଏବଂ ମଲ୍‌ଟି ଲେଟରାଲ୍ ପାର୍ଟନରସିପ୍ ଉପରେ ସେ ଏହି କନ୍‌ଫରେନ୍ସରେ ଗୁରୁତ୍ୱ ଆରୋପ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । (୯ ପୃଷ୍ଠାରେ)


# ରୋଜଗାର ମେଳା : ନିଯୁକ୍ତିପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୯ ।୯ (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଂଶତମ 'ରୋଜଗାର ମେଳା'ରେ ବିଭିନ୍ନ ସରକାରୀ ସଂସ୍ଥାରେ ନୂତନ ଭାବେ ନିଯୁକ୍ତ ଯୁବକ-ଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଏହି କ୍ରମରେ



ଭୁବନେଶ୍ୱର ଏବଂ କଟକରେ ଦୁଇଟି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି ।

ଭାରତ ସରକାରଙ୍କର ଆୟକର ବିଭାଗ, ଓଡ଼ିଶା ଶାଖା ପକ୍ଷରୁ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜନଜାତି ବ୍ୟାପାର (୯ ପୃଷ୍ଠାରେ)





## ଓଲଟିଲା ବସ୍ ୧୨ ପର୍ଯ୍ୟଟକ ଗୁରୁତର

ନୀଳଗିରି, ୧୯ ।୯ (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଶେରଗଡ଼ ନୀଳଗିରି ୧୯ନଂ ରାଜ୍ୟ ରାଜପଥର ଗୁହିରା ଏବଂ ଛତ୍ରପୁର ମଝି ରାସ୍ତାର ଭୁଡୁରୁବଣି ଠାରେ ଶନିବାର ଅପରାହ୍ନରେ ପଶ୍ଚିମବଙ୍ଗରୁ ଆସିଥିବା ଏକ ଟୁରିଷ୍ଟ ବସ୍ ଗୋରୁକୁ ବଞ୍ଚାଇବାକୁ ଯାଇ ଓଲଟି ପଡ଼ିଛି । ଫଳରେ ୩୦ରୁ ଅଧିକ ଯାତ୍ରୀଙ୍କୁ ବରହମପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ଏମାନଙ୍କ ମଧ୍ୟରୁ ୧୨ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଇଛି । ବସ୍‌ରେ ୬୦ରୁ ଅଧିକ ଯାତ୍ରୀ ଥିଲେ । ପଶ୍ଚିମବଙ୍ଗରୁ ଦେବକୁଣ୍ଡ, ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସିଥିଲା ଏହି ଯାତ୍ରୀବାହୀ ବସ୍‌ରେ (୯ ପୃଷ୍ଠାରେ)

# ଭାରତ ଉପରେ ୧୦୦% ଶୁଳ୍କ ଲଗାଇଲେ ଟ୍ରମ୍ପ

ୱାଶିଂଟନ, ୧୯ ।୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଲିଣ୍ଡସେ ଓ. ଗ୍ରାହାମ୍ ସାଙ୍କସନିଂ ଏସିଆ ଆଣ୍ଡ ଇରାନ ଆକ୍ଟ'କୁ ଆଇନରେ ପରିଣତ କରିଛନ୍ତି। ଆମେରିକାର ପ୍ରତିନିଧି ସଭା ଏହି ବିଲ୍ ପାସ୍ କରିବାର ଦୁଇ ଦିନ ପରେ ଏହି ପଦକ୍ଷେପ ନିଆଯାଇଛି। ବିଲ୍‌ରେ ଟ୍ରମ୍ପ ସ୍ୱାକ୍ଷର କରିବା ପରେ ଏହା ଏବେ ଆଇନରେ ପରିଣତ ହୋଇଛି। ଏହି ଆଇନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ରୁଷଠାରୁ ତୈଳ ଏବଂ ଗ୍ୟାସ କିଣୁଥିବା ଶ୍ରେଷ୍ଠ ୫ ଜଣ କ୍ରେତାଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ଆମଦାନି ଶୁଳ୍କ ଲଗାଇବାର ଅତିରିକ୍ତ ଅଧିକାର ପ୍ରଦାନ କରିଛି। ଏହି ଆଇନ ଭାରତ, ଚୀନ୍, ସ୍ଲୋଭାକିଆ, ହଙ୍ଗେରୀ ଏବଂ ଆଜରବୈଜାନକୁ ପ୍ରଭାବିତ କରିବାର ଆଶଙ୍କା ରହିଛି।

ଏହା ଉପରେ ପ୍ରତିକ୍ରିୟା ଦେଇ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଭାରତ



ନିଜର ୧୪୦ କୋଟି ଜନସାଧାରଣଙ୍କର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଗତ କିଛି ମାସ ମଧ୍ୟରେ ଏହି ପ୍ରସଙ୍ଗରେ ବିଭିନ୍ନ ଆମେରିକୀୟ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। ଭାରତ ସ୍ପଷ୍ଟ ଭାବରେ କହିଛି ଯେ, ଏହା କେବଳ ଦୁଇ ଦେଶ ମଧ୍ୟରେ ସମ୍ପର୍କ (୯ ପୃଷ୍ଠାରେ)

# ନୌସେନା ଏକାଡେମୀରେ କାର୍ଯ୍ୟରତ ବାଂଲାଦେଶୀ ଗିରଫ

କନ୍ନୁର, ୧୯ ।୯ : ପାୟନ୍ନୁର ନିକଟସ୍ଥ ଏଜିମାଲାସ୍ଥିତ ଭାରତୀୟ ନୌସେନା ଏକାଡେମୀ (ଆଇଏନ୍‌ଏ)ରେ ଅସ୍ଥାୟୀ କର୍ମଚାରୀ ଭାବରେ କାର୍ଯ୍ୟ କରୁଥିବା ଜଣେ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରାଯାଇଛି।

ସୂଚନାଯୋଗ୍ୟ, ଏହାକୁ ମିଶାଇ ଗତ ଚାରି ଦିନ ମଧ୍ୟରେ କନ୍ନୁରରୁ ୬ ଜଣ ବାଂଲାଦେଶୀ ନାଗରିକଙ୍କ ଗିରଫ କରାଗଲାଣି। ଅଭିଯୁକ୍ତ ୩୨ ବର୍ଷୀୟ ବିପ୍ଳବ ସୋରେନ ପ୍ରାୟ ଗୋଟିଏ ବର୍ଷ ହେଲା ନୌସେନା ଏକାଡେମୀରେ କାମ କରୁଥିଲା। ବିପ୍ଳବ ସୋରେନ ତା'ର ପ୍ରକୃତ ନାମ କି ନୁହେଁ ତାହା ତଦନ୍ତ କରାଯିବ। ଆଇଏନ୍‌ଏରେ ସୋରେନଙ୍କ କ'ଣ କାମ କରୁଥିଲା କିମ୍ବା ସେ ସେଠାରେ କିପରି ନିଯୁକ୍ତି ପାଇଲା ତାହା ପୁଲିସ ପ୍ରକାଶ କରିନାହିଁ। ଗତ ଚାରି ଦିନ ମଧ୍ୟରେ କନ୍ନୁର ପୁଲିସ




ଜିଲ୍ଲାରେ ପାଞ୍ଚ ଜଣ ବାଂଲାଦେଶୀ ମହିଳାଙ୍କୁ ବୈଧ କାଗଜପତ୍ର ବିନା ଭାରତରେ ରହିବା ପାଇଁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଚାରି ଜଣଙ୍କୁ ଗୁରୁବାର କନ୍ନୁରରେ ଅବୈଧ ଭାବରେ ରହିବା ଓ ସହରର ଏକ ସ୍ପାରେ କାମ କରିବା ପାଇଁ ଗିରଫ କରିଥିଲା। ପୁଲିସ ମଙ୍ଗଳବାର ପଞ୍ଚମ ବାଂଲାଦେଶୀ ମହିଳାଙ୍କୁ ଅବୈଧ ଭାବରେ ଭାରତରେ ରହିବା ପାଇଁ ଗିରଫ କରିଥିଲା ।ଚାରି ଜଣ ମହିଳା ହେଲେ ନଜମା ଅକ୍ତର (୪୦), ତସଲିମା ଖାତୁନ (୨୫), ମୋୟନା ଖାତୁନ (୨୯) ଓ ନାସରି ଭିବି (୨୮) । ପୁଲିସର ସୂଚନା ଅନୁଯାୟୀ, ଓଡେନପାରାମ୍ବୁରେ ଏକ ଭଡା ଘରେ ଅବୈଧ ଭାବେ ପ୍ରବାସୀ ରହୁଥିବା (୯ ପୃଷ୍ଠାରେ)

# ମୁଣ୍ଡକେଶଠାରୁ ଲମ୍ବା ଆଖିପତା



ଚୀନର ଜଣେ ମହିଳା ୟୁ ଜିଆନସିଆଙ୍କ ଆଖିପତା ତାଙ୍କ ମୁଣ୍ଡର କେଶଠାରୁ ବି ଲମ୍ବା । ଯାହାର ଲମ୍ବ ୨୦.୫ ସେଣ୍ଟିମିଟର ବା ୮ ଇଞ୍ଚ ରହିଛି । ତେବେ ଏହା ଗତ ୧୦ ବର୍ଷ ଧରି କ୍ରମାଗତ ଭାବେ ବଢ଼ିଚାଲିଥିବା ଜଣାପଡିଛି । ୨୦୧୬ ମସିହାରେ ଏହି ଆଖିପତାର ଲମ୍ବ ୧୨.୪୦ ସେଣ୍ଟିମିଟର (୪.୮୮ ଇଞ୍ଚ) ଥିଲା ଏବଂ ସେତେବେଳେ ଏହାକୁ ବିଶ୍ୱର ସବୁଠାରୁ ଲମ୍ବା ଆଖିପତା ଭାବେ ସ୍ୱୀକୃତି ମିଳିଥିଲା । ପରେ ୨୦୨୧ ମସିହା ମେ ୨୦ ତାରିଖରେ ସାଂଘାଇଠାରେ ମପାଯିବା ପରେ ଏହା ୨୦.୫ ସେଣ୍ଟିମିଟରକୁ ବୃଦ୍ଧି ପାଇଥିବା ଜଣାପଡ଼ିଥିଲା । ଜିଆନସିଆଙ୍କ ଅନୁସାରେ ୨୦୧୫ ମସିହାରୁ ସେ ନିଜର ଏହି ଆଖିପତା ବଢ଼ୁଥିବା ଲକ୍ଷ୍ୟ କରିଥିଲେ ଏବଂ ଏତେ ଲମ୍ବା ଆଖିପତା ପଛର କାରଣ ଜାଣିବା ପାଇଁ ସେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ । ହେଲେ ଡାକ୍ତରମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ଏହାର ପ୍ରକୃତ କାରଣ ନିରୂପଣ କରିପାରିନଥିଲେ । କେତେକ ଏହାକୁ ଜେନେଟିକ୍ସ ବା ବଂଶଗତ କାରଣ ବୋଲି ଭାବୁଥିଲେ ସୁଦ୍ଧା ତାଙ୍କ ପରିବାରରେ ଅନ୍ୟ କାହାର ବି ଏତେ ଲମ୍ବା ଆଖିପତା ନାହିଁ, ଯାହା ସମସ୍ତଙ୍କୁ ଚକିତ କରିଛି ।

# ଅଣଦେଖା କରନ୍ତୁନି ପିଠି ଯନ୍ତ୍ରଣା



ପିଠି ଯନ୍ତ୍ରଣା ଏକ ଅତ୍ୟନ୍ତ ସାଧାରଣ ସମସ୍ୟା, ଯାହାକୁ ଅଧିକାଂଶ ଲୋକ କ୍ଲାନ୍ତି, କିମ୍ବା ବୟସ ବୃଦ୍ଧିର କାରଣ ବୋଲି ଭାବିଥାନ୍ତି । ମାତ୍ର ଏହି ପୀଡ଼ା ଯଦି ବାରମ୍ବାର ହୁଏ ଏବଂ କେତେକ ମାସ ଧରି ରହେ, ତେବେ ଏହା 'ଆଙ୍କିଲୋସିଂ ସ୍ପୋଣ୍ଡିଲାଇଟିସ୍' ବା ଏଏସ ହୋଇପାରେ । ଏହା ଏକ ଦୀର୍ଘକାଳୀନ ପ୍ରଦାହଜନିତ ଆର୍ଥ୍ରାଇଟିସ୍ ରୋଗ, ଯାହା ମୁଖ୍ୟତଃ ମେରୁଦଣ୍ଡ ଏବଂ ପେଲଭିସ୍ ସହ ଯୋଡ଼ିହୋଇଥିବା ସାକ୍ରୋଇଲିଆକ୍ ଗଣ୍ଠିକୁ ପ୍ରଭାବିତ କରି ଯନ୍ତ୍ରଣା ଓ ସମସ୍ୟା ସୃଷ୍ଟି କରିଥାଏ । ଏକ ସର୍ଭେ ଅନୁସାରେ ଭାରତରେ ପ୍ରାୟ ୧୬.୫ ଲକ୍ଷ ଏଏସ ରୋଗୀ ଅଛନ୍ତି ଏବଂ ଏହି ସଂଖ୍ୟା ବାର୍ଷିକ ୨.୯୫% ହାରରେ ବୃଦ୍ଧି ପାଉଥିବା ବେଳେ ସଚେତନତାର ଅଭାବରୁ ଅନେକ ରୋଗୀ ସଠିକ୍ ସମୟରେ ଚିହ୍ନଟ ହୋଇପାରୁନାହାନ୍ତି । ଡାକ୍ତରଙ୍କ ଅନୁଯାୟୀ, ରୋଗ ପ୍ରତିରୋଧକ ଶକ୍ତି ନିଜ ଶରୀରର ଗଣ୍ଠି ଓ ମେରୁଦଣ୍ଡ ଉପରେ ଆକ୍ରମଣ କରିବା ଦ୍ୱାରା ଏହି ରୋଗ ହୋଇଥାଏ । ନିମ୍ନ ପିଠି ଓ ଅଣ୍ଟାରେ କ୍ରମାଗତ ବିନ୍ଧା, ଶୋଇବା କିମ୍ବା ବସିବା ପରେ ଅଧିକ କଷ୍ଟ ହେବା ଏହାର ମୁଖ୍ୟ ଲକ୍ଷଣ ହୋଇଥିବା ବେଳେ ସାଧାରଣ ପିଠି ବିନ୍ଧାଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ଅଟେ । ସାଧାରଣତଃ ୨୦ ରୁ ୩୦ ବର୍ଷ ବୟସ ମଧ୍ୟରେ ଆରମ୍ଭ ହେଉଥିବା ଏହି ରୋଗର ସଠିକ୍ ଚିକିତ୍ସା ନହେଲେ ମେରୁଦଣ୍ଡର ହାଡ଼ଗୁଡ଼ିକ ଯୋଡ଼ିହୋଇ ଯିବା, ଗଣ୍ଠି ଓ ଆଖିରେ ପ୍ରଦାହ (ୟୁଭେଆଇଟିସ୍), ଶ୍ୱାସକ୍ରିୟାରେ କଷ୍ଟ, ମେରୁଦଣ୍ଡ ଭାଙ୍ଗିବା, ହୃଦ୍‌ରୋଗ ଏବଂ ଫୁସଫୁସ ଆଦିରେ ଗୁରୁତର ଜଟିଳତା ଦେଖାଦେଇପାରେ । ତେଣୁ ଲକ୍ଷଣ ଦେଖିବାମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ଲାଉ ରାଇତା



ସାମଗ୍ରୀ : ୫୦୦ ଗ୍ରାମ ଦହି, ଗୋଟିଏ ଲାଉ, ଏକ ଚାମଚ ଗୋଲ ମରିଚ ଗୁଣ୍ଡ, ଏକ ଚାମଚ ଧନିଆ ପତ୍ର,

ପ୍ରଣାଳୀ : ପ୍ରଥମେ ଲାଉକୁ ଚୋପା ଛଡାଇ ଛୋଟଛୋଟ ଖଣ୍ଡ କରି କାଟି ଧୋଇ ନିଅନ୍ତୁ । ମିଡିଅମ୍ ଆଞ୍ଚରେ ପ୍ରେସର କୁକରରେ ଲାଉକୁ ସିଝାଇ ନିଅନ୍ତୁ । ୩ରୁ ୪ଟି ସିଟି ଆସିବା ପରେ ଗ୍ୟାସ ବନ୍ଦ କରିଦିଅନ୍ତୁ । ତେବେ ଏହା ଭିତରେ ଦହିକୁ ଭଲରେ ଫେଣ୍ଟି ରଖନ୍ତୁ । କୁକରରୁ ଲାଉ ଖଣ୍ଡକୁ ଛାଣି ଅଲଗା ଥଣ୍ଡା ହେବା ପାଇଁ ରଖନ୍ତୁ । ଲାଉ ଥଣ୍ଡା ହେବା ପରେ ଏହାକୁ ହାତରେ ଚକଟି ନିଅନ୍ତୁ ଏବଂ ଦହିରେ ପକାନ୍ତୁ । ଲାଉକୁ ଦହିରେ ଭଲଭାବେ ମିଶାନ୍ତୁ । ଏହାପରେ ଏଥିରେ ମରିଚ ଗୁଣ୍ଡ, ଲୁଣ ପକାଇ ମିଶାନ୍ତୁ । ଶେଷରେ ଧନିଆ ପତ୍ର ପକାଇ ପରଷନ୍ତୁ ଲାଉ ରାଇତା ।

# ଦୁଇଟି ପୃଥକ ପ୍ରଣାଳୀରୁ ଗଠିତ ହୋଇଥାଏ ମସ୍ତିଷ୍କ

ଶତାବ୍ଦୀ ଶତାବ୍ଦୀ ଧରି ବୈଜ୍ଞାନିକମାନେ ମାନବ ମସ୍ତିଷ୍କକୁ ଏକକ ଅଙ୍ଗ ଭାବେ ଗ୍ରହଣ କରିଥାଆନ୍ତି । ହେଲେ ଷ୍ଟାନ୍‌ଫୋର୍ଡ ଗବେଷକଙ୍କ ନେତୃତ୍ୱରେ ହୋଇଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ ମସ୍ତିଷ୍କ ପ୍ରକୃତରେ ଦୁଇଟି ପୃଥକ ପ୍ରଣାଳୀରୁ ଗଠିତ । ଯାହା ୫୦୦ ନିୟୁତରୁ ଅଧିକ ବର୍ଷ ପୂର୍ବେ ସ୍ୱତନ୍ତ୍ର ଭାବେ ବିକଶିତ ହୋଇଥିଲା । ଏହି ଆବିଷ୍କାର ମସ୍ତିଷ୍କ ବିକାଶ ସମ୍ପର୍କିତ ପୁରୁଣା ଧାରଣାକୁ ଚ୍ୟାଲେଞ୍ଜ କରିବା ସହ ସ୍ପାଇନାଲ୍ ମସ୍କୁଲାର ଆଟ୍ରୋଫି ଏବଂ ଆମାୟୋଟ୍ରୋଫିକ୍ ଲେଟେରାଲ୍ ସ୍କ୍ଲେରୋସିସ୍ ଭଳି ମସ୍ତିଷ୍କ ଷ୍ଟେମ୍‌କୁ ପ୍ରଭାବିତ କରୁଥିବା ଗୁରୁତର ରୋଗଗୁଡ଼ିକର ଅଧ୍ୟୟନ ଓ ଚିକିତ୍ସାରେ ନୂତନ ଦିଗ ଦେଖାଇବ । ମାନବ ମସ୍ତିଷ୍କର ତିନୋଟି ମୁଖ୍ୟ ଭାଗ ଫୋର୍‌ବ୍ରେନ୍, ମିଡ୍‌ବ୍ରେନ୍ ଓ ହାଇଣ୍ଡବ୍ରେନ୍ ମଧ୍ୟରୁ ଫୋର୍‌ବ୍ରେନ୍ ଭାଷା, ଚିନ୍ତନ ଓ ଚେତନା ନିୟନ୍ତ୍ରଣ କରୁଥିବା ବେଳେ ହାଇଣ୍ଡବ୍ରେନ୍ ହୃଦ୍‌ସ୍ପନ୍ଦନ, ଶ୍ୱାସକ୍ରିୟା, ନିଦ, ଭୋକ ଏବଂ ମୁଖମଣ୍ଡଳର ପେଶୀ ଚାଳନା ଭଳି ମୌଳିକ କାର୍ଯ୍ୟ ନିୟନ୍ତ୍ରଣ କରିଥାଏ । ପୂର୍ବରୁ ସମସ୍ତ ଭାଗ ଗୋଟିଏ ପ୍ରକାରର କୋଷରୁ ସୃଷ୍ଟି ବୋଲି ଭାବୁଥିବା ବୈଜ୍ଞାନିକମାନେ ଏବେ ଜାଣିବାକୁ ପାଇଛନ୍ତି ଯେ ଭ୍ରୂଣ ବିକାଶର ପ୍ରାରମ୍ଭିକ ପର୍ଯ୍ୟାୟରୁ ମସ୍ତିଷ୍କର ଅଗ୍ର ଓ ପଶ୍ଚାତ୍ ଭାଗ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ 'ପ୍ରୋଜେନିଟର କୋଷ' ଗୋଷ୍ଠୀରୁ ବୃଦ୍ଧି ପାଆନ୍ତି ଏବଂ ଏଗୁଡ଼ିକ କେବେହେଲେ ମିଶିନଥାନ୍ତି । ଷ୍ଟାନ୍‌ଫୋର୍ଡର ବରିଷ୍ଠ ଗବେଷକ କାଏଲ୍ ଲୋ'ଙ୍କ ଅନୁସାରେ, ଏହି ସୂଚନା ଆଧାରରେ ଲାବୋରେଟରୀରେ ଷ୍ଟେମ୍ କୋଷରୁ ହାଇଣ୍ଡବ୍ରେନ୍ ମୋଟର ନ୍ୟୁରୋନ୍ ସଫଳତାର ସହ ପ୍ରସ୍ତୁତ କରାଯାଇପାରିଛି । କୁକୁଡ଼ା, ଜେବ୍ରାଫିସ୍ ଓ ଏକୋର୍ଣ୍ଣ ୱାର୍ମ ଭଳି ଜୀବଙ୍କଠାରେ ମଧ୍ୟ ଏହି ସମାନ ଦୁଇ-ଭାଗ ବିଶିଷ୍ଟ ବିକାଶ ଢାଞ୍ଚା ଦେଖିବାକୁ ମିଳିଥାଏ । ତେଣୁ ଏହା ଅତ୍ୟନ୍ତ ପ୍ରାଚୀନ ବିକାଶ ପ୍ରକ୍ରିୟା ବୋଲି ସ୍ପଷ୍ଟ ହୋଇଛି, ଯାହା ଗବେଷକମାନଙ୍କୁ ସ୍ନାୟୁ ପ୍ରଣାଳୀର ଅନ୍ୟାନ୍ୟ ଅଙ୍ଗ ଯେପରିକି ସୁଷୁମ୍ନା କାଣ୍ଡର ଉତ୍ପତ୍ତି ସମ୍ପର୍କରେ ଅଧିକ ଗବେଷଣା କରିବାକୁ ପ୍ରୋତ୍ସାହିତ କରୁଛି ।



# ସୋସିଆଲ କୋଟ୍ସ



ମୋର ରାଜନୀତିରେ ଆସିବାର ଇଚ୍ଛା ନାହିଁ । ଏଭଳି ଖବର ସତ ନୁହେଁ, ସମ୍ପୂର୍ଣ୍ଣ ଗୁଜବ । ମୁଁ ଜୀବନସାରା କେବଳ ଗୋଟିଏ ଅଭିନେତା ହୋଇରହିବାକୁ ଚାହେଁ । ରାଜନେତା ହେବାରେ ମୋର ଇଚ୍ଛା ନାହିଁ ।

ଅଭିଷେକ ବଚ୍ଚନ, ଅଭିନେତା



ମୁଁ ମିଟୁ ଅଭିଯାନ ସମୟରେ କିଛି କହି ନଥିଲି । ହେଲେ ମୋତେ ଲାଗୁଛି ଲୋକଙ୍କୁ ସତ ଜାଣିବା ଦରକାର । ମୁଁ ମଧ୍ୟ କାଷ୍ଟିଂ କାଉଚର ଶିକାର ହୋଇଛି । ଏ ଅନୁଭବ ବହୁତ ଖରାପ ଥିଲା ।

ରତନ ରାଜପୁତ, ଅଭିନେତ୍ରୀ



ଖତୋରୋଁ କି ଖିଲାଡିକୁ ଯିବା ମୋ ପାଇଁ ଯୁଦ୍ଧ ଭଳି ଥିଲା । ବର୍ତ୍ତମାନ ମୁଁ ସବୁ ପରିସ୍ଥିତିରେ ଲଢିବା ଶିଖିଯାଇଛି । ମୋର ବିଶ୍ୱସ ଅଛି ସବୁ ପରିସ୍ଥିତିରେ ଲଢିବା ସହିତ ଜିତିବି ମଧ୍ୟ ।

ଶେହଜାହାଁ ଖାନ, ଅଭିନେତା

# ତାରାଙ୍କୁ ମିଳିଥିଲା ପରିବାରର ସହଯୋଗ



ବଲିଉଡରେ ଆଠ ବର୍ଷର ଯାତ୍ରା ସମ୍ପର୍କରେ ଏକ ସାକ୍ଷାତକାରରେ ଅଭିନେତ୍ରୀ ତାରା ସୁତରିଆ ମନଖୋଲି କଥା ହୋଇଛନ୍ତି । କ୍ୟାରିୟରର ଆରମ୍ଭରେ ସେ ଅତି କମ୍ ଲୋକଙ୍କୁ ଜାଣିଥିଲେ ଏବଂ ଏହି ଇଣ୍ଡଷ୍ଟ୍ରିର କାର୍ଯ୍ୟଶୈଳୀକୁ ବୁଝିବା ପାଇଁ ତାଙ୍କୁ ବହୁତ ବର୍ଷ ଲାଗିଯାଇଥିଲା । ଫିଲ୍ମ ପରିବାରରୁ ନଆସିଥିବା କଳାକାରଙ୍କ ପାଇଁ ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ଅନୁଭୂତି ହୋଇଥାଏବୋଲି ତାରା ମତ ଦେଇଛନ୍ତି । ନିଜର ଏହି ଅନୁଭୂତିକୁ କଷ୍ଟକରବୋଲି ସେ ବର୍ଣ୍ଣନା କରିଛନ୍ତି । ସେହିଭଳି ପରିବାରର ସହଯୋଗ ତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, ଯେଉଁଥିପାଇଁ ସେ ଏତେ ଆଗକୁ ଆସିଛନ୍ତି ବୋଲି ତାରା ପ୍ରକାଶ କରିଛନ୍ତି । ହେଲେ କ୍ୟାରିୟର ଆରମ୍ଭରୁ ତାଙ୍କୁ କିଛି ସମସ୍ୟା ହୋଇଥିଲା । ବଲିଉଡ ପ୍ରୋ-ଆକ୍ଟିଭ୍ ହୋଇଥିବାରୁ ଏଠାରେ ଇଣ୍ଟ୍ରୋଭର୍ଟ ବ୍ୟକ୍ତିଙ୍କ ପାଇଁ ନିଜକୁ ପ୍ରକାଶ କରିବା ଖୁବ ଚାଲେଞ୍ଜିଂ ହୋଇଥାଏ । ସେହିଭଳି ବର୍ତ୍ତମାନ ସେ ନିଜ କ୍ୟାରିୟରରେ ଫିଲ୍ମ ଚୟନବେଳେ କ୍ୱାଲିଟି ଉପରେ ଅଧିକ ଧ୍ୟାନ ଦେଉଛନ୍ତିବୋଲି ତାରା ପ୍ରକାଶ କରିଛନ୍ତି ।

# ଝିଟିପିଟି ଶୁଣିପାରେ ଭାଇବ୍ରେସନ୍

ବିଭିନ୍ନ ସମୟରେ ଆମ ଆଖପାଖରେ ଥିବା ଜୀବଜନ୍ତୁଙ୍କୁ ନେଇ କିଛି ନୂଆନୂଆ ତଥ୍ୟ ସାମନାକୁ ଆସିଥାଏ । ସେହିଭଳି କିଛି ତଥ୍ୟ ଝିଟିପିଟିର ଏକ ପ୍ରଜାତିକୁ ନେଇ ଆସିଛି । ଏହି ପ୍ରଜାତିର ଜୀବ ଗିକସ୍‌ମାନଙ୍କର ଏକ ସ୍ୱତନ୍ତ୍ର ଧରଣର ଶୁଣିବା ଶକ୍ତି ରହିଛି । ଯାହାଫଳରେ ସେମାନେ ବିଭିନ୍ନ ଭାଇବ୍ରେସନ୍‌କୁ ଶୁଣିବା ସହିତ ଅନୁଭବ କରିପାରିବେ । ଏହି ତଥ୍ୟ ଜୀବଜନ୍ତୁଙ୍କର ଶୁଣିବା ଶକ୍ତି ଉପରେ ବୈଜ୍ଞାନିକଙ୍କୁ ଅଧିକ ତଥ୍ୟ ଯୋଗାଇବ । ମାରଲାଣ୍ଡ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏନେଇ ଗବେଷଣା କରିବା ସହିତ ଏହି ନୂଆ ତଥ୍ୟ ହାସଲ କରିଛନ୍ତି । ଏହି ପ୍ରଜାତିର ଜୀବମାନେ ତାଙ୍କ କାନରେ ଥିବା ବିଭିନ୍ନ ପରସ୍ତକୁ ବ୍ୟବହାର କରି ଭାଇବ୍ରେସନ୍‌କୁ ମେଣ୍ଟେନ୍ କରନ୍ତି । ଏହାକୁ ବୈଜ୍ଞାନିକମାନେ ସିକ୍ସଥ୍ ସେନ୍ସ ବୋଲି ନାଁ ଦେଇଛନ୍ତି ଯାହାକୁ ବ୍ୟବହାର କରି ସେମାନେ ନିଜର ସାଧାରଣ ଶୁଣିବା ଶକ୍ତିକୁ ବଢାଇଥାଆନ୍ତି ।



# ଇତିହାସ

୧୩୮୮- ଦିଲ୍ଲୀର ସୁଲତାନ ଫିରୋଜ ଶାହା ତୁଗଲକ ତୃତୀୟଙ୍କ ଦେହାନ୍ତ ।
୧୮୩୧- ପ୍ରଥମ ବାଷ୍ପଚାଳିତ ବସ୍‌ର ଶୁଭାରମ୍ଭ ।
୧୮୫୬- ଭାରତର ମହାନ ସନ୍ଥ ଏବଂ ସମାଜ ସୁଧାରକ ଶ୍ରୀ ନାରାୟଣ ଗୁରୁଙ୍କ ଜନ୍ମ ।
୧୮୫୭- ଅନ୍ତିମ ମୋଗଲ ସମ୍ରାଟ ବାହାଦୁର ଶାହା ଜଫରଙ୍କ ଆତ୍ମସମର୍ପଣ ।
୧୮୭୮- ମାଡ୍ରାସର ଖବରକାଗଜ ଦି ହିନ୍ଦୁର ସାପ୍ତାହିକ ସଂସ୍କରଣର ପ୍ରକାଶନ ଆରମ୍ଭ ।
୧୯୩୩- ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ଭାରତର ସ୍ୱତନ୍ତ୍ରତା ପାଇଁ ଅବଦାନ ରଖିଥିବା ଇଂରେଜ ମହିଳା ଆନୀ ବେସାନ୍ତଙ୍କ ଦେହାନ୍ତ ।
୨୦୦୬- ବ୍ରିଟେନର ରୟାଲ ବାଣ୍ଟେନିକ୍ ଗାର୍ଡେନ୍ସର ବୈଜ୍ଞାନିକମାନଙ୍କୁ ୨୦୦ ବର୍ଷର ପୁରୁଣା ବୀଜ ଚାଷ କରିବାରେ ସଫଳତା ମିଳିଲା ।
୨୦୧୮- ବିରାଟ କୋହଲି ଏବଂ ମୀରାବାଇ ଚାନୁଙ୍କୁ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପ୍ରଦାନ ପାଇଁ ଘୋଷଣା ।



ଆନୀ ବେସାନ୍ତ



ମେଷ - କାର୍ଯ୍ୟ ଅଶାନ୍ତି, ଶାରୀରିକ ଅସୁସ୍ଥ, ବ୍ୟବସାୟରେ ସ୍ୱଳ୍ପଲାଭ, ହେବାକାର୍ଯ୍ୟରେ ବିଳମ୍ବ, ଶରୀର ସୁସ୍ଥ, ବନ୍ଧୁକଳହ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ସ୍ୱଜ୍ନ ବିରୋଧ, ଅସ୍ୱିନ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ପିଙ୍କ, ସଂଖ୍ୟା - ୪ ଆରାଧନା - ମା ମଙ୍ଗଳା ।

ବୃଷ - ଆକସ୍ମିକ ଧନଲାଭ, ମାନସିକ ଶାନ୍ତି, କାର୍ଯ୍ୟରେ ପରହିଶ୍ରମ, ଦେବଦର୍ଶନ, ଶୁଭ ଆଲୋଚନା, ଶରୀର ସୁସ୍ଥ, ସୁସ୍ୱାଦୁ ଭୋଜନ, ପାରିବାରିକ ଶାନ୍ତି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୮ ଆରାଧନା - ମାଆ ଭଗବତୀ ।

ମିଥୁନ - ନୂତନ ଖବର, ଶୁଭଆଲୋଚନା, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁ ବିରୋଧ, ଲୋକସମ୍ପର୍କ ରେ ବୃଦ୍ଧି, ଶାରୀରିକ ସୁସ୍ଥ, ଦ୍ରବ୍ୟଲାଭ, ଯାତ୍ରାରେ ସତର୍କ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଗୋଲାପି, ସଂଖ୍ୟା - ୭ ଆରାଧନା - ମହାଲକ୍ଷ୍ମୀ ।

କର୍କଟ - ଦ୍ରବ୍ୟଲାଭ, ଶୁଭଖବର, ବିଦ୍ୟାରେ ସଫଳତା, ମାନସିକ ଶାନ୍ତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଶାରୀରିକ ସୁସ୍ଥ, ନୂତନ ବାଣିଜ୍ୟ ଆରମ୍ଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଆକାଶୀ, ସଂଖ୍ୟା - ୯, ଆରାଧନା - ପ୍ରଭୁ ଜଗନ୍ନାଥ ।

ସିଂହ - ସନ୍ତାନ ଚିନ୍ତା, ନୂତନ କର୍ମ ନିଯୁକ୍ତି, ମାନସିକ ଅଶାନ୍ତି, ନୂତନ ବନ୍ଧୁଲାଭ, ଶରୀର ସୁସ୍ଥ, ଦୂରଯାତ୍ରା, ସମ୍ପତ୍ତି ବାଦ, କିଛି କାର୍ଯ୍ୟ ବିରୋଧ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ମାଟିଆ, ସଂଖ୍ୟା - ୮, ଆରାଧନା - ସୂର୍ଯ୍ୟ ନାରାୟଣ ।

କନ୍ୟା - ଅପବାଦ, ହେବାକାର୍ଯ୍ୟରେ ବିରୋଧ, ବ୍ୟବସାୟିକ କଷ୍ଟ, ବନ୍ଧୁ ସାହାଯ୍ୟ, ସୁସ୍ୱାଦୁ ଭୋଜନ, ସମ୍ମାନ ହାନି, ଶାରୀରିକ ସୁସ୍ଥ, ବିଦ୍ୟାରେ ସଫଳତା, ଯାତ୍ରା ଶୁଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଗୋଲାପି, ସଂଖ୍ୟା - ୭, ଆରାଧନା - ମା କାଳୀ ।

ତୁଳା - ନୂତନ ବନ୍ଧୁ ଲାଭ, ଶୁଭଖବର, ବିବାଦ ସମାଧାନ, ଦୂରଯାତ୍ରା ସଫଳ, ପାରିବାରିକ ଶାନ୍ତି, ମନ ଅସ୍ଥିର, ଶାରୀରିକ ସୁସ୍ଥ, ଅର୍ଥ ଲାଭ, ସମ୍ପତ୍ତି ଖୁସି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - କମଳା, ସଂଖ୍ୟା - ୯, ଆରାଧନା - ଶଙ୍କର ଭଗବାନ ।

ବିଛା - ଆୟ ଉତ୍ତମ, ଶୁଭକାର୍ଯ୍ୟରେ ଆଗ୍ରହ, ଦ୍ରବ୍ୟଲାଭ, ଭୂସମ୍ପତ୍ତି ଲାଭ, ନୂତନ ଖବର, ମାନସିକ ଶାନ୍ତି, ଭ୍ରମଣ ବାଧା, ଆଶା ସଫଳ, ବନ୍ଧୁ ସାହାଯ୍ୟ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୯, ଆରାଧନା - ବିଷ୍ଣୁ ଭଗବାନ ।

ଧନୁ - ଯାତ୍ରା ଶୁଭ, ଶୁଭ ଆଲୋଚନା, ବନ୍ଧୁ ସହଯୋଗ, ବିବାଦ ସମାଧାନ, ଦ୍ରବ୍ୟଲାଭ, ଅର୍ଥ ଲାଭ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟ କ୍ରୟ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ହଳଦୀ, ସଂଖ୍ୟା - ୧୦, ଆରାଧନା - ମହାଲକ୍ଷ୍ମୀ ।

ମକର - କିଛି କାର୍ଯ୍ୟ ବିଳମ୍ବ, ବ୍ୟବସାୟରେ ଶୁଭ, ଦେବଦର୍ଶନ, ଦୂରଯାତ୍ରାରେ କଷ୍ଟ, ଦ୍ରବ୍ୟ ନଷ୍ଟ, ବନ୍ଧୁ ସାହାଯ୍ୟ, ବିଦ୍ୟାରେ ସଫଳତା, ନୂତନ ଆଶା ସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - କଳା, ସଂଖ୍ୟା - ୫, ଆରାଧନା - ପ୍ରଭୁ ଜଗନ୍ନାଥ ।

କୁମ୍ଭ - ଅର୍ଥ ଲାଭ, ଦୂର ଯାତ୍ରା ସଫଳ, ସମ୍ମାନ ପ୍ରାପ୍ତି, ଗୃହେ ଉତ୍ସବ, ପାରିବାରିକ ଶାନ୍ତି, ଲୋକସମ୍ପର୍କରେ ଉନ୍ନତି, ବନ୍ଧୁ କଳହ, ଶାରୀରିକ ସୁସ୍ଥ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ନୀଳ, ସଂଖ୍ୟା - ୩, ଆରାଧନା - ପ୍ରଭୁ ଶଙ୍କର ।

ମୀନ - ମାନସିକ ଶାନ୍ତି, ଦୂରଯାତ୍ରା, ସୁସ୍ୱାଦୁ ଭୋଜନ, ନୂତନ କର୍ମ ଲାଭ, ଶୁଭଖବର, ସ୍ୱଜନ କଳହ, ଶାରୀରିକ ସୁସ୍ଥ, ଗୃହେ ସାହାଯ୍ୟ, ଦ୍ରବ୍ୟ ଲାଭ, ଆଶା ସଫଳ, ଉତ୍ତରଭାଦ୍ରପଦ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୭, ଆରାଧନା - ମା ଗୌରୀ ।

ଭାଦ୍ରବ ଶୁକ୍ଳ ପକ୍ଷ ନବମୀ
୨୦.୯.୨୦୨୬, ରବିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଜମି କିଣାଇବା ନାଁରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ

# କେଏମ୍‌ସି କର୍ପୋରେଟର୍ ଗିରଫ

କଟକ,(ସବ୍ୟ): ଜମି କିଣାଇଦେବାକୁ କୋଟିଏରୁ ଅଧିକ ଟଙ୍କା ଠକେଇ କରିବା ଅଭିଯୋଗରେ କଟକ ମହାନଗର ନିଗମ(କେଏମ୍‌ସି)ର ୨୫ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ସତ୍ୟରାମ ସାହୁଙ୍କୁ ପୁରୀଘାଟ ଥାନା ପୁଲିସ ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଛି। ଜଣେ ଜନପ୍ରତିନିଧିଙ୍କ ନାମରେ ଏପରି ଗୁରୁତର ଆର୍ଥିକ ଠକେଇ ଓ ବିଶ୍ୱାସଘାତକତାର ଅଭିଯୋଗ ଆସିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଛି ।

ପୁଲିସ ସୂଚନା ଅନୁଯାୟୀ, କଟକ ନିମସାହି ଅଞ୍ଚଳର ଗୁରୁ ପ୍ରସାଦ ମହାରଣା ନାମକ ଜଣେ ବ୍ୟକ୍ତିଙ୍କଠାରୁ ଜମି କିଣିଦେବାକୁ କହି ସତ୍ୟରାମ ସାହୁ ମୋଟ ୧ କୋଟି ୨୫ ଲକ୍ଷ ଟଙ୍କା ନେଇଥିଲେ । ଏହି କାରବାର ୨୦୧୯ ମସିହାରୁ ଆରମ୍ଭ ହୋଇଥିଲା । ଜମି ବିକ୍ରି କରିବା ଏବଂ ସମସ୍ତ ଆଇନଗତ କାଗଜପତ୍ର କାମ ସମ୍ପନ୍ନ କରିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ସେ ଗୁରୁ ପ୍ରସାଦଙ୍କଠାରୁ ଏହି ବିପୁଳ ପରିମାଣର ଅର୍ଥ ସଂଗ୍ରହ କରିଥିଲେ । ସେହି ସମୟରେ ନିଜର ପ୍ରଭାବ ଓ ବିଶ୍ୱାସ ଜନ୍ମାଇ ସେ ସମସ୍ତ ଟଙ୍କା ହାତେଇ ନେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଜମିର ମାଲିକାନା ହସ୍ତାନ୍ତର କରିବାରେ ବାରମ୍ବାର ଟାଳଟୁଳ ନୀତି ଅବଲମ୍ବନ କରିଥିଲେ । ଦୀର୍ଘ ବର୍ଷ ବିତିଯାଇଥିବା ବେଳେ ଗୁରୁ ପ୍ରସାଦଙ୍କୁ ନା ମାପଚୁପ କରି ଜମି ଦେଖାଯାଇଥିଲା, ନା' ତାଙ୍କ ନାମରେ ଜମି ରେଜିଷ୍ଟ୍ରେସନ କରାଯାଇଥିଲା । ଗୁରୁ ପ୍ରସାଦ ନିଜର ଟଙ୍କା ଫେରସ୍ତ ମାଗିବାରୁ ସତ୍ୟରାମ କ୍ରମାଗତ ଭାବେ ନୂଆ ନୂଆ ବାହାନା କରି ତାଙ୍କୁ ବୁଲାଉଥିଲେ ଏବଂ ଟଙ୍କା ଫେରସ୍ତ କରିବାକୁ ସିଧାସଳଖ ଏଡ଼ାଇ ଯାଉଥିଲେ ।

ବାରମ୍ବାର ନିବେଦନ ଓ ଆଲୋଚନା ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ଏବଂ ନିଜର ୧ କୋଟି ୨୫ ଲକ୍ଷ ଟଙ୍କା ବୁଡ଼ିଯିବା ନିଶ୍ଚିତ ଜାଣି ଗୁରୁ ପ୍ରସାଦ ଶେଷରେ ଆଇନର ସାହାରା ନେଇଥିଲେ । ଏ ସମ୍ପର୍କରେ ଗୁରୁ ପ୍ରସାଦ ପୁରୀଘାଟ ଥାନାରେ ଏକ ଲିଖିତ ଏତଲା ଦାଖଲ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରିବା ସହ ତୁରନ୍ତ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା । ଆଜି ପୁରୀଘାଟ ଥାନା ପୁଲିସର ଏକ ଟିମ୍ କର୍ପୋରେଟର ସତ୍ୟରାମ ସାହୁଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲେ । ୨୦୧୯ରୁ ଏପର୍ଯ୍ୟନ୍ତ ହୋଇଥିବା ସମସ୍ତ ଅର୍ଥ ନେଣଦେଣ, ବ୍ୟାଙ୍କ ଆକାଉଣ୍ଟ ତଥ୍ୟ, ଏବଂ ଜମି ସମ୍ପର୍କିତ କାଗଜପତ୍ରକୁ ନେଇ ପୁଲିସ ତାଙ୍କୁ ପଚରାଉଚରା କରୁଛି । ସାଧାରଣ ଲୋକଙ୍କ ସେବା କରିବା ପରିବର୍ତ୍ତେ ଜମି କାରବାର ନାମରେ ବ୍ୟକ୍ତିଗତ ଫାଇଦା ପାଇଁ ଲୋକଙ୍କୁ ଠକିବା ଘଟଣାକୁ ସାଧାରଣରେ ଦୃଢ଼ ନିନ୍ଦା କରାଯାଉଛି । ଅଟକ ରଖାଯାଇଥିବା କର୍ପୋରେଟରଙ୍କଠାରୁ ଅଧିକ ତଥ୍ୟ ହାସଲ ପାଇଁ ଜେରା ପରେ ଗିରଫ କରା ଯାଇଛି ।

## ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ବାଲୁଗାଁ ,(ସବ୍ୟ): ଶନିବାର ଭୋରୁ ବାଲୁଗାଁ ପୋଲିସ ଚଢ଼ାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ଏକ ବାଲି ବୋଝେଇ ହାଇୱା ଟ୍ରକ ଜବତ କରିବା ସହ ସମ୍ପୃକ୍ତ ଚାଳକଙ୍କୁ ଗିରଫ କରିଛି । ଗିରଫ ଜଣଙ୍କ ହେଲେ ନୟାଗଡ଼ ଜିଲ୍ଲା ରଣପୁର ଥାନା ରାଜ ସୁନାଖଳା ଗ୍ରାମର ଜିତେନ୍ଦ୍ର କଳସୀ । ଶୁକ୍ରବାର ରାତ୍ରିରେ ନୟାଗଡ଼ ଅଞ୍ଚଳରୁ ଏକ ହାଇୱା ଟ୍ରକ ନଂ ଓ ଡି ୦୨ ସି ଜେଡ ୩୩୭୫ରେ ବାଲି ବୋଝେଇ ହୋଇ ବାଲୁଗାଁ ଅଞ୍ଚଳକୁ ଚାଲାଣ ହେଉଥିବା ନେଇ ବାଲୁଗାଁ ପୋଲିସକୁ ସୂଚନା ମିଳିଥିଲା । ତଦନୁଯାୟୀ ପୋଲିସ ପାଟ୍ରୋଲିଂ ଟିମ ଛପି ରହି ଶନିବାର ଭୋରୁ ବାଲୁଗାଁ ବାଇପାସ ରାସ୍ତାର ପାଇକ କୁଶଡିହ ଛକରୁ ଉକ୍ତ ଟ୍ରକକୁ ଅଟକାଇ ତନଖିବାରେ ଚାଳକ କୌଣସି ଆନୁସଙ୍ଗିକ କାଗଜାତ ଦେଖାଇପାରିନଥିଲେ । ପୋଲିସ ଉକ୍ତ ବାଲି ବୋଝେଇ ଟ୍ରକକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା । ଏ ନେଇ ବାଲୁଗାଁ ପୋଲିସ ୪୦୮/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

### ଦାଦନ ପୁସ୍ତକ ଉନ୍ମୋଚିତ

# ସୁରକ୍ଷିତ ଓ ମାନବିକ ପ୍ରବାସନ ବ୍ୟବସ୍ଥା ପାଇଁ ଆହ୍ୱାନ

ଭୁବନେଶ୍ୱର,(ସବ୍ୟ) : ଋଣଗ୍ରସ୍ତ ପ୍ରବାସୀ ଶ୍ରମିକମାନଙ୍କ ଜୀବନ, ଅନୁଭୂତି ଓ ସମସ୍ୟାକୁ ନେଇ ପ୍ରସ୍ତୁତ ପୁସ୍ତକ ଦାଦନ : ଲାଇଭସ୍ ଅଫ୍ ଡେ଼ଫ୍ଟ ମାଇଗ୍ରାଣ୍ଟ ଲେବରର୍ଦ୍ଦ ଶନିବାର ଭୁବନେଶ୍ୱରସ୍ଥିତ ସିୱାଇଏସଡ଼ି ପରିସରରେ ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ସାମାଜିକ କର୍ମୀ, ଲେଖକ, କାର୍ଯ୍ୟକର୍ତ୍ତା, ସାମ୍ବାଦିକ , ବିକାଶ କ୍ଷେତ୍ରର ପ୍ରତିନିଧି ଓ ବିଭିନ୍ନ ଅଂଶୀଦାରମାନେ ଯୋଗଦେଇ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ ।

କାର୍ଯ୍ୟକ୍ରମର ଆରମ୍ଭରେ ପୁସ୍ତକର ଲେଖକ ଉମି ଡାନିଏଲ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପୁସ୍ତକର ପରିଚୟ ପ୍ରଦାନ କରିଥିଲେ । ପରେ ପୁସ୍ତକର କର୍ଟେନ ରେଜର୍ ଓ ଆନୁଷ୍ଠାନିକ ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ ଡ. ଅରବିନ୍ଦ ବେହେରା, ଅବସରପ୍ରାପ୍ତ ଆଇଏଏସ ଅଧ୍ୟକ୍ଷତା କରିଥିଲେ । ଆଲୋଚନାରେ ଡ. ଅରବିନ୍ଦ ବେହେରା ଦାଦନମୁକ୍ତ ଓଡ଼ିଶାର ଆହ୍ୱାନ ଦେଇ କହିଥିଲେ ଯେ ପ୍ରବାସନକୁ କେବଳ ବନ୍ଦ କରିହେବ ନାହିଁ ବରଂ ଏହାକୁ ଅଧିକ ସୁରକ୍ଷିତ, ସୂଚନାଭିତ୍ତିକ ଓ ମାନବିକ କରିବା ଆବଶ୍ୟକ । ସେ ଦାଦନ ଓ ଗୋତି ବ୍ୟବସ୍ଥାକୁ ଏକ ପ୍ରଣାଳୀ ଭାବେ



ବୁଝି ଏହାର ପ୍ରଣାଳୀଗତ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ଜଗଦାନନ୍ଦ, ମେଣ୍ଟର ଓ ପ୍ରତିଷ୍ଠାତା, ସିୱାଇଏସଡ଼ି, ଏହି ପୁସ୍ତକକୁ ପ୍ରବାସୀ ଶ୍ରମିକଙ୍କ ଯନ୍ତ୍ରଣା, ଦୁଃଖ ଓ ବାସ୍ତବ ଜୀବନ କାହାଣୀର ଏକ ସମନ୍ୱିତ ଦସ୍ତାବିଜ ବୋଲି ବର୍ଣ୍ଣନା କରିଥିଲେ । ଡ. ଆଶା ହାନ୍ସ ପ୍ରବାସୀ ଶ୍ରମିକମାନଙ୍କୁ ସମୟୋପଯୋଗୀ ସୂଚନା ଓ ସହାୟତା ଯୋଗାଇବା ପାଇଁ ରିସୋର୍ସ ସେଣ୍ଟରଗୁଡ଼ିକର ସୁଚାରୁ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ । ରାଜାନେତା ଭୃଗୁ ବକ୍ସିପାତ୍ର ଦାଦନ ଶବ୍ଦକୁ କେବଳ ରାଜନୈତିକ ବୟାନରେ ସୀମିତ ନକରିବା ସହ ପ୍ରବାସୀ ଶ୍ରମିକଙ୍କ ପାଇଁ ଓଡ଼ିଆ ଭାଷାରେ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଥିଲେ ।

ପ୍ରିୟା ଆବ୍ରାହାମ ପ୍ରବାସନର ମାନବିକ ଦିଗ ଉପରେ ଆଲୋକପାତ କରିବା ସହ ମାଧ୍ୟମର ଦୃଷ୍ଟିକୋଣଠାରୁ ଆଗକୁ ବଢ଼ି ଶ୍ରମିକଙ୍କ ମର୍ଯ୍ୟାଦା ଓ ବାସ୍ତବ ଜୀବନକୁ କେନ୍ଦ୍ରରେ ରଖିବାକୁ କହିଥିଲେ । ଏହି ପୁସ୍ତକକୁ ଓଡ଼ିଶାର ପୂର୍ବତନ ଓ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ମଧ୍ୟ ଆଲୋଚନାରେ ପ୍ରସ୍ତାବ ଦିଆଯାଇଥିଲା । ଦାଦନ ପୁସ୍ତକର ଉନ୍ମୋଚନ ସୂଚନାଭିତ୍ତିକ ପ୍ରବାସନ, ସୁଦୃଢ଼ ସହାୟତା ବ୍ୟବସ୍ଥା, ଶ୍ରମିକଙ୍କ ମର୍ଯ୍ୟାଦା ଏବଂ ଋଣଭିତ୍ତିକ ପ୍ରବାସନକୁ ଅଧିକ ମାନବିକ ଢଙ୍ଗରେ ମୁକାବିଲା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ମଞ୍ଚ ସୃଷ୍ଟି କରିଥିବା ନେଇ ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ପ୍ରଦୀପ ବୈଶାଖ, ଜ୍ୟୋତି ପ୍ରକାଶ , ରାଖୀ ଘୋଷ , ଶ୍ରୀ ମାନସ ମିଶ୍ର, ସେଲଭିନ ଭୀମା ରାଓ ଏବଂ ବିସ୍ମୟ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରି ନିଜ ମତାମତ ରଖିଥିଲେ । ଶେଷରେ ଡ. ଅରବିନ୍ଦ ବେହେରା ନିଜ ଅଭିଭାଷଣ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ ହୋଇଥିଲା ।

## ବେଲେଶ୍ୱର ନିୟୁ କଲୋନୀରେ ଗଣେଶ ମଣ୍ଡପ ବୁଲିଲେ ବ୍ଲକ୍ ଅଧ୍ୟକ୍ଷା

କଟକ, (ସ୍ୱପ୍ର) : କଟକ ସଦର ବ୍ଲକ୍ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ କଟକ



ସଦର ଅଞ୍ଚଳର ବିଭିନ୍ନ ସ୍ଥାନରେ ହୋଇଥିବା ଗଣେଶ ମଣ୍ଡପ ବୁଲି ଜନସମ୍ପର୍କ ସ୍ଥାପନ କରୁଥିବା ଦେଖିବାକୁ ମିଳିଛି । ଶନିବାର ସନ୍ଧ୍ୟାରେ ସ୍ଥାନୀୟ ନୂଆବଜାର ବେଲେଶ୍ୱର ନିୟୁ କଲୋନୀ ଯୁବକ ସଂଘଙ୍କ ଦ୍ୱାରା ହୋଇଥିବା ଗଣେଶ ମଣ୍ଡପ ବୁଲି ଜନସମ୍ପର୍କକୁ ଆହୁରି ନିବିଡ କରିଛନ୍ତି । ଶ୍ରୀମତୀ ରାଉତ ତାଙ୍କ ସମର୍ଥକମାନଙ୍କ ସହିତ ବେଲେଶ୍ୱର ଠାରେ ପହଁଞ୍ଚିବାରେ ପରେ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କୁ ପୂଜାମଣ୍ଡପ ନିକଟକୁ ପାଛୋଟି ନେଇଥିଲେ । ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ରାଧାକୃଷ୍ଣ ବେଶଧାରୀ ପ୍ରଭୁ ଗଣେଶଙ୍କୁ ଦେଖି ସେ ମୂର୍ତ୍ତି କାରିଗର ଓ ସ୍ଥାନୀୟ ଯୁବକ ସଂଘ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । ଆଜି ରବିବାର ଶାନ୍ତି, ଶୃଙ୍ଖଳାର ସହିତ ଭଷାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଯୁବକ ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

## ବିଦ୍ୟୁତ ଟ୍ରାନ୍ସଫରମର ଚୋରି: ୨ଗିରଫ

ଗଣିଆ ,(ସବ୍ୟ): ନୟାଗଡ଼ି ଜିଲ୍ଲା ଗଣିଆ ଓ ଦଶପଲ୍ଲା ଥାନା ଅଂଚଳରୁ ବିଦ୍ୟୁତ ଟ୍ରାନ୍ସଫରମର ଚୋରି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଗଣିଆ ଥାନା ରାଇଗାଡ଼ିଆ ଗ୍ରାମର ବଳଭଦ୍ର ଭୋଇଙ୍କ ପୁଅ ବଗଲା ଭୋଇ ଓ କେଙ୍କ ଧଳଙ୍କ ପୁଅ ବୁଲୁ ଧଳ । ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଭିଯୁକ୍ତମାନେ ଦଶପଲ୍ଲା ଥାନା ଅନ୍ତର୍ଗତ କଦଳିବାରୀ ଗ୍ରାମ ନିକଟ ଏକ ବିଦ୍ୟୁତ ଟ୍ରାନ୍ସଫରମର ଚୋରିକରି ଚମ୍ପଟ ମାରୁଥିବା ବେଳେ କାଚପଲ୍ଲୀ ଗ୍ରାମର ଯୁବକମାନେ ଏମାନଙ୍କୁ କାବୁ କରିନେଇଥିଲେ । ଘଟଣା ସ୍ଥଳରୁ ଦୁଇ ଅଭିଯୁକ୍ତ ଚଞ୍ଚକତାର ସହ ବାଇକରେ ଖସି ପଳାଇଥିବା ବେଳେ ଲୋକେ ବଗଲାକୁ ଧରି ଦଶପଲ୍ଲା ପୋଲିସ ଜିମା ଦେଇଥିଲେ । ବଗଲା ପୋଲିସ ଆଗରେ ସବୁ ମାନିଥିବା ବେଳେ ଅନ୍ୟ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କ ନାଁ ପ୍ରକାଶ କରିଥିଲା । ଏହାକୁ ଆଧାର କରି ଶନିବାର ସନ୍ଧ୍ୟାରେ ଗଣିଆ ପୋଲିସ ବୁଲୁ ଧଳକୁ ଗିରଫ କରିଛି । ଅଭିଯୁକ୍ତମାନେ ଆଉ କେଉଁ ଚୋରି ଘଟଣାରେ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ଘଟଣାର ଛାନ ଭିନ କରୁଛି । ଗତ କିଛିଦିନ ତଳେ ଗଣିଆ ଥାନା ଛାମୁଣ୍ଡିଆ ଅଂଚଳରୁ ବିଦ୍ୟୁତ ଟ୍ରାନ୍ସଫରମର, ପାଣି ମୋଟର ସହିତ ଗୁପ୍ତେଶ୍ୱର ମନ୍ଦିର କମ୍ୟୁନିଟି ଗୃହରୁ ଫ୍ରିଜି, ଅକ୍ୟୁଗାର୍ଡ ଓ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ଗଣିଆ ଥାନାରେ ଅଭିଯୋଗ ହୋଇଥିଲା ।

### ଜେନାପୁର ଥାନା ପୋଲିସର ବିଚିତ୍ର ନୀତି

## ୧୧ଦିନ ପରେ ବଦଳିଗଲା ଏତଲା, ଅପମୃତ୍ୟୁ ଘଟଣା କହୁଥିବା ପୋଲିସ ଲଗାଇଲା ହତ୍ୟା ଦଫା

ଚଣ୍ଡିଖୋଲ (ସବ୍ୟ) ଯାଜପୁର ଜିଲ୍ଲାର ଜେନାପୁର ଥାନାରେ ଏବେ ଗୋଟିଏ ପରେ ଗୋଟିଏ ବିଚିତ୍ର ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। କେତେବେଳେ ସତ ମାମଲାକୁ ମିଛର ରୂପ ଦିଆଯାଉ ଥିବା ସ୍ଥଳେ ସତ ଘଟଣାକୁ ମିଛ କରାଯାଇ ମାମଲା ରୁଜୁ ହେଉଛି। ଅଭିଯୋଗକାରୀ ଜୀବନ ମରଣ ସହ ସଂଗ୍ରାମ କରୁଥିବା ସ୍ଥଳେ ହତ୍ୟା ଉଦ୍ୟମ ଦଫାରେ ଗିରଫ ଅଭିଯୁକ୍ତକୁ ସସମ୍ମାନେ ଥାନାରୁ ଛାଡିଦିଆଯିବା ପରି ଘଟଣା ଘଟି ଚାଲିଛି। ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଯୋର ଧରିଥିଲା ବେଳେ ଶନିବାର ଦିନ ଆଉଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି। ଜଣେ ମହିଳାଙ୍କ ଆତ୍ମହତ୍ୟା ପରେ ସବୁ ଅଭିଯୋଗ ଓ ଆଲୋଚନାକୁ ଏଡାଇଦେଇ ପୋଲିସ ଦୀର୍ଘ ୧୧ ଦିନ ହେବ ଏହାକୁ ଅପମୃତ୍ୟୁ ମାମଲା କହି ଘଟଣାକୁ ଚାପି ରଖିବା ପରେ ଶୁକ୍ରବାର ରାତିରେ ଶେଷରେ ଉକ୍ତ ଘଟଣାକୁ ବାଧ ବାଧ ବାଧକତାରେ ହତ୍ୟା ମାମଲାଭାବେ ପଞ୍ଜିକୃତ କରିଛି। ଏହି ସ୍ୱର୍ଶକାତର ଘଟଣାରେ ଜେନାପୁର ଥାନା ପୋଲିସର ଅବହେଳା ଓ ନିଷ୍କ୍ରିୟତାକୁ ନେଇ ଅଭିଯୋଗକାରୀ ଯାଜପୁର ଏସପିଙ୍କ ନିକଟରେ ଫେରାଦ ହେବାପରେ ଏସପିଙ୍କ ନିର୍ଦ୍ଦେଶରେ ଜେନାପୁର ଥାନା ଅଧିକାରିଣୀ ଏହି ମାମଲାକୁ ହତ୍ୟା ଦଫା ଲଗାଇ କେଶ ପଞ୍ଜୀକରଣ କରିବା ସହ ମୃତ ମହିଳାଙ୍କ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବାକୁ ବାଧହୋଇ ଥିବା ଜଣାପଡିଛି।

ସୂଚନା ଅନୁସାରେ ଯାଜପୁର ସଦର ଥାନା ମଲ୍ଲପଡା ଗ୍ରାମର ଭାରତୀ ମହାଳିକଙ୍କ ଝିଅ କବିତା (୨୩) ଗତ ୨୦୨୧ ମସିହାରେ ଜେନାପୁର ଥାନା ଖଜୁରୀବାଟି ଗ୍ରାମର ଚନ୍ଦ୍ର ବେଜଙ୍କ ପୁଅ ଜିତେନ୍ଦ୍ର ବେଜକୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକେ ବାପଘରୁ ଦୁଇ ଲକ୍ଷ ଟଙ୍କା ଆଣିବା ପାଇଁ କବିତାକୁ ତାଗିଦ କରିଥିଲେ। ହେଲେ ନିଜ ବାପଘର ଆର୍ଥିକ ସ୍ଥିତି ଠିକ ପଥିବାରୁ କବିତା ଏହି ଟଙ୍କା ଆଣିପାରି ନଥିଲେ ଫଳରେ ସ୍ୱାମୀ ଓ ଶାଶୁଘର ଲୋକେ ମିଳିତ ଭାବେ ଅକଥନୀୟ ଶାରୀରିକ ଓ ମାନଶୀକ ନିର୍ଯାତନା ଦେଇଥିଲେ। ଫଳରେ ନିର୍ଯାତନା ସହି ନପାରି କବିତା ବାଧହୋଇ ଆତ୍ମହତ୍ୟା କରିଥିଲା ବୋଲି ଗତ ୭ ତାରିଖ ଦିନ କବିତାଙ୍କ ମା' ଭାରତୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ଏହି ଏତଲାକୁ ପୋଲିସ ଅତି ହାଲୁକା ଭାବେ ଗ୍ରହଣ କରି ଘଟଣାକୁ କେବଳ ଏକ ଅପମୃତ୍ୟୁ (ଆତ୍ମହତ୍ୟା) ବୋଲି ଚିତ୍ରଣ କରିଥିଲା। ତେବେ ଏଥିରେ ଅସନ୍ତୋଷ ହୋଇ ଅଭିଯୋଗକାରୀ ଯାଜପୁର ଏସପିଙ୍କ ଦ୍ୱାରସ୍ତ ହେବାପରେ ଘଟଣାର ସତ୍ୟାସତ୍ୟ ବୁଝିବା ପରେ ଏସପି ଏହି ଏତଲାକୁ ପଞ୍ଜିକରଣ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସପିଙ୍କ ତାଗିଦାପରେ ଜେନାପୁର ଥାନା ଅଧିକାରୀ ୨୫୬/୨୬ଅଗତ୍ୟା ବିଏନଏସର ଦଫା ୧୦୩(୧),୮୦,୮୫,୩(୫) ଏବଂ ୪ଡିପି ଆକ୍ଟରେ ମାମଲା ପଞ୍ଜିକରତ କରି ଶୁକ୍ରବାର ରାତିରେ ମୃତ କବିତାଙ୍କ ସ୍ୱାମୀ ଜିତେନ୍ଦ୍ରକୁ ଗିରଫ କରି ଶନିବାର ଦିନ କୋର୍ଟ ଚାଲାଣ କରିଥିଲେ। ତେବେ ଘଟଣାକୁ ଅତି ହାଲକା ଭାବେ ନେଇ ହାତବାନ୍ଧି ଚୁପହୋଇ ବସିଥିବା ଥାନା ଅଧିକାରୀ ଘଟଣାର ୧୧ ଦିନ ପରେ ମାମଲା ପଞ୍ଜିକରଣ କରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନେଇ ଏବେ ସାଧାରଣରେ ଆଲୋଚନା ଯୋର ଧରିଛି।

## କୁଣ୍ଡେଇ ବଜାରରେ ମଦ ଦୋକାନ ଉଚ୍ଛେଦ

କାକଟପୁର, (ସବ୍ୟ): କାକଟପୁର ଅଞ୍ଚଳର କୁଣ୍ଡେଇ ବଜାରରେ ସରକାରୀ ଜମି ଜବରଦଖଲ କରି ନିର୍ମାଣ ହୋଇଥିବା ଦୁଇଟି କ୍ୟାବିନ ଏବଂ ଘରକୁ ପ୍ରଶାସନ ପକ୍ଷରୁ ଜେସିବି ଦାରା ଭଙ୍ଗା ଯାଇଛି । ଏହି ଘରେ ଓ କ୍ୟାବିନ ରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା ।, ନରେନ୍ଦ୍ରପୁର ଗ୍ରାମର ଶରତ ନାଥଙ୍କ ପୁଅ ଦିଲୀପ ନାଥ ଏବଂ ଛୋଟରାୟପୁର ଗ୍ରାମର ପବିତ୍ର ସେଣଙ୍କ ପୁଅ ଆଶିଷ ସେଣଙ୍କ ଦ୍ୱାରା ସରକାରୀ ଜମିରେ ଉକ୍ତ କ୍ୟାବିନ ଏବଂ ଘର ନିର୍ମାଣ କରାଯାଇଥିବା ପ୍ରଶାସନ ପକ୍ଷରୁ ଜଣାପଡ଼ିଥିଲା । ସେଠାରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗକୁ ମଧ୍ୟ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।ଅତିରିକ୍ତ ତହସିଲଦାର ତଥା ଏକ୍ସିକ୍ୟୁଟିଭ ମାଜିଷ୍ଟ୍ରେଟ ନିରଞ୍ଜନ ପାତ୍ରଙ୍କ ଉପସ୍ଥିତିରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ଏବଂ ପୋଲିସ ଫୋର୍ସ ଙ୍କ ସହଯୋଗରେ ଏହି ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ତେବେ ଆଉ କେତେ ଜଣ ଖସି ଯାଇଥିବା ବେଳେ ଖୁଁ ଶିଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ଶ୍ରୀ ସାହୁ କହଛନ୍ତି । ସରକାରୀ ଜମି ର ସୁରକ୍ଷା ଓ ସାର୍ବଜନୀନ ସ୍ଥାନରେ ବେଆଇନ ଦଖଲ ରୋକିବା ଦିଗରେ ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଉଛି ।

## ପୂର୍ବତଟ ରେଳପଥ ଦ୍ୱାରା 'ଅପରେସନ ନାର୍କୋସ୍' ଅଭିଯାନ

ଭୁବନେଶ୍ୱର, (ସବ୍ୟ): ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ (ଆରପିଏଫ୍) "ଅପରେସନ ନାର୍କୋସ୍"



ଅଧୀନରେ ରେଳପଥ ମାଧ୍ୟମରେ ନିଶାଦ୍ରବ୍ୟ ଓ ସାଇକୋଟ୍ରୋପିକ୍ ଦ୍ରବ୍ୟର ବେଆଇନ ଚାଲାଣ ବିରୋଧରେ ଗୁଇନ୍ଦା ସୂଚନା ଆଧାରିତ ଅଭିଯାନକୁ ତୀବ୍ର କରିଛି । ଏହା "ନଶା ମୁକ୍ତ ଭାରତ" ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି । ଏହି ଅଭିଯାନର ଅଂଶ ସ୍ୱରୂପ, ପୂର୍ବତଟ ରେଳପଥ ୧୮ ଟି ନୂଆ କୁକୁର ଛୁଆଙ୍କୁ ସାମିଲ କରିଛି, ଯେଉଁଥିରେ ୧୫ ଟି ସ୍ୱତନ୍ତ୍ର ନିଶାଦ୍ରବ୍ୟ ସନ୍ଧାନୀ କୁକୁର ଅଛନ୍ତି। ଏହାଫଳରେ ପୂର୍ବତଟ ରେଳପଥର ସନ୍ଧାନୀ କୁକୁର ସଂଖ୍ୟା ୩୩ କୁ ବୃଦ୍ଧି ପାଇଛି।। ଏଥିମଧ୍ୟରୁ ୨୦ଟି କୁକୁରକୁ ସ୍ୱତନ୍ତ୍ର ଭାବେ ନିଶାଦ୍ରବ୍ୟ ଚିହ୍ନଟ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏମାନେ ଟ୍ରେନ୍, ପ୍ଲାଟଫର୍ମ, ଲଗେଜ୍, ପାର୍ସଲ୍ ଅଞ୍ଚଳ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ଯାଞ୍ଚ କାର୍ଯ୍ୟରେ ସହାୟତା କରିବେ। ସାମିଲ ହୋଇଥିବା ନୂତନ କୁକୁର ଗୁଡିକର ସ୍ୱତନ୍ତ୍ର ପ୍ରଶିକ୍ଷଣ ୨୫ ଅକ୍ଟୋବର ୨୦୨୬ରୁ ଆରମ୍ଭ ହେବ ଏବଂ ମାର୍ଚ୍ଚ ୨୦୨୭ ସୁଦ୍ଧା ସେମାନେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବେ। ପୂର୍ବତଟ ରେଳପଥ ରେଳ ସୁରକ୍ଷା ବଳ (ଆରପିଏଫ୍) ନିଶାଦ୍ରବ୍ୟ ଚାଲାଣ ରୋକିବା ପାଇଁ ସିସିଟିଭି ନିରୀକ୍ଷଣ, ବ୍ୟାଗେଜ୍ ସ୍କାନର୍, ଡ୍ରୋନ୍ ନିରୀକ୍ଷଣ ଓ ଉନ୍ନତ ବିଶ୍ଳେଷଣ ପ୍ରଣାଳୀର ବ୍ୟବହାର କରୁଛି। ଏଥିସହ ଜିଆରପି, ରାଜ୍ୟ ପୁଲିସ ଓ ଅନ୍ୟାନ୍ୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ସହିତ ସମନ୍ୱୟ ରଖି ଗୁଇନ୍ଦା ସୂଚନା ଆଦାନପ୍ରଦାନ ଓ ମିଳିତ ଅଭିଯାନ କରୁଛି । ଜାନୁଆରୀ ରୁ ଅଗଷ୍ଟ ୨୦୨୬ ମଧ୍ୟରେ, 'ଅପରେସନ୍ ନାର୍କୋସ୍' ଅଧୀନରେ ୭୫ ଟି ମାମଲା ଚିହ୍ନଟ କରାଯାଇଛି, ପ୍ରାୟ ୩.୭୦ କୋଟି ଟଙ୍କା ମୂଲ୍ୟର ୧,୦୭୯.୭୪୨ କିଲୋଗ୍ରାମ ଗଞ୍ଜେଇ ଏବଂ ୬୦ ବୋତଲ କୋଡିନ୍-ଭିତ୍ତିକ କଫ୍ ସିରପ୍ ଜବତ କରାଯାଇଛି ଏବଂ ନିଶାଦ୍ରବ୍ୟ କାରବାରରେ ସଂପୃକ୍ତ ୯୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପ୍ରସ୍ତୁତି ବୈଠକ

ପୁରୀ, (ସବ୍ୟ): ଶ୍ରୀଜୀଉ ମାନଙ୍କ ଦର୍ଶନ ପାଇଁ ସରକାର ପ୍ରଣୟନ କରିଛନ୍ତି ଶ୍ରୀଜଗନ୍ନାଥ ଙ୍କ ଦର୍ଶନ ଯୋଜନା ।ଚଳିତ ମାସ ୨୦ ତାରିଖ ଠାରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଏହି ଦର୍ଶନ ମାଧ୍ୟମରେ ୧୩ ଟି ଜିଲ୍ଲାର ୧୦୫୩୫ ଶ୍ରଦ୍ଧାଳୁ ଦର୍ଶନ ରେ ଆସିବେ ।ଏହି ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ବଲାଙ୍ଗୀର, ବରଗଡ, ସୋନପୁର, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ଼, କନ୍ଧମାଳ। ଶ୍ରଦ୍ଧାଳୁ ମାନେ ଯେପରି ଶ୍ରଦ୍ଧା ଓ ଶୃଙ୍ଖଳା ର ସହ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ବିଭିନ୍ନ ଜିଲ୍ଲା ରୁ ଆସୁଥିବା ଶ୍ରଦ୍ଧାଳୁ ଓ ଭକ୍ତ ମାନେ ମହାପ୍ରଭୁଙ୍କ ଦର୍ଶନ ସହ ଯେପରି ଏକ ସୁଖଦ ଅନୁଭବ ନେଇ ଯିବେ ସେଥିପାଇଁ ସମସ୍ତ ବିଭାଗ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ଏହା ଏକ ଆଧାତ୍ମିକ ଓ ଧାର୍ମିକ ଯୋଜନା ଅନ୍ତର୍ଗତ ହୋଇ ଥିବାରୁ ସେବା ମନୋଭାବ ନେଇ ପ୍ରତ୍ୟେକ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପୁରୀ ଜିଲ୍ଲା ପ୍ରଶାସନ ,ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଦର୍ଶନ ର ବ୍ୟବସ୍ଥା କରାଇବେ ।ଯାତ୍ରୀ ମାନେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରହଣୀ ପାଇଁ ବୃନ୍ଦାବତୀ ନିବାସରେ ବ୍ୟବସ୍ଥା,ଶ୍ରଦ୍ଧାଳୁ ଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା, ସହାୟତା ପାଇଁ ହେଲ୍ପ ଡେସ୍କର ବ୍ୟବସ୍ଥା, ଯାତାୟାତ ପାଇଁ ସ୍ଥାନୀୟ ପରିବହନ ବ୍ୟବସ୍ଥା, ଦର୍ଶନ ସୁବିଧା, ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା ବ୍ୟବସ୍ଥା, ଗାଡି ପାର୍କିଂ ବ୍ୟବସ୍ଥା ଆଲୋଚନା କରାଯାଇଥିଲା ।

### ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ରୁ ଟିଏଲ୍‌ସି ରାସ୍ତାର ପୁନଃ ନିର୍ମାଣ ଦାବି

## ଜିଲ୍ଲାପାଳଙ୍କୁ ପତ୍ର ଲେଖିଲେ ପିସିସି ସାଧାରଣ ସମ୍ପାଦିକା ସୋନାଲି ସାହୁ

ଖୋର୍ଦ୍ଧା, (ସବ୍ୟ): ଖୋର୍ଦ୍ଧା ସହରର ନୂଆ ବସ୍‌ଷ୍ଟାଣ୍ଡ ଅଂଚଳରୁ ଟିଏଲ୍‌ସି ରାସ୍ତାର ଦୀର୍ଘଦିନର ଦୁରବସ୍ଥାକୁ ନେଇ ପ୍ରଦେଶ କଂଗ୍ରେସ କମିଟିର



ସାଧାରଣ ସମ୍ପାଦିକା ସୋନାଲି ସାହୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ତୁରନ୍ତ ପୁନଃ ନିର୍ମାଣ ଓ ମରାମତି ପାଇଁ ସେ ଶନିବାର ଜିଲ୍ଲାପାଳଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି। ପତ୍ରରେ ସୋନାଲି ସାହୁ ଦର୍ଶାଇଛନ୍ତି ଯେ, ଖୋର୍ଦ୍ଧା ସହରର ଟିଏଲ୍‌ସି ରାସ୍ତା ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ମାର୍ଗ। ଏହି ରାସ୍ତା ଦେଇ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଅଂଚଳ କୁ ଲୋକମାନେ ଯାତାୟାତ କରିଥାନ୍ତି। ଖୋର୍ଦ୍ଧା ସହରର ଅନେକ ପ୍ରମୁଖ ଅଂଚଳ କୁ ସଂଯୋଗ କରୁଥିବାରୁ ଏହି ରାସ୍ତାର ଗୁରୁତ୍ୱ ବହୁତ ଅଧିକ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ଦୀର୍ଘ ପ୍ରାୟ ଦୁଇ ବର୍ଷ ଧରି ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ରହିଥିବାରୁ ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ପତ୍ରରେ ଦର୍ଶାଯାଇଛି। ରାସ୍ତାର ଦୁରବସ୍ଥା ଯୋଗୁଁ ଦୈନିକ ଯାତାୟାତ କରୁଥିବା ଗାଡ଼ିଚାଳକ, ଯାତ୍ରୀ ଓ ସ୍ଥାନୀୟ ବାସିନ୍ଦାମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ସେ ଜଣାଇଛନ୍ତି। ବିଶେଷକରି ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସଗୁଡ଼ିକ ମଧ୍ୟ ଏହି ରାସ୍ତାରେ ଯାତାୟାତ କରୁଥିବାରୁ ରାସ୍ତାର ଅବସ୍ଥା ନେଇ ସେ ଚିନ୍ତା ପ୍ରକାଶ କରିଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସେମାନଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ରାସ୍ତାଟିର ତୁରନ୍ତ ପୁନର୍ନିର୍ମାଣ କରିବା ଆବଶ୍ୟକ ବୋଲି ସୋନାଲି ସାହୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ସୋଆ ଦନ୍ତ ଚିକିତ୍ସା ଛାତ୍ରୀଙ୍କୁ ସମ୍ମାନଜନକ ଆଇସିଏମ୍‌ଆର୍ ଏମ୍‌ଡିଏସ୍ ଥେସିସ୍ ଗ୍ରାଣ୍ଟ

ଭୁବନେଶ୍ୱର, (ସବ୍ୟ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ ସାଇନ୍‌ସେସ୍ (ଆଇଡିଏସ୍)ର ଦୁଇଜଣ ସ୍ନାତକୋତର ଛାତ୍ରୀ ୨୦୨୬ ପାଇଁ ଆଇସିଏମ୍‌ଆର୍ ଏମ୍‌ଡିଏସ୍ ଥେସିସ୍ ଗ୍ରାଂଟ ନିମନ୍ତେ ମନୋନୀତ ହୋଇଛନ୍ତି। ଏକାଡେମିକ୍ ଉତ୍କର୍ଷତା ଓ ଗବେଷଣା ପ୍ରତି ସେମାନଙ୍କ ପ୍ରତିବଦ୍ଧତାର ସ୍ୱୀକୃତି ସ୍ୱରୂପ ଏହି ସମ୍ମାନଜନକ ଗ୍ରାଂଟ ପ୍ରଦାନ କରାଯାଇଛି। ଡାକ୍ତର ସିଦ୍ଧି ପଟ୍ଟନାୟକ ଓ ଡାକ୍ତର ସୋହିନୀ ନିୟୋଗୀ ସେମାନଙ୍କ ସ୍ନାତକୋତର ଗବେଷଣା କାର୍ଯ୍ୟ ପାଇଁ ଏହି ଗ୍ରାଂଟ ପାଇଛନ୍ତି। ଏହା ଉଭୟ ଛାତ୍ରୀଙ୍କ ସହ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ମଧ୍ୟ ଏକ ଉଲ୍ଲେଖନୀୟ ସଫଳତା। ଏହି ଗବେଷଣା ପ୍ରକଳ୍ପଗୁଡ଼ିକ ଆଇଡିଏସର ଡିନ୍ ପ୍ରଫେସର (ଡାକ୍ତର) ରୁଚି ଭୂୟାଁ ଏବଂ ଡାକ୍ତର ମନୀଷା ଦାସଙ୍କ ମାଗଦର୍ଶର୍ନରେ ଚାଲିଛି। ଶନିବାର ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଉଭୟ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ସଫଳତାର ପ୍ରଶଂସା କରିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ସଫଳତା ଦନ୍ତ ଚିକିତ୍ସା ବିଜ୍ଞାନରେ ଗବେଷଣା, ବୈଜ୍ଞାନିକ ଅନୁସନ୍ଧାନ ଓ ନବସୃଜନକୁ ପ୍ରୋତ୍ସାହନ ଦେବା ଦିଗରେ ଆଇଡିଏସ୍‌ର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ସ୍ୱୀକୃତି ଛାତ୍ରୀମାନଙ୍କୁ ଅଧିକ ପ୍ରଭାବଶାଳୀ ଗବେଷଣା କରିବା ସହ ମୁଖ ସ୍ୱାସ୍ଥ୍ୟସେବାର ଉନ୍ନତି ନିମନ୍ତେ ପ୍ରେରଣା ଯୋଗାଇବ।

### ଅଭିପ୍‌ସା ଇଣ୍ଟରନ୍ୟାସନାଲ ସ୍କୁଲରେ ଏକାଡେମିକ ଫେୟାର

# ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଓ ଦକ୍ଷତା ବୃଦ୍ଧି ଲକ୍ଷ୍ୟ

କଟକ, (ସ୍ୱପ୍ର): ସ୍ଥାନୀୟ ନେତାଜୀନଗର ସ୍ଥିତ ଅଭିପ୍‌ସା ଇଣ୍ଟରନାସନାଲ ସ୍କୁଲ ପରିସରରେ ଶନିବାର ଏକାଡେମୀକ ଫେୟାର ଅନୁଷ୍ଠିତ ହୋଇଯାଇଛି । ଏହି ଏକାଡ଼େମିକ ଫେୟାରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଡ଼ଭୋକେଟ କାଶୀନାଥ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏଥିରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଓ ପ୍ରତିଭାର ଝଲକ ଦେଖିବାକୁ ମିଳିଥିଲା । ସ୍କୁଲର ଚେୟାରମ୍ୟାନ ସୁପ୍ରଭା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଜ୍ଞାନ, କଳା, ସଂସ୍କୃତି, ଐତିହ୍ୟ, ଗଣିତ ଓ ସାହିତ୍ୟ ଆଦି ବହୁ ଉପାଦେୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ଶିକ୍ଷକ ଶୁଭ୍ରାଂଶୁ ଘଡ଼ାଇ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରି ଛାତ୍ର, ଛାତ୍ରୀଙ୍କ ପ୍ରତିଭାର ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀଙ୍କ ଜ୍ଞାନ ଓ ଅନ୍ତର୍ନିହିତ ପ୍ରତିଭାକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ




ଏପରି ଏକାଡେମିକ ଫେୟାର ଆୟୋଜିତ ହୋଇଛି ବୋଲି ସ୍କୁଲ ଚେୟାରମ୍ୟାନ ସୁପ୍ରଭା ସାହୁ କହିଛନ୍ତି । ଏଥିରେ ନର୍ସରୀ ଠାରୁ ଆରମ୍ଭ କରି ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଭଳି କାର୍ଯ୍ୟକ୍ରମ ପିଲାମାନଙ୍କ ମଧ୍ୟରେ କେବଳ ପାଠପଢ଼ା ପ୍ରତି ଆଗ୍ରହ ବଢ଼ାଇ ନଥାଏ ବରଂ ଚିନ୍ତନଶକ୍ତି, ଗବେଷଣା ମନୋଭାବ, ଦଳଗତ କାର୍ଯ୍ୟ, ନେତୃତ୍ୱ ଓ ଉପସ୍ଥାପନା ଦକ୍ଷତା ବିକାଶରେ ମଧ୍ୟ ସହାୟକ ହୋଇଥାଏ ବୋଲି ସ୍କୁଲ ପକ୍ଷରୁ କୁହାଯାଇଛି । ଏଥିରେ ସ୍କୁଲର ପ୍ରିନ୍ସପାଲ ପଦ୍ମନାଭ ରଥ ଓ ପ୍ରଧାନ ଶିକ୍ଷୟତ୍ରୀ ଅମିତା ପତିଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମଟି ସରସ ସୁନ୍ଦର କରିଥିଲେ ।

### ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାରେ

# ସୁଭଲକ୍ଷ୍ମୀ ସମବାୟ ମହିଳାଙ୍କ ଦ୍ୱାରା ହସ୍ତନିର୍ମିତ ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତି ପ୍ରଦର୍ଶିତ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଗଣେଶ ଚତୁର୍ଥୀ ପାଳନ ଅବଶରରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ପରିବେଶ ଅନୁକୂଳ ମାଟିରେ ନିର୍ମିତ ଗଣେଶ ମୂର୍ତ୍ତି ପ୍ରଦର୍ଶିତ କରାଯାଇଛି। କମ୍ପାନିର ଝାରସୁଗୁଡ଼ାସ୍ଥିତ କାର୍ଯ୍ୟକ୍ଷେତ୍ରରେ ପ୍ରଦର୍ଶିତ ଏହି ମୂର୍ତ୍ତିଗୁଡ଼ିକ ସୁଭଲକ୍ଷ୍ମୀ ସମବାୟର ମହିଳା କାରିଗରମାନଙ୍କ ଦ୍ୱାରା ହାତରେ ତିଆରି କରାଯାଇଛି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମର ଏକ ପ୍ରମୁଖ ପଦକ୍ଷେପ ହେଉଛି ସୁଭଲକ୍ଷ୍ମୀ ସମବାୟ। ଏହି ମାଟି ମୂର୍ତ୍ତିଗୁଡ଼ିକ ଓଡ଼ିଶାର ସମୃଦ୍ଧ ମୃତ୍ତିକା କଳା ପରମ୍ପରାକୁ ପ୍ରତିଫଳିତ କରିବା ସହ ଗ୍ରାମାଞ୍ଚଳର ମହିଳାଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରୁଛି। ବେଦାନ୍ତ ଆଲୁମିନିୟମର ମୃତ୍ତିକା କଳା ଗୋଷ୍ଠୀ ବିକାଶ ପଦକ୍ଷେପ 'ବେଦମୂର୍ତ୍ତିକା' ଅଧୀନରେ ଏହି ମୂର୍ତ୍ତିଗୁଡ଼ିକ ନିର୍ମିତ ହୋଇଛି। ପାରମ୍ପରିକ କାରିଗରୀକୁ ସ୍ଥାୟୀ ଆୟର ଉତ୍ସରେ ପରିଣତ କରିବାର ସମ୍ଭାବନାକୁ ଏହା ପ୍ରତିପାଦିତ କରୁଛି। ବର୍ତ୍ତମାନ 'ବେଦମୂର୍ତ୍ତିକା' ମାଧ୍ୟମରେ ଝାରସୁଗୁଡ଼ାର ୩୦ରୁ ଅଧିକ କାରିଗରଙ୍କୁ ଦକ୍ଷତା ବିକାଶ, ନୂତନ




ଡିଜାଇନ ପ୍ରସ୍ତୁତି ଓ ବଜାର ସଂଯୋଗ ଭଳି ସୁବିଧା ଯୋଗାଇ ଦିଆଯାଉଛି। ଏହା ମାଧ୍ୟମରେ ପାରମ୍ପରିକ ମୃତ୍ତିକା କଳାର ସୁରକ୍ଷା ସହ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି ହେଉଛି। ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ କହିଛନ୍ତି, "ପର୍ବପର୍ବାଣୀ ଆମ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ସହ ସମୁଦାୟ ମଧ୍ୟରେ ସାର୍ଥକ ପ୍ରଭାବ ସୃଷ୍ଟି କରିବାର ସୁଯୋଗ ଦେଇଥାଏ। ସୁଭଲକ୍ଷ୍ମୀ ଓ ବେଦମୂର୍ତ୍ତିକା ଭଳି ପଦକ୍ଷେପ ଜରିଆରେ ଆମେ ପାରମ୍ପରିକ କାରିଗରୀର ସୁରକ୍ଷା, ଉଦ୍ୟମିତତାକୁ ସୁଦୃଢ଼ କରିବା ଏବଂ ମହିଳାଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରୁଛୁ। ଏହି ପ୍ରୟାସଗୁଡ଼ିକ ସଂସ୍କୃତି ଓ ଆର୍ଥିକ ସଶକ୍ତୀକରଣ କିପରି ପରସ୍ପର ସହ ଜଡ଼ିତ ହୋଇପାରେ ତାହା ଦର୍ଶାଉଛି। ଆମ କାର୍ଯ୍ୟକ୍ଷେତ୍ର ଆଖପାଖ ସମୁଦାୟର ସମାବେଶୀ ବିକାଶ ପାଇଁ ଆମେ ପ୍ରତିବଦ୍ଧ।

ଝାରସୁଗୁଡ଼ା କୋଲାବିରା କୁମ୍ଭାରପଡ଼ାର ବେଦମୂର୍ତ୍ତିକା କାରିଗର ତଥା ସୁଭଲକ୍ଷ୍ମୀ ସମବାୟର ସଦସ୍ୟା ଦଲିମ୍ବ ରଣା କହିଛନ୍ତି, "ବେଦମୂର୍ତ୍ତିକା ମାଧ୍ୟମରେ ମିଳୁଥିବା ସହଯୋଗ ଆମ ଦକ୍ଷତା ଓ ଜୀବିକାକୁ ସୁଦୃଢ଼ କରିବାରେ ସହାୟକ ହୋଇଛି। ମାଟିପାତ୍ର ନିର୍ମାଣ ପ୍ରଶିକ୍ଷଣ, ଉନ୍ନତ ଯନ୍ତ୍ରପାତି, ନିୟମିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ଅଭିଜ୍ଞ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନ ମାଧ୍ୟମରେ ଆମେ କାରିଗରୀ ଦକ୍ଷତାକୁ ପରିମାର୍ଜିତ କରିବା ସହ ଉତ୍ପାଦର ଗୁଣବତ୍ତା ବଢ଼ାଇପାରିଛୁ। ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତି ପାଇଁ ମିଳୁଥିବା ପ୍ରଶଂସା ଆମକୁ ଏହି ପାରମ୍ପରିକ କଳାକୁ ସଂରକ୍ଷଣ କରି ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାକୁ ଉତ୍ସାହିତ କରିଛି।" ଏହି ଅବସରରେ ବେଦାନ୍ତ ଟାଉନସିପ୍‌ରେ କମ୍ପାନିର କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ନେଇ ଗଣେଶ ପୂଜା, ଆଳତି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁଭଲକ୍ଷ୍ମୀ ସମବାୟର ମହିଳାମାନଙ୍କ ଦ୍ୱାରା ନିର୍ମିତ ପରିବେଶ ଅନୁକୂଳ ସାମଗ୍ରୀକୁ ଉତ୍ସବରେ ସାମିଲ କରାଯିବା ଫଳରେ ଏହାର ସାମାଜିକ ଗୁରୁତ୍ୱ ଆହୁରି ବୃଦ୍ଧି ପାଇଥିଲା। ଏହା ସମୁଦାୟ ଆଧାରିତ ବିକାଶ ଓ ମହିଳା ଉଦ୍ୟମିତା ପ୍ରତି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଗଣେଶ ଚତୁର୍ଥୀ ଭଳି ପର୍ବପର୍ବାଣୀ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ କର୍ମଚାରୀ, ପରିବାର ଓ ସ୍ଥାନୀୟ ସମୁଦାୟକୁ ଏକତାର ଭାବନାରେ ଏକାଠି ହେବାର ସୁଯୋଗ ସୃଷ୍ଟି କରୁଛି। ଏଥିସହ ସ୍ଥାନୀୟ କାରିଗରଙ୍କୁ ସହାୟତା ଓ ସମୁଦାୟିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଦିଗରେ ମଧ୍ୟ କମ୍ପାନିର ପ୍ରୟାସ ଜାରି ରହିଛି।

### ଜନଭାଗିଦାରୀରେ ସ୍ୱଚ୍ଛତା ଦୀର୍ଘସ୍ଥାୟୀ :ଉପ ମୁଖ୍ୟମନ୍ତ୍ରୀ

# ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ

ପୁରୀ, (ସବ୍ୟୁ): ସ୍ୱଚ୍ଛତା ଏକ ନିରନ୍ତର ପ୍ରକ୍ରିୟା। ଏହାକୁ ସେବା ବୋଲି ବିବେଚନା କରି ଜନଭାଗିଦାରୀ ରେ ସ୍ୱଚ୍ଛତା ପ୍ରତି ଉତ୍ତରଦାୟୀ ଭାବେ କାର୍ଯ୍ୟ କଲେ ଏହା ଦୀର୍ଘସ୍ଥାୟୀ ହୋଇଥାଏ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା। ଶନିବାର ପୂର୍ବାହ୍ନରେ ବ୍ଲୁ ଫ୍ଲାଗ ବିଚ ଠାରେ ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନ ର ମିଳିତ ସହଯୋଗ ରେ ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବେଳାଭୂମି କୁ ସ୍ୱଚ୍ଛ ରଖିବା ଅର୍ଥ ଅର୍ଥନୀତିକୁ ସମୃଦ୍ଧ କରିବା।ସ୍ୱଚ୍ଛତା ସହ ସର୍ବଦା ପର୍ଯ୍ୟଟନ ଓ ଅର୍ଥନୀତି ଜଡ଼ିତ। ପୁରୀ ବ୍ଲୁ ଫ୍ଲାଗ ବିଚ ସମଗ୍ର ଦେଶର ଏକ ଶ୍ରେଷ୍ଠ ସ୍ୱଚ୍ଛ ବେଳାଭୂମି ର ମାନ୍ୟତା ପାଇଛି। ଏହାକୁ ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ।ପୁରୀ ର ଶିଳ୍ପ ହେଲା ପର୍ଯ୍ୟଟନ। ତେଣୁ ନୀଳ ଅର୍ଥନୀତି ବା ବ୍ଲୁ ଇକୋନୋମୀ କୁ ଆଗକୁ ନେବା ଆମ ସମସ୍ତଙ୍କ ଦାୟିତ୍ୱ। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଜଳପଥ ମାନବ ସଭ୍ୟତାର ମୁଖ୍ୟ ଉତ୍ସ।ସାଧବ ପୁଅ ମାନେ ବାଣିଜ୍ୟ କରି ଦେଶ ଦେଶ ମଧ୍ୟରେ ସଂପର୍କ ସୃଷ୍ଟି ସହ ପର୍ଯ୍ୟଟନ ର ବିକାଶ ଓ ଆର୍ଥିକ ସମୃଦ୍ଧି ର ବାର୍ତ୍ତା ବହ ଥିଲେ।ପ୍ରାୟ ୮୫



ଭାଗ ବାଣିଜ୍ୟ ସମୁଦ୍ର ପଥରେ ହୋଇ ନୀଳ ଅର୍ଥନୀତି କୁ ସମୃଦ୍ଧ କରିଥାଏ ବୋଲି କହିଥିଲେ। ବାଲୁକା କଳା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବେଳାଭୂମିର ସୁରକ୍ଷା ଓ ସ୍ୱଚ୍ଛତା ପାଇଁ ବିବିଧ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଏସପି ପ୍ରତୀକ ସିଂ,ଡିଏଫଓ ମଗର ଧନୀଜ ରାଓସୋ,ପୁରୀ ମହାନଗର ନିଗମର କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଉପକୂଳ ସ୍ୱଚ୍ଛତା ସମ୍ପର୍କରେ ଶପଥ ପାଠ କରାଯାଇଥିଲା। ପୂର୍ବରୁ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ କୁଇଜ,ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।ଶେଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### କଟକ ମାହାଙ୍ଗା ପୋଡ଼ାମରାଇ 'ଗଜାନନ ମହୋତ୍ସବ-୨୦୨୬

# ପର୍ବପର୍ବାଣୀ ସମାଜରେ ନୂଆ ସଂସ୍କାର ଶିଖାଏ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଗଣେଶ ପୂଜା ଭଳି ଆମର ପର୍ବପର୍ବାଣୀଗୁଡ଼ିକ କେବଳ ଆଲୋକସଜ୍ଜା କିମ୍ବା ନାଚ-



ଗୀତରେ ସୀମିତ ନ ରହି ସମାଜକୁ ନୂଆ ସଂସ୍କାର ଶିଖାଇବାର ଏକ ପ୍ରମୁଖ ମାଧ୍ୟମ ହେବା ଉଚିତ୍ । ଶନିବାର କଟକ ଜିଲ୍ଲା ମାହାଙ୍ଗା ପୋଡ଼ାମରାଇ ଠାରେ ଆୟୋଜିତ ପବିତ୍ର 'ଗଜାନନ ମହୋତ୍ସବ-୨୦୨୬'ରେ ଯୋଗଦେଇ କହିଛନ୍ତି ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ 'ପୋଷଣ ମାସ' ଓ 'ତିଥି ଭୋଜନ' ଆହ୍ୱାନର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅଙ୍ଗନବାଡ଼ି ଓ ପ୍ରାଥମିକ ବିଦ୍ୟାଳୟର ଛୋଟ ପିଲାଙ୍କୁ ପୁଷ୍ଟିକର ଫଳ, ପରିବା ଓ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇଦେବା ପାଇଁ ସମାଜ ଦାୟିତ୍ୱ ନେବା ଆବଶ୍ୟକ। ପ୍ରସେସଡ୍ ଓ ପ୍ୟାକେଟ୍ ଫୁଡ୍ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥିବାରୁ, ଆମର ଶିଶୁମାନଙ୍କୁ ସବଳ, ସାହସୀ, ସ୍ୱାଭିମାନୀ, ନିର୍ଭୀକ ଓ ସଂସ୍କାରୀ କରି ଗଢ଼ିତୋଳିବା ପାଇଁ ଏହାକୁ ଏକ ଜନ-ଆନ୍ଦୋଳନରେ ପରିଣତ କରିବାକୁ ସେ ନିବେଦନ କରିଛନ୍ତି। ଏହି ଅବସରରେ ପରିବେଶ ସୁରକ୍ଷା ସମ୍ପର୍କରେ ସେ କହିଛନ୍ତି ଯେ, ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍‌ର ବ୍ୟବହାର କମାଇବା ଏବଂ ସ୍ୱଚ୍ଛତାକୁ ଏକ ସାମାଜିକ ସଂସ୍କାରରେ ପରିଣତ କରିବା ଅତ୍ୟନ୍ତ ଜରୁରୀ। ସବୁ କିଛି କେବଳ ଆଇନ କିମ୍ବା କଟକଣା ଦ୍ୱାରା ନୁହେଁ, ବରଂ ଲୋକଙ୍କ ଆଚରଣ ଓ ଚରିତ୍ରଗତ ପରିବର୍ତ୍ତନ ଦ୍ୱାରା ହିଁ ସମାଜ ପରିବର୍ତ୍ତନ ସମ୍ଭବ। ମାହାଙ୍ଗାକୁ ଏକ ସମୃଦ୍ଧ, ସଂସ୍କୃତିସମ୍ପନ୍ନ ଓ ନେତୃତ୍ୱ ନେଉଥିବା ଅଞ୍ଚଳ ଭାବେ ବର୍ଣ୍ଣନା କରି ଶ୍ରୀ ପ୍ରଧାନ ବିଶ୍ୱାସ ପ୍ରକଟ କରିଛନ୍ତି ଯେ, ସମାଜ ପରିବର୍ତ୍ତନ ଏବଂ ଶିଶୁ ସୁରକ୍ଷାର ଏହି ମହତ୍ ପ୍ରୟାସରେ ମାହାଙ୍ଗା ସମଗ୍ର ରାଜ୍ୟ ପାଇଁ ପଥପ୍ରଦର୍ଶକ ସାଜିବ।

# କ୍ରସର ମାଲିକଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ପଲ୍ଲା କୋଣାର୍କ ନଗର ଅଂଚଳରେ ରହୁଥିବା ଜଣେ କ୍ରସର ମାଲିକ ଅତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଜଗତସିଂହପୁର ଜିଲ୍ଲା ତିର୍ତୋଲ ହୁକୁତଲା ର ପ୍ରଦୀପ କୁମାର ସାହୁ (୫୨)। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନଥିବାବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରଦୀପ ପଲ୍ଲା କୋଣାର୍କ ନଗର ରେ ରହି ତାପଙ୍ଗ ଅଂଚଳରେ କ୍ରସର ବ୍ୟବସାୟ କରୁଥିଲେ। ଗତକାଲି ସେ ସକାଳୁ କେଉଁଆଡେ ଯାଇଥିବାବେଳେ ୧୦ଟା ବେଳକୁ ହଠାତ ଘରକୁ ଆସି ରୁମ କବାଟ ଦେଇଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନବାହାରିବାରୁ ପରିବାର ଲୋକ କବାଟ ଖୋଲିଲାବେଳକୁ ଏକ ଫ୍ୟାନରେ ଗାମୁଛା ଯୋଗେ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକ ଖୋର୍ଦ୍ଧା ମେଡିକାଲ ନେଇଥିବାବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

# ଗୌରାଙ୍ଗ ସେବା ଫାଉଣ୍ଡେସନ୍ ଦ୍ୱାରା ଶ୍ରୀ ରାଧାଷ୍ଟମୀ ପାଳିତ

ଭୁବନେଶ୍ୱର (ସବ୍ୟୁ): ଗୌରାଙ୍ଗ ସେବା ଫାଉଣ୍ଡେସନର ହରେକୃଷ୍ଣ ଭକ୍ତମାନେ ୧୯ ତାରିଖରେ ରାଉରକେଲାସ୍ଥିତ ତ୍ରିଶକ୍ତି ଧାମ ଠାରେ ରାଧାଷ୍ଟମୀ ଉତ୍ସବର ଆୟୋଜନ କରିଥିଲେ। ଶ୍ରୀମତୀ ରାଧାରାଣୀଙ୍କ ଜନ୍ମ ଉପଲକ୍ଷେ ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା। ସନ୍ଧ୍ୟାରେ ଏହି ଉତ୍ସବ ଆଧ୍ୟାତ୍ମିକ କୀର୍ତ୍ତନ ଏବଂ ଭଜନ ସହିତ ଆରମ୍ଭ ହୋଇଥିଲା । ସହରର ଅନେକ ଅଂଚଳରୁ



ଭକ୍ତମାନେ ଶ୍ରୀ ରାଧାକୃଷ୍ଣଙ୍କ ସ୍ତୁତି ଗାନ କରିବାକୁ ଏକତ୍ରିତ ହୋଇଥିଲେ, ଶ୍ରୀ ରାଧାକୃଷ୍ଣଙ୍କର ଦିବ୍ୟ ଲୀଳା ଏବଂ ଶିକ୍ଷାକୁ ମନେ ପକାଇଥିଲେ। ଏହି ଉତ୍ସବ ଅବସରରେ, ଶ୍ରୀ ରାଧା କୃଷ୍ଣଚନ୍ଦ୍ରଙ୍କ ବିଗ୍ରହକୁ ଏକ ପଲ୍ଲକୀ ଶୋଭାଯାତ୍ରାରେ ଉଲ୍ଲାସପୂର୍ଣ୍ଣ ଭଜନ ଏବଂ କୀର୍ତ୍ତନ ସହିତ ପରିକ୍ରମା କରାଯାଇଥିଲା ପାରମ୍ପରିକ ବୈଦିକ ସ୍ତୁତି ଗାନ ସହିତ ଏକ ଭବ୍ୟ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏବଂ ତା'ପରେ ଷୋଡଶ ଉପଚାର କରାଯାଇଥିଲା। ଶ୍ରୀ ରାଧାକୃଷ୍ଣଙ୍କୁ ସୁଗନ୍ଧିତ ତୈଳ ଲେପନ କରାଯାଇଥିଲା ଏବଂ ପଞ୍ଚାମୃତ ସ୍ନାନ (ଦୁଗ୍ଧ, ଦହି, ଘିଅ, ମହୁ, ମଧୁର ଜଳ) ଓ ସମସ୍ତ ପବିତ୍ର ନଦୀର ଜଳରେ ସ୍ନାନ କରାଯାଇଥିଲା। ତା'ପରେ ଶ୍ରୀ ରାଧା କୃଷ୍ଣଙ୍କୁ ଚନ୍ଦନ ପେଷ୍ଟରେ ଲେପ ଦିଆଯାଇଥିଲା ଏବଂ ପଞ୍ଚାମୃତ ସ୍ନାନ (ଦୁଗ୍ଧ, ଦହି, ଘିଅ, ମହୁ, ମଧୁର ଜଳ) ତତ୍ପରେ ଫାଲୋଦକ ସ୍ନାନ (ଫଳର ତାଜା ରସ) ଏବଂ ସମସ୍ତ ପବିତ୍ର ନଦୀର ଜଳ ସହିତ ସ୍ନାନ କରାଯାଇଥିଲା। ତା'ପରେ ଭଗବାନଙ୍କୁ ଚନ୍ଦନ ଲେପ ଦିଆଯାଇ ଗଙ୍ଗା ଜଳରେ ସ୍ନାନ କରାଯାଇଥିଲା। ଫୁଲର ଏକ କୋମଳ ଶଯ୍ୟାରେ ଆଚ୍ଛାଦିତ ହେବା ପର୍ଯ୍ୟନ୍ତ, ଭଗବାନଙ୍କ ଉପରେ ବିଭିନ୍ନ ପ୍ରକାରର ପୁଷ୍ପ ବୃଷ୍ଟି କରାଯାଇଥିଲା। ଶ୍ରୀ ରାଧା କୃଷ୍ଣଙ୍କ ନିକଟରେ ମହାମଙ୍ଗଳ ଆରତୀ ଏବଂ ଛପନ ଭୋଗ (୫୬ଟି ବିଶେଷ ଭୋଗ) ଅର୍ପଣ କରାଯାଇଥିଲା ଯାହାକି ପରିଶେଷରେ ଭକ୍ତମାନଙ୍କୁ ବଣ୍ଟନ ହୋଇଥିଲା ।

### ମଧ୍ୟପ୍ରଦେଶରେ ଓଡ଼ିଆ ଶ୍ରଦ୍ଧାଳୁଙ୍କ ଦୁର୍ଘଟଣାଜନିତ ମୃତ୍ୟୁରେ ଶୋକପ୍ରକାଶ

# ସହାୟତା ଯୋଗାଇଦେବା ପାଇଁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ମଧ୍ୟପ୍ରଦେଶର ଆଗର ମାଲୱା ଜିଲ୍ଲାରେ ଘଟିଥିବା ଏକ ଅଭାବନୀୟ ଦୁର୍ଘଟଣାରେ ଓଡ଼ିଆ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ଘଟିବା ଖବର ଶୁଣି ଶୋକ ପ୍ରକାଶ କରିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ ଶୋକ ବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମଧ୍ୟପ୍ରଦେଶର ଆଗର ମାଲୱା ଜିଲ୍ଲାରେ ଅଭାବନୀୟ ଘଟଣାରେ ଓଡ଼ିଆ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ହେବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଏହି ଅସହ୍ୟ ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ସହ ଆଲୋଚନା କରିଛନ୍ତି । ପୀଡ଼ିତ ପରିବାରକୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇଦେବା ପାଇଁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି ।

# ଜିଲ୍ଲା ବିଜେପିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

କଟକ,(ସବ୍ୟୁ): ଭାରତୀୟ ଜନତା ପାର୍ଟି, କଟକ ଜିଲ୍ଲା ପକ୍ଷରୁ ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳୀୟ ସଂଗଠନ ସମ୍ପର୍କିତ ବିଭିନ୍ନ ବିଷୟ ସହ ଆଗାମୀ କାର୍ଯ୍ୟକ୍ରମର ରୂପରେଖା ଓ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ ଧ୍ୱଜ ଉତ୍ତୋଳନ, ମଞ୍ଚାସୀନ ଅତିଥିଙ୍କ ଆସନ ଗ୍ରହଣ, ପ୍ରଦୀପ ପ୍ରଜ୍ୱଳନ, ବନ୍ଦେ ମାତରମ୍ ଗାନ, ରାଜନୈତିକ ଚିଠା ପ୍ରସ୍ତାବ ଗୃହୀତ, ଶୋକ ପ୍ରସ୍ତାବ, ମହିଳା ସଶକ୍ତିକରଣ, କୃଷି ଓ କୃଷକ ସମ୍ପର୍କିତ ବିଷୟ, ମଣ୍ଡଳ ସଂଗଠନ ଏବଂ ଆଗାମୀ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯାଇଥିଲା। ଏଥିସହ ମଣ୍ଡଳ ଓ ଜିଲ୍ଲାସ୍ତରରେ ସଂଗଠନକୁ ଅଧିକ ସୁଦୃଢ଼ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା।

ବୈଠକରେ ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଲୋକସଭା ସାଂସଦ ବିଭୁ ପ୍ରସାଦ ତରାଇ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ସରୋଜ କର, ଦିଲ୍ଲୀପ ମଲ୍ଲିକ, ଜିଲ୍ଲା ପ୍ରଭାରୀ ଜ୍ଞାନ ଦେବ ବେଉରା, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ପୂର୍ବତନ ବିଧାୟକ ଡ. ପ୍ରଭାତ ରଂଜନ ବିଶ୍ୱାଳଙ୍କ ସମେତ ବିନୋଦ ଦାଶ, ସୁଶାନ୍ତ ମଲ୍ଲିକ, ଶୁଭ୍ରାଂଶୁ ମୋହନ ପାଢ଼ୀ, ରଶ୍ମୀ ରେଖା ଦାସ, ଶ୍ରୀତମ ଦାସ, ଲଳାଟେନ୍ଦୁ ବକ୍ସି, ତୁଷାରକାନ୍ତ ଚକ୍ରବର୍ତ୍ତୀ, ରାମ ନାରାୟଣ ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ, ହୃଷୀକେଶ ଜେନା ଓ ପ୍ରଦୀପ ସ୍ୱାଇଁଙ୍କ ସମେତ ବରିଷ୍ଠ ନେତୃତ୍ୱ ମଞ୍ଚରେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାର ବରିଷ୍ଠ ଉପସଭାପତି ବିଶ୍ୱ ରଞ୍ଜନ ମିଶ୍ର ସଭା ସଂଚାଳନ କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଉପସଭାପତି ଭାଗିରଥି ଦଳାଇ ରାଜନୈତିକ ଚିଠା ପ୍ରସ୍ତାବ ଉପସ୍ଥାପନ କରିଥିବା ବେଳେ ଉପସଭାପତି ଜଗନ୍ନାଥ ପରିଡ଼ା ଶୋକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସର୍ବଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାରୁ ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ରାଜ୍ୟ ନେତୃତ୍ୱ, ଜିଲ୍ଲା ଓ ମୋର୍ଚ୍ଚା ପଦାଧିକାରୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ, ମିଡିଆ, ଆଇଟି, ସୋସିଆଲ ମିଡିଆ ଓ ସ୍ୱାସ୍ଥ୍ୟ କୋ-ଅର୍ଡିନେଟରଙ୍କ ସମେତ ବିଭିନ୍ନ ମଣ୍ଡଳର ସଭାପତି ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଏକାମ୍ର ରାଜା ମହୋତ୍ସବରେ ଡ. ତିରୁପତି ପାଣିଗ୍ରାହୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର() ପୁରୁଣାବ୍ରହ୍ମପୁର ବିଡେଇବାଙ୍କ ଛକରେ ବିଘ୍ନବିନାଶକ ଗଣପତିଙ୍କ ପୂଜା ମହାସମାରୋହରେ ଆୟୋଜିତ ହେଉଛି । ସ୍ଥାନୀୟ ଯୁବକଙ୍କ ଉଦ୍ୟମ ସହ ଏକାମ୍ର ରାଜା ମହୋତ୍ସବ ଚାରିଟେବଲ ଟ୍ରଷ୍ଟ ସଂପୂର୍ଣ୍ଣ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରୁଛି ଓ ଗଣପତି ପୂଜା ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ହାଇଟେକ୍ ଗ୍ରୁପ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କୁ



ସମ୍ବର୍ଦ୍ଧିତ କରାଯାଇଛି, ଓ ଡକ୍ଟର ତିରୁପତି ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ଏଭଳି ବିଶାଳ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଏ ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବା ସହ ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ନିଶ୍ଚିତ ରୂପେ ପ୍ରଶଂସନୀୟ ଓ ହାଇଟେକ୍ ସବୁବେଳେ ଲୋକଙ୍କ ସେବା ସହ ସେମାନଙ୍କ ସହ ସବୁ ସମୟରେ ଠିଆ ହେବାର ସୌଭାଗ୍ୟ ଅର୍ଜନ କରିଛି। ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲେଚନା ଦାଶ,ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ, ବରିଷ୍ଠ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ନେତା ଅଶୋକ ପଣ୍ଡା, ଭୂପିନ୍ଦର ସିଂଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ଉଠାଇଥିଲେ ।

# ହିଣ୍ଡାଲ୍‌କୋର ହୀରାକୁଦ ସ୍ମେଲଟର୍ ଆଣ୍ଡ ପାୱାର ଏବଂ ଆଦିତ୍ୟ ଆଲୁମିନିୟମ୍‌କୁ ପ୍ରଦୂଷଣ ନିୟନ୍ତ୍ରଣ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ ଧାତବ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡକୁ ସଫଳତାର ସହିତ ପ୍ରଦୂଷଣ ନିୟନ୍ତ୍ରଣ, ପରିବେଶର ଯତ୍ନ ଓ ସୁରକ୍ଷା ଏବଂ



ଦାୟିତ୍ୱସମ୍ପନ୍ନ ଶିଳ୍ପ କାର୍ଯ୍ୟାଭ୍ୟାସ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି), ଓଡ଼ିଶା ନିକଟରୁ ଦୁଇଟି ସମ୍ମାନଜନକ ସ୍ୱୀକୃତି ମିଳିଛି । ହିଣ୍ଡାଲ୍‌କୋର ହୀରାକୁଦ ସ୍ମେଲଟର୍ ଆଣ୍ଡ ପାୱାରକୁ "ପଲ୍ୟୁସନ କଂଟ୍ରୋଲ ଆପ୍ରିସିଏସନ୍ ଆୱାର୍ଡ ୨୦୨୬" (ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶସ୍ତି ପୁରସ୍କାର ୨୦୨୬) ମିଳିଥିବାବେଳେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ଅଗ୍ରଣୀ ବିନିର୍ମାଣ ୟୁନିଟ୍ ଆଦିତ୍ୟ ଆଲୁମିନିୟମ୍‌କୁ ଶିଳ୍ପ ସହର ବର୍ଗରେ "ଏମ୍‌କେ ରାଉତ ପଲ୍ୟୁସନ କଂଟ୍ରୋଲ ଏକ୍ସଲେନ୍ସ ଆୱାର୍ଡ ୨୦୨୬" (ଏମ୍‌କେ ରାଉତ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ ପୁରସ୍କାର ୨୦୨୬)ରେ ସମ୍ମାନିତ କରାଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୪୩ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରରେ ସେପ୍ଟେମ୍ବର ୧୮, ୨୦୨୬ରେ ଆୟୋଜିତ ହେବା ଅବସରରେ ଏହି ପୁରସ୍କାରଗୁଡିକ ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ଗୁଡିକ ଗଣେଶ ରାମ ସିଂ ଖୁଣ୍ଟିଆ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ଇଏସ୍‌ଆଇ ମନ୍ତ୍ରୀ; ବରିଷ୍ଠ ସରକାରୀ ଅଧିକାରୀ, ପରିବେଶ କର୍ତ୍ତୃପକ୍ଷ ଏବଂ ଶିଳ୍ପ ନେତୃତ୍ୱଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ । ଏହି ପୁରସ୍କାର ପ୍ରତାପ ସାହୁ, ପ୍ଲାଣ୍ଟ ହେଡ୍, ହୀରାକୁଦ ସ୍ମେଲ୍‌ଟର; ଅର୍ଦ୍ଧେନ୍ଦୁ ମହାପାତ୍ର, ହେଡ୍- କର୍ପୋରେଟ ଆଫେୟାର୍ସ; ସୌଭାଗ୍ୟ କେ ତ୍ରିପାଠୀ, ଡେପୁଟି ହେଡ୍- କର୍ପୋରେଟ ଆଫେୟାର୍ସ; ଏବଂ ରଞ୍ଜନ ଜେନା, ହେଡ୍- ଏନଭାରିଓନ୍‌ମେଣ୍ଟ ଗ୍ରହଣ କରିଥିଲେ । ଆଦିତ୍ୟ ଆଲୁମିନିୟମକୁ ଏହାର ସଫଳ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପସମୂହ ଏବଂ ମଜଭୁତ ପରିବେଶ ପରିଚାଳନା କାର୍ଯ୍ୟାଭ୍ୟାସ ନିମନ୍ତେ ଶିଳ୍ପ ସହର ବର୍ଗରେ ସମ୍ମାନିତ କରାଯାଇଥିଲା । ଏହି ପୁରସ୍କାର ଶ୍ରୀ ଜଗନ୍ନାଥ ପି ନାୟକ, ୟୁନିଟ ହେଡ୍, ଆଦିତ୍ୟ ଆଲୁମିନିୟମ; ଅର୍ଦ୍ଧେନ୍ଦୁ ମହାପାତ୍ର, ହେଡ୍- କର୍ପୋରେଟ ଆଫେୟାର୍ସ; ସୌଭାଗ୍ୟ କେ ତ୍ରିପାଠୀ, ଡେପୁଟି ହେଡ୍- କର୍ପୋରେଟ ଆଫେୟାର୍ସ; ଲଳିତ ଚରଣ; ଏବଂ ଶ୍ୟାମଲେନ୍ଦୁ ମହାପାତ୍ର ଗ୍ରହଣ କରିଥିଲେ ।

# ଏଆଇ+ ସ୍ମାର୍ଟଫୋନ୍ ସେବା ନେଟୱର୍କ ୧,୦୦୦ରୁ ଅଧିକ ସେବା କେନ୍ଦ୍ରକୁ ବୃଦ୍ଧି

ଭୁବନେଶ୍ୱର (ସବ୍ୟୁ): ଭାରତରେ ଗ୍ରାହକଙ୍କୁ ବିକ୍ରୟ ପରବର୍ତ୍ତୀ ସେବାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏଆଇ+ ସ୍ମାର୍ଟଫୋନ୍ ଦେଶବ୍ୟାପୀ ଏହାର ସେବା ନେଟୱର୍କକୁ ୧,୦୦୦ରୁ ଅଧିକ ସେବା କେନ୍ଦ୍ରକୁ ବୃଦ୍ଧି କରିବାକୁ ଯୋଜନା କରିଛି। ଏହା ସହିତ ଚଳିତ ଦୀପାବଳିରେ ଦିଲ୍ଲୀରେ ଏହାର ପ୍ରଥମ ସ୍ୱତନ୍ତ୍ର ଏଆଇ + ସେବା କେନ୍ଦ୍ର ସ୍ଥାପନ କରାଯିବ। ଭୌତିକ ସେବା ଭିତିଭୂମିର ସମ୍ପ୍ରସାରଣ ସହିତ କମ୍ପାନୀ 'ଏଆଇ+ ସହାୟତା ଆପ୍' ମଧ୍ୟ ଆଣିବାକୁ ଯାଉଛି। ଏହା ଏକ ସମନ୍ୱିତ ଡିଜିଟାଲ୍ ମଂଚ ଭାବେ କାର୍ଯ୍ୟ କରିବ, ଯେଉଁଠାରେ ଡିଭାଇସ୍ ସହାୟତା, ସେବା ବୁକିଂ, ଅଭିଯୋଗ ଟିକେଟ୍‌ର ଅବସ୍ଥା ଜାଣିବା ଏବଂ ସମସ୍ୟା ସମାଧାନ ସହାୟତା ଭଳି ସୁବିଧା ଏକ ସ୍ଥାନରେ ଉପଲବ୍ଧ ହେବ। ଏହି ସମ୍ପ୍ରସାରଣ ମାଧ୍ୟମରେ ବର୍ତ୍ତମାନର ୮୦୦ରୁ ଅଧିକ ସେବା କେନ୍ଦ୍ର ସହିତ ଆଉ ୨୦୦ରୁ ଅଧିକ ନୂଆ ସେବା କେନ୍ଦ୍ର ଯୋଡ଼ି ହେବ। ଫଳରେ ସାରା ଭାରତରେ ଏଆଇ +ର ବିକ୍ରୟ ପରବର୍ତ୍ତୀ ସେବାର ପରିସର ଆହୁରି ବ୍ୟାପକ ହେବ। ଭୌତିକ ଓ ଡିଜିଟାଲ୍ ସେବାର ଏହି ସମ୍ପ୍ରସାରଣ ଦ୍ୱାରା ଗ୍ରାହକଙ୍କ ପାଇଁ ସେବାକୁ ଅଧିକ ସୁଗମ, ସ୍ୱଚ୍ଛ ଓ ସମାନ ମାନର କରିବା ଲକ୍ଷ୍ୟ ରଖାଯାଇଛି।

# କେଭିନକେୟାର ଓ ଏମଏମଏ ପକ୍ଷରୁ ଚିନ୍ନିକ୍ରିଷ୍ଣନ ଇନୋଭେଶନ ଆୱାର୍ଡସ୍

ଭୁବନେଶ୍ୱର, (ସବ୍ୟୁ): ମାଡ୍ରାସ ମ୍ୟାନେଜମେଂଟ ଆସୋସିଏଶନ (ଏମଏମଏ) ସହ ସହଭାଗିତାରେ କେଭିନକେୟାର ପକ୍ଷରୁ ଚେନ୍ନାଇସ୍ଥିତ ଆଇଆଇଟି ମାଡ୍ରାସ ରିସର୍ଚ୍ଚ ପାର୍କ ଅଡିଟୋରିୟମଠାରେ ଆୟୋଜିତ ଚିନ୍ନିକ୍ରିଷ୍ଣନ ଇନୋଭେଶନ ଆୱାର୍ଡସ ୨୦୨୬ର ୧୫ତମ ସଂସ୍କରଣରେ ଭାରତର ଦକ୍ଷ ଉଦ୍ଭାବକ ଓ ଉଦୀୟମାନ ଆଇଡିଆ-ମେକର୍‌ଙ୍କୁ ସମ୍ମାନିତ କରାଯାଇଛି । ଏହି ସମାରୋହରେ ଭଲ୍‌ଭୋ ଗ୍ରୁପ ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ କମଲ ବାଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ଆୱାର୍ଡ ସମଗ୍ର ଭାରତରୁ ୮୫୦ରୁ ଅଧିକ ନୋମିନେଶନ ମିଳିଛି, ଯାହା ଉଦ୍ଭାବନ-ପରିଚାଳିତ ଉଦ୍ୟୋଗିକତା କ୍ଷେତ୍ରରେ ବର୍ଦ୍ଧିତ ଆଗ୍ରହକୁ ପ୍ରତିଫଳନ କରୁଛି । ଇନୋଭେଶନ ବର୍ଗକୁ ଏକ ପ୍ରତିଷ୍ଠିତ ନ୍ୟାଶନାଲ ଜୁରୀ ଦ୍ୱାରା ସ୍ୱତନ୍ତ୍ରତା, ସମସ୍ୟା ସମାଧାନକାରୀ କ୍ଷମତା, ସହଜତା, ବ୍ୟାପକତା, ସାମାଜିକ ପ୍ରଭାବ ଓ ସ୍ଥାୟିତ୍ୱ ଉପରେ ମୂଲ୍ୟାୟନ କରାଯାଇଥିଲା ।

ଚଳିତ ବର୍ଷ ଏହି ସମ୍ମାନ ଗ୍ରେଟ ଆଇଡିଆଜ୍ ବର୍ଗରେ ୧୦ଟି ପ୍ରବେଶକୁ ମଧ୍ୟ ସ୍ୱୀକୃତି ଦେଇଥିଲା, ଯାହା ଉନ୍ନତ ବିଚାରଧାରା ଓ ଉଦ୍ଭାବନ ପାଇଁ ଦେଶର ଅନ୍ୟତମ ସର୍ବାଧିକ ପ୍ରତିଷ୍ଠିତ ସମ୍ମାନ ଭାବେ



ଏହାର ସ୍ଥିତିକୁ ସୁଦୃଢ଼ କରିଛି । ଏହି ବର୍ଗ ଆଶାଜନକ ବିଚାରଧାରାଗୁଡିକୁ ସେଗୁଡିକର ମୌଳିକତା, ସମସ୍ୟା ସମାଧାନକାରୀ କ୍ଷମତା ଓ ପ୍ରାସଙ୍ଗିକତା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ୱୀକୃତି ଦେଇଥିଲା । ଏହି ଅବସରରେ କେଭିନ କେୟାରର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସିକେ ରଙ୍ଗନାଥନ କହିଛନ୍ତି, " ଗତ ୧୫ ବର୍ଷ ମଧ୍ୟରେ ଚିନ୍ନିକ୍ରିଷ୍ଣନ ଇନୋଭେଶନ ଆୱାର୍ଡସର ଯାତ୍ରା ଆମର ବିଶ୍ୱାସକୁ ସୁଦୃଢ଼ କରିଛି ଯେ, ଉଦ୍ଭାବନ ପ୍ରଗତିର କେନ୍ଦ୍ରବିନ୍ଦୁ ଅଟେ ଏବଂ ଏହା ଅନେକ ରୂପ ନେଇପାରେ । ଏହା ସବୁବେଳେ ଏକ ଫିନିଶ୍‌ଡ ପ୍ରଡକ୍ଟ ସହ ଆରମ୍ଭ ହୋଇନଥାଏ, ବେଳେବେଳେ ଏହା ଏକ ପ୍ରଶ୍ନ, ଏକ ପର୍ଯ୍ୟବେକ୍ଷଣ କିମ୍ବା ଏକ ବିଚାର ସହିତ ଆରମ୍ଭ ହୋଇଥାଏ ଯାହା କାର୍ଯ୍ୟଶୈଳୀଗୁଡ଼ିକୁ ଆହ୍ୱାନ ଦେଇଥାଏ । ବିଗତ ବର୍ଷଗୁଡ଼ିକରେ ଏହି ଆୱାର୍ଡ ଏଭଳି ଅଭିନବ ବିଚାରଧାରାଗୁଡ଼ିକୁ ସ୍ୱୀକୃତି ଦେବା ଓ ପ୍ରୋତ୍ସାହିତ କରିବା ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିବା ପାଇଁ କ୍ଷମତା ରଖିଥିବା ଉଦ୍ୟୋଗୀମାନଙ୍କୁ ସହଯୋଗ କରିବା ପାଇଁ ଏକ ମଂଚ ପ୍ରଦାନ କରିଛି ।

## ରେଳ ମନ୍ତ୍ରଣାଳୟ
## [ପୂର୍ବ ତଟ ରେଳପଥ (ନିର୍ମାଣ)]
## ବିଜ୍ଞପ୍ତି
### ନୂଆ ଦିଲ୍ଲୀ, ୦୫ ଅଗଷ୍ଟ ୨୦୨୬
### ରେଳବାଇ ଆଇନ-୧୯୮୯ର ଧାରା ୨୦କ ଅନୁଯାୟୀ ନୋଟିସ୍

ଏସ୍.ଓ. ୪୩୩୭ (ଇ) - ରେଳବାଇ (ସଂଶୋଧନ) ଆଇନ, ୧୯୮୯ (୨୪/୮୯) (ଏଠାରେ ପରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା ୨୦କ ର ଉପ-ଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର, ସନ୍ତୁଷ୍ଟ ହେବା ପରେ ଯେ ସାଧାରଣ ଉଦ୍ଦେଶ୍ୟ ପାଇଁ ବିଶିଷ୍ଟ ରେଳ ପ୍ରକଳ୍ପ, ଯାହାର ନାମ, "ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ ଏବଂ ୱାଲ୍ଟେୟାର୍ ଡିଭିଜନ ଅଧୀନରେ ଭଦ୍ରକ - ବିଜୟନଗରମ (୫୨୫ କି ମି) ମଝିରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (୨୨ କି ମି) ଏବଂ ଖୋର୍ଦ୍ଧା ରୋଡ - ବିଜୟନଗରମ (୩୬୩ କି ମି) ମଝି ରେ ତୃତୀୟ ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲ୍ଲା – ଗଞ୍ଜାମ, ରାଜ୍ୟ - ଓଡ଼ିଶାରେ ଆବଶ୍ୟକ ଜମି, ଯାହାର ସଂକ୍ଷିପ୍ତ ବର୍ଣ୍ଣନା ଏଠାରେ ସଂଲଗ୍ନ ସୂଚୀରେ ଦିଆଯାଇଛି, ଏପରି ଜମି ଅଧିଗ୍ରହଣ କରିବାର ତାଙ୍କର ଉଦ୍ଦେଶ୍ୟ ଘୋଷଣା କରନ୍ତି ।

ଉକ୍ତ ଜମିରେ ଆଗ୍ରହୀ ଯେକୌଣସି ବ୍ୟକ୍ତି ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ତାରିଖରୁ ତିରିଶ ଦିନ ମଧ୍ୟରେ, ଉକ୍ତ ଆଇନର ଧାରା ୨୦ଘ ର ଉପ-ଧାରା (୧) ଅନୁଯାୟୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏପରି ଜମି ଅଧିଗ୍ରହଣ ଉପରେ ଆପତ୍ତି ଉଠାଇ ପାରିବେ ।

ପ୍ରତ୍ୟେକ ଆପତ୍ତି ଲିଖିତ ଭାବ ରେ ସକ୍ଷମ କର୍ତ୍ତୃପକ୍ଷ, ଅର୍ଥାତ୍ ଭୂମି ଅଧିଗ୍ରହଣ ଅଧିକାରୀ, ଗଞ୍ଜାମ, ରାଜ୍ୟ - ଓଡ଼ିଶାଙ୍କ ନିକଟରେ ଦାଖଲ କରାଯିବ ଯେଉଁଥିରେ ଏହାର କାରଣ ଉଲ୍ଲେଖ ରହିବ ଏବଂ ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିକର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଆଇନଜୀବୀଙ୍କ ମାଧ୍ୟମରେ ଶୁଣାଣୀର ସୁଯୋଗ ଦେବେ ଏବଂ ସମସ୍ତ ଆପତ୍ତି ଶୁଣିବା ପରେ ଏବଂ ଯଦି କୌଣସି ତଦନ୍ତ କରାଯାଏ, ଯଦି ଆବଶ୍ୟକ ମନେ କରନ୍ତି, ତେବେ ନିର୍ଦ୍ଦେଶ ଦ୍ୱାରା ଆପତ୍ତିଗୁଡ଼ିକୁ ଅନୁମତି ଦେଇ ପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରି ପାରିବେ ।

ଉକ୍ତ ଆଇନ ର ୨୦ଘ ର ଉପ-ଧାରା (୨) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆ ଯାଇଥିବା ଯେକୌଣସି ଆଦେଶ ଚୂଡ଼ାନ୍ତ ହେବ ।

ଏହି ବିଜ୍ଞପ୍ତି ଅଧୀନରେ ଥିବା ଜମିର ଭୂମି ନକ୍ସା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ଏବଂ ଆଗ୍ରହୀ ବ୍ୟକ୍ତି ସକ୍ଷମ ଅଧିକାରୀଙ୍କ ଉପରୋକ୍ତ କାର୍ଯ୍ୟାଳୟରେ ଯାଞ୍ଚ କରି ପାରିବେ ।

### ଅନୁସୂଚୀ

"ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ଏବଂ ୱାଲ୍ଟିୟର ମଣ୍ଡଳ ଅଧୀନରେ ଭଦ୍ରକ - ବିଜୟନଗରମ (୫୨୫ କି ମି) ମଝିରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (୨୨ କି ମି) ଏବଂ ଖୋର୍ଦ୍ଧା ରୋଡ୍ - ବିଜୟନଗରମ (୩୬୩ କି ମି) ମଝିରେ ତୃତୀୟ ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲ୍ଲା – ଗଞ୍ଜାମ, ରାଜ୍ୟ - ଓଡ଼ିଶାରେ ଆବଶ୍ୟକ ଜମି, ନିର୍ମାଣ ସହିତ କିମ୍ବା ବିନା ନିର୍ମାଣରେ, ଅଧିଗ୍ରହଣ କରିବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା (ପରିଶିଷ୍ଟ-୧) ଏଠାରେ ସଂଲଗ୍ନ।

ଏନେକ୍ସର-I

| କ୍ର. ସଂ. | ମୌଜା ନାମ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ଚକ ସଂଖ୍ୟା | ଜମିର କିସମ | ରକବା କ୍ଷେତ୍ର (ଏକର) | ଅଧିଗ୍ରହଣ କ୍ଷେତ୍ର (ଏକର) | ଜମିର ପ୍ରକାର |
|---|---|---|---|---|---|---|---|---|
| ୧ | ହଳଦିଆପଦର | ୧୧୯୬ | ୮୯୦ | - | ବିଲ ଜଳସେଚିତ ଦୋଫସଲି | ୦.୧୩୫ | ୦.୦୧୦ | ବ୍ୟକ୍ତିଗତ |
| ୨ | ହଳଦିଆପଦର | ୧୪୮୨/୭୭୩୭ | ୮୯୦/୩୫୨୦ | - | ବିଲ ଜଳସେଚିତ ଦୋଫସଲି | ୦.୦୦୬ | ୦.୦୦୧ | ବ୍ୟକ୍ତିଗତ |
| ୩ | ହଳଦିଆପଦର | ୧୪୮୨/୮୨୨ | ୮୯୦/୩୬୬୯ | - | ଘରବାରି | ୦.୦୨୪ | ୦.୦୦୩ | ବ୍ୟକ୍ତିଗତ |
| ୪ | ହଳଦିଆପଦର | ୧୪୮୨/୧୦୪୩ | ୮୯୦/୩୯୬୮ | - | ଘରବାରି | ୦.୦୫୫ | ୦.୦୦୧ | ବ୍ୟକ୍ତିଗତ |
| ୫ | ହଳଦିଆପଦର | ୨୯୦ | ୮୯୧ | - | ବିଲ ଜଳସେଚିତ ଦୋଫସଲି | ୦.୦୩୩ | ୦.୦୦୬ | ବ୍ୟକ୍ତିଗତ |
| ୬ | ହଳଦିଆପଦର | ୨୯୭ | ୮୯୨ | - | ବିଲ ଜଳସେଚିତ ଦୋଫସଲି | ୦.୦୨୨ | ୦.୦୦୮ | ବ୍ୟକ୍ତିଗତ |
| ୭ | ହଳଦିଆପଦର | ୧୪୮୨/୪୧୬୩ | ୮୯୩ | - | ବିଲ ଜଳସେଚିତ ଦୋଫସଲି | ୦.୪୦୮ | ୦.୦୪୬ | ବ୍ୟକ୍ତିଗତ |
| ୮ | ହଳଦିଆପଦର | ୧୪୮୨/୨୦୨୪ | ୯୮୫୮ | - | ଘରବାରି | ୦.୦୦୬ | ୦.୦୦୪ | ବ୍ୟକ୍ତିଗତ |
| ୯ | ହଳଦିଆପଦର | ୧୪୮୨/୫୫୨୯ | ୯୮୫୮/୪୫୦୯ | - | ବିଲ ଜଳସେଚିତ ଏକ ଫସଲି | ୦.୦୦୬ | ୦.୦୦୧ | ବ୍ୟକ୍ତିଗତ |
| ୧୦ | ହଳଦିଆପଦର | ୧୪୮୨/୧୯୨୧ | ୯୮୫୮/୪୨୨୪ | - | ବିଲ ଜଳସେଚିତ ଏକ ଫସଲି | ୦.୦୧୨ | ୦.୦୦୨ | ବ୍ୟକ୍ତିଗତ |
| ୧୧ | ହଳଦିଆପଦର | ୧୪୮୨/୧୯୮୨ | ୯୮୫୮/୪୨୦୧ | - | ବିଲ ଜଳସେଚିତ ଏକ ଫସଲି | ୦.୦୨୪ | ୦.୦୦୩ | ବ୍ୟକ୍ତିଗତ |
| ୧୨ | ହଳଦିଆପଦର | ୧୪୮୨/୪୫୮ | ୯୮୫୬ | - | ଘରବାରି | ୦.୦୧୬ | ୦.୦୦୮ | ବ୍ୟକ୍ତିଗତ |
| ୧୩ | ହଳଦିଆପଦର | ୧୪୮୨/୫୫୨୯ | ୯୮୫୬/୪୫୦୮ | - | ଘରବାରି | ୦.୦୧୨ | ୦.୦୦୨ | ବ୍ୟକ୍ତିଗତ |
| ୧୪ | ହଳଦିଆପଦର | ୧୪୮୨/୨୨୭୫ | ୯୮୫୬/୪୬୨୩ | - | ଘରବାରି | ୦.୦୨୪ | ୦.୦୦୩ | ବ୍ୟକ୍ତିଗତ |
| ୧୫ | ହଳଦିଆପଦର | ୧୪୮୨/୧୯୮୨ | ୯୮୫୬/୪୬୦୨ | - | ଘରବାରି | ୦.୦୫୩ | ୦.୦୦୩ | ବ୍ୟକ୍ତିଗତ |
| ୧୬ | ହଳଦିଆପଦର | ୧୪୮୨/୪୮୮୨ | ୯୮୫୬/୭୫୫୬ | - | ଘରବାରି | ୦.୦୧୦ | ୦.୦୦୨ | ବ୍ୟକ୍ତିଗତ |
| ୧୭ | ହଳଦିଆପଦର | ୯୪୫ | ୯୮୫୬ | - | ବିଲ ଜଳସେଚିତ ଏକ ଫସଲି | ୦.୦୮୨ | ୦.୦୦୯ | ବ୍ୟକ୍ତିଗତ |
| ୧୮ | ହଳଦିଆପଦର | ୧୪୮୨/୩୭୩୫ | ୯୮୫୬/୪୧୧୨ | - | ଘରବାରି | ୦.୦୦୧ | ୦.୦୦୧ | ବ୍ୟକ୍ତିଗତ |
| ୧୯ | ହଳଦିଆପଦର | ୧୪୮୨/୧୫୮୭ | ୯୮୫୬/୪୫୫୧ | - | ଘରବାରି | ୦.୦୧୧ | ୦.୦୦୨ | ବ୍ୟକ୍ତିଗତ |
| ୨୦ | ହଳଦିଆପଦର | ୧୪୮୨/୧୫୯୧ | ୯୮୫୬/୪୫୫୬ | - | ଘରବାରି | ୦.୦୦୨ | ୦.୦୦୧ | ବ୍ୟକ୍ତିଗତ |
| ୨୧ | ହଳଦିଆପଦର | ୧୪୮୨/୧୯୨୧ | ୯୮୫୬/୪୨୨୨ | - | ବିଲ ଜଳସେଚିତ ଏକ ଫସଲି | ୦.୦୦୨ | ୦.୦୦୨ | ବ୍ୟକ୍ତିଗତ |
| ୨୨ | ହଳଦିଆପଦର | ୧୪୮୨/୯୮୧୭ | ୯୮୫୬/୪୬୮୦ | - | ଘରବାରି | ୦.୦୦୮ | ୦.୦୦୩ | ବ୍ୟକ୍ତିଗତ |
| ୨୩ | ହଳଦିଆପଦର | ୧୪୮୨/୩୮୧୫ | ୯୮୫୬/୬୮୧୪ | - | ବିଲ ଜଳସେଚିତ ଏକ ଫସଲି | ୦.୦୦୬ | ୦.୦୦୨ | ବ୍ୟକ୍ତିଗତ |
| ୨୪ | ହଳଦିଆପଦର | ୧୪୮୨/୫୧୨୮ | ୯୮୫୬/୭୯୩୪ | - | ବିଲ ଜଳସେଚିତ ଏକ ଫସଲି | ୦.୦୦୮ | ୦.୦୦୩ | ବ୍ୟକ୍ତିଗତ |
| ୨୫ | ହଳଦିଆପଦର | ୯୦୭ | ୯୮୫୫ | - | ବିଲ ଜଳସେଚିତ ଏକ ଫସଲି | ୦.୦୨୮ | ୦.୦୦୬ | ବ୍ୟକ୍ତିଗତ |
| ୨୬ | ହଳଦିଆପଦର | ୧<br>୪୮୨/୩୭୩୫ | ୯୮୫୫/୪୧୧୧ | - | ଘରବାରି | ୦.୦୦୧ | ୦.୦୦୧ | ବ୍ୟକ୍ତିଗତ |
| ୨୭ | ହଳଦିଆପଦର | ୧୪୮୨/୧୫୮୭ | ୯୮୫୫/୪ ୫୫୨ | - | ଘରବାରି | ୦.୦୩୮ | ୦.୦୦୪ | ବ୍ୟକ୍ତିଗତ |
| ୨୮ | ହଳଦିଆପଦର | ୧୪୮୨/୧୫୯୧ | ୯୮୫୫/୪୫୫୫ | - | ଘରବାରି | ୦.୦୧୪ | ୦.୦୦୩ | ବ୍ୟକ୍ତିଗତ |
| ୨୯ | ହଳଦିଆପଦର | ୧୪୮୨/୯୮୧୭ | ୯୮୫୫/୪୬୭୯ | - | ଘରବାରି | ୦.୦୧୪ | ୦.୦୦୨ | ବ୍ୟକ୍ତିଗତ |
| ୩୦ | ହଳଦିଆପଦର | ୧୪୮୨/୩୮୧୫ | ୯୮୫୫/୬୮୧୫ | - | ବିଲ ଜଳସେଚିତ ଏକ ଫସଲି | ୦.୦୨୬ | ୦.୦୦୩ | ବ୍ୟକ୍ତିଗତ |
| ୩୧ | ହଳଦିଆପଦର | ୧୪୮୨/୫୧୨୮ | ୯୮୫୫/୭୯୩୫ | - | ବିଲ ଜଳସେଚିତ ଏକ ଫସଲି | ୦.୦୧୪ | ୦.୦୦୧ | ବ୍ୟକ୍ତିଗତ |
| ୩୨ | ହଳଦିଆପଦର | ୪୯୮ | ୯୮୩୮ | - | ପତିତ (ଖଲା) | ୦.୦୭୩ | ୦.୦୩୯ | ବ୍ୟକ୍ତିଗତ |
| ୩୩ | ହଳଦିଆପଦର | ୧୪୮୨/୩୧୭୭ | ୯୮୩୮/୬୨୨୮ | - | ପତିତ (ଖଲା) | ୦.୦୧୯ | ୦.୦୦୮ | ବ୍ୟକ୍ତିଗତ |
| ୩୪ | ହଳଦିଆପଦର | ୧୪୮୨/୩୧୭୮ | ୯୮୩୮/୬୨୨୯ | - | ଘରବାରି | ୦.୦୧୮ | ୦.୦୧୦ | ବ୍ୟକ୍ତିଗତ |
| ୩୫ | ହଳଦିଆପଦର | ୨୫୧ | ୯୮୩୭ | - | ପତିତ (ଖଲା) | ୦.୦୧୨ | ୦.୦୧୨ | ବ୍ୟକ୍ତିଗତ |
| ୩୬ | ହଳଦିଆପଦର | ୧୪୮୨/୩୫୦୪ | ୯୮୩୬ | - | ଘରବାରି | ୦.୦୧୨ | ୦.୦୧୨ | ବ୍ୟକ୍ତିଗତ |
| ୩୭ | ହଳଦିଆପଦର | ୨୮୭ | ୯୮୩୫ | - | ପତିତ (ଖଲା) | ୦.୦୨୪ | ୦.୦୨୪ | ବ୍ୟକ୍ତିଗତ |
| ୩୮ | ହଳଦିଆପଦର | ୧୪୮୨/୩୫୦୪ | ୯୮୩୪ | - | ଘରବାରି | ୦.୦୨୯ | ୦.୦୨୯ | ବ୍ୟକ୍ତିଗତ |
| ୩୯ | ହଳଦିଆପଦର | ୯୫୦ | ୯୮୩୩ | - | ପତିତ (ଖଲା) | ୦.୦୦୬ | ୦.୦୦୩ | ବ୍ୟକ୍ତିଗତ |
| ୪୦ | ହଳଦିଆପଦର | ୧୪୮୨/୨୨୨୪ | ୯୮୩୩/ ୪୮୯୩ | - | ଘରବାରି | ୦.୦୪୨ | ୦.୦୧୨ | ବ୍ୟକ୍ତିଗତ |
| ୪୧ | ହଳଦିଆପଦର | ୫୯୮ | ୧୨୧୯ | - | ବିଲ ଜଳସେଚିତ ଏକ ଫସଲି | ୦.୩୩୨ | ୦.୦୨୪ | ବ୍ୟକ୍ତିଗତ |
| ୪୨ | ହଳଦିଆପଦର | ୧୪୮୨/୧୦୦ | ୧୨୧୯/୩୦୨୦ | - | ଘରବାରି | ୦.୦୩୦ | | ବ୍ୟକ୍ତିଗତ |
| ୪୩ | ହଳଦିଆପଦର | ୧୪୮୨/୧୨୮ | ୧୨୧୯/୩୦୭୭ | - | ଘରବାରି | ୦.୦୨୧ | | ବ୍ୟକ୍ତିଗତ |
| ୪୪ | ହଳଦିଆପଦର | ୧୪୮୨/୬୧୨୦ | ୧୨୧୯/୩୧୨୪ | - | ଘରବାରି | ୦.୦୨୦ | | ବ୍ୟକ୍ତିଗତ |
| ୪୫ | ହଳଦିଆପଦର | ୧୪୮୨/୧୧୩ | ୧୨୧୯/୩୧୨୫ | - | ଘରବାରି | ୦.୦୨୪ | | ବ୍ୟକ୍ତିଗତ |
| ୪୬ | ହଳଦିଆପଦର | ୧୪୮୨/୧୧୪ | ୧୨୧୯/୩୧୨୬ | - | ଘରବାରି | ୦.୦୨୪ | | ବ୍ୟକ୍ତିଗତ |
| ୪୭ | ହଳଦିଆପଦର | ୧୪୮୨/୨୫୯୮ | ୧୨୧୯/୩୧୪୦ | - | ଘରବାରି | ୦.୦୬୭ | | ବ୍ୟକ୍ତିଗତ |
| ୪୮ | ହଳଦିଆପଦର | ୧୪୮୨/୬୨୨୯ | ୧୨୧୯/୩୧୫୩ | - | ଘରବାରି | ୦.୦୨୦ | | ବ୍ୟକ୍ତିଗତ |
| ୪୯ | ହଳଦିଆପଦର | ୧୪୮୨/୨୪୫ | ୧୨୧୯/୩୧୫୯ | - | ଘରବାରି | ୦.୦୨୬ | | ବ୍ୟକ୍ତିଗତ |
| ୫୦ | ହଳଦିଆପଦର | ୧୪୮୨/୧୬୪୨ | ୧୨୧୯/୩୨୪୩ | - | ଘରବାରି | ୦.୦୧୫ | | ବ୍ୟକ୍ତିଗତ |
| ୫୧ | ହଳଦିଆପଦର | ୧୪୮୨/୩ ୯୭ | ୧୨୧୯/୩୨୮୨ | - | ଘରବାରି | ୦.୦୧୮ | | ବ୍ୟକ୍ତିଗତ |
| ୫୨ | ହଳଦିଆପଦର | ୧୪୮୨/୪୧୫ | ୧୨୧୯/୩୨୯୮ | - | ଘରବାରି | ୦.୦୧୪ | | ବ୍ୟକ୍ତିଗତ |
| ୫୩ | ହଳଦିଆପଦର | ୧୪୮୨/୪୬୯ | ୧୨୧୯/୩୩୨୪ | - | ଘରବାରି | ୦.୦୨୬ | | ବ୍ୟକ୍ତିଗତ |
| ୫୪ | ହଳଦିଆପଦର | ୧୪୮୨/୪୭୭ | ୧୨୧୯/୩୩୩୦ | - | ଘରବାରି | ୦.୦୧ ୩ | | ବ୍ୟକ୍ତିଗତ |
| ୫୫ | ହଳଦିଆପଦର | ୧୪୮୨/୫୯୬ | ୧୨୧୯/୩୫୨୩ | - | ଘରବାରି | ୦.୦୩୦ | | ବ୍ୟକ୍ତିଗତ |
| ୫୬ | ହଳଦିଆପଦର | ୧୪୮୨/୮୯୬ | ୧୨୧୯/୩୮୨୯ | - | ବିଲ ଜଳସେଚିତ ଏକ ଫସଲି | ୦.୦୧୪ | | ବ୍ୟକ୍ତିଗତ |
| ୫୭ | ହଳଦିଆପଦର | ୧୪୮୨/୯୬୨୪ | ୧୨୧୯/୩୯୦୮ | - | ଘରବାରି | ୦.୦୨୪ | | ବ୍ୟକ୍ତିଗତ |
| ୫୮ | ହଳଦିଆପଦର | ୧୪୮୨/୨୦୯୦ | ୧୨୧୯/୩୯୦୯ | - | ଘରବାରି | ୦.୦୨୪ | | ବ୍ୟକ୍ତିଗତ |
| ୫୯ | ହଳଦିଆପଦର | ୧୪୮୨/୧୦୯୮ | ୧୨୧୯/୪୦୨୨ | - | ଘରବାରି | ୦.୨୮୦ | | ବ୍ୟକ୍ତିଗତ |
| ୬୦ | ହଳଦିଆପଦର | | ୧୨୧୯/୪୦୨୧ | - | ଘରବାରି | ୦.୧୮୦ | | ବ୍ୟକ୍ତିଗତ |
| ୬୧ | ହଳଦିଆପଦର | ୧୪୮୨/୫୩୩୭ | ୧୨୧୯/୪୨୦୫ | - | ଘରବାରି | ୦.୧୪୦ | | ବ୍ୟକ୍ତିଗତ |
| ୬୨ | ହଳଦିଆପଦର | ୧୪୮୨/୨୦୯୩ | ୧୨୧୯/୪୮୦୨ | - | ଘରବାରି | ୦.୦୧୪ | | ବ୍ୟକ୍ତିଗତ |
| ୬୩ | ହଳଦିଆପଦର | ୧୪୮୨/୩୦୨୦ | ୧୨୧୯/୬୦୧୧ | - | ଘରବାରି | ୦.୦୧୨ | | ବ୍ୟକ୍ତିଗତ |
| ୬୪ | ହଳଦିଆପଦର | ୧୪୮୨/୩୬୧୫ | ୧୨୧୯/୬୬୧୬ | - | ଘରବାରି | ୦.୦୧୪ | | ବ୍ୟକ୍ତିଗତ |
| ୬୫ | ହଳଦିଆପଦର | ୧୪୮୨/୩୬୧୬ | ୧୨୧୯/୬୬୧୩ | - | ଘରବାରି | ୦.୦୪୨ | | ବ୍ୟକ୍ତିଗତ |
| ୬୬ | ହଳଦିଆପଦର | ୧୪୮୨/୩୮୨୮ | ୧୨୧୯/୬୮୨୭ | - | ଘରବାରି | ୦.୦୧୫ | | ବ୍ୟକ୍ତିଗତ |
| ୬୭ | ହଳଦିଆପଦର | ୧୪୮୨/୪୦୩୨ | ୧୨୧୯/୭୦୨୫ | - | ଘରବାରି | ୦.୦୧୬ | | ବ୍ୟକ୍ତିଗତ |
| ୬୮ | ହଳଦିଆପଦର | ୧୪୮୨/୪୦୫୯ | ୧୨୧୯/୭୦୫୧ | - | ଘରବାରି | ୦.୦୬୬ | | ବ୍ୟକ୍ତିଗତ |
| ୬୯ | ହଳଦିଆପଦର | ୧୪୮୨/୪୦୨୦ | ୧୨୧୯/୭୦୫୩ | - | ଘରବାରି | ୦.୦୨୧ | | ବ୍ୟକ୍ତିଗତ |
| ୭୦ | ହଳଦିଆପଦର | ୧୪୮୨/୪୦୬୧ | ୧୨୧୯/୭୦୫୪ | - | ବିଲ ଜଳସେଚିତ ଏକ ଫସଲି | ୦.୦୩୪ | | ବ୍ୟକ୍ତିଗତ |
| ୭୧ | ହଳଦିଆପଦର | ୧୪୮୨/୪୨୨୯ | ୧୨୧୯/୭୨୦୧ | - | ବିଲ ଜଳସେଚିତ ଏକ ଫସଲି | ୦.୦୧୬ | | ବ୍ୟକ୍ତିଗତ |
| ୭୨ | ହଳଦିଆପଦର | ୧୪୮୨/୪୬୬୧ | ୧୨୧୯/୩୫୬୩/<br>୭୫୮୨ | - | ଘରବାରି | ୦.୦୧୫ | | ବ୍ୟକ୍ତିଗତ |
| ୭୩ | ହଳଦିଆପଦର | ୧୪୮୨/୪୬୬୭ | ୧୨୧୯/୩୫୬୩/<br>୭୫୮୯ | - | ଘରବାରି | ୦.୦୧୫ | | ବ୍ୟକ୍ତିଗତ |
| ୭୪ | ହଳଦିଆପଦର | ୧୪୮୨/୨୨୦୩ | ୧୨୧୯/୯୦୩୧ | - | ଘରବାରି | ୦.୦୧୪ | | ବ୍ୟକ୍ତିଗତ |
| ୭୫ | ହଳଦିଆପଦର | ୧୪ ୮୨/୫୦୪ | ୧୨୯୮ | - | ଘରବାରି | ୦.୦୨୦ | ୦.୦୨୦ | ବ୍ୟକ୍ତିଗତ |
| ୭୬ | ହଳଦିଆପଦର | ୨୧ | ୧୨୧୬ | - | ପଦର | ୦.୧୫୦ | ୦.୦୨୪ | ବ୍ୟକ୍ତିଗତ |
| ୭୭ | ହଳଦିଆପଦର | ୮୧୭ | ୧୨୧୫ | - | ବିଲ ଜଳସେଚିତ ଏକ ଫସଲି | ୦.୦୪୨ | ୦.୦୨୦ | ବ୍ୟକ୍ତିଗତ |
| ୭୮ | ହଳଦିଆପଦର | ୧୪୮୨/୩୦୦୯ | ୧୨୧୪ | - | ବିଲ ଜଳସେଚିତ ଏକ ଫସଲି | ୦.୧୦୫ | ୦.୦୪୦ | ବ୍ୟକ୍ତିଗତ |
| ୭୯ | ହଳଦିଆପଦର | ୨୨୫ | ୧୨୧୩ | - | ବିଲ ଜଳସେଚିତ ଏକ ଫସଲି | ୦.୦୫୬ | ୦.୦୦୨ | ବ୍ୟକ୍ତିଗତ |
| ୮୦ | ହଳଦିଆପଦର | ୩୩୯ | ୧୨୧୨ | - | ବିଲ ଜଳସେଚିତ ଏକ ଫସଲି | ୦.୦୨୦ | ୦.୦୩୧ | ବ୍ୟକ୍ତିଗତ |
| ୮୧ | ହଳଦିଆପଦର | ୨୨୦ | ୧୨୧୧ | - | ପତିତ (ଖଲା) | ୦.୦୨୧ | ୦.୦୩୭ | ବ୍ୟକ୍ତିଗତ |
| ୮୨ | ହଳଦିଆପଦର | ୪୭ | ୧୨୧୦ | - | ବିଲ ଜଳସେଚିତ ଏକ ଫସଲି | ୦.୦୭୧ | ୦.୦୫୩ | ବ୍ୟକ୍ତିଗତ |
| ୮୩ | ହଳଦିଆପଦର | ୧୧୩୩ | ୧୨୦୬ | - | ବିଲ ଜଳସେଚିତ ଏକ ଫସଲି | ୦.୦୨୦ | ୦.୦୩୭ | ବ୍ୟକ୍ତିଗତ |
| ୮୪ | ହଳଦିଆପଦର | ୧୪୮୨/୯୭୧ | ୧୨୦୬/୩୧୧୩ | - | ବିଲ ଜଳସେଚିତ ଏକ ଫସଲି | ୦.୦୧୫ | ୦.୦୦୬ | ବ୍ୟକ୍ତିଗତ |
| ୮୫ | ହଳଦିଆପଦର | ୧୪୮୨/୩୧୧୩ | ୧୨୦୪ | - | ବିଲ ଜଳସେଚିତ ଏକ ଫସଲି | ୦.୦୫୫ | ୦.୦୪୦ | ବ୍ୟକ୍ତିଗତ |
| ୮୬ | ହଳଦିଆପଦର | ୯୫୫ | ୧୨୦୨ | - | ବିଲ ଜଳସେଚିତ ଏକ ଫସଲି | ୦.୦୦୮ | ୦.୦୦୪ | ବ୍ୟକ୍ତିଗତ |
| ୮୭ | ହଳଦିଆପଦର | ୧୪୮୨/୧୧୨୧ | ୧୨୦୨/୪୦୩୯ | - | ଘରବାରି | ୦.୦୧୪ | ୦.୦୦୫ | ବ୍ୟକ୍ତିଗତ |
| ୮୮ | ହଳଦିଆପଦର | ୧୪୮୨/୨୯୬୬ | ୧୨୦୨/୪୧୦୮ | - | ବିଲ ଜଳସେଚିତ ଦୋଫସଲି | ୦.୦୩୮ | ୦.୦୧୮ | ବ୍ୟକ୍ତିଗତ |
| ୮୯ | ହଳଦିଆପଦର | ୫୯୮ | ୧୨୦୧ | - | ବିଲ ଜଳସେଚିତ ଦୋଫସଲି | ୦.୧୬୩ | ୦.୦୧୬ | ବ୍ୟକ୍ତିଗତ |

| କ୍ର. ସଂ. | ମୌଜା ନାମ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ଚକ ସଂଖ୍ୟା | ଜମିର କିସମ | ରକବା କ୍ଷେତ୍ର (ଏକର) | ଅଧିଗ୍ରହଣ କ୍ଷେତ୍ର (ଏକର) | ଜମିର ପ୍ରକାର |
|---|---|---|---|---|---|---|---|---|
| ୯୦ | ହଳଦିଆପଦର | ୨୮୧ | ୧୧୧୯ | - | ବିଲ ଜଳସେଚିତ ଦୋଫସଲି | ୦.୦୫୦ | ୦.୦୨୬ | ବ୍ୟକ୍ତିଗତ |
| ୯୧ | ହଳଦିଆପଦର | ୧୪୮୨/୧୨୨୮ | ୧୧୧୯/୩୬୪୩ | - | ଘରବାରି | ୦.୦୧୦ | ୦.୦୦୩ | ବ୍ୟକ୍ତିଗତ |
| ୯୨ | ହଳଦିଆପଦର | ୧୪୮୨/୫୯୬୩ | ୧୧୧୯/୪୩୪୯ | - | ଘରବାରି | ୦.୦୦୧ | ୦.୦୦୧ | ବ୍ୟକ୍ତିଗତ |
| ୯୩ | ହଳଦିଆପଦର | ୧୪୮୨/୫୫୩୩ | ୧୧୧୯/୨୮୨୨ | - | ବିଲ ଜଳସେଚିତ ଦୋଫସଲି | ୦.୦୨୭ | ୦.୦୧୦ | ବ୍ୟକ୍ତିଗତ |
| ୯୪ | ହଳଦିଆପଦର | ୧୪୮୨/୫୮୪୦ | ୧୧୧୯/୮୩୭୯ | - | ବିଲ ଜଳସେଚିତ ଦୋଫସଲି | ୦.୦୦୩ | ୦.୦୦୧ | ବ୍ୟକ୍ତିଗତ |
| ୯୫ | ହଳଦିଆପଦର | ୧୪୮୨/୫୮୫୦ | ୨୨୪୯ | - | ବିଲ ଜଳସେଚିତ ଦୋଫସଲି | ୦.୨୮୦ | ୦.୦୪୪ | ବ୍ୟକ୍ତିଗତ |
| ୯୬ | ହଳଦିଆପଦର | | ୨୨୪୮ | - | | ୦.୩୨୦ | ୦.୦୧୧ | ବ୍ୟକ୍ତିଗତ |
| ୯୭ | ହଳଦିଆପଦର | | ୨୨୪୭ | - | | ୨.୩୮୦ | ୦.୦୭୭ | ବ୍ୟକ୍ତିଗତ |
| ୯୮ | ହଳଦିଆପଦର | ୨୮୮ | ୨୨୪୬ | - | ବିଲ ଜଳସେଚିତ ଏକ ଫସଲି | ୧.୬୨୦ | ୦.୩୨୨ | ବ୍ୟକ୍ତିଗତ |
| ୯୯ | ହଳଦିଆପଦର | ୧୪୮୨/୨୦୦୨ | ୨୨୪୬/୮୪୧୯ | - | ବିଲ ଜଳସେଚିତ ଏକ ଫସଲି | ୦.୨୨୦ | ୦.୦୩୦ | ବ୍ୟକ୍ତିଗତ |
| ୧୦୦ | ହଳଦିଆପଦର | ୧୪୮୨/୨୨୨୧ | ୨୨୪୨/୯୦୪୭ | - | ବିଲ ଜଳସେଚିତ ଏକ ଫସଲି | ୦.୨୮୦ | ୦.୦୪୦ | ବ୍ୟକ୍ତିଗତ |
| ୧୦୧ | ହଳଦିଆପଦର | ୧୪୮୨/୫୮୫୦ | ୨୨୪୫ | - | ବିଲ ଜଳସେଚିତ ଏକ ଫସଲି | ୮.୯୪୫ | ୦.୦୫୭ | ବ୍ୟକ୍ତିଗତ |
| ୧୦୨ | ହଳଦିଆପଦର | ୧୪୮ | ୨୨୦୫ | - | ଘରବାରି | ୦.୨୦୦ | ୦.୦୨୨ | ବ୍ୟକ୍ତିଗତ |
| ୧୦୩ | ହଳଦିଆପଦର | ୮୩୨ | ୨୨୦୪ | - | ବିଲ ଜଳସେଚିତ ଦୋଫସଲି | ୧.୦୨୦ | ୦.୩୫୬ | ବ୍ୟକ୍ତିଗତ |
| ୧୦୪ | ହଳଦିଆପଦର | ୧୪୮୨/୫୭୨୯ | ୨୫୫୯ | - | ବିଲ ଜଳସେଚିତ ଦୋଫସଲି | ୦.୫୭୫ | ୦.୫୩୧ | ବ୍ୟକ୍ତିଗତ |
| ୧୦୫ | ହଳଦିଆପଦର | ୧୪୮୨/୧୧୧୭ | ୨୫୨୦ | - | ଘରବାରି | ୦.୦୦୯ | ୦.୦୦୯ | ବ୍ୟକ୍ତିଗତ |
| ୧୦୬ | ହଳଦିଆପଦର | ୨୫ | ୨୫୬୧ | - | ବିଲ ଜଳସେଚିତ ଦୋଫସଲି | ୦.୦୫୫ | ୦.୦୫୧ | ବ୍ୟକ୍ତିଗତ |
| ୧୦୭ | ହଳଦିଆପଦର | ୧୪୮୨/୧୧୧୭ | ୨୫୬୩ | - | ଘରବାରି | ୦.୨୨୮ | ୦.୧୩୩ | ବ୍ୟକ୍ତିଗତ |
| | | | | | ମୋଟ = | ୨୧.୭୮୬ | ୨.୬୧୯ | |
| ୧୦୮ | ଗୋଲନ୍ଥରା | ୧୪୦୭/୯୪୯ | ୯୮୩୨ | ୫୫୮ | ଚକ | ୦.୫୯୦ | ୦.୫୦୮ | ବ୍ୟକ୍ତିଗତ |
| | | | | | ମୋଟ = | ୦.୫୯୦ | ୦.୫୦୮ | |
| ୧୦୯ | ପଂଚମା | ୮୭୩ | ୩୭/୨୧୫୯ | - | ବିଲ ଏକ | ୦.୩୦୦ | ୦.୦୧୨ | ବ୍ୟକ୍ତିଗତ |
| ୧୧୦ | ପଂଚମା | ୯୪୩/୭୫୫ | ୧୯୫ | - | ଘରବାରି | ୦.୬୮୦ | ୦.୦୫୪ | ବ୍ୟକ୍ତିଗତ |
| ୧୧୧ | ପଂଚମା | ୯୪୩/୩୬୯ | ୧୯୬ | - | ଘରବାରି | ୦.୦୮୦ | ୦.୦୪୦ | ବ୍ୟକ୍ତିଗତ |
| ୧୧୨ | ପଂଚମା | ୩୧୪ | ୧୨୬୧ | - | ପତିତ (ଖଲା) | ୦.୦୫୦ | ୦.୦୨୯ | ବ୍ୟକ୍ତିଗତ |
| ୧୧୩ | ପଂଚମା | ୫୨୫ | ୧୨୬୦ | - | ପତିତ (ଖଲା) | ୦.୦୫୦ | ୦.୦୨୯ | ବ୍ୟକ୍ତିଗତ |
| ୧୧୪ | ପଂଚମା | ୨୪୯ | ୧୨୫୯ | - | ପତିତ (ଖଲା) | ୦.୦୮୨ | ୦.୦୪୦ | ବ୍ୟକ୍ତିଗତ |
| ୧୧୫ | ପଂଚମା | | ୧୨୫୮ | - | ବିଲ ଦୋଫସଲି ଏକ | ୦.୨୩୦ | ୦.୧୦୨ | ବ୍ୟକ୍ତିଗତ |
| ୧୧୬ | ପଂଚମା | ୨୧୫ | ୧୨୫୬ | ୪୯୩ | ଚକ | ୦.୪୩୫ | ୦.୦୨୮ | ବ୍ୟକ୍ତିଗତ |
| ୧୧୭ | ପଂଚମା | ୨୪୯ | ୧୨୫୭ | ୪୯୨ | ଚକ | ୦.୧୪୨ | ୦.୧୪୨ | ବ୍ୟକ୍ତିଗତ |
| ୧୧୮ | ପଂଚମା | ୪୯୪ | ୧୨୫୫ | ୪୯୧ | ଚକ | ୦.୨୦୦ | ୦.୦୧୩ | ବ୍ୟକ୍ତିଗତ |
| ୧୧୯ | ପଂଚମା | ୬୮୫ | ୧୨୪୬ | ୪୮୪ | ଚକ | ୦.୦୯୦ | ୦.୦୯୦ | ବ୍ୟକ୍ତିଗତ |
| ୧୨୦ | ପଂଚମା | ୪୯୪ | ୧୨୪୫ | ୪୮୩ | ଚକ | ୦.୨୫୫ | ୦.୧୪୨ | ବ୍ୟକ୍ତିଗତ |
| ୧୨୧ | ପଂଚମା | ୬୪୩ | ୧୨୩୯ | - | ବିଲ ଦୋଫସଲି ଏକ | ୦.୩୧୭ | ୦.୧୧୬ | ବ୍ୟକ୍ତିଗତ |
| ୧୨୨ | ପଂଚମା | ୩୩୩ | ୧୧୯୧ | ୪୩୪ | ଚକ | ୦.୩୧୫ | ୦.୦୨୧ | ବ୍ୟକ୍ତିଗତ |
| ୧୨୩ | ପଂଚମା | ୧୫୨ | ୧୧୯୦ | ୪୩୩ | ଚକ | ୦.୧୮୩ | ୦.୦୨୭ | ବ୍ୟକ୍ତିଗତ |
| ୧୨୪ | ପଂଚମା | ୮୨୦ | ୧୧୮୯ | ୪୩୨ | ଚକ | ୦.୩୧୦ | ୦.୦୫୭ | ବ୍ୟକ୍ତିଗତ |
| ୧୨୫ | ପଂଚମା | ୬୧୯ | ୧୧୧୧ | ୩୭୧ | ଚକ | ୦.୨୭୫ | ୦.୦୪୮ | ବ୍ୟକ୍ତିଗତ |
| ୧୨୬ | ପଂଚମା | ୯୦୭ | ୧୧୦୮ | - | ବିଲ ଦୋଫସଲି ଏକ | ୦.୧୬୦ | ୦.୦୨୨ | ବ୍ୟକ୍ତିଗତ |
| ୧୨୭ | ପଂଚମା | ୮୨୦ | ୧୧୦୭ | - | ବଗାୟତ ଏକ (ପାଳ) | ୦.୨୫୫ | ୦.୦୩୮ | ବ୍ୟକ୍ତିଗତ |
| ୧୨୮ | ପଂଚମା | ୪୯୨ | ୧୧୦୬ | - | ବଗାୟତ ଏକ (ପାଳ) | ୦.୧୮୦ | ୦.୧୦୮ | ବ୍ୟକ୍ତିଗତ |
| ୧୨୯ | ପଂଚମା | ୪୩୪ | ୧୧୦୫ | - | ବଗାୟତ ଏକ (ପାଳ) | ୦.୦୪୮ | ୦.୦୩୪ | ବ୍ୟକ୍ତିଗତ |
| ୧୩୦ | ପଂଚମା | ୬୨୯ | ୧୧୦୨ | - | ବଗାୟତ ଏକ (ପାଳ) | ୦.୧୧୮ | ୦.୦୨୪ | ବ୍ୟକ୍ତିଗତ |
| ୧୩୧ | ପଂଚମା | ୬୨୦ | ୧୧୦୧ | - | ବଗାୟତ ଏକ (ପାଳ) | ୦.୦୭୩ | ୦.୦୫୭ | ବ୍ୟକ୍ତିଗତ |
| ୧୩୨ | ପଂଚମା | ୬୨୦ | ୧୦ ୯୯ | - | ବଗାୟତ ଏକ (ପାଳ) | ୦.୦୭୩ | ୦.୦୨୧ | ବ୍ୟକ୍ତିଗତ |
| ୧୩୩ | ପଂଚମା | ୭୦୦ | ୧୦୯୮ | ୩୬୯ | ଚକ | ୦.୨୫୦ | ୦.୧୧୧ | ବ୍ୟକ୍ତିଗତ |
| ୧୩୪ | ପଂଚମା | ୯୬ | ୧୨୪୭ | ୪୮୫ | ଚକ | ୦.୩୮୦ | ୦.୦୦୪ | ବ୍ୟକ୍ତିଗତ |
| ୧୩୫ | ପଂଚମା | ୨୯୮ | ୧୨୫୪ | ୪୯୦ | ଚକ | ୦.୧୮୦ | ୦.୦୦୧ | ବ୍ୟକ୍ତିଗତ |
| ୧୩୬ | ପଂଚମା | ୩୨୮ | ୧୨୪୪ | ୪୮୨ | ଚକ | ୦.୧୨୫ | ୦.୦୨୮ | ବ୍ୟକ୍ତିଗତ |
| ୧୩୭ | ପଂଚମା | ୬୧୦ | ୧୨୪୨ | ୪୮୦ | ଚକ | ୦.୧୦୦ | ୦.୦୩୦ | ବ୍ୟକ୍ତିଗତ |
| ୧୩୮ | ପଂଚମା | ୬୧ ୯ | ୧୨୪୦ | ୪୭୮ | ଚକ | ୧.୦୮୭ | ୦.୦୨୦ | ବ୍ୟକ୍ତିଗତ |
| ୧୩୯ | ପଂଚମା | ୭୯୦ | ୧୭୩୮ | - | ବିଲ ଦୋଫସଲି ଏକ | ୦.୦୭୫ | ୦.୦୧୦ | ବ୍ୟକ୍ତିଗତ |
| ୧୪୦ | ପଂଚମା | ୯୩୩ | ୧୧୯୩ | ୪୩୬ | ଚକ | ୦.୨୧୨ | ୦.୦୩୭ | ବ୍ୟକ୍ତିଗତ |
| ୧୪୧ | ପଂଚମା | ୧୧ | ୧୧୯୭ | ୪୩୫ | ଚକ | ୦.୮୧୧ | ୦.୦୩୪ | ବ୍ୟକ୍ତିଗତ |
| ୧୪୨ | ପଂଚମା | ୫୨୩ | ୧୭୬୩ | - | ଘରବାରି | ୦.୧୨୦ | ୦.୦୦୫ | ବ୍ୟକ୍ତିଗତ |
| ୧୪୩ | ପଂଚମା | ୩୮୫ | ୧୭୬୪ | - | ଘରବାରି | ୦.୧୪୦ | ୦.୦୦୫ | ବ୍ୟକ୍ତିଗତ |
| ୧୪୪ | ପଂଚମା | ୯୧୦ | ୧୭୬୫ | - | ଘରବାରି | ୦.୨୮୦ | ୦.୦୦୫ | ବ୍ୟକ୍ତିଗତ |
| ୧୪୫ | ପଂଚମା | ୮୨୯ | ୧୭୫୯ | - | ଘରବାରି | ୦.୦୦୨ | ୦.୦୦୨ | ବ୍ୟକ୍ତିଗତ |
| ୧୪୬ | ପଂଚମା | ୪୬୩ | ୧୭୬୦ | - | ଘରବାରି | ୦.୦୦୯ | ୦.୦୦୯ | ବ୍ୟକ୍ତିଗତ |
| ୧୪୭ | ପଂଚମା | ୨୯୮ | ୧୭୬୧ | - | ଘରବାରି | ୦.୧୨୦ | ୦.୦୧୨ | ବ୍ୟକ୍ତିଗତ |
| ୧୪୮ | ପଂଚମା | ୯୪୩/୪୬୨ | ୧୭୬୮ | - | ଘରବାରି | ୦.୦୧୦ | ୦.୦୦୨ | ବ୍ୟକ୍ତିଗତ |
| ୧୪୯ | ପଂଚମା | ୯୪୩/୪୬୯ | ୧୭୫୮ | - | ଘରବାରି | ୦.୦୦୧ | ୦.୦୦୧ | ବ୍ୟକ୍ତିଗତ |
| ୧୫୦ | ପଂଚମା | | ୧୭୫୭ | - | ଘରବାରି | ୦.୦୦୨ | ୦.୦୦୨ | ବ୍ୟକ୍ତିଗତ |
| ୧୫୧ | ପଂଚମା | | ୧୭୫୬ | - | ଘରବାରି | ୦.୦୦୪ | ୦.୦୦୪ | ବ୍ୟକ୍ତିଗତ |
| ୧୫୨ | ପଂଚମା | ୮୮୧ | ୧୭୫୩ | - | ଘରବାରି | ୦.୦୦୩ | ୦.୦୦୩ | ବ୍ୟକ୍ତିଗତ |
| ୧୫୩ | ପଂଚମା | | ୧୭୫୪ | - | ଘରବାରି | ୦.୦୦୪ | ୦.୦୦୩ | ବ୍ୟକ୍ତିଗତ |
| ୧୫୪ | ପଂଚମା | | ୧୭୫୫ | - | ଘରବାରି | ୦.୦୦୩ | ୦.୦୦୩ | ବ୍ୟକ୍ତିଗତ |
| ୧୫୫ | ପଂଚମା | ୭୦୯ | ୧୭୫୨ | - | ଘରବାରି | ୦.୦୦୩ | ୦.୦୦୧ | ବ୍ୟକ୍ତିଗତ |
| ୧୫୬ | ପଂଚମା | ୯୪୩/୬୩୭ | ୧୭୫୧ | - | ଘରବାରି | ୦.୦୦୫ | ୦.୦୦୫ | ବ୍ୟକ୍ତିଗତ |
| ୧୫୭ | ପଂଚମା | ୮୦୨ | ୧୭୫୦ | - | ଘରବାରି | ୦.୦୧୦ | ୦.୦୦୭ | ବ୍ୟକ୍ତିଗତ |
| ୧୫୮ | ପଂଚମା | ୯୪୩/୩ | ୧୭୪୯ | - | ଘରବାରି | ୦.୦୦୯ | ୦.୦୦୪ | ବ୍ୟକ୍ତିଗତ |
| ୧୫୯ | ପଂଚମା | ୭୯୫ | ୧୭୪୭ | - | ଘରବାରି | ୦.୦୧୨ | ୦.୦୦୬ | ବ୍ୟକ୍ତିଗତ |
| ୧୬୦ | ପଂଚମା | ୮୨୮ | ୧୭୪୪ | - | ଘରବାରି | ୦.୦୧୩ | ୦.୦୦୬ | ବ୍ୟକ୍ତିଗତ |
| ୧୬୧ | ପଂଚମା | | ୧୭୪୩ | - | ଘରବାରି | ୦.୦୧୩ | ୦.୦୦୭ | ବ୍ୟକ୍ତିଗତ |
| ୧୬୨ | ପଂଚମା | ୯୪୩/୫୬୯ | ୧୭୪୨ | - | ଘରବାରି | ୦.୦୦୭ | ୦.୦୦୭ | ବ୍ୟକ୍ତିଗତ |
| ୧୬୩ | ପଂଚମା | ୨୨୧ | ୧୭୪୫ | - | ଘରବାରି | ୦.୦୧୪ | ୦.୦୦୭ | ବ୍ୟକ୍ତିଗତ |
| ୧୬୪ | ପଂଚମା | ୧୪୩ | ୧୭୪୬ | - | ଘରବାରି | ୦.୦୦୯ | ୦.୦୦୫ | ବ୍ୟକ୍ତିଗତ |
| ୧୬୫ | ପଂଚମା | ୭୧୧ | ୧୭୪୮ | - | ଘରବାରି | ୦.୦୦୭ | ୦.୦୦୩ | ବ୍ୟକ୍ତିଗତ |
| ୧୬୬ | ପଂଚମା | ୬୨୭ | ୧୫୭୮ | - | ଘରବାରି | ୦.୦୩୫ | ୦.୦୧୬ | ବ୍ୟକ୍ତିଗତ |
| ୧୬୭ | ପଂଚମା | ୯୪୩/୧୭୭ | ୧୫୭୭ | - | ଘରବାରି | ୦.୦୨୩ | ୦.୦୨୩ | ବ୍ୟକ୍ତିଗତ |
| ୧୬୮ | ପଂଚମା | ୯୪୩/୧୭୯ | ୧୫୭୯ | - | ଘରବାରି | ୦.୦୧୦ | ୦.୦୧୦ | ବ୍ୟକ୍ତିଗତ |
| ୧୬୯ | ପଂଚମା | ୯୪୩/୧୭୦ | ୧୫୭୦ | - | ଘରବାରି | ୦.୦୨୦ | ୦.୦୨୦ | ବ୍ୟକ୍ତିଗତ |
| ୧୭୦ | ପଂଚମା | ୯୪୩/୧୭୧ | ୧୫୭୧ | - | ଘରବାରି | ୦.୦୧୫ | ୦.୦୧୫ | ବ୍ୟକ୍ତିଗତ |
| ୧୭୧ | ପଂଚମା | ୯୪୩/୧୭୨ | ୧୫୭୨ | - | ଘରବାରି | ୦.୦୧୩ | ୦.୦୧୩ | ବ୍ୟକ୍ତିଗତ |
| ୧୭୨ | ପଂଚମା | ୯୪୩/୧୭୩ | ୧୫୭୩ | - | ଘରବାରି | ୦.୦୧୦ | ୦.୦୧୦ | ବ୍ୟକ୍ତିଗତ |
| ୧୭୩ | ପଂଚମା | ୯୪୩/୧୭୪ | ୧୫୭୪ | - | ଘରବାରି | ୦.୦୧୦ | ୦.୦୦୭ | ବ୍ୟକ୍ତିଗତ |
| ୧୭୪ | ପଂଚମା | ୯୪୩/୧୭୫ | ୧୫୭୫ | - | ଘରବାରି | ୦.୦୧୨ | ୦.୦୦୫ | ବ୍ୟକ୍ତିଗତ |
| ୧୭୫ | ପଂଚମା | ୯୪୩/୧୭୬ | ୧୫୭୬ | - | ଘରବାରି | ୦.୦୧୩ | ୦.୦୦୪ | ବ୍ୟକ୍ତିଗତ |
| ୧୭୬ | ପଂଚମା | ୯୪୩/୧୮୦ | ୧୫୮୦ | - | ଘରବାରି | ୦.୦୧୨ | ୦.୦୦୧ | ବ୍ୟକ୍ତିଗତ |
| ୧୭୭ | ପଂଚମା | ୯୪୩/୭୦୯ | ୧୫୫୩ | - | ଘରବାରି | ୦.୦୧୩ | ୦.୦୧୩ | ବ୍ୟକ୍ତିଗତ |
| ୧୭୮ | ପଂଚମା | ୯୪୩/୭୦୮ | ୧୫୫୩/୨୨୧୮ | - | ଘରବାରି | ୦.୦୧୨ | ୦.୦୧୨ | ବ୍ୟକ୍ତିଗତ |
| ୧୭୯ | ପଂଚମା | ୯୪୩/୭୧୧ | ୧୫୫୪ | - | ଘରବାରି | ୦.୦୦୮ | ୦.୦୦୮ | ବ୍ୟକ୍ତିଗତ |
| ୧୮୦ | ପଂଚମା | ୯୪୩/୭୭୭ | ୧୫୫୪/୨୨୧୯ | - | ଘରବାରି | ୦.୦୦୮ | ୦.୦୦୮ | ବ୍ୟକ୍ତିଗତ |
| ୧୮୧ | ପଂଚମା | ୯୪୩/୧୭୫ | ୧୫୫୫ | - | ଘରବାରି | ୦.୦୦୬ | ୦.୦୦୬ | ବ୍ୟକ୍ତିଗତ |
| ୧୮୨ | ପଂଚମା | ୯୪୩/୧୬୬ | ୧୫୫୬ | - | ଘରବାରି | ୦.୦୦୬ | ୦.୦୦୬ | ବ୍ୟକ୍ତିଗତ |
| ୧୮୩ | ପଂଚମା | ୯ ୪୩/୧୬୭ | ୧୫୫୭ | - | ଘରବାରି | ୦.୦୧୨ | ୦.୦୧୨ | ବ୍ୟକ୍ତିଗତ |
| ୧୮୪ | ପଂଚମା | ୯୪୩/୬୭୦ | ୧୫୪୮ | - | ଘରବାରି | ୦.୦୦୪ | ୦.୦୦୪ | ବ୍ୟକ୍ତିଗତ |
| ୧୮୫ | ପଂଚମା | ୯୪୩/୧୭୩ | ୧୫୪୯ | - | ଘରବାରି | ୦.୦୦୫ | ୦.୦୦୫ | ବ୍ୟକ୍ତିଗତ |
| ୧୮୬ | ପଂଚମା | | ୧୫୫୦ | - | ଘରବାରି | ୦.୦୦୪ | ୦.୦୦୪ | ବ୍ୟକ୍ତିଗତ |
| ୧୮୭ | ପଂଚମା | ୯୪୩/୧୭୪ | ୧୫୫୧ | - | ଘରବାରି | ୦.୦୦୪ | ୦.୦୦୪ | ବ୍ୟକ୍ତିଗତ |
| ୧୮୮ | ପଂଚମା | ୯୪୩/୧୭୦ | ୧୫୪୪ | - | ଘରବାରି | ୦.୦୧୧ | ୦.୦୦୧ | ବ୍ୟକ୍ତିଗତ |
| ୧୮୯ | ପଂଚମା | ୯୪୩/୧୭୨ | ୧୫୪୨ | - | ଘରବାରି | ୦.୦୦୩ | ୦.୦୦୩ | ବ୍ୟକ୍ତିଗତ |
| ୧୯୦ | ପଂଚମା | ୯୪୩/୧୭୧ | ୧୫୪୫ | - | ଘରବାରି | ୦.୦୦୪ | ୦.୦୦୪ | ବ୍ୟକ୍ତିଗତ |
| ୧୯୧ | ପଂଚମା | ୯୪୩/୧୫୭ | ୧୫୩୯ | - | ଘରବାରି | ୦.୦୦୬ | ୦.୦୦୬ | ବ୍ୟକ୍ତିଗତ |
| ୧୯୨ | ପଂଚମା | ୯୪୩/୧୫୬ | ୧୫୩୮ | - | ଘରବାରି | ୦.୦୧୩ | ୦.୦୧୩ | ବ୍ୟକ୍ତିଗତ |
| ୧୯୩ | ପଂଚମା | ୯୪୩/୧୫୫ | ୧୫୩୭ | - | ଘରବାରି | ୦.୦୦୯ | ୦.୦୦୯ | ବ୍ୟକ୍ତିଗତ |
| ୧୯୪ | ପଂଚମା | ୯୪୩/୧୫୪ | ୧୫୩୬ | - | ଘରବାରି | ୦.୦୦୯ | ୦.୦୦୯ | ବ୍ୟକ୍ତିଗତ |
| ୧୯୫ | ପଂଚମା | ୯୪୩/୧୫୩ | ୧୫୩୫ | - | ଘରବାରି | ୦.୦୦୯ | ୦.୦୦୯ | ବ୍ୟକ୍ତିଗତ |
| ୧୯୬ | ପଂଚମା | ୯୪୩/୧୫୨ | ୧୫୩୪ | - | ଘରବାରି | ୦.୦୦୮ | ୦.୦୦୧ | ବ୍ୟକ୍ତିଗତ |
| ୧୯୭ | ପଂଚମା | ୪୨୨ | ୨୧୦୦ | - | ବିଲ ଦୋଫସଲି ଏକ | ୦.୩୨୦ | ୦.୧୦୬ | ବ୍ୟକ୍ତିଗତ |
| ୧୯୮ | ପଂଚମା | ୨୧୫ | ୨୧୪୪ | - | ବଗାୟତ ଏକ (ପାଳ) | ୦.୨୫୮ | ୦.୦୯୬ | ବ୍ୟକ୍ତିଗତ |
| ୧୯୯ | ପଂଚମା | ୮୪୮ | ୨୧୪୨ | - | ବଗାୟତ ଏକ (ପାଳ) | ୧.୪୦୦ | ୦.୩୯୯ | ବ୍ୟକ୍ତିଗତ |
| ୨୦୦ | ପଂଚମା | ୯୪୩/୩୮୮ | ୨୧୨୦/୨୪୦୯ | - | ପତିତ (ଖଲା) | ୧.୭୨୦ | ୦.୨୪୦ | ବ୍ୟକ୍ତିଗତ |
| | | | | | ମୋଟ = | ୧୩.୧୧୩ | ୩.୫୪୪ | |

| କ୍ର. ସଂ. | ମୌଜା ନାମ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ଚକ ସଂଖ୍ୟା | ଜମିର କିସମ | ରକବା କ୍ଷେତ୍ର (ଏକର) | ଅଧିଗ୍ରହଣ କ୍ଷେତ୍ର (ଏକର) | ଜମିର ପ୍ରକାର |
|---|---|---|---|---|---|---|---|---|
| ୨୦୧ | ପଥରା | ୮୪୭ | ୧୫୬ | - | ବିଲ ଜଳସେଚିତ ଏକ ଫସଲି | ୦.୦୨୮ | ୦.୦୦୬ | ବ୍ୟକ୍ତିଗତ |
| ୨୦୨ | ପଥରା | ୩୨୦ | ୨୫ | - | ବିଲ ଜଳସେଚିତ ଦୋଫସଲି | ୦.୨୩୫ | ୦.୦୧୨ | ବ୍ୟକ୍ତିଗତ |
| ୨୦୩ | ପଥରା | ୭୩୯ | ୨୪ | - | ବିଲ ଜଳସେଚିତ ଦୋଫସଲି | ୧.୬୫୯ | ୦.୦୨୯ | ବ୍ୟକ୍ତିଗତ |
| ୨୦୪ | ପଥରା | ୮୪୯/୧୫୭୨ | ୨୪/୪୫୫୪ | - | ଘରବାରି | ୦.୦୩୮ | | ବ୍ୟକ୍ତିଗତ |
| ୨୦୫ | ପଥରା | ୮୪୯/୧୬୨୨ | ୨୪/୪୬୫୬ | - | ବିଲ ଜଳସେଚିତ ଦୋଫସଲି | ୦.୦୩୮ | | ବ୍ୟକ୍ତିଗତ |
| ୨୦୬ | ପଥରା | ୬୦୮ | ୨୩ | - | ବିଲ ଜଳସେଚିତ ଦୋଫସଲି | ୦.୫୨୪ | ୦.୦୦୭ | ବ୍ୟକ୍ତିଗତ |
| ୨୦୭ | ପଥରା | ୮୪୯/୭୯୩ | ୨୩/୩୩୯୭ | - | ବିଲ ଜଳସେଚିତ ଦୋଫସଲି | ୦.୦୦୧ | | ବ୍ୟକ୍ତିଗତ |
| ୨୦୮ | ପଥରା | ୬୨୨ | ୨୨ | - | ବିଲ ଜଳସେଚିତ ଦୋଫସଲି | ୦.୧୨୦ | ୦.୦୧୧ | ବ୍ୟକ୍ତିଗତ |
| ୨୦୯ | ପଥରା | | ୨୧ | - | ବିଲ ଜଳସେଚିତ ଦୋଫସଲି | ୦.୨୦୦ | ୦.୦୧୨ | ବ୍ୟକ୍ତିଗତ |
| | | | | | ମୋଟ = | ୨.୯୮୩ | ୦.୧୨୧ | |
| ୨୧୦ | କଣିସି | ୧୦୮୧/୪୪୧ | ୧୨୯ | ୪୨ | ଚକ | ୧.୩୨୦ | ୦.୦୪୫ | ବ୍ୟକ୍ତିଗତ |
| ୨୧୧ | କଣିସି | ୬୧୨ | ୧୨୭ | ୪୦ | ଚକ | ୧.୬୨୩ | ୦.୩୧୩ | ବ୍ୟକ୍ତିଗତ |
| ୨୧୨ | କଣିସି | ୧୦୮୧/୫୦୨୨ | ୧୨୭/୪୯୮୦/୬୮୯୮ | ୪୦ | ଚକ | ୦.୨୦୦ | ୦.୦୨୫ | ବ୍ୟକ୍ତିଗତ |
| ୨୧୩ | କଣିସି | ୧୦୮୧/୫୦୪୭ | ୧୨୭/୪୯୮୦/୬୧୯୫ | ୪୦ | ଚକ | ୦.୩୪୦ | ୦.୦୪୫ | ବ୍ୟକ୍ତିଗତ |
| ୨୧୪ | କଣିସି | ୧୦୮୧/୩୮୨୫ | ୧୫୦/୫୧୧୯ | ୨୦ | ଚକ | ୦.୧୪୫ | ୦.୫୨୧ | ବ୍ୟକ୍ତିଗତ |
| ୨୧୫ | କଣିସି | ୯୧୬ | ୧୫୦ | ୨୦ | ଚକ | ୧.୧୧୨ | | ବ୍ୟକ୍ତିଗତ |
| ୨୧୬ | କଣିସି | ୧୦୮୧/୫୨୫୬ | ୧୫୦/୫୦୯୦ | - | | ୦.୦୧୯ | | ବ୍ୟକ୍ତିଗତ |
| ୨୧୭ | କଣିସି | ୧୦୮୧/୩୮୨୨ | ୧୫୦/୫୦୯୪ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୧୮ | କଣିସି | ୧୦୮୧/୩୧୩୧ | ୧୫୦/୫୧୧୪ | ୨୦ | ଚକ | ୦.୦୫୬ | | ବ୍ୟକ୍ତିଗତ |
| ୨୧୯ | କଣିସି | ୧୦୮୧/୩୧୩୨ | ୧୫୦/୫୧୧୬ | ୨୦ | ଚକ | ୦.୦୮୦ | | ବ୍ୟକ୍ତିଗତ |
| ୨୨୦ | କଣିସି | ୧୦୮୧/୩୮୨୫ | ୧୫୦/୫୧୧୮ | ୨୦ | ଚକ | ୦.୦୩୫ | | ବ୍ୟକ୍ତିଗତ |
| ୨୨୧ | କଣିସି | ୧୦୮୧/୩୧୫୬ | ୧୫୦/୫୧୪୪ | - | ଘରବାରି | ୦.୦୦୨ | | ବ୍ୟକ୍ତିଗତ |
| ୨୨୨ | କଣିସି | ୧୦୮୧/୩୧୫୮ | ୧୫୦/୫୧୪୫ | - | ଘରବାରି | ୦.୦୪୧ | | ବ୍ୟକ୍ତିଗତ |
| ୨୨୩ | କଣିସି | ୧୦୮୧/୨୦୩୭ | ୧୫୦/୫୧୪୬ | - | ଘରବାରି | ୦.୦୪୧ | | ବ୍ୟକ୍ତିଗତ |
| ୨୨୪ | କଣିସି | ୧୦୮୧/୬୬୬୬ | ୧୫୦/୫୧୪୭ | - | ଘରବାରି | ୦.୦୫୫ | | ବ୍ୟକ୍ତିଗତ |
| ୨୨୫ | କଣିସି | ୧୦୮୧/୩୧୬୧ | ୧୫୦/୫୧୪୮ | ୨୦ | ଚକ | ୦.୦୮୩ | | ବ୍ୟକ୍ତିଗତ |
| ୨୨୬ | କଣିସି | ୧୦୮୧/୩୧୬୧ | ୧୫୦/୫୧୪୯ | ୨୦ | ଚକ | ୦.୧୨୪ | | ବ୍ୟକ୍ତିଗତ |
| ୨୨୭ | କଣିସି | ୧୦୮୧/୩୧୬୧ | ୧୫୦/୫୧୫୦ | ୨୦ | ଚକ | ୦.୦୮୨ | | ବ୍ୟକ୍ତିଗତ |
| ୨୨୮ | କଣିସି | ୧୦୮୧/୨୨୪୦ | ୧୫୦/୫୧୨୫ | ୫୯ | ଚକ | ୦.୦୩୧ | | ବ୍ୟକ୍ତିଗତ |
| ୨୨୯ | କଣିସି | ୧୦୮୧/୩୧୮୧ | ୧୫୦/୫୧୭୩ | - | ଘରବାରି | ୦.୦୪୧ | | ବ୍ୟକ୍ତିଗତ |
| ୨୩୦ | କଣିସି | ୧୦୮୧/୮୦୨୮ | ୧୫୦/୫୧୭୭ | ୨୦ | ଚକ | ୦.୦୧୯ | | ବ୍ୟକ୍ତିଗତ |
| ୨୩୧ | କଣିସି | ୧୦୮୧/୮୧୧୬ | ୧୫୦/୫୧୮୦ | - | ଘରବାରି | ୦.୦୫୪ | | ବ୍ୟକ୍ତିଗତ |
| ୨୩୨ | କଣିସି | ୧୦୮୧/୫୪୨୮ | ୧୫୦/୫୨୪୦ | ୨୦ | ଚକ | ୦.୦୨୧ | | ବ୍ୟକ୍ତିଗତ |
| ୨୩୩ | କଣିସି | ୧୦୮୧/୫୦୫୨ | ୧୫୦/୫୨୪୬ | ୨୦ | ଚକ | ୦.୦୦୧ | | ବ୍ୟକ୍ତିଗତ |
| ୨୩୪ | କଣିସି | ୧୦୮୧/୬୮୫୬ | ୧୫୦/୫୨୪୩ | ୨୦ | ଚକ | ୦.୦୨୪ | | ବ୍ୟକ୍ତିଗତ |
| ୨୩୫ | କଣିସି | ୧୦୮୧/୩୨୫୬ | ୧୫୦/୫୨୪୪ | ୨୦ | ଚକ | ୦.୦୨୧ | | ବ୍ୟକ୍ତିଗତ |
| ୨୩୬ | କଣିସି | | ୧୫୦/୫୨୪୫ | ୨୦ | ଚକ | ୦.୦୩୧ | | ବ୍ୟକ୍ତିଗତ |
| ୨୩୭ | କଣିସି | | ୧୫୦/୫୨୪୬ | ୨୦ | ଚକ | ୦.୨୧୧ | | ବ୍ୟକ୍ତିଗତ |
| ୨୩୮ | କଣିସି | | ୧୫୦/୫୨୪୭ | ୨୦ | ଚକ | ୦.୧୦୪ | | ବ୍ୟକ୍ତିଗତ |
| ୨୩୯ | କଣିସି | ୧୦୮୧/୪୪୦୯ | ୧୫୦/୫୨୪୮ | ୨୦ | ଚକ | ୦.୦୫୧ | | ବ୍ୟକ୍ତିଗତ |
| ୨୪୦ | କଣିସି | | ୧୫୦/୫୨୪୯ | ୨୦ | ଚକ | ୦.୦୨୩ | | ବ୍ୟକ୍ତିଗତ |
| ୨୪୧ | କଣିସି | | ୧୫୦/୫୨୫୦ | ୨୦ | ଚକ | ୦.୧୧୫ | | ବ୍ୟକ୍ତିଗତ |
| ୨୪୨ | କଣିସି | | ୧୫୦/୫୨୫୧ | ୨୦ | ଚକ | ୦.୧୧୫ | | ବ୍ୟକ୍ତିଗତ |
| ୨୪୩ | କଣିସି | | ୧୫୦/୫୨୫୨ | ୨୦ | ଚକ | ୦.୦୬୬ | | ବ୍ୟକ୍ତିଗତ |
| ୨୪୪ | କଣିସି | | ୧୫୦/୫୨୫୩ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୪୫ | କଣିସି | | ୧୫୦/୫୨୫୪ | ୨୦ | ଚକ | ୦.୦୧୦ | | ବ୍ୟକ୍ତିଗତ |
| ୨୪୬ | କଣିସି | ୧୦୮୧/୩୩୬୮ | ୧୫୦/୫୩୬୩ | - | ଘରବାରି | ୦.୦୧୯ | | ବ୍ୟକ୍ତିଗତ |
| ୨୪୭ | କଣିସି | ୧୦୮୧/୩୪୪୨ | ୧୫୦/୫୪୩୯ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୪୮ | କଣିସି | ୧୦୮୧/୩୫୦୩ | ୧୫୦/୫୪୯୮ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୪୯ | କଣିସି | ୧୦୮୧/୬୧୧୩ | ୧୫୦/୫୬୦୨ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୫୦ | କଣିସି | ୧୦୮୧/୬୪୬୫ | ୧୫୦/୫୬୧୦ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୫୧ | କଣିସି | ୧୦୮୧/୩୫୫୮ | ୧୫୦/୫୬୧୧ | ୨୦ | ଚକ | ୦.୦୨୯ | | ବ୍ୟକ୍ତିଗତ |
| ୨୫୨ | କଣିସି | | ୧୫୦/୫୬୧୨ | ୨୦ | ଚକ | ୦.୦୧୮ | | ବ୍ୟକ୍ତିଗତ |
| ୨୫୩ | କଣିସି | | ୧୫୦/୫୬୧୪ | ୨୦ | ଚକ | ୦.୦୫୦ | | ବ୍ୟକ୍ତିଗତ |
| ୨୫୪ | କଣିସି | | ୧୫୦/୫୬୧୫ | ୨୦ | ଚକ | ୦.୦୨୭ | | ବ୍ୟକ୍ତିଗତ |
| ୨ ୫୫ | କଣିସି | | ୧୫୦/୫୬୧୬ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୫୬ | କଣିସି | ୧୦ ୮୧/୨୪୬୮ | ୧୫୦/୫୬୧୭ | ୨୦ | ଚକ | ୦.୦୨୨ | | ବ୍ୟକ୍ତିଗତ |
| ୨୫୭ | କଣିସି | ୧୦୮୧/୪୪୪୪ | ୧୫୦/୬୦୩୭ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୫୮ | କଣିସି | ୧୦୮୧/୫୩୬୯ | ୧୫୦/୬୨୦୮ | - | ଘରବାରି | ୦.୦୨୦ | | ବ୍ୟକ୍ତିଗତ |
| ୨୫୯ | କଣିସି | ୧୦୮୧/୪୦୪୧ | ୧୫୦/୬୨୦୯ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୬୦ | କଣିସି | ୧୦୮୧/୪୦୨୯ | ୧୫୦/୬୨୬୭ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୬୧ | କଣିସି | ୧୦୮୧/୪୨୮୭ | ୧୫୦/୬୩୪୨ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୬୨ | କଣିସି | ୧୦୮୧/୫୭୫୧ | ୧୫୦/୬୪୭୪ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୬୩ | କଣିସି | ୧୦୮୧/୪୫୦୭ | ୧୫୦/୫୭୪୨/<br>୭୫୦୭ | ୨୦ | ଚକ | ୦.୦୮୨ | | ବ୍ୟକ୍ତିଗତ |
| ୨୬୪ | କଣିସି | ୧୦୮୧/୪୭୮୦ | ୧୫୦/୭୨୨୨ | ୨୦ | ଚକ | ୦.୦୦୨ | | ବ୍ୟକ୍ତିଗତ |
| ୨୬୫ | କଣିସି | ୧୦୮୧/୪୮୩୬ | ୧୫୦/୭୨୬୧ | ୨୦ | ଚକ | ୦.୧୮୫ | | ବ୍ୟକ୍ତିଗତ |
| ୨୬୬ | କଣିସି | ୧୦୮୧/୪୮୩୭ | ୧୫୦/୭୨୬୨ | ୨୦ | ଚକ | ୦.୨୦୨ | | ବ୍ୟକ୍ତିଗତ |
| ୨୬୭ | କଣିସି | ୧୦୮୧/୫୦୮୮ | ୧୫୦/୭୨୪୮ | ୨୦ | ଚକ | ୦.୦୩୦ | | ବ୍ୟକ୍ତିଗତ |
| ୨୬୮ | କଣିସି | ୧୦୮୧/୫୧୭୭ | ୧୫୦/୫୧୪୪/<br>୭୦୨୧ | - | ଘରବାରି | ୦.୦୨୦ | | ବ୍ୟକ୍ତିଗତ |
| ୨୬୯ | କଣିସି | ୧୦୮୧/୫୧୭୭ | ୧୫୦/୫୧୪୪/<br>୭୦୨୨ | - | ଘରବାରି | ୦.୦୨୦ | | ବ୍ୟକ୍ତିଗତ |
| ୨୭୦ | କଣିସି | ୧୦୮୧/୫୧୯୦ | ୧୫୦/୫୧୪୪/<br>୭୦୨୯ | - | ଘରବାରି | ୦.୦୨୦ | | ବ୍ୟକ୍ତିଗତ |
| ୨୭୧ | କଣିସି | ୧୦୮୧/୫୨୭୭ | ୧୫୦/୫୧୪୪/<br>୭୧୨୩ | - | ଘରବାରି | ୦.୦୨୦ | | ବ୍ୟକ୍ତିଗତ |
| ୨୭୨ | କଣିସି | ୧୦୮୧/୫୩୦୦ | ୧୫୦/୭୧୪୫ | ୨୦ | ଚକ | ୦.୨୫୯ | | ବ୍ୟକ୍ତିଗତ |
| ୨୭୩ | କଣିସି | ୧୦୮୧/୫୩୫୫ | ୧୫୦/୭୧୮୨ | ୨୦ | ଚକ | ୦.୦୮୨ | | ବ୍ୟକ୍ତିଗତ |
| ୨୭୪ | କଣିସି | ୧୦୮୧/୫୮୨୭ | ୧୫୦/୭୫୧୭ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୭୫ | କଣିସି | ୧୦୮୧/୫୯୨୮ | ୧୫୦/୭୫୨୦ | ୨୦ | ଚକ | ୦.୦୩୧ | | ବ୍ୟକ୍ତିଗତ |
| ୨୭୬ | କଣିସି | ୧୦୮୧/୫୯୩୪ | ୧୫୦/୭୫୮୩ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୭୭ | କଣିସି | ୧୦୮୧/୫୯୮୫ | ୧୫୦/୫୧୧୯/<br>୭୭୦୪ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୭୮ | କଣିସି | ୧୦୮୧/୫୯୯୦ | ୧୫୦/୫୨୪୨/<br>୭୭୦୬ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୭୯ | କଣିସି | ୧୦୮୧/୭୦୧୩ | ୧୫୦/୫୨୪୨/<br>୭୭୧୫ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୮୦ | କଣିସି | ୧୦୮୧/୭୨୧୧ | ୧୫୦/୭୭୨୦ | ୨୦ | ଚକ | ୦.୦୮୨ | | ବ୍ୟକ୍ତିଗତ |
| ୨୮୧ | କଣିସି | ୧୦୮୧/୭୫୮୮ | ୧୫୦/୫୧୨୮/<br>୭୭୦୩ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୮୨ | କଣିସି | ୧୦୮୧/୭୩୮୮ | ୧୫୦/୫୧୨୭/<br>୭୮୩୫ | ୨୦ | ଚକ | ୦.୦୧୦ | | ବ୍ୟକ୍ତିଗତ |
| ୨୮୩ | କଣିସି | ୧୦୮୧/୭୪୧୪ | ୧୫୦/୭୯୪୮/<br>୭୮୫୦ | ୨୦ | ଚକ | ୦.୦୩୦ | | ବ୍ୟକ୍ତିଗତ |
| ୨୮୪ | କଣିସି | ୧୦୮୧/୭୪୨୪ | ୧୫୦/୫୭୧୩/<br>୭୮୯୮ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୮୫ | କଣିସି | ୧୦ ୮୧/୭୪୭୯ | ୧୫୦/୫୭୧୩/<br>୭୯୦୭ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୮୬ | କଣିସି | ୧୦୮୧/୭୭୧୭ | ୧୫୦/୭୯୪୫ | ୨୦ | ଚକ | ୦.୦୦୬ | | ବ୍ୟକ୍ତିଗତ |
| ୨୮୭ | କଣିସି | ୧୦୮୧/୭୮୫୩ | ୧୫୦/୫୭୦୮/<br>୮୧୪୩ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୮୮ | କଣିସି | ୧୦୮୧/୭୮୫୯ | ୧୫୦/୫୭୦୮/<br>୮୧୪୪ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୮୯ | କଣିସି | ୧୦୮୧/୭୯୭୯ | ୧୫୦/୫୨୪୫/<br>୮୧୮୩ | ୨୦ | ଚକ | ୦.୦୮୨ | | ବ୍ୟକ୍ତିଗତ |
| ୨୯୦ | କଣିସି | ୧୦୮୧/୨୦୦୦ | ୧୫୦/୫୧୧୮/<br>୮୧୯୬ | ୨୦ | ଚକ | ୦.୦୭୩ | | ବ୍ୟକ୍ତିଗତ |
| ୨୯୧ | କଣିସି | ୧୦୮୧/୨୦୦୭ | ୧୫୦/୫୭୦୮/<br>୮୨୦୦ | ୨୦ | ଚକ | ୦.୦୨୧ | | ବ୍ୟକ୍ତିଗତ |
| ୨୯୨ | କଣିସି | ୧୦୮୧/୨୦୦୮ | ୧୫୦/୫୭୦୮/<br>୮୨୦୧ | ୨୦ | ଚକ | ୦.୦୨୦ | | ବ୍ୟକ୍ତିଗତ |
| ୨୯୩ | କଣିସି | ୧୦୮୧/୮୦୭୭ | ୧୫୦/୫୨୫୧/<br>୮୨୭୭ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୯୪ | କଣିସି | ୧୦୮୧/୮୦୭୯ | ୧୫୦/୫୭୦୯/<br>୮୨୭୮ | ୨୦ | ଚକ | ୦.୦୩୬ | | ବ୍ୟକ୍ତିଗତ |
| ୨୯୫ | କଣିସି | ୧୦୮୧/୮୦୮୨ | ୧୫୦/୫୭୦୯/<br>୮୨୮୩ | ୨୦ | ଚକ | ୦.୦୨୧ | | ବ୍ୟକ୍ତିଗତ |
| ୨୯୬ | କଣିସି | ୧୦୮୧/୮୦୯୧ | ୧୫୦/୫୨୫୧/<br>୮୨୯୦ | ୨୦ | ଚକ | ୦.୦୪୧ | | ବ୍ୟକ୍ତିଗତ |
| ୨୯୭ | କଣିସି | ୭୭୮ | ୧୫୨ | ୭୧ | ଚକ | ୨.୧୫୦ | ୦.୦୪୧ | ବ୍ୟକ୍ତିଗତ |
| ୨୯୮ | କଣିସି | ୧୦୮୧/୭୮୮୨ | ୧୫୪ | ୬୩ | ଚକ | ୦.୨୯୦ | ୦.୦୩୫ | ବ୍ୟକ୍ତିଗତ |
| ୨୯୯ | କଣିସି | ୧୦୮୧/୨୨୨୦ | ୧୫୫ | ୨୪ | ଚକ | ୦.୪୬୦ | ୦.୦୪୨ | ବ୍ୟକ୍ତିଗତ |
| ୩୦୦ | କଣିସି | ୯୬୯ | ୧୫୬ | - | ବିଲ ଦୋଫସଲି ଏକ | ୦.୨୨୦ | ୦.୦୧୨ | ବ୍ୟକ୍ତିଗତ |
| | | | | | ମୋଟ = | ୧୨.୩୨୨ | ୧.୧୨୪ | |

### ଗ୍ରାମ ଅନୁଯାଇ ସାରାଂଶ

| କ୍ରମିକ ସଂଖ୍ୟା | ଗାଁ ନାମ | ଅଧିଗ୍ରହଣ କ୍ଷେତ୍ର (ଏକର) | ମୋଟ ପ୍ଲଟ ସଂଖ୍ୟା |
|---|---|---|---|
| ୧ | ହଳଦିଆପଦର | ୨.୬୧୯ | ୧୦୭ |
| ୨ | ଗୋଲନ୍ଥରା | ୦.୫୦୮ | ୧ |
| ୩ | ପଂଚମା | ୩.୫୪୪ | ୯୨ |
| ୪ | ପଥରା | ୦.୧୨୧ | ୯ |
| ୫ | କଣିସି | ୧.୧୨୪ | ୯୧ |
| ମୋଟ = | | ୭.୯୧୬ | ୩୦୦ |

PR-204/CJ/26-27

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-III), ପୂର୍ବ ତଟ ରେଳପଥ, ଭୁବନେଶ୍ୱର

# ପାରାଦୀପ ବିଶ୍ୱକର୍ମା ପୂଜା : ସନ୍ଧ୍ୟା ହେଲେ ଜମୁଛି ଲୋକଙ୍କ ଭିଡ



ପାରାଦୀପ,( ଜି ପ୍ର ): ବନ୍ଦର ନଗରୀ ପାରାଦୀପରେ ଏବେ ଉତ୍ସବର ମାହୋଲ । ଆରମ୍ଭ ହୋଇଛି ପବିତ୍ର ବିଶ୍ୱକର୍ମା ପୂଜା । ସୃଷ୍ଟିର ଅନନ୍ୟ ବିଦ୍ଧାଣୀ, ନିଆରା କାରିଗର, ଦେବ ଶୀଳ୍ପି ପ୍ରଭୁ ବିଶ୍ୱକର୍ମାଙ୍କ ଆରାଧନା ପାଇଁ ସମସ୍ତେ ତତ୍ପର । ପ୍ରତିଟି ପୂଜା ମଣ୍ଡପ ବେଶ ଆକର୍ଷଣ ପାଲଟିଥିବା ବେଳେ ଭିତର ସାଜସଜ୍ଜା ମଧ୍ୟ ବେଶ ଉଚ୍ଚ କୋଟିର ଦେଖିବାକୁ ମିଳିଛି । ଆଲୋକ ମାଳରେ ଜଳୁଛି ସାରା ସହର ଆଜି ତୃତୀୟ ସନ୍ଧ୍ୟା ଆଗକୁ ଆହୁରି ୪ ଦିନ ଦିନ ଧରି ଏହି ପୂଜା ଚାଲିବାକୁ ଥିବାବେଳେ ଯାତ୍ରା ମେଲୋଡି ଓ ଭଜନରେ ଜମିବ ସବୁ ସନ୍ଧ୍ୟା ଚଳିତ ବର୍ଷ ପାଗର ପ୍ରତିକୂଳ ସତ୍ୱେ ମଧ୍ୟ କମି ନାହିଁ ଆୟୋଜକଙ୍କ ଉତ୍ସାହ । କିଏ ନିଜ ପୂଜା ମଣ୍ଡପକୁ ଇଟାଲିଆନ ରାଜା ପ୍ରସାଦ କରି ଗଢି ତୋଳିଛି ତ କିଏ କରିଛି ଭିକେଫାରିଆ ପ୍ୟାଲେସ । କିଏ ନିଜ ପୂଜା ମଣ୍ଡପରେ କେରଳ ରାଜ୍ୟର କଥକଲି ନୃତ୍ୟର ପ୍ରତିଛବି ଆଙ୍କିଛି ତ କିଏ ସ୍ଥାନ ଦେଇଛି ସଦ୍ୟ ଘଟିଯାଇଥିବା ନେପାଳର ଜଳ ପ୍ରଳୟ ବିଭୀଷିକାର ଚିତ୍ର । କିଏ ନିଜ ପୂଜା ମଣ୍ଡପକୁ ଏକ ପ୍ରଜାପତିର ରୂପ ଦେଇଥିବା ବେଳେ ଆଉ କିଏ ଆଦିବାସୀ ପରମ୍ପରାର ସବୁ ଚିତ୍ରକୁ ବଖାଣି ଦେଇଛି ନିଜ ପୂଜା ମଣ୍ଡପରେ । ବାହାର ବ୍ୟବସାୟୀ ମାନେ ନିଜ ବ୍ୟବସାୟର ପସରା ଖୋଲିଥିବା ବେଳେ ଚାଲିଛି କିଣାବିକା । ସେପଟେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିବା ବେଳେ ସାରା ସହରକୁ ଜଗିଛି ଏବେ ସିସିଟିଭି । ଅପେରା ପଡିଛି , ମେଲୋଡି ଚାଲିଛି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ । ଗହଳିଚହଳି ଲାଗୁଥିବା ବେଳେ ପାଗ ଠିକ ରହିଲେ ଆଗକୁ ଆହୁରି ପ୍ରବଳ ଜନ ସମାଗମ ହେବ ବୋଲି ଆଶା କରାଯାଉଛି । ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ଲୋକ ପାରାଦୀପକୁ ଛୁଟି ଆସୁଥିବା ବେଳେ ପୂଜା ପଡିଆର ପ୍ରତିଟି ସନ୍ଧ୍ୟା ହୋଇ ଉଠୁଛି ବେଶ କୋଳାହଳ ।

## ଭୁବନେଶ୍ୱରରେ କ୍ୟୁବା ରାଷ୍ଟ୍ରଦୂତ

# ବଖାଣିଲେ ଆମେରିକାର ଜାତନା-ନିର୍ଯାତନା




ଭୁବନେଶ୍ୱର, (ସବ୍ୟୁ): ପୃଥିବୀରେ ଯୁଦ୍ଧର ଘନଘଟା ଭିତରେ ବିଶ୍ୱ ମୈତ୍ରୀ, ଏକତା ଓ ବନ୍ଧୁତାର ଆହ୍ୱାନ ରଖି କ୍ୟୁବା ଗଣରାଜ୍ୟର ଭାରତରେ ଅବସ୍ଥାପିତ ରାଷ୍ଟ୍ରଦୂତ ଜୁଆନ କାର୍ଲସ ମାର୍ସନ ଅଗୁଇଲେରା ଗସ୍ତ କରିଛନ୍ତି । ସେ ଶନିବାର ଭୁବନେଶ୍ୱରସ୍ଥିତ "ପ୍ରଗତିବାଦୀ' ପରିସରକୁ ଆସି ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଓ ସାମ୍ବାଦିକମାନଙ୍କ ସହିତ ଆଲୋଚନା କରିଛନ୍ତି ଏବଂ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ଆହ୍ୱାନ ରଖିଛନ୍ତି ।

ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ପକ୍ଷରୁ ଆୟୋଜିତ ୮୫ତମ ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେବାକୁ ମାର୍ସନ ଅଗୁଇଲେରା ଆସିଥିବାବେଳେ ଓଡ଼ିଶାରେ ପହଞ୍ଚି କ୍ୟୁବା ଗଣରାଜ୍ୟର ଆଭିମୁଖ୍ୟ ଏବଂ ବିଶ୍ୱ ପ୍ରେକ୍ଷାପଟ୍ଟ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ । ସେ କହିଥିଲେ ଯେ, କ୍ୟୁବା ଗଣରାଜ୍ୟ ସବୁବେଳେ ଶାନ୍ତି ଓ ମୈତ୍ରୀ ଚାହିଁଥାଏ । ଏହା ସହତି ନିଜ ଦେଶର ସ୍ୱାମୀମାନ ରଖି କେଉଁଠି ମୁଣ୍ଡ ନୁଆଁଇ ନଥାଏ । କ୍ୟୁବାବାସୀ କେବେ ବି କୌଣସି ଅନ୍ତର୍ରାଷ୍ଟ୍ରୀୟ ଶକ୍ତି ସମ୍ମୁଖରେ ଆତ୍ମସମର୍ପଣ କରିନାହାନ୍ତି ବୋଲି ଦର୍ଶାଇ ଶ୍ରୀ କାର୍ଲସ କହିଥିଲେ ଯେ, କ୍ୟୁବାବାସୀ ନିଜର ସ୍ୱାଧୀନତା ଓ ସାର୍ବଭୌମତ୍ୱକୁ ସବୁବେଳେ ସୁରକ୍ଷିତ କରି ଆସିଛନ୍ତି । ଆଗକୁ ମଧ୍ୟ ସେଥିପାଇଁ ସମସ୍ତେ କାର୍ଯ୍ୟ କରିବେ । କ୍ୟୁବା ଯେତେ କଷ୍ଟକର ପରିସ୍ଥିତି ଦେଇ ଗତି କଲେ ମଧ୍ୟ ତା'ର ସ୍ୱାଧୀନତା ଓ ସାର୍ବଭୌମତ୍ୱ ପ୍ରତି ଆଞ୍ଚ ଆଣିବାକୁ ଦେବ ନାହିଁ ।

ସେ କହିଥିଲେ ଯେ, ଭାରତ ସହିତ କ୍ୟୁବାର ସଂପର୍କ ବେଶ ଭଲ ରହିଛି ଏବଂ ଆଗାମୀ ଦିନରେ ମଧ୍ୟ ଭଲ ରହିବ ଓ ଏହା ତାଙ୍କର ଦ୍ୱିତୀୟ ଗସ୍ତ ବୋଲି ଦର୍ଶାଇ ଶ୍ରୀ କାର୍ଲସ କହିଥିଲେ ଯେ, କ୍ୟୁବାବାସୀଙ୍କ ପ୍ରତି ଭାରତ ଏବଂ ଓ ଯେଉଁ ବନ୍ଧୁତ୍ୱ ରହିଛି ସେଥିପାଇଁ ସେ କୃତଜ୍ଞ । ଭୁବନେଶ୍ୱର ଆସି ବୁଦ୍ଧଜୀବୀ, ଲେଖକ ଓ ସାମ୍ବାଦିକମାନଙ୍କୁ ଭେଟିବା ସମୟରେ ସେ ତାଙ୍କ ଦେଶର କଥା କହିପାରିଛନ୍ତି ବୋଲି ଖୁସି ଥିବା କହିଥିଲେ । କ୍ୟୁବା ରାଷ୍ଟ୍ରଦୂତଙ୍କୁ "ପ୍ରଗତିବାଦୀ'ରେ କାର୍ଯ୍ୟନିର୍ବାହୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ ସ୍ୱାଗତ କରିଥିଲେ । ରାଜ୍ୟସ୍ତରୀୟ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ କମିଟିର ଅଧ୍ୟକ୍ଷ ଜଷ୍ଟିସ ମନୋରଂଜନ ମହାନ୍ତି ସାମ୍ବାଦିକଙ୍କୁ ସମ୍ବୋଧିତ କରିବା ସମୟରେ ଉପସ୍ଥିତ ଥିଲେ । ଏହି ଅବସରରେ "ପ୍ରଗତିବାଦୀ'ର ନିର୍ଦ୍ଦେଶିକା ଡ. ମୋନାଲିସା ବଳ କ୍ୟୁବା ରାଷ୍ଟ୍ରଦୂତ ଜୁଆନ କାର୍ଲସ ମାର୍ସନ ଅଗୁଇଲେରାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶାନ୍ତି ଏବଂ ଅହିଂସାର ପ୍ରତୀକ ଭଗବାନ ବୁଦ୍ଧଦେବଙ୍କ ଏକ ପ୍ରତିକୃତି ଓ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ "ପରଶମଣି' ଲେଖାଥିବା ଫଳକ ଉପହାର ଦେଇଥିଲେ ।

" ଏଡିଟୋରିଆଲ ନିର୍ଦ୍ଦେଶକ ଲଳିତ ପଟ୍ଟଯୋଷୀ, ବିଶିଷ୍ଟ ଲେଖକ ଡ. ସତ୍ୟନାରାୟଣ ମିଶ୍ର, ପ୍ରାଧ୍ୟାପକ ଡ. ଅବଶ ପରିଡା, ପ୍ରାଧ୍ୟାପକ ଡ. ବିଜୟାନନ୍ଦ ସିଂହ, ଡ . ଜୟଶ୍ରୀ ମହାପାତ୍ର, ଶିକ୍ଷାବିତ ଶରତ ଚନ୍ଦ୍ର ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର ଓ ପୁସ୍ତକ ପ୍ରକାଶକ ଶିବାଶିଷ କର ଏହି ଅବସରରେ କ୍ୟୁବା ରାଷ୍ଟ୍ରଦୂତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ରାଷ୍ଟ୍ରଦୂତ ଶ୍ରୀ ମାର୍ସନ ମଧ୍ୟ ଏହି ଲେଖକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କ୍ୟୁବା ରାଷ୍ଟ୍ରଦୂତ ଶ୍ରୀ ମାର୍ସନ ଶନିବାର ତାଙ୍କର ଦୁଇଦିନିଆ ଗସ୍ତ ସାରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

# ବିପୁଳ ପରିମାଣର ନକଲି ଜର୍ଦ୍ଦା ଓ ସ୍କୁଟି ଜବତ:ଜଣେ ଗିରଫ

ଚଣ୍ଡିଖୋଲ,/ଛତିଆ(ସବ୍ୟୁ): ଯାଜପୁର ଜିଲ୍ଲାର ଛତିଆ ଅଂଚଳରୁ ପୋଲିସ ଶୁକ୍ରବାର ଦିନ ବିପୁଳ ପରିମାଣର ନକଲି ଜର୍ଦ୍ଦା ଓସ୍କୁଟି ଜବତ କରିଛି । ଏଥିସହ ଏହି ବେଆଇନ ବେପାରରେ ସଂପୃକ୍ତ ଜଣେ ବ୍ୟକ୍ତିକୁ ଗିଳଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ହେଉଛନ୍ତି ସ୍ଥାନୀୟ ନେଳିଆ ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ଆଲୋକକୁମାର ନାୟକ(୩୬) । ଅଭିଯୁକ୍ତ ଏହି ନକଲି ଜର୍ଦ୍ଦା ବିକ୍ରି କରୁଥିବା ବେଳେ ଛତିଆ ଫାଣ୍ଡି ଅଧିକାରୀ ତାହାକୁ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରିଥିଲେ । ସୂଚନା ମୁତାବକ ଶୁକ୍ରବାର ଅପରାହ୍ନରେ ଅଭିଯୁକ୍ତ ନିଜ ସ୍କୁଟିରେ ପ୍ରାୟ ୫୦ କିଲୋ ଓଜନର ନକଲି ଜର୍ଦ୍ଦା ନେଇ ବିକ୍ରି କରିବାକୁ ଛତିଆ ବଜାରକୁ ଯାଉଥିବା ସମୟରେ ଫାଣ୍ଡି ଅଧିକାରୀ ସରୋଜକୁମାର ବେହେରା ଖବର ପାଇଁ ତାଙ୍କୁ ଅଟକାଇ ତନଖି କରିବାରୁ ତାଙ୍କ ପାଖରୁ ଏହି ନକଲି ଜର୍ଦ୍ଦା ଜବତ ବାହାରିଥିଲା । ପରେ ଉକ୍ତ ଜର୍ଦ୍ଦା ଓ ସ୍କୁଟିକୁ ପୋଲିସ ଜବତ କରିଥିଲା । ଜବତ ହୋଇଥିବା ନକଲି ଜର୍ଦ୍ଦା ୧୦୦ଟି ପ୍ୟାକେଟରେ ଥିଲା । ଏଥିନେଇ ବୈରୀ ଥାନାରେ ୨୨୨/୨୬ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।

# ଗୋବରୀ ନାଳରେ ବୁଡ଼ି ମୃତ ଯୁବକ ପରିବାରକୁ ସହାୟତ

ନାଉଗାଁ,(ସବ୍ରୁ): ନାଉଗାଁ ଥାନା ଅନ୍ତର୍ଗତ ବାଂଶ ଗ୍ରାମର ଜଣେ ଯୁବକ ଗୋବରୀ ନାଳରେ ବୁଡ଼ି ମୃତ୍ୟୁବରଣ କରିଥିବା ନେଇ ଶନିବାର ଥାନାରେ ଲିଖିତ ଅଭିଯୋଗ ହୋଇଛି । ମୃତକ ହେଲେ ଗ୍ରାମର ସଂଜୟ ସ୍ୱାଇଁ (୪୦) । ମୃତକଙ୍କ ବାପା ସନ୍ତୋଷ ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ସେପେଟମ୍ବର ୧୭ ତାରିଖରେ ସଂଜୟ ଘରୁ ବାହାରକୁ ଯାଇଥିଲେ । ହେଲେ ଆଉ ଘରକୁ ଫେରିନଥିଲେ ।ପରିବାର ପକ୍ଷରୁ ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିନଥିଲା । ଶନିବାର ବାବା ସାଧୁ ଗୋସ୍ୱାମୀ ମଠବଣ ନିକଟ ଗୋବରୀ ନାଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ନାଉଗାଁ ଅଗ୍ନିଶମ ସେବା କେନ୍ଦ୍ର କର୍ମଚାରୀମାନେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ । ପରିବାର ଲୋକେ ମୃତଦେହଟି ସଂଜୟଙ୍କର ବୋଲି ଚିହ୍ନଟ କରିଥିଲେ । ଏନେଇ ନାଉଗାଁ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ମୁଖ୍ୟ ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଥିଲା । ସଂଜୟଙ୍କ ବିଧବା ପନୀ ଓ ଏକ ପୁତ୍ର ଅଛନ୍ତି । ତହସିଲ ପକ୍ଷରୁ ରେଡକ୍ରସ ପାଂିରୁ ୧୦ ହଜାର ଟଙ୍କା ସହାୟତା ମୃତକଙ୍କ ବାପା ସନ୍ତୋଷ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି । ସ୍ଥାନୀୟ ତହସିଲଦାର ଅକ୍ଷୟ ବଡୁ ଓ ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା ଏହି ସହାୟତା ପ୍ରଦାନ କରିଥିଲେ । ଯୁବନେତା ସୁନିଲ ମାଟିଆ ଓ ଗ୍ରାମବାସୀ ଉପସ୍ଥିତି ରହି ମୃତ ପରିବାରକୁ ସମବେଦନା ଜଣାଇଥିଲେ ।

# ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ "ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାର'




ବ୍ୟାସନଗର,(ଜିପ୍ର): "ଜିନ୍ଦଲ ଷ୍ଟେନ୍‌ଲେସ୍'କଳିଙ୍ଗନଗରକୁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଶିଳ୍ପ ବର୍ଗରେ "ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାରରେ ସମ୍ମାନିତ କରାଯାଇଛି । କଳିଙ୍ଗନଗର ପ୍ଲାଂଟରେ ପରିବେଶ ଅନୁପାଳନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସ୍ଥାୟୀ ଶିଳ୍ପ ପ୍ରକ୍ରିୟା ପାଇଁ କମ୍ପାନୀର ନିରନ୍ତର ପ୍ରଚେଷ୍ଟାକୁ ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମରେ ଆୟୋଜିତ ଏସପିସିବି ଓଡ଼ିଶାର୪୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ମାନ୍ୟତା ଉପରେ ନିଜର ପ୍ରତିକ୍ରିୟା ରଖି ଜିନ୍ଦଲ ଷ୍ଟେନ୍‌ଲେସ୍‌ରୟୁନିଟ୍ ହେଡ୍ ଦୀପକ ଅଗ୍ରଓ୍ୱାଲ କହିଛନ୍ତି, ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାର'ଗ୍ରହଣ କରିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ । ସ୍ଥାୟୀ ବିକାଶ ଆମର କାଯ୍ୟଶୈଳୀ ସହ ଓତପ୍ରୋତ ଭାବେ ଜଡ଼ିତଏବଂ ଏହି ସମ୍ମାନ ଉତରଦାୟୀ ଓ ସମ୍ବଳ-କୁଶଳ ଉତ୍ପାଦନ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରୁଛି । ଆମେ ଓଡ଼ିଶା ଏବଂ ସାରା ଦେଶରେ ଆମର କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଆପଣାଇବା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସର୍କୁଲାର ଇକୋନୋମି ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଜାରି ରଖିବୁ । ପୁରସ୍କାର ବିତରଣ ଉତ୍ସବ ସହିତ ଜିନ୍ଦଲ ଷ୍ଟେନ୍‌ଲେସ୍ ଏକ ଇଂଟରାକଟିଭ୍ ପ୍ରଦର୍ଶନୀ ଷ୍ଟଲ୍ ମାଧ୍ୟମରେ ନିଜର ଡିକାର୍ବୋନାଇଜେସନ୍ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରିଥିଲା । ଏଥିରେ ବ୍ରାଇଟ୍ ଆନିଲିଂ ପାଇଁ ଏହାର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଂଟର ଏକ କାର୍ଯ୍ୟକ୍ଷମ ମଡେଲ୍ ସହିତ ଓଡ଼ିଶାର ସବୁଠାରୁ ବଡ଼ କ୍ୟାପଟିଭ୍ ଇଣ୍ଡଷ୍ଟ୍ରିଆଲ୍ ସୋଲାର ପ୍ଲାଂଟ ଏବଂ ଉତ୍ପାଦନ ପ୍ରକ୍ରିୟାରୁ କାର୍ବନ ପଦଚିହ୍ନ ହ୍ରାସ କରିବାକୁ ଲକ୍ଷ ରଖାଯାଇଥିବା ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ସାମିଲଥିଲା ।

# ୧୧ ହଜାର ୧୨୪.୬୭ ହେକ୍ଟର ଫସଲ ନଷ୍ଟ

କେନ୍ଦ୍ରାପଡା ,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲାରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁ ୬ଗୋଟି ବ୍ଲକରେ ପ୍ରାୟ ୧୧ ହଜାର ୧୨୪.୬୭ ରୁ ଉର୍ଦ୍ଧ୍ୱ ହେକଟର ଫସଲ ନଷ୍ଟ ହୋଇଥିବା ଜଣାପଡିଛି ।କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା, ଡେରାବିଶ ଓ ଗରଦପୁର ବ୍ଲକରେ ଫସଲ ନଷ୍ଟ ହୋଇନଥିବାବେଳେ ମାର୍ଶାଘାଇରେ ୧୩୪୫ ହେକଟର, ମହାକାଳପଡାରେ ୧୦୫୦ ହେକଟର, ପଟ୍ଟାମୁଣ୍ଡାଇରେ ୭୭୦ ହେକଟର, ଆଳିରେ ୩୩୪୪ ହେକଟର, ରାଜନଗରରେ ୮୭୦.୬୭ ହେକଟର, ରାଜକନିକାରେ ୩୭୫୫ ହେକଟର ଫସଲ ନଷ୍ଟ ହୋଇଥିବା ଜଣାପଡିଛି । ଫସଲ ନଷ୍ଟ ହୋଇଥିବା ଚାଷୀମାନଙ୍କୁ ସେମାନଙ୍କର ଫସଲ କ୍ଷତିର ଆର୍ଥିକ ସହାୟତା ଜିଲ୍ଲାପାଳଙ୍କ ଦ୍ୱାରା ସଂପୃକ୍ତ ତହସିଲ୍ ଅଫିସକୁ ଟଙ୍କା ପ୍ରେରଣ କରାଯାଇଛି ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଟ୍ରାଇ ସାଇକେଲ ବଣ୍ଟନ

ବାଙ୍କୀ ,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ୭୬ ତମ ଜନ୍ମ ଦିନ ରେ ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ବିଦ୍ୟାରନି ଛକରେ ଥିବା ଜନ ସେବା କେନ୍ଦ୍ର ଠାରେ ବୈଦେଶ୍ୱର ଯୁବ ପ୍ରଗତି ପରିଷଦ ପକ୍ଷରୁ ସମାଜସେବୀ ଜୟଦେବ ସାମନ୍ତରାୟଙ୍କ ପ୍ରତ୍ୟେକ୍ଷ ଉଦ୍ୟମରେ ୧୧ ଜଣ ବୃଦ୍ଧ,ବୃଦ୍ଧା, ଦିବ୍ୟାଙ୍ଗଙ୍କୁ ମାଗଣା ଟ୍ରାଇ ସାଇକେଲ ଓ କିଟ ବଣ୍ଟନ କରାଯାଇଛି ।ଟ୍ରାଇ ସାଇକେଲ ପାଇ ଖୁସି ପ୍ରକଟ କରିଛନ୍ତି ବହୁ ହିତାଧିକାରୀ । ଏହି ବଣ୍ଟନ କାର୍ଯ୍ୟକ୍ରମରେ ପଣ୍ଡିତ ଦେବରାଜ ଦାସ, ଶିକ୍ଷାବିତ ଉମାକାନ୍ତ ବେହେରା, ସମୀର କୁମାର ଗଡନାୟକ, ସୁବୋଧ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମାଜ ସେବୀ ଜୟଦେବ ସାମନ୍ତାରାୟଙ୍କ ଏହି ପ୍ରୟାସକୁ ଖୁବ ପ୍ରଶଂସା କରିଛନ୍ତି ସ୍ଥାନୀୟ ଲୋକେ । ଆଗାମୀ ଦିନରେ ଅନ୍ୟ ଗ୍ରାମ ପଞ୍ଚାୟତରେ ଦିବ୍ୟାଙ୍ଗମାନଙ୍କୁ ମାଗଣାରେ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ଜୟଦେବ ।

# ଦୋକାନରୁ ଚୋରି : ୨ ଗିରଫ

ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ସୁବ୍ରତ କୁମାର ବେହେରାଙ୍କର ପଟ୍ଟନାୟକିଆ ଛକ ନିକଟ ଏକ କ୍ୟାବିନ ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ଶୁକ୍ରବାର ୨ ଜଣଙ୍କୁ ଗିରଫ କରି ସତ୍ୟବାଦୀ ପୋଲିସ କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଗୋପ ଥାନା ଶୋଭନପୁରର ରଜତ ବେହେରା ଓରଫ ମଦନ (୩୩) ଓ ପିପିଲି ଥାନା ରୂପଦେଇପୁର ତଳସାହିର ମନୋଜ କୁମାର ସାହୁ ଓରଫ ପିଙ୍କୁ (୩୦) । ଗତ ୧୬ ତାରିଖ ରାତିରେ ଦୋକାନ ବନ୍ଦ କରି ମାଲିକ ଘରକୁ ଯାଇଥିଲେ । ରାତି ପ୍ରାୟ ୧୧ଟା ୩୪ରେ ସିସିଟିଭି ନୋଟିଫିକେସନ ପାଇ ସେ ଦୋକାନରେ ଚୋରି ହେଉଥିବା ଜାଣିଥିଲେ । ଦୁର୍ବୃତ୍ତମାନେ କବାଟ ଭାଙ୍ଗି ପ୍ରାୟ ୨୦ ହଜାର ଟଙ୍କାର ସାମଗ୍ରୀ ଓ ୨ ହଜାର ଟଙ୍କା ନଗଦ ନେଇ ଫେରାର ହୋଇଥିଲେ । ଘଟଣାସ୍ଥଳରେ ଓଡି-୦୨-ବିଏସ-୭୦୭୪ ନମ୍ବରର ଏକ ହୋଣ୍ଡା ସିଡ଼ି-୧୦୦ ବାଇକ ଓ ଚପଲ ଛାଡ଼ି ଯାଇଥିଲେ ।ତଦନ୍ତ ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଧରିଥିଲା । ସେମାନଙ୍କ ନିକଟରୁ ଓଡ଼ି-୦୨-ବିଏସ-୭୦୭୪ ନମ୍ବରର ହୋଣ୍ଡା ସିଡ଼ି-୧୦୦ ବାଇକ, ଓଡି -୧୩-ଏ-୯୪୯୮ ନମ୍ବରର ଏକ ଆକଟିଭା ସ୍କୁଟି, ୨ ହଜାର ଟଙ୍କା ନଗଦ ସହ ୨୦୦ ଟଙ୍କାର କଏନ, ୧୦ ପ୍ୟାକେଟ ଗୋଲ୍ଡ ଫ୍ଲେକ ସିଗାରେଟ, ଅନ୍ୟାନ୍ୟ ସାମଗ୍ରୀ ଓ ଗୋଟିଏ ।ଖଜ୍କ୍ୱ ମୋବାଇଲ ଫୋନ ଜବତ ହୋଇଛି । ଗିରଫ ରଜତଙ୍କ ନାମରେ ପୂର୍ବରୁ ଗୋପ ଓ ଅସ୍ତରଙ୍ଗ ମେରାଇନ ଥାନାରେ ୩ଟି ମାମଲା ଥିବା ପୋଲିସ କହିଛି । ମାମଲାର ତଦନ୍ତ ଏଏସଆଇ ମହେଶ୍ୱର ଦାସ କରୁଛନ୍ତି ।

# ପୂର୍ବତନ ମୁଖ୍ୟ ପ୍ରବନ୍ଧକ କାଳୀକାନ୍ତ ଦାଶଙ୍କ ପରଲୋକରେ ଶୋକ



ଫୁଲନଖରା ,(ସବ୍ୟୁ)::ନାଲକୋ ପରିବାରର ଜଣେ ପରିଚିତ, ଲୋକପ୍ରିୟ, ମିଷ୍ଟଭାଷୀ ଓ ଧର୍ମପରାୟଣ ବ୍ୟକ୍ତିତ୍ୱ ତଥା ନାଲକୋ ସ୍ମେଲଟର ପ୍ଲାଣ୍ଟର ପୂର୍ବତନ ମୁଖ୍ୟ ପ୍ରବନ୍ଧକ (ସିଷ୍ଟମ୍ସ) କାଳୀକାନ୍ତ ଦାଶ(୭୫)ଙ୍କ ପରଲୋକ ଘଟିଛି । ସମସ୍ତଙ୍କ ସ୍ନେହରେ "କାଳୀ ଭାଇନା' ଭାବେ ପରିଚିତ ଶ୍ରୀ ଦାଶ ୨୦୨୬ ସେପେଟମ୍ବର ୧୭ ତାରିଖ ରାତିରେ ହାଇଦ୍ରାବାଦସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଇହଲୀଳା ସମ୍ବରଣ କରିଛନ୍ତି । ତାଙ୍କ ବିୟୋଗରେ ନାଲକୋ ପରିବାର, ସହକର୍ମୀ, ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି । ୧୯୮୩ ମସିହା ଜୁନ ୨୨ ତାରିଖରେ ଶ୍ରୀ କାଳୀକାନ୍ତ ଦାଶ ନାଲକୋରେ ଯୋଗଦାନ କରିଥିଲେ । କର୍ମକ୍ଷେତ୍ର ବ୍ୟତୀତ ଶିକ୍ଷା ଓ ସମାଜସେବା ପ୍ରତି ମଧ୍ୟ ତାଙ୍କର ଗଭୀର ଆଗ୍ରହ ରହିଥିଲା । ଭୁବନେଶ୍ୱରରେ ପୋଷ୍ଟିଂ ସମୟରେ ସେ ନାଲକୋ ପରିବାରର ଅନେକ ଶିଶୁଙ୍କୁ ପାଠପଢ଼ାରେ ସହଯୋଗ କରୁଥିଲେ । ତାଙ୍କର ଜ୍ଞାନ, ସରଳ ଶିକ୍ଷାଦାନ ପଦ୍ଧତି ଓ ପିଲାମାନଙ୍କ ପ୍ରତି ସ୍ନେହ ଯୋଗୁଁ ସେ ନାଲକୋ ପରିବାରରେ ଜଣେ "ସୁପର ଟିଚର' ଭାବେ ବେଶ ପରିଚିତ ଥିଲେ । ଚଳିତବର୍ଷ ମେ' ୫ ତାରିଖରେ କିଛି ଚିକିତ୍ସାଜନିତ ସମସ୍ୟା ଓ ଅସ୍ତ୍ରୋପଚାର ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରବର୍ତ୍ତୀ ସମୟରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରରୁ ହାଇଦ୍ରାବାଦସ୍ଥିତ ଆପୋଲୋ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସ୍ୱର୍ଗତ କାଳୀକାନ୍ତ ଦାଶଙ୍କ ପାର୍ଥିବ ଶରୀର ହାଇଦ୍ରାବାଦରୁ ଭୁବନେଶ୍ୱରକୁ ଅଣାଯିବା ପରେ ଶେଷ ଦର୍ଶନ ଓ ଅନ୍ତିମ ଶ୍ରଦ୍ଧାଞ୍ଜଳି ପ୍ରଦାନକରାଯିବ । ତାଙ୍କ ପୁଅ ଦେବୀ ପ୍ରସାଦ ଦାଶ ମୁଖାଗ୍ନି ପ୍ରଦାନ କରିବେ । ଜଣେ ଦକ୍ଷ ନାଲକୋ ଅଧିକାରୀ, ଜ୍ଞାନୀ ଶିକ୍ଷକ, ଧର୍ମପରାୟଣ ବ୍ୟକ୍ତି, ଅମାୟିକ ମଣିଷ ଓ ନାଲକୋ ପରିବାରର ଜଣେ ଆତ୍ମୀୟ ସଦସ୍ୟ ଭାବେ କାଳୀକାନ୍ତ ଦାଶ ଅନେକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ତାଙ୍କର ବିୟୋଗ ନାଲକୋ ପରିବାର ଓ ତାଙ୍କ ଅଗଣିତ ଶୁଭେଚ୍ଛୁଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କ ସହ ଜଡ଼ିତ ଥିବା ଅସଂଖ୍ୟ ସ୍ମୃତି ଓ ତାଙ୍କର ମାନବୀୟ ଗୁଣ ସମସ୍ତଙ୍କ ମନରେ ସର୍ବଦା ଅମର ହୋଇ ରହିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯିବା ସହ ସ୍ୱର୍ଗତ କାଳୀକାନ୍ତ ଦାଶଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଛି ।

# ସେବାୟତ ହରିହର ମେକାପଙ୍କ ଦେବ ପୁସ୍ତକ ଉନ୍ମୋଚିତ

ସାକ୍ଷୀଗୋପାଳ ,(ସବ୍ୟୁ)ବିଶିଷ୍ଟ ଭାଷାବି, ସୁଲେଖକ ତଥା ସାକ୍ଷୀଗୋପାଳ ମନ୍ଦିରର ବରିଷ୍ଠ ଭଣ୍ଡାର ମେକାପ ହରିହର ମେକାପଙ୍କ ଦାରା ସଂକଳିତ ସତ୍ୟବାଦୀ ସାକ୍ଷୀଗୋପିନାଥ ଦେବ ପୁସ୍ତକର ଉନ୍ମୋଚନ ଉତ୍ସବ ଶ୍ରୀସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ଉନ୍ମୋଚିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ବିଡ଼ିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ମନ୍ଦିର ପରିଚାଳନା କମିଟିର ସଦସ୍ୟ ବାଳକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପୁସ୍ତକଟିର ସମୀକ୍ଷା କରିଥିଲେ । ସାକ୍ଷୀଗୋପାଳର ଓ ଶ୍ରୀ ରାଧା ଙ୍କ ସମ୍ପର୍କ, ଶ୍ରୀରାଧା କିଏ? ଗୋପୀନାଥଙ୍କ ସହ ସେ କାହିଁକି ପୂଜା ପାଉଛନ୍ତି, ସାକ୍ଷୀଗୋପାଳ ଙ୍କ ମନ୍ଦିର ନିର୍ମାଣ କେଉଁ ପରିସ୍ଥିତିରେ କରାଗଲା, କିଏ କାହିଁକି ଏ ମନ୍ଦିର ନିର୍ମାଣ କରାଇଲେ ଏହିପରି ଅନେକ କାଳଜୟୀ ରଚନା ସମେତ ବିଭିନ୍ନ ସ୍ଥାନର କିମ୍ବଦନ୍ତୀ ସଂପର୍କିତ ଉପାଦେୟ ଆଲେଖ୍ୟ ପୁସ୍ତକଟିରେ ସ୍ଥାନିତ ହୋଇଥିବାରୁ ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ ।

# ବିପର୍ଯ୍ୟସ୍ତ ବିଦ୍ୟୁତ ସେବା ନେଇ ଗ୍ରାହକ ମହଲରେ ଅସନ୍ତୋଷ

ରାଜସୁନାଖଳା ,(ସବ୍ୟୁ): ନୟାଗଡ଼ ରଣପୁର ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟୁତ ଡିଭିଜନରେ ବିପର୍ଯ୍ୟସ୍ତ ବିଦ୍ୟୁତ ସେବାକୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ପ୍ରକାଶ ଯେ ଉକ୍ତ ଅଞ୍ଚଳ କୁ ଖୋର୍ଦ୍ଧା ଡିଭିଜନ ରୁ ରାଜସୁନାଖଳା ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ହୋଇଛି ।ତେବେ ସାମାନ୍ୟ ବର୍ଷା ପବନ ରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ବନ୍ଦ ରହିବା ଘଟଣା ଗ୍ରାହକୁ ବ୍ୟଥିତ କରିଛି ।ସାମାନ୍ୟ ପବନ ରେ ପତ୍ର ହାଲିଲେ ରାଜସୁନାଖଳା ଅଞ୍ଚଳରୁ ବିଦ୍ୟୁତ କାଟ ହେଉଛି ।ଏ ନେଇ କୌଣସି ଗ୍ରାହକ ଟୋଲଫ୍ରି ନମ୍ବର ରେ ଫୋନ କଲେ ଫୋନ ରିଙ୍ଗ ହେଉଛି ।କିନ୍ତୁ ଫୋନ କେହି ଉଠାଉ ନାହାନ୍ତି ।ଏପରିକି ବିଦ୍ୟୁତ ବିଭାଗ ଯନ୍ତ୍ରୀ ମଧ୍ୟ ଫୋନ ଗ୍ରହଣ କରୁନାହାନ୍ତି ତ ।ଳିଆ କର୍ମଚାରୀ କିମ୍ବା ଲାଇନ ମ୍ୟାନକୁ ଫୋନ କଲେ ସେମାନେ ଗ୍ରାହକ ସେବା କେନ୍ଦ୍ରକୁ ଫୋନ କରନ୍ତୁ ବୋଲି ସେମାନେ କହୁଛନ୍ତି ।ଫଳରେ ତ୍ୱରିତ ସେବା ଯୋଗାଇ ବାରେ ସେବା ବିଫଳ ହୋଇଛି ।ସାମାନ୍ୟ ମେଘ ଉଠାଇଲେ ଲାଇନ କାଟିବା ଏକ ନିତି ଦିନିଆ ଘଟଣା ପାଲଟିଛି ।କେତେବେଳେ ଅପରାହ୍ନ ଚାରିଟା ରେ ଲାଇନ କଟି ରାତି ୧୦ ଟାରେ ଆସୁଛି । ବିଦ୍ୟୁତ ଜନିତ ସମସ୍ୟାରେ କେହି ହିତାଧିକାରୀ ଫୋନ କଲେ କିଛି ସୁଫଳ ମିଳୁନି ।ତ୍ୱରିତ ସେବା ପ୍ରଦାନ ଉଦେଶ୍ୟରେ ସରକାର ଟାଟା ପାଓ୍ୱାର ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରୁଥିଲେ ମଧ୍ୟ ଉକ୍ତ ସଂସ୍ଥାର କର୍ମଚାରୀ ଏଭଳି ଅତ୍ୟାବଶ୍ୟକ ସେବା ଯୋଗାଇବାରେ ବିଫଳ ହୋଇଛନ୍ତି ।ବିଶେଷ କରି ରାଜସୁନାଖଳା ଅଞ୍ଚଳରେ ଏ ଭଳିଆ ସମସ୍ୟା ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି ।ଏ ନେଇ ଖୋର୍ଦ୍ଧା କାଯ୍ୟାଳୟ ନିର୍ବାହୀ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଯୋଗାଯୋଗ ଉଦ୍ୟମ କରା ଯାଇଥିଲେ ମଧ୍ୟ ସମ୍ଭବ ହେଉନି । ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ କର୍ତ୍ତୃପକ୍ଷ ବିଦ୍ୟୁତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଗ୍ରାହକ ମହଲରେ ମତ ପ୍ରକାଶ ପାଇଛି ।

# ଉପ କାରାଗାରରେ ଦୁଇ ଅନ୍ତେବାସୀଙ୍କ ମଧ୍ୟରେ ମାଡ଼ପିଟ

ନରସିଂହପୁର ,(ସବ୍ୟୁ) ନରସିଂହପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥିତ ଉପ କାରାଗାର ମଧ୍ୟରେ ଦୁଇଜଣ ଅନ୍ତେବାସୀଙ୍କ ମଧ୍ୟରେ ମାଡ଼ପିଟ ହୋଇଛନ୍ତି । ସୂଚନା ଅନୁଯାୟୀ ଶୁକ୍ରବାର କାରାଗାର ମଧ୍ୟରେ ଖାଦ୍ୟ ଖାଇବାକୁ ନେଇ ଅନ୍ତେବାସୀ ହିମାଂଶୁ ନାଏକଙ୍କୁ ଦିପୁରଞ୍ଜନ ନାୟକ ମାଡ଼ ମାରିଥିଲେ । ଏହି ଘଟଣା ଘଟିବା ପରେ ଘଟଣା ସ୍ଥଳରେ ସବଜେଲର ପହଁଞ୍ଚି ସେମାନଙ୍କୁ ବୁଝାଇ ଥିଲେ । ଏହାପରେ ଉପକାରାଗାର ସବଜେଲର ନରସିଂହପୁର ଥାନାରେ ମାଡ ମରିଥିବା ଅନ୍ତେବାସୀଙ୍କ ସମ୍ପର୍କରେ ଅଭିଯୋଗ କରିଥିଲେ । ଏହାପରେ ଶନିବାର ସ୍ଥାନୀୟ ଉପା କାରାଗାରରେ ଚୌଦ୍ୱାର ସର୍କଲ ଡ଼ି ଆଇ ଜି ଅନୁଶୟା ଜେନା ପହଁଞ୍ଚି ପରିଦର୍ଶନ କରିବା ସହିତ ଉଭୟ ଅନ୍ତେବାସୀଙ୍କୁ ଭିତରେ ହୋଇଥିବା ମାଡ଼ପିଟ ସମ୍ପର୍କରେ ପଚାରିଥିଲେ ।ଉଭୟ ଅନ୍ତେବାସୀଙ୍କୁ ମିଳାମିଶା କରାଇଥିଲେ ।ଏହାର କିଛି ସମୟ ପରେ ଉଭୟ ଅନ୍ତେବାସୀଙ୍କ ମଧ୍ୟରେ କୋଳାଗ୍ରତ ହୋଇଥିଲେ । ଏଥି ସହିତ ଉଭୟ ଅନ୍ତେବାସୀ କୋଣସି ବିଶୃଙ୍ଖଳତ ଆଚାରଣ କରିବେ ନାହିଁ ବୋଲି ଲିଖିତ ଚୁକ୍ତିନାମା ପ୍ରଦାନ କରିଥିବା ବିଭାଗୀୟ ଅଧକାରୀଙ୍କ ସୂତ୍ରରୁ ପ୍ରକାଶ ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ରୋଗୀଙ୍କୁ ଫଳ ବଣ୍ଟନ

ଖଣ୍ଡପଡ଼ା ,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ ତମ ଜନ୍ମ ଦିନ ପାଳନ ଅବସରରେ ଖଣ୍ଡପଡ଼ା ଓ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀମାନଙ୍କୁ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଗୁରୁବାର ଦିନ ଫଳ ବଣ୍ଟନ କରିବା ଅବସରରେ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଥିବା ଜଣାଯାଇଛି ।ବିଧାୟକଙ୍କ ସହ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ,ନୟାଗଡ ଜିଲ୍ଲା ଭାଜପା ପ୍ରଭାରୀ ସୁରଥ ବିଶ୍ୱାଳ, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ ।

# ୮ ଓଭରଲୋଡ ଚିପ୍ସ ଗାଡି ଜବତ

ଆଠଗଡ଼, (ସବ୍ୟୁ) : ଦୀର୍ଘ ଦିନ ଧରି ତିଗିରିଆ ଅଞ୍ଚଳରେ ବେଆଇନ ଭାବେ ଚୋରାଚାଲାଣ ହୋଇଆସୁଛି । ତିଗିରିଆ ପ୍ରଶାସନ ସମ୍ପୂର୍ଣ୍ଣ ନିରବ ସାଜିଛି ।

ଶୁକ୍ରବାର ରାତ୍ରିରେ ତିଗିରିଆ ଅଞ୍ଚଳରୁ ବେଆଇନ ଭାବେ ଚୋରାରେ ଚାଲାଣ ହେଉଥିବା ଆଠଟି ଚିପ୍ସ ବୋଝେଇ ଟ୍ରକକୁ ଆଠଗଡ ଉପଜିଲ୍ଲାପାଳ ଅନିମେଷ ପ୍ରଧାନ ଜବତ କରିଥିବା ଜଣାପଡିଛି । କାର୍ଯ୍ୟଭାର ଗ୍ରହଣ କରିବା ପରେ ଶନିବାର ଦିନ ପ୍ରଥମଥର ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚ ଗାଁ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ୮ ଟି ଚିପ୍ସ ବୋଝେଇ ହାଇୱା ଜବତ କରି ଏହି ସମସ୍ତ ଗାଡି ଗୁଡ଼ିକୁ ଆଠଗଡ ମହୋତ୍ସବ ପଡିଆ ଠାରେ ରଖାଯାଇଥିଲା ।

ଗାଡି ଜବତ ସମୟରେ ଆଠଗଡ଼ ଉପଜିଲ୍ଲାପାଳ ଅନିମେଷ ପ୍ରଧାନ ଙ୍କ ସହିତ ତିଗିରିଆ ଅତିରିକ୍ତ ତହସିଲଦାର ଗଙ୍ଗାଧର ନାୟକ, ତିଗିରିଆ ଥାନା ଅଧିକାରୀ ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତି ଥିବା ବେଳେ ଏପଟେ ବାଙ୍କୀ ଅତିରିକ୍ତ ତହସିଲଦାର ସୁବର୍ଣ୍ଣପୁର ଛକ ନିକଟରେ ୩ ଚିପ୍ସ ବୋଝେଇ ଗାଡି ଜବତ କରିଥିବା ସୂଚନା ମିଳିଛି ।

ଏହି ଜବତ ଗାଡି ଗୁଡ଼ିକରର ସୂଚନା କଟକ ପରିବହନ ବିଭାଗକୁ ଦିଆଯିବା ପରେ ପରିବହନ ଆଇ ଆଇ ସି ରଞ୍ଜନ କୁମାର ଦୋରା ଜବତ ଗାଡି ଗୁଡିକ ଠାରୁ ୬ ଲକ୍ଷରୁ ଉର୍ଦ୍ଧ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଜଣାପଡିଛି ।

# ଦୁର୍ଗାପୂଜା ଲାଗି ମାଟି ଅନୁକୂଳ

ନୟାହାଟ, (ସବ୍ୟୁ): ଗୋପ ବ୍ଲକ ଅନ୍ତତ ନୟାହାଟରେ ଜଗତଜନନୀ ମା'ଦୁର୍ଗାଙ୍କ ମୃଣ୍ମୟ ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ ହୋଇଯାଇଛି । ଭାଦ୍ରବମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ରାତ୍ରିରେ ପୂଜା କମିଟି ସଦସ୍ୟମାନେ ଢୋଲ, ମହୁରୀ, ବାଜାବାଣ ସହ ଦୁର୍ଗାମଣ୍ଡପ ଠାରୁ ଶୋଭା ଯାତ୍ରାରେ ବାହାରି ପ୍ରାଚୀ ନଦୀର ପୁରରବା ପାଠରେ ପହଞ୍ଚିଥିଲେ । ସେଠରେ ମୁଖ୍ୟ ପୂଜକ ସୀତାକାନ୍ତ ମୁଖାର୍ଜୀ ପୂଜାର୍ଚ୍ଚନା କରିବା ପରେ କର୍ତ୍ତା ସଂଗ୍ରାମ ବିଟି ମାଟି ଉଠାଇଥିଲେ । ପୂଜକ ବିରଞ୍ଚି ନାରାୟଣ ମିଶ୍ର ସହଯୋଗ କରିଥିଲେ ।

## ଭାପୁର ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ରାଜ୍ୟ ସରକାରଙ୍କୁ କଂଗ୍ରେସର କଟୁ ସମାଲୋଚନା

ଭାପୁର, (ସବ୍ୟୁ) : ନୟାଗଡ଼ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ୧ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ ଜନସାଧାରଣ ବାସ କରୁଥିବା ବେଳେ ମୌଳିକ ଅଧିକାରରୁ ଜନସାଧାରଣ ବର୍ଷ ବର୍ଷ ଧରି ବଞ୍ଚିତ ହୋଇ ଆସୁଥିବା ନେଇ ଅଭିଯୋଗ ଉଠାଇ ଭାପୁର ଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ରଞ୍ଜିତ କୁମାର ଦାସ କ୍ଷୋଭ ପ୍ରକାଶ କରିବା ସହ ଏ ନେଇ ରାଜ୍ୟସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି । ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଭାପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।



ସମ୍ମିଳନୀରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥାକୁ ନେଇ ଶ୍ରୀ ଦାଶ ଉଦବେଗ ପ୍ରକାଶ କରିବା ସହ ସମସ୍ୟା ଗୁଡିକ କିପରି ସମାଧାନ ହୋଇପାରିବ ସେ ନେଇ ସେ ମତ ରଖିଥିଲେ ।ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ,ଟ୍ରାମା କେୟାର,ଇକୋ କେୟାର ଆଦି ଆନୁସଙ୍ଗିକ ବ୍ୟବସ୍ଥା ନଥିବା ବେଳେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସର୍ବନିମ୍ନ ମୌଳିକ ସେବା ମିଳୁ ନଥିବାରୁ ଗାଁ ଗହଳିର ଜନସାଧାରଣ ବଙ୍ଗାଳି କ୍ୱାକମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅକାଳରେ ମୃତ୍ୟୁବରଣ କରୁଥିବାରୁ ଏ ନେଇ ସମ୍ମିଳନୀରେ ଉଦବେଗ ପ୍ରକାଶ ପାଇଥିଲା । ତେଣୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ନେଇ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ନେଇ ସଭାପତି ଶ୍ରୀ ଦାଶ ସୂଚନା ପ୍ରଦାନ କରିଥିଲେ । ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଜିଲ୍ଲା ମହିଳା କଂଗ୍ରେସ ସଭାପତି ବୈଜୟନ୍ତୀବାଳା ମହାନ୍ତି, ଜିଲ୍ଲା ଉପ ସଭାପତି ବିନୋଦିନୀ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଆଇନଜୀବୀ ପ୍ରଦୀପ୍ତ ପ୍ରଧାନ, ମହିଳା ସଭାନେତ୍ରୀ ରଶ୍ମିତା କୁମାରୀ ପଟ୍ଟନାୟକ, ଭାପୁର ବ୍ଲକ ସଭାପତି ବାଙ୍କ ବିହାରୀ ଧଳ, ଖଣ୍ଡପଡା ନଗର ସଭାପତି ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବରିଷ୍ଠ ବିଜେଡି ନେତ୍ରୀ ରାଧାମଣୀ ପ୍ରଧାନଙ୍କ ଅକାଳ ବିୟୋଗ



ପିପିଲି,(ସବ୍ୟୁ): ପିପିଲି ବ୍ଲକର ଲୋକପ୍ରିୟ ବିଜେଡି ମହିଳା ନେତ୍ରୀ ପୂର୍ବତନ ଜିଲ୍ଲା ପରିଷଦ, ସରପଞ୍ଚ, ବ୍ଲକ ଉପାଧ୍ୟକ୍ଷା ରାଧାମଣୀ ପ୍ରଧାନ (୭୦) ଙ୍କର ଶୁକ୍ରବାର ଦିନ ଅକାଳ ବିୟୋଗ ଘଟିଛି। ତାଙ୍କ ଘର ପିପିଲି ବ୍ଲକ ଅନ୍ତର୍ଗତ ରଥପୁରୁଷୋତ୍ତମପୁର ପଞ୍ଚାୟତ ବାଲିଗାଁରେ । ଶୁକ୍ରବାର ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ମଙ୍ଗଳପୁରସ୍ଥିତ ଘରୋଇ ମେଡିକାଲକୁ ନେଇଥିଲେ । ଡାକ୍ତର ସେଠାରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଚାରିଆଡେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସମୟରେ ପ୍ରଦୀପ ମହାରଥୀଙ୍କ ନେତୃତ୍ୱରେ ପ୍ରଥମେ ମହିଳା ସରପଞ୍ଚ ପରେ ପିପିଲି ବ୍ଲକ ଉପାଧ୍ୟକ୍ଷା ଭାବେ କାର୍ଯ୍ୟ ତୁଲାଇଥିଲେ। ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ସମୟରେ ୨୪ନମ୍ବର ଜିଲ୍ଲା ପରିଷଦ ରହିଥିଲେ। ପୂର୍ବତନ ମନ୍ତ୍ରୀ ତଥା ୭ଥରର ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଅତି ଆପଣାର ବିଶ୍ୱସନୀୟତା ସହ ପରିବାର ସଦସ୍ୟ ଥିଲେ। ତାଙ୍କର ବିୟୋଗ ଖବର ପାଇ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ,ବରିଷ୍ଠ ଶିକ୍ଷାବିତ ଡ଼ ପ୍ରତିଭା ମହାରଥୀ, ଡା.ପଲ୍ଲବୀ ମହାରଥୀ, କଂଗ୍ରେସ ଯୁବ ନେତା ପ୍ରିୟବ୍ରତ ସାମନ୍ତରାୟ,ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପ୍ରଦୀପ୍ତ ମିଶ୍ର, ଆର୍ତ୍ତବନ୍ଧୁ ସାମନ୍ତରାୟ, ମନୋଜ ଦାସ, ପ୍ରକାଶ ଧଳ, ବିଶ୍ୱଜିତ ଦାସ ପ୍ରମୁଖ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ନିଜସ୍ୱ ବାସଭବନ ବାଲିଗାଁ ରେ ପହଂଚି ମର ଶରୀରକୁ ଶେଷ ଦର୍ଶନ କରିଥିଲେ। ସେହି ଅମର ଆତ୍ମା ର ସଦଗତି କାମନା କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତାପ ପରିବାର ବର୍ଗକୁ ସମବେଦନା ଜଣାଇ ଥିଲେ। ତାଙ୍କର ବଡ଼ ପୁଅ ପ୍ରତାପ ପ୍ରଧାନ (ନକୁଳ) ମୁଖାଗ୍ନି ଦେଇଥିବା ବେଳେ ପରିବାର ପ୍ରିୟଜନ ବନ୍ଧୁ ବାନ୍ଧବ ମାନେ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗ ଦ୍ୱାରା ଠାରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିଲା ।

# ପିକପ୍ ଭ୍ୟାନ୍ ଧକ୍କାରେ ଗୁରୁତର ଅଟୋ ଚାଳକ ମୃତ

ବାଲିପାଟଣା ,(ସବ୍ୟୁ): :ଗତ ସୋମବାର ଗଣେଶ ପୂଜା ସନ୍ଧ୍ୟାରେ ବାଲିପାଟଣା ଥାନା ମଧୁବନ ଛକ ନିକଟରେ ଅଜଣା ପିକପ ଭ୍ୟାନ ଅଟୋକୁ ମୁହାଁ ମୁହିଁ ଧକା ଦେଇଥିଲା। ଦୁର୍ଘଟଣାରେ ସ୍ଥାନୀୟ ଅଂଚଳ ଦୋରବାଙ୍ଗ ଗ୍ରାମର ପତି ପତ୍ନୀ ଏବଂ ଅଟୋ ଚାଳକଙ୍କ ସହ ୩ ଜଣ ଗୁରୁତର ହୋଇ ଚିକିତ୍ସାଧିନ ଥିଲେ । ଅଟୋ ଚାଳକ ଜଙ୍କିଆ ଗ୍ରାମର ସାରଙ୍ଗ ଧର ବେହେରା ଓରଫ ମାଗା ( ୫୨ ) ଙ୍କର ଶନିବାର ମଧାହ୍ନରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି । ଅନ୍ୟ ଆହତ ବୃଦ୍ଧ ଦମ୍ପତି ବାଲିପାଟଣା ଥାନା ଦୋରବାଙ୍ଗର ଉମାକାନ୍ତ ବାରିକ ( ୭୦ ) ଏବଂ ବେନି ବାରିକ ( ୬୫ ) ଚିକିତ୍ସାଧିନ ଅଛନ୍ତି। ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ହେତୁ ମଧୁବନ ଛକ ଠାରେ ବାରମାର ଦୁଃଖଟଣା ଘଟୁଛି । ଏଥିପାଇଁ ସଂପୃକ୍ତ ବିଭାଗ ଓ ଠିକାଦାର ଦାୟୀ ବୋଲି ଦାବି ହୋଇଛି ।

# ମଳିପଡ଼ା ବିଦ୍ୟୁତ୍ ବିଭାଗରେ ବିଶ୍ୱକର୍ମା ପୂଜା

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ମଳିପଡ଼ା ବିଦ୍ୟୁତ ସେକ୍ସନ ତରଫରୁ ନିଷ୍ଠା ଓ ଉତ୍ସାହର ସହ ପବିତ୍ର ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ପୂଜା ସମାରୋହରେ ବିଭାଗୀୟ ମୁଖ୍ୟ ତଥା ସର୍କଲ ହେଡ ପ୍ରଦୀପ କୁମାର ଦାସ , ନିର୍ବାହୀ ଯନ୍ତ୍ରୀ ଚନ୍ଦ୍ରଭାନୁ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ ଓ କନିଷ୍ଠ ଯନ୍ତ୍ରୀ ହରମୋହନ ଘଡ଼େଇ, ସୋମନାଥ ବେହେରା, ରାଧୁ ପରିଡ଼ାଙ୍କ ସମେତ ସେକ୍ସନର ସମସ୍ତ କର୍ମଚାରୀ ଓ ବିଭାଗୀୟ ଉପରସ୍ଥ ଅଧିକାରୀମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ ।


34001/814/2627 ID. ee-randbjyp@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**JAYAPUR (R&B) DIVISION, JAYAPUR**

**e-Procurement Notice**

**Bid Identification No. S.E (R&B) -16/2026-27/JYP(K)**

**No. 5086 Date. 08.09.2026**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in.**

1. Name of the Work : Building Works as mentioned in DTCN.
2. No. of Works : 4 Nos.
3. Estimated Cost : Rs. 8.47 Lakhs to 27.82 lakhs
4. Period of completion : 2 (Two) to 3 (Three) Months
5. Date & Time of Bidding : From 11.00 hours of 19.09.2026 Up-to 17.00 hours of 28.09.2026
6. Last date & time for receipt of bids in portal : 17.00 hours of 28.09.2026.
7. Bids received online shall be opened on : 11.00 hours of 29.09.2026.
8. Name and address of the officer inviting Bid : Superintending Engineer, Jayapur (R&B) Division, Jayapur

Further details can be seen from the www.tendersodisha.gov.in

**Sd/- Superintending Engineer,**
**Jayapur (R&B) Division**

**OIPR : 34001/34027/1/26-27/0017**



25001/1166/2627

**GOVERNMENT OF ODISHA**

**"e" PROCUREMENT NOTICE**

**Bid Identification No. 12 of 2026-27**

The Executive Engineer RWS&S Division, Balangir on behalf of Governor of Odisha invites Percentage bid through e - Procurement in Double cover system according to norm of e - Procurement system in online mode for the different work in different blocks under Balangir District.

01. Nature of Work : Execution of different RPWS under RWS&S Division, Balangir of Balangir District.
2. Total No of work : 04 No.
3. Estimated Cost : Rs. 82.27 Lakhs to 84.49 Lakhs.
4. Eligible Class of Contractor : "B" Class Contractor.
5. Period of Completion : Ten Month
6. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 12 of 2026-27 | Dt.22.09.2026 AT. 11.00 Hrs. | Dt.08.10.2026 Up to 17.00 Hrs. |

Further details can be had in the DTCN available in the website **www.tendersodisha.gov.in**

**Sd/- Executive Engineer**
**RWS&S Division, Balangir**

**OIPR : 25001/25033/1/26-27/0001**



**GOVERNMENT OF ODISHA** 32001/893/2627
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**HYDROLOGY & INTERSTATE MATTER, BURLA**
**E-mail id. - sehydrologyismburla@gmail.com**

**e-Procurement Notice No. SEH&ISM-04/2026-27 (Online)**
**Bid Identification No. SEH&ISM-04/2026-27 (Online)**

Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1. | Nature of Works | : | Improvement of Saradihi and Tarapur Gauge site office .of Hirakud Dam Project for the year 2026-27. |
| 2. | No of works | : | 1 (one) NOS. |
| 3. | Bid Identification No. | : | SEH&IS.M-04/2026-27 |
| 4. | Estimated Cost | : | 7.89 Lakhs (Excluding GST) |
| 5. | Class of Contractor | : | "C & D" Class |
| 6. | Period of Completion | : | Referred to DTCN |
| 7. | Date and Time of availability of Bid Document in the Portal | : | Dt: 25.09.2026 at 11.00 AM to Dt: 05.10.2026 up to 17.00 P.M |
| 8. | Last Date / Time for receipt of Bids on the Portal | : | Dt: 05.10.2026 up to 17.00 P.M. |
| 9. | Date of opening of Bid | : | Dt: 06.10.2026 at 11.00 AM |
| 10. | Name and Address of the Officer Inviting Bid | : | SUPERINTENDING ENGINEER, HYDROLOGY & INTERSTATE MATTER, BURLA AT/PO- BURLA DIST-SAMBALPUR ,768017 **Email Id: -schydrologyismburla@gmail.com** |

1. Any addendum/corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in.

**Sd/- Superinteding Engineer,**
**Hydrology & Interstate Matter, Burla**

**OIPR : 32001/32452/1/26-27/0003**



24001/456/2627

ଓଡ଼ିଶା ସରକାର
ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଘୋଷଣା**

**No. ୪୭୩ Dated. ୦୭.୦୯.୨୦୨୬**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R. Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– **ଗଣ୍ଡର୍ଦା,** ଥାନା– ବାଲେଶ୍ୱର ସହର ନଂ–୦୫ ତହସିଲ– **ରେମୁଣା**, ଜିଲ୍ଲା– ବାଲେଶ୍ୱରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବାଙ୍କତିରା ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା, ୨୪୭ ତା ୦୯.୦୪.୨୦୨୬ ରିଖ ଏବଂ ରାଜ ପତ୍ର ସଂଖ୍ୟା ୧୪୨୦ ତା. ୧୭.୦୪.୨୦୨୬ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା–**ଗଣ୍ଡର୍ଦା,** ଥାନା– ବାଲେଶ୍ୱର ସଦର ନଂ–୦୫ ଜିଲ୍ଲା– ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ– ୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା - ବାଲେଶ୍ୱର** **ତହସିଲ- ରେମୁଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗଣ୍ଡର୍ଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ଏ ୦୧.୧୯ | ଏକର ଏ ୦.୧୫ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା - ବାଲେଶ୍ୱର** **ତହସିଲ- ରେମୁଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧିନରେ ଜିଲ୍ଲାପାଳ, ବାଲେଶ୍ୱରଙ୍କ ଅଧିସୂଚନା ନଂ– ୨୪୭ ତା. ୦୯.୦୪.୨୦୨୬ ରିଖ ଅନୁଯାୟୀ ଧାରା ୧୧(୧)ର ଘୋଷିତ ଅଧିସୂଚନାର ବୈଧ ତାରିଖ ୦୬.୦୫.୨୦୨୬ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- ଜିଲ୍ଲାପାଳ**

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୦୨/୨୦୨୬**
**ଏ.୦.୧୫ ଡି.**

**ବାଙ୍କତିରା ବ୍ୟାରେଜ ପ୍ରକଳ୍ପ ନିମନ୍ତେ**
**ମୌଜା- ଗଣ୍ଡର୍ଦା, ଥାନା- ବାଲେଶ୍ୱର ସଦର, ନଂ-୫, ତହସିଲ - ରେମୁଣା, ଜିଲ୍ଲା- ବାଲେଶ୍ୱର**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୫୭ | ୨୩ | ୦.୨୩ | ୦.୦୬ | ପାଳ ଦୁଇ | ପୁରଷ୍ତମ ଗିରି, ଶଚିନ୍ଦ୍ର ଗିରି, ଅନିରୁଦ୍ଧ ଗିରି |
| | ୨୭ | ୦.୧୫ | ୦.୦୧ | ପାଳ ଦୁଇ | ପି: କହ୍ନେଇ ଗିରି, ହାର ଗିରି ସ୍ୱା: କହ୍ନେଇ ଗିରି ଜା: ଗୋଲା ବା: ନିଜଗାଁ |
| ୨୬୯ | ୨୨ | ୦.୨୨ | ୦.୦୧ | ପାଳ ଦୁଇ | ରତ୍ନାକର ଗିରି ପି: ଶିବ ଗିରି, ମଣି ଗିରି ସ୍ୱା: ଶିବ ଗିରି, |
| | ୨୬ | ୦.୨୩ | ୦.୦୧ | ପାଳ ଦୁଇ | କୁମାର ଗିରି, ଭିମ ଗିରି, ଡୁମା ଗିରି ପି: ହରପ୍ରସାଦ ଗିରି, କ୍ଷେତ୍ର ଗିରି ସ୍ୱା: ହରପ୍ରସାଦ ଗିରି କୈଳାସ ଗିରି ପି: ସୂର୍ଯ୍ୟାନନ୍ଦ ଗିରି, ରାଧିକା ଗିରି ସ୍ୱା: ସୂର୍ଯ୍ୟାନନ୍ଦ ଗିରି ଜା: ଗୋଲା ବା: ପାଳସିଆ |
| ୨୯୮ | ୨୪ | ୦.୦୧ | ୦.୦୧ | ପାଳ ଦୁଇ | ରୁକ୍ମଣି ପ୍ରଧାନ ସ୍ୱା: ବାସୁ ପ୍ରଧାନ, |
| | ୨୫ | ୦.୦୨ | ୦.୦୨ | ପାଳ ଦୁଇ | ଭଜନ ପ୍ରଧାନ ପି: ଭଗବାନ ପ୍ରଧାନ ଜା: ଗୋଲା ବା: ପାଳସିଆ |
| ୩୭୫/ ୭୭ | ୨୪/୨୩୨୧ | ୦.୧୭ | ୦.୦୨ | ପାଳ ଦୁଇ | ଡୁମା ପ୍ରଧାନ ପି: ହରି ଗିରି ଜା: ଗୋଲା |
| | ୨୫/୨୩୨୨ | ୦.୧୬ | ୦.୦୧ | ପାଳ ଦୁଇ | ବା: ପାଳସିଆ ଥା– ରେମୁଣା ଜି: ବାଲେଶ୍ୱର |
| ମୋଟ | ୮ ପ୍ଲଟ | ଏ. ୧.୧୯ ଡେ.ମି. | ଏ. ୦.୧୫ ଡେ.ମି. | | |

**AMIN Baripada Zone** | **REV- INSPECTOR Zone-I Baripada** | **Zone Officer-I, -Cum- LA, Collector S.I.P., Baripada Zone** | **Spl. Land Acquisition Officer S.I.P., Baripada**

**OIPR : 24001/24242/3/26-27/0005**



24001/461/2627

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ପ୍ରତ୍ୟାହାର ବିଜ୍ଞପ୍ତି**

**No. RDM-LAA-BDK-0009-2023 -34166 /R&DM, dated:11.08.2026**

ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ର ଧାରା ୯୩(୧) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ରାଜ୍ୟ ସରକାର ଏତଦ ଦ୍ୱାରା ମୌଜା– **ଲକ୍ଷ୍ମୀପ୍ରସାଦ,** ତହସିଲ ଚାନ୍ଦବାଲି, ଜିଲ୍ଲା– ଭଦ୍ରକରେ ଶିଳ୍ପ ପାର୍କ ପ୍ରକଳ୍ପ ପାଇଁ ଅଧିଗୃହୀତ **୫୫.୮୪୬୦ ଏକର** ଜମିରୁ **୬.୨୫ ଏକର** କ୍ଷେତ୍ର ପ୍ରତ୍ୟାହାର କରୁଛନ୍ତି, ଯାହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଉପରୋକ୍ତ ଆଇନର ଧାରା ୧୧(୧) ରେ ଜାରି ହୋଇଥିବା ପ୍ରାଥମିକ ଅଧିସୂଚନା ସଂଖ୍ୟା ୪୨୯୫୨ ତା ୦୬.୧୨.୨୦୨୩ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୩୬ ତା ୦୩.୦୧.୨୦୨୪ ରିଖ ପ୍ରକାଶିତ ହୋଇଥିଲା ଏବଂ ଘୋଷଣା ସଂଖ୍ୟା ୪୯୩୯୪ ତା ୩୧.୧୨.୨୦୨୫ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୫୩୭ ତା ୦୭.୦୨.୨୦୨୬ ରିଖ ପ୍ରକାଶିତ ହୋଇଥିଲା । ସରକାରଙ୍କ ଦ୍ୱାରା ଉକ୍ତ ପ୍ରତ୍ୟାହୃତ ହେଉଥିବା ଜମିର ଦଖଲ ନିଆଯାଇ ନାହିଁ ।

ଏଥି ସହିତ ପ୍ରତ୍ୟାହାର ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

ପ୍ରତ୍ୟାହାର ଭୂମି (ପ୍ରସ୍ତାବିତ) ଅନୁସୂଚୀ (ବେସରକାରୀ)
ପ୍ରକଳ୍ପର ନାମ – ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ

ମୌଜାର ନାମ: ଲକ୍ଷ୍ମୀପ୍ରସାଦ
ଥାନା ଓ ନଂ.: ବାଁଶଡା, ୧୦୩
ତହସିଲ: ଚାନ୍ଦବାଲି
ଜିଲ୍ଲା: ଭଦ୍ରକ

**11 (1) Notification No. 42952/R&DM Dt. 06.12.2023 (Ac.55.8460)**
**L.A. Case No. 6/22**

| କ୍ର. ସଂ | ଖାତା ନଂ. | ଖସଡ଼ା ନଂ. | ମୋଟ ରକବା (ଏକର) | ଭୂ-ଅର୍ଜନ ରକବା (ଏକର) | କିସମ | ଖାତାର ନୂତନ ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୩୦ | ୩୦୨ | ୬.୨୫୦ | ୬.୨୫୦ | ଶାରଦ–୨ | ଜାତୀନ୍ଦ୍ରନାଥ ମହାପାତ୍ର, ପିତା: ଶ୍ରୀଧର ଚନ୍ଦ୍ର ମହାପାତ୍ର ଜା: କାରଣ, ବା: କିଶୋର ପ୍ରସାଦ |
| | | ମୋଟ | ୬.୨୫୦ | ୬.୨୫୦ | | |

**ରାଜ୍ୟପାଳଙ୍କ ଆଦେଶାନୁସାରେ**
**ସ୍ୱା/- (ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

**OIPR : 24001/24001/3/26-27/0149**



24001/460/2627

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ପ୍ରତ୍ୟାହାର ବିଜ୍ଞପ୍ତି**

**No. RDM-LAA-BDK-0012-2023 -33274 /R&DM, dated:04.08.2026**

ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ର ଧାରା ୯୩(୧) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ରାଜ୍ୟ ସରକାର ଏତଦ ଦ୍ୱାରା ମୌଜା– ଜଗନ୍ନାଥପ୍ରସାଦ, ଜିଲ୍ଲା– ଭଦ୍ରକରେ ଶିଳ୍ପ ପାର୍କ ପ୍ରକଳ୍ପ ପାଇଁ ଅଧିଗୃହୀତ ୯୩.୦୧୫ ଏକର ଜମିରୁ ୨.୨୪ ଏକର କ୍ଷେତ୍ର ପ୍ରତ୍ୟାହାର କରୁଛନ୍ତି, ଯାହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଉପରୋକ୍ତ ଆଇନର ଧାରା ୧୧(୧) ରେ ଜାରି ହୋଇଥିବା ପ୍ରାଥମିକ ଅଧିସୂଚନା ସଂଖ୍ୟା ୩୯୯୮୭ ତା ୧୩.୧୧.୨୦୨୩ ଓ ଓଡ଼ିଶା ଗଜେଟ ସଂଖ୍ୟା ୩୦ ତା ୦୩.୦୧.୨୦୨୪ ରିଖ ପ୍ରକାଶିତ ହୋଇଥିଲା ଏବଂ ଘୋଷଣା ସଂଖ୍ୟା ୪୫୪୩୦ ତା ୦୨.୧୨.୨୦୨୫ ରିଖ ଓ ଓଡ଼ିଶା ଗଜେଟ ସଂଖ୍ୟା ୫୨୧ ତା ୦୭.୦୨.୨୦୨୬ ରିଖ ପ୍ରକାଶିତ ହୋଇଥିଲା । ସରକାରଙ୍କ ଦ୍ୱାରା ଉକ୍ତ ପ୍ରତ୍ୟାହୃତ ହେଉଥିବା ଜମିର ଦଖଲ ନିଆଯାଇ ନାହିଁ ।

ଏଥି ସହିତ ପ୍ରତ୍ୟାହାର ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

ପ୍ରତ୍ୟାହାର ଭୂମି ଅନୁସୂଚୀ (ବେସରକାରୀ)
ପ୍ରକଳ୍ପର ନାମ – ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ


ମୌଜାର ନାମ: ଜଗନ୍ନାଥପ୍ରସାଦ
ଥାନା ଓ ନଂ.: ବାଁଶଡା, ୧୪୦
ତହସିଲ: ଚାନ୍ଦବାଲି
ଜିଲ୍ଲା: ଭଦ୍ରକ

**11 (1) Notification No. 39987/R&DM Dt. 13.11.2023 (Ac.93.0150)**
**L.A. Case No. 5/22**

| କ୍ର. ସଂ | ଖାତା ନଂ. | ଖସଡ଼ା ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ପ୍ରତ୍ୟାହାର ରକବା (ଏକର) | କିସମ | ଖାତାର ନୂତନ ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|---|
| ୧ | ୭ | ୪୦୪ | ୧.୦୦୦ | ୧.୦୦୦ | ୧.୦୦୦ | ଶାରଦ–୧ | ଅନନ୍ତ କୁମାର ଦାସ ପି: ନରେନ୍ଦ୍ର ନାଥ ଦାସ ଜା: ଅଣିଣ ତନ୍ତି ବା: ପୂର୍ଣ୍ଣ ପ୍ରସାଦ |
| ୨ | ୧୧୯ | ୪୦୫ | ୦.୧୯୦ | ୦.୧୯୦ | ୦.୧୯୦ | ଶାରଦ–୧ | ପହଲି ଚନ୍ଦ୍ର ଦାସ ପି: ନରେନ୍ଦ୍ର ନାଥ ଦାସ ଜା: ଅଣିଣ ତନ୍ତି ବା: ପୂର୍ଣ୍ଣ ପ୍ରସାଦ |
| ୩ | ୧୭୯ | ୪୦୬ | ୧.୦୫୦ | ୧.୦୫୦ | ୧.୦୫୦ | ଶାରଦ–୧ | ରଜନୀକାନ୍ତ ଦାସ ପି: ନରେନ୍ଦ୍ର ଦାସ ଜା: ଅଣିଣ ତନ୍ତି ବା: ପୂର୍ଣ୍ଣ ପ୍ରସାଦ |
| | | ମୋଟ | ୨.୨୪୦ | ୨.୨୪୦ | ୨.୨୪୦ | | |

**ରାଜ୍ୟପାଳଙ୍କ ଆଦେଶାନୁସାରେ**
**ସ୍ୱା/- (ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

**OIPR : 24001/24001/3/26-27/0148**



ଭାନୁଜୀ ରାଓ

ଭକ୍ତକବି ମଧୁସୂଦନ ରାଓ ଆଧୁନିକ ଓଡ଼ିଆ ସାହିତ୍ୟ ଜଗତରେ ଏକ ପ୍ରଭାବଶାଳୀ କବି ଥିଲେ । ତାଙ୍କର ପ୍ରାର୍ଥନା ଓ ଜଣାଣ ସବୁର ତୁଳନା ନାହିଁ । ତାଙ୍କର ପୌତ୍ର ଭାନୁଜୀ ରାଓ (ଜନ୍ମ ୩ ନଭେମ୍ବର ୧୯୨୬– ମୃତ୍ୟୁ ୧୫ ନଭେମ୍ବର ୨୦୦୧) ମଧ ସାଂପ୍ରତିକ କାଳରେ ଜଣେ ସ୍ୱନାମଧନ୍ୟ କବି ଭାବରେ ପ୍ରତିଷ୍ଠିତ ଥିଲେ । ବୃତ୍ତିରେ ସେ ଅଧ୍ୟାପକ ଥିଲେ ମାତ୍ର ପ୍ରବୃତ୍ତି ଥିଲା କବିତା ରଚନା । ଗୁରୁପ୍ରସାଦ ମହାନ୍ତି ଓ ତାଙ୍କର 'ନୂତନ କବିତା ସଂକଳନ' ସେତେବେଳେ ବେଶ ଆଲୋଡ଼ନ ସୃଷ୍ଟି କରିଥିଲା ଓଡ଼ିଆ ସାହିତ୍ୟରେ । ତାଙ୍କର ପ୍ରଥମ କବିତା ସଂକଳନ 'ବିଷାଦ ଏକ ଋତୁ' ୧୯୭୩ରେ ପ୍ରକାଶ ପାଇଥିଲା । ୧୯୮୬ରେ 'ନଈ ଆରପାରିରେ' କବିତା ସଂକଳନରୁ ତାଙ୍କର କବି ପ୍ରତିଭାର ପ୍ରକୃତ ପରିଚୟ ମିଳିଥିଲା । ବିଳମ୍ବରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । କିନ୍ତୁ ସେଥିପାଇଁ ତାଙ୍କ ମନରେ କୌଣସି କ୍ଷୋଭ ନଥିଲା । ଜଣେ ଲେଖକ ଏ ସମ୍ପର୍କରେ ତାଙ୍କର ପ୍ରତିକ୍ରିୟା ଜାଣିବାକୁ ଚାହିଁବାରୁ ସେ ପ୍ରକାଶ କରିଥିଲେ– 'ଡେରିରେ ପୁରସ୍କାର ପାଇବା ସମ୍ପର୍କରେ ତ କେବେ କିଛି ଭାବିନି । ଏହା ଘେନି ମୋ ମନରେ କୌଣସି କ୍ଷୋଭ ନାହିଁ, ତେବେ ଯେତେବେଳେ ଏ ପୁରସ୍କାର ପାଇବା ସମ୍ପର୍କରେ ଶୁଣିଲି– ବିଶ୍ୱାସ ହେଲାନି । ଭାବିଲି– ମୋ କବିତା ଆଦୃତ ହୋଇ ପାରିଚି । ବନ୍ଧୁ ଜଣେ ଟେଲିଫୋନ କରି କହିଲେ–ଓଡ଼ିଆ କବିଙ୍କୁ ମିଳିଚି । ରାତି ୯ଟାରେ ଫୋନ ପାଇଲି ପୁଣିଥରେ, ମୁଁ ପାଇଚି ବୋଲି । ଖୁବ୍ ଖୁସି ହେଲି ।' ('ବିଜୟା' ପତ୍ରିକାର ୧୯୯୬ ଜାନୁଆରୀ ସଂଖ୍ୟା, ସମ୍ପାଦନା–ଅଭୟ ସିଂହ) । ସେ 'ପ୍ରଜ୍ଞା' ନାମକ ଏକ ଉଚ୍ଚକୋଟିର ତ୍ରୈମାସିକ ପତ୍ରିକାର ସମ୍ପାଦନା ଡଃ ଯତୀନ୍ଦ୍ରନାଥ ମହାନ୍ତିଙ୍କ ସହ ମିଶି କରୁଥିଲେ । ସେହି ପତ୍ରିକାରୁ ଭାନୁଜୀ ରାଓଙ୍କ ଏହି ଦୁଇଟି କବିତା ଉଦ୍ଧୃତ ।

# ଭାନୁଜୀ ରାଓଙ୍କ ଦୁଇଟି କବିତା



(୧)

ଚଢ଼େଇଟି ହାୟ କେଉଁଠି ଗଲା ହଜି,
ଇନ୍ଦ୍ରଧନୁର ରଙ୍ଗରେ ଗଢ଼ା ଡେଣା,
ଗହନ କେଉଁ ବନେ ତା ମନ ମଜି
ପାଇଛି ସତେ, ଶୁଝିବ ନାହିଁ ଦେଣା ?


ଚଢ଼େଇଟି ହାୟ କେଉଁଠି ଗଲା ଉଡ଼ି,
ବାନ୍ଧିଲା ନୀଡ଼ କେଉଁ ସେ ବନସ୍ପତି,
ଛନ୍ଦିଲା ଡାଳର ସ୍ୱପନେ ଗଲା ବୁଡ଼ି,
ପଡ଼ିଛି ଏକା, ନିଶୁନ ଚଉକତି ।

ଚଢ଼େଇଟି ମୋର ଆସିବ ସତେ ଫେରି,
ଦେହରେ ତାର ଠିକଣା ଆକାଶର,
ପ୍ରବାଳ ଓଠ ଥରାଇ ଥିରି ଥିରି,
ରକତ ମୋର ଛୁଇଁବ ତାରି ସ୍ୱର ।

ଚଢ଼େଇ ସେ ତ ଚଢ଼େଇ ନୁହେଁ ଖାଲି,
ଆଖିରେ ତାର ଜଳୁଛି ହୀରା ମୋତି,
ଭୁଲିନି ତାକୁ, ଭୁଲିନି ତାର ଚାଲି,
ଭଙ୍ଗା ପଞ୍ଜୁରୀ ଝୁରୁଛି ତାକୁ ନିତି ।

ନିବିଡ଼ କେତେ ମୁହୂର୍ତ୍ତ ନେଇ ଅଣ୍ଟେ,
ସାତ ସାଗର ଦୂରେ ସେ ପଳାତକ ।
ଘୁମୁରେ ମନ, ଦିନ ରାତି ନ ଅଣ୍ଟେ,
ତାହାରି ଛାଇ ଦିଶୁଛି ଜକ ଜକ ।

ନିଶିଥିନୀର ଚପଳ ପାରାବତ,
ଜୀବନ ନଦୀ ଯାଉଛି ଶୁଖି ଶୁଣ,
ଅନେକ ଜହ୍ନ, ଅନେକ ତାରା ଗତ,
ଆସିବ ପୁଣି, ଶୁଝିବ ତୁମ ଋଣ ?
************



(୨)

ଆକାଶେ ଝଡ଼, କଳା ମୁଗୁନି ରାତି,
ସାଗର ଢେଉ ଗରଜେ ଶଙ୍ଖଚୂଡ଼,
ତୁମର ମୋର ମିଳନ ବିହଙ୍ଗମ,
ହଜାଏ ଦିଗ, ନୀରବ ତାର ଡେଣା ।

ଅନେକ ଝଡ଼, ପବନ ଭୁଜଙ୍ଗିନୀ,
ମାତାଲ ଢେଉ ନିଶାରେ ଟଳମଳ,
ତୁମର ମୋର ଖୁସିର ବିହଙ୍ଗମ,
ପାଇନି ଖୋଜି ଦିଗନ୍ତର ସୀମା ।

ଝଡ଼ରେ ଭାସେ ସ୍ମୃତିର କୁଟାକାଠି,
ସତ୍ତା ମୋର ଝଡ଼ା ପତର ପରି,
ଯାଉଛି ଉଡ଼ି, କାହିଁ ସେ ଆୟୁଷ୍ମତୀ,
ପାରିବ ଧରି ବିଗତ ସବୁ ଦିନ ?

ଆସିଛି ଝଡ଼, ଝଡ଼ର ହଜାର ହାତ,
ମୁଁ ଓ ତୁମେ କେଉଁଠି ଗଲୁ କିଏ ?
ମୁଠାରେ ଝଡ଼ର ଥରୁଛି କୃଷ୍ଣଚୂଡ଼ା,
ଝଡ଼ର ସେତୁ ପାରିବା ପାରି ହୋଇ ?

ଯଦିବା ଥମେ ଝଡ଼ର ମାତଲାମି,
ଧରିବା ହାତ, ପରସ୍ପରର ହାତ,
ଯେ ହାତେ ଦିନେ ପାଲଟି ପାରାବତ,
ଆକାଶେ ଜାଳିଥିଲା ସେ ଅରୁନ୍ଧତୀ ।
************

## ତିନୋଟି କବିତା

# ଅଣଦେଖା



ଗଜାନନ ମିଶ୍ର

ଅ କାରରେ ଆରମ୍ଭ,
ମ କାରରେ ଖତମ ।
କହି ପାରିବ ଯଦି କହ ତ
ଭୂତଙ୍କ କେମିତିକା ଜୀବନ !

ଅକୁହା ଅପୁଛା ଢେଉ ଉପରେ
ଢେଉ ଢେଉ ଆହୁରି ଆହୁରି,
ଶୁଭୁଛି ନୀରବ ରଣ ହୁଙ୍କାର,
ତାଧେ ତାଧେ ନାଚ ଅନ୍ଧାରର ।

ହାଉଯାଉ ଦୋକାନବଜାର
ହୃଦୟ ସଉଦା ଅଣଦେଖା
ହେଉ ନି ଭାବି କିଏ କୋଉଠି
କେମିତି ଉଭା, ଅଜବ ବ୍ୟବସ୍ଥା!

ତପୋବନ, ଟିଟିଲାଗଡ,
ବଲାଙ୍ଗିର
ମୋ–୯୪୩୭୩୬୬୬୪୪

# ବିଚିତ୍ର ଜୀବନ

ଡକ୍ଟର ମନୋରଞ୍ଜନ ବିଷୋୟୀ

ତୁମକୁ ସବୁ ବନ୍ଧନରୁ
ମୁକ୍ତ କରୁଛି
ଅଲିଖିତ ଚୁକ୍ତିର
ସର୍ତ୍ତ ଅନୁସାରେ।
ତୁମଠାରୁ ଦୂରେଇ ଯିବାକୁ
କଥା ଦେଇସାରିବା ପରେ
ସବୁ ଯନ୍ତ୍ରଣାକୁ
ସାଇତି ଦେଇଛି
ନିବୁଜ ଶବ୍ଦମାନଙ୍କ ଭିତରେ ।

ଏବେ ସେ ସବୁ ଶବ୍ଦକୁ ନେଇ
ଏତେ ପ୍ରୀତିପୂର୍ଣ୍ଣ
କବିତା ଲେଖୁଛି ଯେ
ସତେ ଯେମିତି
କିଛି ଘଟଣା
ଘଟିନାହିଁ ମୋ ଜୀବନରେ ।

ଦାମୋଦରପୁର, ଗଞ୍ଜାମ
ମୋ–୮୮୯୫୧୪୧୭୨୭

# ବିଧ୍ୱସ୍ତ ନେପାଳ



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ସମୀକ୍ଷା ଡଙ୍ଗଲ ଷୋଡଶ ବୟସୀ
ବିଦ୍ୟାଳୟୁ ଫେରୁଥିଲେ
ବାପା ଯାଇଥିଲେ ଆଣିବାକୁ ତାଙ୍କୁ
ପୋଲିସ ଅଟକାଇଲେ ।

ନୁଓ୍ୱାକୋଟ ତ୍ରିଭୁବନ ତ୍ରିଶୂଳିର
ସେକେଣ୍ଡାରୀ ସ୍କୁଲ ଛାଡି
ଅଧାବାଟଟାରେ ପୋଲିସ ଜଗିଛି
ଘରକୁ ଯାଆନି ବୋଲି ।

ପୋଲ ପାରିହୋଇ ଯାଆନି କହିଲା
ଆସୁଅଛି ବନ୍ୟା ମାଡି
ମାଆ ଓ ଘରର ଅନ୍ୟମାନେ ଯାଇ
ରହିଥିବେ ହୋଇ ସାଥି ।

ହଠାତ୍ କରି ଯେ ଆସିଲା ସେ ବନ୍ୟା
ପୋଲ ଯାଇଥିଲା ଭାସି,
ଭାଇଭଉଣୀ କି ମାଆ ବି ନଥିଲେ
ଘର ନେଇଗଲା ପୋଛି ।

ଘୋ ଘୋ ଶବ୍ଦ ଶୁଭୁଛି କାନରେ
ରାତି ନିଦ ଆସୁନାହିଁ,
ମାଆ ଭାଇକଥା ମନେ ପଡୁଅଛି
ରହିଛି ଛାତକୁ ଚାହିଁ ।

ଘର ଚିହ୍ନବର୍ଣ୍ଣ ନାହିଁ କେଉଁଠାରେ
ଆଶ୍ରୟସ୍ଥଳୀ ବି ନାହିଁ
ତା ପରି ଅନେକେ ଭୋକ ବିକଳରେ
କାନ୍ଦୁଛନ୍ତି ରହି ରହି ।

ଦେଢ ବରଷର କୁନିଝିଅଟିଏ
ବଞ୍ଚିଯାଇଛି କେମିତି,
ଶବଦ ଶୁଣିଲେ ଡରିଯାଉଅଛି
ରାହା ଧରି କାନ୍ଦୁଅଛି ।

ଡାକ୍ତରଖାନାରେ ପଡିଛନ୍ତି ପିଲା
କଥା ବି କହନ୍ତି ନାହିଁ,
ମାନସିକ ଧକ୍କା ଲାଗିଛି କହନ୍ତି
ଡାକ୍ତର ତାହାଙ୍କୁ ଚାହିଁ ।

ଦ୍ରୁତ ହୃଦସ୍ପନ୍ଦନ ବଢିଯାଉଅଛି
ବେଶୀ ଛୋଟପିଲାଙ୍କର,
ନିଜର ମନକୁ ବୁଝାଇ ପାରିବା
ତାଙ୍କ ପାଇଁ କଷ୍ଟକର ।

ନେପାଳ ଭୋଗୁଛି ଦଇବ କଷଣ
ଅନେଶ୍ୱତ ବାତ୍ୟା ପରି
ସଭ୍ୟ ମଣିଷ ବିଜ୍ଞାନୀ ମଣିଷ
ଅସହାୟ ହାତ ଖାଲି ।

ଗର୍ବ ଅଭିମାନ ଦମ୍ଭ ଟାଣପଣ
ପାଣି ଫୋଟକାଟେ ପରି
ଦକ୍ଷତା ଯୋଗ୍ୟତା ମାଟିରେ ମିଶିଛି
ପ୍ରକୃତି ପଡିଛି ଭାରି ।

ଶିବଙ୍କର କ୍ଷେତ୍ର ରୁଦ୍ର ତାଣ୍ଡବରେ
ନୃତ୍ୟେ ପଶୁପତିନାଥ,
ହିମାଳୟ ଭାଙ୍ଗି ଜଳତାଣ୍ଡବରେ
ଦେଖାଇଲେ ତାଙ୍କ କୋପ ।

ଭଲ ମନ୍ଦ ବାଛବିଚାର କରିବା
ନୁହେଁ ତ ତାଙ୍କରି କାମ
ପାପ ଭାରିହେଲେ ପୋଛି ନେଇଯିବେ
ପାଲଟିବେ କାଳ ଯମ ।

ଭୁବନେଶ୍ୱର ୧୬,
ମୋ– ୮୮୯୫୨୭୪୭୯୪

# ପ୍ରକୃତି କବି ଗଙ୍ଗାଧର ମେହେର



ଅନନ୍ତ ଗୋପାଳ ପଣ୍ଡା

ପ୍ରକୃତି କବି ଗଙ୍ଗାଧର ମେହେରଙ୍କର ଜନ୍ମ ହୋଇଥିଲା ୧୮୬୨ ମସିହା ଅଗଷ୍ଟ ମାସ ୯ ତାରିଖରେ, ସମ୍ବଲପୁର ଜିଲ୍ଲାର ବରପାଲି ଠାରେ, ଏକ ବୁଣାକାର ପରିବାରରେ । ପିତା ଚୈତନ୍ୟ ମେହେର ଓ ମାତା ସେବତୀ ଦେବୀଙ୍କ କୋଳ ମଣ୍ଡନ କରି ଗଙ୍ଗାଧର ଶ୍ରାବଣ ମାସର ବର୍ଷଣମୁଖର ପୂର୍ଣ୍ଣିମା ତିଥିରେ ଭୂମିଷ୍ଠ ହୋଇ ମେହେର ପରିବାରରେ ପ୍ରବହମାନ କରାଇଥିଲେ ଆନନ୍ଦର ସ୍ରୋତସ୍ୱିନୀ । ବାଲ୍ୟକାଳରେ ଗଙ୍ଗାଧର ପିତାମହ ସଦାଶିବ ମେହେରଙ୍କ ସହ ପ୍ରାତଃ ସ୍ନାନ କରି ଗ୍ରାମରେ ଥିବା ଦେବ ମନ୍ଦିରକୁ ଯାଉଥିଲେ । ସେଥିପାଇଁ ବାଲ୍ୟବସ୍ଥାରୁ ତାଙ୍କ ହୃଦୟ କନ୍ଦରରେ ଆଧାତ୍ମିକତାର ବୀଜବପନ ହୋଇଥିଲା । ପ୍ରଥମେ ଚାଟଶାଳୀ ଓ ପରେ ବରପାଲିରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟରେ ଗଙ୍ଗାଧର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ପରିବାରର ଆର୍ଥିକ ଦୁରବସ୍ଥା ଉଚ୍ଚଶିକ୍ଷା ପଥରେ ଅନ୍ତରାୟ ହୋଇଥିଲେ ସୁଦ୍ଧା ସେ ଜ୍ଞାନ ଅର୍ଜନରୁ ନିବୃତ୍ତ ହୋଇନଥିଲେ । ସେ ସମୟର ପ୍ରଥା ଅନୁଯାୟୀ ବାଲ୍ୟ ବୟସରେ ଗଙ୍ଗାଧର ଶାନ୍ତା ନାମ୍ନୀ କନ୍ୟା ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଶାନ୍ତାଙ୍କ ମୃତ୍ୟୁପରେ ସେ ଚମ୍ପା ଦେବୀଙ୍କ ପାଣି ଗ୍ରହଣ କରିଥିଲେ । ପରିବାର ପ୍ରତିପୋଷଣ ନିମନ୍ତେ ପ୍ରଥମେ ଅମିନ ଏବଂ ପରେ ୧୮୯୯ରେ ବରପାଲି ଜୁଡ଼ିସିଆଲ୍ ମୋହରୀର ଭାବରେ କାର୍ଯ୍ୟ ସମ୍ପାଦନ କରି ୧୯୧୭ ମସିହାରେ ସେବାନିବୃତ୍ତ ହୋଇଥିଲେ ।

ରୀତିଯୁଗୀୟ କବିମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗଙ୍ଗାଧର ବାଲ୍ୟକାଳରୁ କବିତା ରଚନା କରୁଥିଲେ । ତାଙ୍କର ଆଦ୍ୟ ରଚନାବଳୀ ମଧ୍ୟରେ 'ରସ ରତ୍ନାକର' ଓ 'ଅହଲ୍ୟା ସ୍ତବ' ତାଙ୍କୁ ଦେଇଥିଲା କବିର ପରିଚୟ । ତାଙ୍କ ସମୟର ପ୍ରଥିତଯଶା କବି ରାଧାନାଥଙ୍କର ଆଧୁନିକ ଶୈଳୀକୁ ଆପଣେଇ ଗଙ୍ଗାଧର ରଚନା କଲେ 'ଇନ୍ଦୁମତୀ' କାବ୍ୟ । ମହାକବି କାଳିଦାସଙ୍କ ପ୍ରସିଦ୍ଧ କୃତି 'ରଘୁବଂଶ'ରେ ବର୍ଣ୍ଣିତ 'ଅଜ ଉପାଖ୍ୟାନ'କୁ ଉପଜୀବ୍ୟ କରି 'ଇନ୍ଦୁମତୀ' କାବ୍ୟ ଗତିଶୀଳ ହୋଇଛି । ଅଜ ଓ ଇନ୍ଦୁମତୀଙ୍କ ବିବାହ, ଗୃହ ଆଗମନ, ଇନ୍ଦୁମତୀଙ୍କ ଦେହାବସାନ ପ୍ରସଙ୍ଗକୁ ଅତି ଚମତ୍କାର ଭାବରେ ବର୍ଣ୍ଣନାକରି ଗଙ୍ଗାଧର ପାଠକମାନଙ୍କ ଦୃଷ୍ଟିକୁ ଆକର୍ଷିତ କରିଥିଲେ ।

ସେହି ସମୟରେ ମୟୂରଭଞ୍ଜ ରାଜାଙ୍କ ପ୍ରୋତ୍ସାହନରେ ପ୍ରକାଶିତ 'ଉତ୍କଳ ପ୍ରଭା'ରେ ଇନ୍ଦୁମତୀ ସ୍ଥାନିତ ହୋଇ ପାଠକୀୟ ଆଦୃତି ଲାଭ କରିବା ସହିତ ଗଙ୍ଗାଧରଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇଥିଲା । ଏହି କାବ୍ୟକୁ କବିବର ରାଧାନାଥ ଓ ପଲ୍ଲୀକବି ନନ୍ଦକିଶୋର ପାଠକରି ଗଙ୍ଗାଧରଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ ।

କବି ଗଙ୍ଗାଧର ରୀତିଯୁଗୀୟ କାବ୍ୟଧାରା ଓ ଆଧୁନିକ କାବ୍ୟ ଶୈଳୀ ମଧ୍ୟରେ ଥିଲେ ସଂଯୋଗର ସେତୁ ।

ରାମାୟଣର କଥାବସ୍ତୁ ଉପରେ ଆଧାରିତ 'ତପସ୍ୱିନୀ' କାବ୍ୟ କବିଙ୍କର ଶ୍ରେଷ୍ଠ କୃତି ଭାବେ ସର୍ବଜନ ବିଦିତ । ଏହି କାବ୍ୟରେ କବି ଜନକ ନନ୍ଦିନୀଙ୍କୁ 'ତପସ୍ୱିନୀ' ଭାବେ ଅଭିହିତ କରିବା ସହିତ ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟକୁ ଦାର୍ଶନିକ ଦୃଷ୍ଟିଭଙ୍ଗୀରେ ଉପସ୍ଥାପିତ କରିଛନ୍ତି । ତପସ୍ୱିନୀ କାବ୍ୟର ପ୍ରକୃତିର ବର୍ଣ୍ଣନା କବିଙ୍କ ତୀକ୍ଷ୍ଣ ଅନ୍ତଦୃଷ୍ଟି ତଥା ପ୍ରକୃତି ପ୍ରାଣତାକୁ ପ୍ରମାଣିତ କରେ ।

କବିଙ୍କ ଦୃଷ୍ଟିରେ 'ନିଶି ଓ ଦିବସ'ର ମିଳନରୁ ସୃଷ୍ଟ 'ଉଷା' 'କରପଲ୍ଲବରେ ଶିଶିର ରୂପୀ ମୁକ୍ତା ଧାରଣ' ପୂର୍ବକ ସତୀ ସୀତାଙ୍କୁ ଦର୍ଶନ ସହିତ ଉପହାର ପ୍ରଦାନ କରିବା ନିମନ୍ତେ ତାଙ୍କ କୁଟୀରର ଦ୍ୱାର ଦେଶରେ ଉପନୀତା ହୋଇ କଳକଣ୍ଠ ମାଧ୍ୟମରେ ଅନ୍ତରର ଅଭିବ୍ୟକ୍ତିକୁ ବ୍ୟକ୍ତ କରିଛନ୍ତି । କବିଙ୍କ ଭାଷାରେ–

**'ମଙ୍ଗଳେ ଅଇଲା ଉଷା, ବିକଚ ରାଜୀବ ଦୃଷା, ଜାନକୀ ଦର୍ଶନ ତୃଷା, ହୃଦୟେ ବହି । କର ପଲ୍ଲବେ ନିହାର, ମୁକ୍ତା ଧରି ଉପହାର, ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି, କଳକଣ୍ଠ କଣ୍ଠେ କହିଲା, ଦରଶନ ଦିଅ ସତୀ ରାତି ପାହିଲା ।'**

'ତପସ୍ୱିନୀ' ପରି 'କୀଚକ ବଧ' କାବ୍ୟ ମଧ ପାଣ୍ଡବମାନଙ୍କ ଅଜ୍ଞାତବାସ ସମୟର କଥାବସ୍ତୁ ଉପରେ ଆଧାରିତ ହୋଇଛି । ସୈରିନ୍ଧ୍ରୀ ରୂପୀ ଦ୍ରୌପଦୀଙ୍କ ପ୍ରତି ବିରାଟ ରାଜାଙ୍କ ଶ୍ୟାଳକ କୀଚକଙ୍କର ଲୋଲୁପ ଦୃଷ୍ଟିର ଚରମ ପରିଣତିକୁ କବି ଅତି ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି । ତପସ୍ୱିନୀରେ ପ୍ରାତଃକାଳୀନ ପ୍ରକୃତି ବର୍ଣ୍ଣନାପରି 'କୀଚକ ବଧ'ରେ ଋତୁରାଜ ବସନ୍ତର ମାର୍ମିକ ପରିପ୍ରକାଶ କବିଙ୍କ ସ୍ୱଭାବକବି ନାମକରଣର ଯଥାର୍ଥତାକୁ କରେ ପ୍ରତିପାଦନ । କବି ତାଙ୍କ କାବ୍ୟ କବିତା ମାଧ୍ୟମରେ ମାତୃଭୂମି, ମାତୃଭାଷା ଓ ମାନବବାଦର ଜୟଗାନ କରି ତାଙ୍କ ଜାତୀୟବାଦୀ ଚେତନାର ପରିଚୟ ଦେଇଛନ୍ତି । ଦେଶପ୍ରେମ ଓ ଜାତୀୟତାବୋଧର ନିଛକ ପରିପ୍ରକାଶ ଦେଖିବାକୁ ମିଳେ ତାଙ୍କ 'ମାତୃଭୂମି' କବିତାରେ ଯଥା:–


**'ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?'**

ସର୍ବତ୍ର ଅମୃତର ସ୍ପର୍ଶ ଅନୁଭବ କରି କବି ତାଙ୍କ ଅମୃତ ସ୍ରାବୀ ଲେଖନୀ ମାଧ୍ୟମରେ ଉଲ୍ଲେଖ କରିଛନ୍ତି, 'ବିଶ୍ୱଦେଖ ମଧୁମୟରେ ଜୀବନ, ବିଶ୍ୱଦେଖ ମଧୁମୟ, ମଧୁର ଝରଣ କରିବ ହରଣ ତୋ ପାପ ମରଣ ଭୟ ।'

ମାନବୀୟ ଚେତନାକୁ ଉର୍ଦ୍ଧ୍ୱଗାମୀ କରାଇବା ଉଦ୍ଦେଶ୍ୟରେ କବି ଗାଇ ଉଠିଛନ୍ତି,

**'ମୁଁ ତ ଅମୃତ ସାଗର ବିନ୍ଦୁ, ନଭେ ଉଠିଥିଲି ତେଜି ସିନ୍ଧୁ, ଖସି ପଡିଛି ଅମୃତ ଧାରେ, ଗତି କରୁଛି ସେ ଅକୂପାରେ, ପଥେ ଶୁଖିଲେ ପାପତାପରେ, ହୋଇ ଶିଶିର ଖସିବି ତାରେ, ଅମୃତମୟ ଅମୃତମୟ ସହିତ ମିଶିବି ସାଗରେ ।'**

ଅନ୍ତଃ ପ୍ରକୃତି ସହିତ ବହିଃ ପ୍ରକୃତି, ମାତୃଭାଷା ଓ ମାତୃଭୂମିର ପ୍ରୀତି, ତଥା ପୁରାଣ ଶାସ୍ତ୍ରର ଚରିତ୍ରମାନଙ୍କ କୃତିକୁ ଉପଜୀବ୍ୟ କରି କବି ଗଙ୍ଗାଧର ଅନେକ କାବ୍ୟ ଓ କବିତା ରଚନା କରି ଓଡ଼ିଆ ବାଣୀ ଭଣ୍ଡାରକୁ କରିଛନ୍ତି ଋଦ୍ଧିମନ୍ତ । କାବ୍ୟମାନଙ୍କ ମଧ୍ୟରେ 'ତପସ୍ୱିନୀ, କୀଚକ ବଧ, ପ୍ରଣୟ ବଲ୍ଲରୀ, ଇନ୍ଦୁମତୀ, ରସ ରତ୍ନାକର, ଅଯୋଧ୍ୟା ଦୃଶ୍ୟ, ଖଦ୍ୟୋତର ଖେଦ, ପଦ୍ମିନୀ ଆଦି ଏବଂ କବିତା ମଧ୍ୟରେ ଅର୍ଘ୍ୟଥାଳି, କବିତା କଲ୍ଲୋଳ, ଅହଲ୍ୟାସ୍ତବ, ମହିମା, ଭାରତୀ ଭାବନା, କବିତା ମାଳା' ଇତ୍ୟାଦି ଲୋକପ୍ରିୟତାର ଶୀର୍ଷରେ ଉପନୀତ ହୋଇପାରିଛି ।



ସାରସ୍ୱତ ପରିମଣ୍ଡଳର ଉଜ୍ଜ୍ୱଳତମ ଜ୍ୟୋତିଷ୍କ ଭାବେ ଅଭିହିତ, ଉତ୍କଳଜନନୀର ବରପୁତ୍ର ଭାବେ ବିବେଚିତ କବି ଗଙ୍ଗାଧର ମେହେରଙ୍କ ମଧୁସ୍ରାବୀ ଲେଖନୀ ସବୁଦିନ ପାଇଁ ନୀରବି ଯାଇଥିଲା ୧୯୨୪ ମସିହା ଏପ୍ରିଲ ମାସ ୪ ତାରିଖ ଚୈତ୍ର ଅମାବାସ୍ୟା ତିଥିରେ । ତାଙ୍କର ରକ୍ତମାଂସର ଶରୀର ସିନା ପଞ୍ଚ ମହାଭୂତରେ ବିଲୀନ ହୋଇଛି କିନ୍ତୁ 'ଯଶୋଦେହେ ଚିର ଆୟୁଷ୍ମାନ୍' ନ୍ୟାୟରେ କବି ଗଙ୍ଗାଧର ଉତ୍କଳୀୟମାନଙ୍କ ଅନ୍ତର ମଧ୍ୟରେ ଅମଳିନ ପ୍ରତିଭା ଭାବେ ଅବସ୍ଥାପିତ ହୋଇଥିବେ ଚିରକାଳ ପାଇଁ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର
ମୋ–୯୮୬୧୪୭୦୧୯୮

**କବି ଗଙ୍ଗାଧର ରୀତିଯୁଗୀୟ କାବ୍ୟଧାରା ଓ ଆଧୁନିକ କାବ୍ୟ ଶୈଳୀ ମଧ୍ୟରେ ଥିଲେ ସଂଯୋଗର ସେତୁ । ରାମାୟଣର କଥାବସ୍ତୁ ଉପରେ ଆଧାରିତ 'ତପସ୍ୱିନୀ' କାବ୍ୟ କବିଙ୍କର ଶ୍ରେଷ୍ଠ କୃତି ଭାବେ ସର୍ବଜନ ବିଦିତ । ଏହି କାବ୍ୟରେ କବି ଜନକ ନନ୍ଦିନୀଙ୍କୁ 'ତପସ୍ୱିନୀ' ଭାବେ ଅଭିହିତ କରିବା ସହିତ ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟକୁ ଦାର୍ଶନିକ ଦୃଷ୍ଟିଭଙ୍ଗୀରେ ଉପସ୍ଥାପିତ କରିଛନ୍ତି । ତପସ୍ୱିନୀ କାବ୍ୟର ପ୍ରକୃତିର ବର୍ଣ୍ଣନା କବିଙ୍କ ତୀକ୍ଷ୍ଣ ଅନ୍ତଦୃଷ୍ଟି ତଥା ପ୍ରକୃତି ପ୍ରାଣତାକୁ ପ୍ରମାଣିତ କରେ । କବିଙ୍କ ଦୃଷ୍ଟିରେ 'ନିଶି ଓ ଦିବସ'ର ମିଳନରୁ ସୃଷ୍ଟ 'ଉଷା' 'କରପଲ୍ଲବରେ ଶିଶିର ରୂପୀ ମୁକ୍ତା ଧାରଣ' ପୂର୍ବକ ସତୀ ସୀତାଙ୍କୁ ଦର୍ଶନ ସହିତ ଉପହାର ପ୍ରଦାନ କରିବା ନିମନ୍ତେ ତାଙ୍କ କୁଟୀରର ଦ୍ୱାର ଦେଶରେ ଉପନୀତା ହୋଇ କଳକଣ୍ଠ ମାଧ୍ୟମରେ ଅନ୍ତରର ଅଭିବ୍ୟକ୍ତିକୁ ବ୍ୟକ୍ତ କରିଛନ୍ତି ।**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାସିଗଲା...

ସାନ ଝିଅ ରାଧାରାଣୀ ବେହେରା, ଶିବଙ୍କ ପୁଅ -ଝିଅ ଓ ରୀତାଙ୍କ ପୁଅ ଗୁରୁବାର ଦିନ ସାଙ୍ଗ ହୋଇ ମଧ୍ୟପ୍ରଦେଶ ବୁଲିବାକୁ ଯାଇଥିଲେ । ଉଜୟିନୀରେ ଦର୍ଶନ ସାରି ଅଗରମାଲୱା ଜିଲ୍ଲାର ବଗଲାମୁଖୀ ଅଭିମୁଖେ ମଧ୍ୟପ୍ରଦେଶର କାର ଡ୍ରାଇଭର ତାଙ୍କୁ ଏକ ଘାଟି ରାସ୍ତା ଦେଇ ନେଇଥିଲା । ସେହି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲେ ମଧ୍ୟ ଡ୍ରାଇଭର ଅମାନିଆ ହୋଇ ଘାଟି ରାସ୍ତାରେ କାର ନେଇ ଯାଇଥିଲା । ଶୁକ୍ରବାର ରାତି ସାଢେ ୧ ଟା ବେଳେ କାର ରାସ୍ତାରୁ କେନାଲକୁ ଖସି ଯାଇଥିଲା । କାରରେ ଥିବା ଡ୍ରାଇଭର ସମେତ ବନା ବେହେରାଙ୍କ ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଛି ।

ଏହି ଖବର ଅଗରମାଲୱା ଜିଲ୍ଲା ପ୍ରଶାସନ ପାଖରେ ପହଞ୍ଚିବା ପରେ ସେଠାକାର ଏସପି ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ମୃତକଙ୍କ ପକେଟରୁ ମୋବାଲ କାଢି ସେଥିରେ ଥିବା ସିମ୍‌କୁ ଅନ୍ୟ ଏକ ମୋବାଇଲରେ ପକାଇ ଫୋନ କରିବା ପରେ ବନମାଳୀ ବେହେରାଙ୍କ ପାଖରେ ଖବର ପହଞ୍ଚିଥିଲା । ବନାମାଳିଙ୍କ ପାଖରେ ଖବର ପହଞ୍ଚିବା ସହ ଓଡିଶା ସରକାର ମଧ୍ୟ ଖବର ପାଇଥିଲେ । ରାଜ୍ୟ ସରକାରଙ୍କ ଅଫିସର ମଧ୍ୟପ୍ରଦେଶ ମୁଖ୍ୟ ଶାସନ ସଚିବଙ୍କ ସହ କଥା ହେବା ପରେ ମୃତ ଦେହ କିପରି ଭୁବନେଶ୍ୱର ଆସିବ ତାହାର ବ୍ୟବସ୍ଥା ହୋଇଛି । ସେଠି ବ୍ୟବଚ୍ଛେଦ ସରିବା ପରେ ୭ ଜଣଙ୍କ ମୃତ ଦେହ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ସ୍ଥଳ ପଥରେ ଭୁବନେଶ୍ୱର ଆସିବ ବୋଲି ସ୍ଥିର ହୋଇଛି । ଏହି ଖବର ଭୁବନେଶ୍ୱରରେ ଚର୍ଚ୍ଚା ହେବା ପରେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ଓ ୧୨ ନଂ ୱାର୍ଡ କର୍ପୋରେଟର ଜୟନ୍ତୀ ସାହୁ ଜୟଦେବ ସ୍ଥିତ ବନା ବେହେରାଙ୍କ ଘରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଥିଲେ । ଗାଡକଣ ଓ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ବନା ବେହେରାଙ୍କ ଘରେ ପହଞ୍ଚିଥିଲେ । ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଘରେ ବନା ବେହେରା ତାଙ୍କ ସ୍ତ୍ରୀ, ପୁଅର ସାନ ଝିଅ ଓ ବୋହୂ ଅଛନ୍ତି ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୋକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଆଗର ମାଲୱାରେ ଘଟିଥିବା ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦାୟକ ବୋଲି କହିଛନ୍ତି । ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରବର୍ଗଙ୍କ ପ୍ରତି ସେ ଗଭୀର ସମବେଦନା ଜଣାଇଛନ୍ତି । ପ୍ରତ୍ୟେକ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ଫଣ୍ଡରୁ ୨ ଲକ୍ଷ ଟଙ୍କାର ଅନୁଗ୍ରହ ରାଶି ପ୍ରଦାନ କରାଯିବ । ଆହତମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ।

## ମୁଖ୍ୟମନ୍ତ୍ରୀଙ୍କ ଗଭୀର ଦୁଃଖପ୍ରକାଶ

ମଧ୍ୟପ୍ରଦେଶରେ ଏକ ସଡ଼କ ଦୁର୍ଘଟଣାରେ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେମିକନ ୨୦୨୬ରେ ଯୋଗ ଦେଇ ଆଜି ଦିଲ୍ଲୀରୁ ଫେରିବା ପରେ ଭୁବନେଶ୍ୱର ବିମାନବନ୍ଦର ଠାରେ ଗଣମାଧ୍ୟମ ଆଗରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଦୁଃଖପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି ।

ଏହାସହିତ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ସରକାରଙ୍କ ଅଧିକାରୀମାନେ ମଧ୍ୟପ୍ରଦେଶ ଅଧିକାରୀମାନଙ୍କ ସହିତ ଯୋଗାଯୋଗରେ ଅଛନ୍ତି ଏବଂ ମୃତ ପର୍ଯ୍ୟଟକଙ୍କ ମରଶରୀରକୁ ଆଣିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ।

## ରୋଜପାର...

ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮୦ ରୁ ଅଧିକ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି । ଆୟକର ବିଭାଗ, ଡାକ ବିଭାଗ, ସିଆଇଏସଏଫ ଏବଂ ବିଭିନ୍ନ ସରକାରୀ ବ୍ୟାଙ୍କରେ ଏହି ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିଛି ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ କହିଛନ୍ତି, ରୋଜଗାର ମେଳା ଭାରତ ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ । ଚଳିତ ଥର ଏହି ମେଳା ଦେଶର ୪୫ଟି ସ୍ଥାନରେ ୫୧ ହଜାର ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିଛି । ସରକାରୀ ସେବାରେ ନୂତନ ନିଯୁକ୍ତି ପ୍ରଦାନ କରିବା ଏବଂ ନବନିଯୁକ୍ତ କର୍ମଚାରୀମାନଙ୍କୁ ଦେଶସେବାରେ ସାମିଲ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ନବନିଯୁକ୍ତ ପ୍ରାର୍ଥୀମାନେ ଦାୟିତ୍ୱବାନ ଭାବେ ରାଷ୍ଟ୍ର ଗଠନରେ ସହାୟକ ହେବା ଆବଶ୍ୟକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟ ଅନୁରୂପ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ହାତରେ ଏକ ବଡ ଦାୟିତ୍ୱ ରହିବ । ଆଜି ମିଳିଥିବା ନିଯୁକ୍ତିକୁ ଏକ ଦାୟିତ୍ୱ ରୂପେ ଗ୍ରହଣ କରିବା ସହିତ ଭାରତ ସରକାରଙ୍କ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଏବଂ ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି କେନ୍ଦ୍ର ମନ୍ତ୍ରୀ ଅପିଲ୍ କରିଥିଲେ । ମୁଖ୍ୟ ଆୟକର କମିଶନର ସରୋଜ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟପକ୍ଷରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମଠାରେ ଆୟୋଜିତ ରୋଜଗାର ମେଳାରେ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ବିଭିନ୍ନ କେନ୍ଦ୍ରୀୟ ବିଭାଗରେ ମୋଟ ୧୬୧ ଜଣ ନବନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ହସ୍ତାନ୍ତର କରିଛନ୍ତି । ରେଳ ବିଭାଗରେ ୩୭, ଏମ୍ସରେ ୪୧, ଡାକ ବିଭାଗରେ ୩୦, ସିଜିଏସଟି ଭୁବନେଶ୍ୱରରେ ୨୨, ଆୟକର ବିଭାଗରେ ୧୦, ଇଏସଆଇସିରେ ୮ ଜଣଙ୍କୁ ନିଯୁକ୍ତି ମିଳିଛି । ସେହିପରି କେନ୍ଦ୍ରୀୟ ଭୂଜଳ ବୋର୍ଡରେ ୪, ଆର୍ଥିକ ସେବାରେ ୩, ସିଆଇଏସଏଫ ଓ ଶିକ୍ଷା ମନ୍ତ୍ରଣାଳୟରେ ୨ ଜଣ ଲେଖାଏଁ, ସିଜିଡିଏ ଏବଂ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ବିଭାଗରେ ଜଣେ ଲେଖାଏଁ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ରୋଜଗାର ମେଳାର ଉଦ୍ଦେଶ୍ୟକୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ କମଲେଶ ପାଶୱାନ ପ୍ରତିକ୍ରିୟା ରଖି ନବନିଯୁକ୍ତଙ୍କୁ କହିଛନ୍ତି, ନବନିଯୁକ୍ତମାନେ ପ୍ରାର୍ଥୀମାନେ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ଲାଗି ଦୃଢ଼ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ଆବଶ୍ୟକ ।

## ମାଇନ୍‌ରୁ...

ଗତକାଲିର ସେମିକନ ଇଣ୍ଡିଆ ୨୦୨୬ ସମ୍ମିଳନୀ ବିଷୟରେ ଆଲୋକପାତ କରି ସେ କହିଥିଲେ ଯେ, ଏହି ସମ୍ମିଳନୀରେ ଓଡ଼ିଶାର ସେମିକଣ୍ଡକ୍ଟର ଓ ଆଡ୍‌ଭାନ୍ସ ଟେକ୍ନୋଲୋଜି କ୍ଷେତ୍ରକୁ ଅଭୂତପୂର୍ବ ସଫଳତା ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ବିକଶିତ ଭାରତ ସଂକଳ୍ପକୁ ସାକାର କରିବା ଦିଗରେ ପୂର୍ବ ଭାରତରେ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ନେତୃତ୍ୱ ନେବାକୁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ସେ କହିଲେ ଯେ, ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ସେମିକଣ୍ଡକ୍ଟର ତୃତୀୟ ଆମେଣ୍ଡମେଣ୍ଟକୁ ମଞ୍ଜୁରୀ ଦିଆଯାଇଛି । ରାଜ୍ୟରେ ଏକ ସ୍ୱତନ୍ତ୍ର ସେମିକଣ୍ଡକ୍ଟର ମାନୁଫାକ୍ଚରିଙ୍ଗ୍ ହବ୍ ସୃଷ୍ଟି କରିବା ପାଇଁ କଟକର ନରାଜ ଠାରେ ୮୭୦ ଏକର ପରିମିତ ଅଞ୍ଚଳରେ ଏକ ବିଶ୍ୱସ୍ତରୀୟ ଓଡ଼ିଶା ସିଲିକନ ଭ୍ୟାଲି ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଗବେଷଣାର ଅଭିବୃଦ୍ଧି ପାଇଁ ଓ ଗବେଷଣା ଉପଲବ୍ଧ ଜ୍ଞାନକୁ ବାଣିଜ୍ୟିକ କାର୍ଯ୍ୟରେ ଲଗେଇବା ପାଇଁ ଆଇଆଇଟି ଭୁବନେଶ୍ୱରର ସହଭାଗୀତାରେ ୪୫୨ କୋଟି ଟଙ୍କାର ସମନ୍ୱିତ ଶକ୍ତି ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଜାତୀୟ ଶିଳ୍ପ ସହବିକାଶ ହବ୍ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏଥିରେ ଓଡ଼ିଶା ସରକାରଙ୍କ ୧୨୫ କୋଟି ଟଙ୍କାର ଯୋଗଦାନ ରହିଛି । ଏହାଦ୍ୱାରା ରାଜ୍ୟର ମେଧାବୀ ଉଚ୍ଚଶିକ୍ଷିତ ଯୁବପିଢି ବିଦେଶ ନ ଯାଇ ନିଜ ରାଜ୍ୟରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ ବୋଲି ସେ କହିଥିଲେ । ଏ ସବୁ ପଦକ୍ଷେପ ଗୁଡ଼ିକ ଦ୍ୱାରା ଓଡ଼ିଶା ଏବେ ମିନି ମାଇନ୍ ଇକୋନୋମିରୁ ମାଇଣ୍ଡ ଇକୋନୋମି ଆଡ଼କୁ ଅଗ୍ରସର ହେଉଛି ବୋଲି ସେ କହିଥିଲେ ।

ସେମିକନ ଇଣ୍ଡିଆ ୨୦୨୬ରେ ଓଡ଼ିଶା ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ମାଧ୍ୟମରେ ୬ ହଜାରରୁ ଅଧିକ ନୂତନ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ । ଏଥି ସହିତ ସମ୍ମିଳନୀରେ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱେଫର ପ୍ରସ୍ତୁତି ପାଇଁ କ୍ୱାଡ୍‌କ୍ୱାଣ୍ଟମ୍ ସଂସ୍ଥା ସହିତଲେଟର ଅଫ୍ ଇଣ୍ଟେଣ୍ଟ ସ୍ୱାକ୍ଷରିତ ହୋଇଛି ବୋଲି ସେ ସୂଚନା ଦେଇଥିଲେ । ଏହି ଇଭେଣ୍ଟରେ ୧୮ ଟି କମ୍ପାନୀ ସହିତ ୱାନ୍ ଟୁ ୱାନ୍ ଆଲୋଚନା, ୫ଟି କମ୍ପାନୀ ସହିତ ରାଉଣ୍ଡଟେବୁଲ ବୈଠକ ହେବା ସହିତ ୩ଟି କମ୍ପାନୀ ଓଡ଼ିଶା ସହିତ ଲେଟର ଅଫ୍ ଇଣ୍ଟେଣ୍ଟ ବା ଆଗ୍ରହ ପତ୍ର ସ୍ୱାକ୍ଷର କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ସମ୍ମିଳନୀରେ ଜାପାନ, ସ୍ୱିଡେନ, ତାଇୱାନ୍‌ର ପ୍ରତିନିଧି ଦଳ ଏବଂ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ୍‌ସେମ୍, ଥ୍ରୀ-ଡି ଗ୍ଲାସ୍ ସଲ୍ୟୁସନ୍, ଇଣ୍ଟେଲ୍ ଭଳି ପ୍ରମୁଖ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ଭଳି କମ୍ପାନୀ ଗୁଡିକ ସହିତ ମଧ୍ୟ ସଫଳ ଆଲୋଚନା ହୋଇଛି ଏବଂ ଏହା ମାଧ୍ୟମରେ ଆଗାମୀ ଦିନରେ ଅଧିକ ପୁଞ୍ଜି ନିବେଶ ଆସିବ ବୋଲି ସେ ଆଶା ରଖିଛନ୍ତି ।

## ଜାପାନରେ...

ନେଇ ଆଶାବାଦୀ । ପିଭି ସିନ୍ଧୁ, ମନୁ ଭାକର, ମୀରାବାଇ ଚାନୁ, ଲକ୍ଷ୍ୟ ସେନ୍, ଅମିତ ରୋହିଦାସ, ତଜିନ୍ଦରପାଲ ସିଂହ ତୁର୍କ ଭଳି ଅଭିଜ୍ଞ ଖେଳାଳିଙ୍କ ଉପରେ ନଜର ରହିବ । ଉଦ୍‌ଘାଟନୀ ସମାରୋହରେ ଭାରତର ଧ୍ୱଜାବାହକ ଭାବେ ମନୁ ଭାକର ଓ କବାଡ଼ି ତାରକା ପବନ ସେହରାୱତ ତ୍ରିରଙ୍ଗା ଧରିଥିଲେ । ପ୍ରଥମେ ସଟ୍ପୁଟ୍ ଖେଳାଳି ତଜିନ୍ଦରପାଲ ସିଂହ ତୁର୍କଙ୍କୁ ମନୁ ଭାକରଙ୍କ ସହ ଧ୍ୱଜାବାହକ ଭାବେ ଚୟନ କରାଯାଇଥିଲା । ତେବେ ଶେଷ ମୁହୂର୍ତ୍ତରେ ତୁର୍କଙ୍କ ସ୍ଥାନରେ ପବନ ସେହରାୱତଙ୍କୁ ଦାୟିତ୍ୱ ଦିଆଯାଇଥିଲା । ତୁର୍ ତଥାପି ଏସୀୟ କ୍ରୀଡ଼ାରେ ଭାରତ ପାଇଁ ସଟ୍ପୁଟ୍ରେ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ଏଥର ଏସୀୟ କ୍ରୀଡ଼ାର ଆଉ ଏକ ବିଶେଷତା ହେଉଛି ପାରମ୍ପରିକ ଆଥଲେଟ୍ ଭିଲେଜ୍ ନିର୍ମାଣ ନକରି କ୍ରୀଡ଼ାବିତ୍‌ମାନଙ୍କ ରହଣି ପାଇଁ ହୋଟେଲ୍, କଣ୍ଟେନର ଆବାସ ଓ 'କୋଷ୍ଟା ସେରେନା' କ୍ରୁଜ୍ ଜାହାଜ ବ୍ୟବହାର କରାଯାଇଛି । ତେବେ ରହଣି, ପରିବହନ ଓ ଆକ୍ରେଡିଟେସନ୍‌କୁ ନେଇ କେତେକ ପ୍ରତିନିଧିଦଳ ସମସ୍ୟା ଉଠାଇଛନ୍ତି । ଆୟୋଜକମାନେ ଏହାକୁ ଆରମ୍ଭିକ ପର୍ଯ୍ୟାୟର ସମସ୍ୟା ବୋଲି କହିଛନ୍ତି ।

ଉଦ୍‌ଘାଟନୀ ସମାରୋହ ଶନିବାର ହୋଇଥିଲେ ମଧ୍ୟ କେତେକ କ୍ରୀଡ଼ାର ପ୍ରତିଯୋଗିତା ଏହା ପୂର୍ବରୁ ଆରମ୍ଭ ହୋଇସାରିଛି । ଏହି ବିଶାଳ କ୍ରୀଡ଼ା ଆୟୋଜନ ଆଗାମୀ ୧୬ ଦିନ ଧରି ଏସିଆର ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ଗୋଟିଏ ମଞ୍ଚରେ ଆଣିବ । ଏବେ ସମସ୍ତଙ୍କ ନଜର ରହିଛି ପଦକ ଲଢ଼େଇ ଉପରେ ।

## ନୌସେନା...

ସୂଚନା ପାଇଥିଲା । ଅଧିକାରୀମାନେ କହିଛନ୍ତି ଯେ, ତଲାସି ସମୟରେ ପୁଲିସ ମହିଳାମାନଙ୍କଠାରୁ ବାଂଲାଦେଶ ଦ୍ୱାରା ଜାରି କରାଯାଇଥିବା ପରିଚୟପତ୍ର ଓ ନକଲି ଭାରତୀୟ ପରିଚୟ ପତ୍ର ଜବତ କରିଛି । ପୁଲିସ କହିଛି ଯେ, ମହିଳାମାନେ ଗତ କିଛି ମାସ ଧରି କନ୍ନୁର ସହରର ଏକ ସ୍ପାରେ କାମ କରୁଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତମାନେ ପୁଲିସକୁ କହିଥିଲେ ଯେ, କାମ ପାଇଁ କେରଳ ଆସିବା ପୂର୍ବରୁ ଆସାମରୁ ନକଲି କାଗଜପତ୍ର ପାଇଥିଲେ । ପୁଲିସ ବୁଧବାର ସେମାନଙ୍କ ବିରୋଧରେ ପ୍ରବାସ ଓ ବିଦେଶୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ଚାରି ମହିଳାଙ୍କୁ ଗିରଫ କରିଛି । ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ଭାରତ...

ପାଇଁ ନୁହେଁ ବରଂ ଅନ୍ତର୍ଜାତୀୟ ଶକ୍ତି ବଜାର ପାଇଁ ମଧ୍ୟ ପ୍ରଭାବ ପକାଇପାରେ । ଯଦିଓ ରୁଷ ତୈଳ ଏବଂ ଗ୍ୟାସର ସର୍ବବୃହତ ଉତ୍ସ ଭାବରେ ରହିଛି, ଭାରତ ବିବିଧ ଉତ୍ସରୁ ଯୋଗାଣ ସୁରକ୍ଷିତ କରିବା ପାଇଁ ପ୍ରୟାସର ଅଂଶ ସ୍ୱରୂପ ଗତ କିଛି ମାସ ମଧ୍ୟରେ ଆମେରିକା ଏବଂ ଭେନେଜୁଏଲାରୁ ଶକ୍ତି କ୍ରୟ ବୃଦ୍ଧି କରିଛି । ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଭାରତ ଏହାର ବାଣିଜ୍ୟ ଏବଂ ଅର୍ଥନୈତିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସ୍ପଷ୍ଟ ଭାବରେ ସଂକଳ୍ପ ନେଇଛି । ତେବେ ପ୍ରସ୍ତାବିତ ପଦକ୍ଷେପ ବିଷୟରେ କୌଣସି ବିବରଣୀ ପ୍ରଦାନ କରାଯାଇ ନାହିଁ । ଏହି ନିୟମାବଳୀର ପ୍ରଭାବକୁ ସମାଧାନ କରିବା ପାଇଁ ସରକାର ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଗଠନଗୁଡ଼ିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବେ । ଆମେରିକା କଂଗ୍ରେସରେ ଏହି ଆଇନ ପାସ୍ ହେବା ପରେ ଭାରତ ଏହି ଆଇନ ସହିତ ଜଡିତ ପରବର୍ତ୍ତୀ ବିକାଶ ଉପରେ କଡ଼ା ନଜର ରଖିଛି । ଏହି ପ୍ରକ୍ରିୟା ଏପ୍ରିଲ୍ ୨୦୨୫ରେ ଆରମ୍ଭ ହୋଇଥିଲା, ଯେତେବେଳେ ସେନେଟର ଲିଣ୍ଡସେ ଗ୍ରାହାମ୍ ଏବଂ ରିଚାର୍ଡ ବ୍ଲୁମେନ୍ଥଲ୍ ଆମେରିକା ସିନେଟରେ ବିଲ୍ର ଏକ ସଂସ୍କରଣ ଉପସ୍ଥାପନ କରିଥିଲେ । ସେମାନଙ୍କର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ରୁଷର ଶକ୍ତି ରପ୍ତାନି ରାଜସ୍ୱକୁ ହ୍ରାସ କରିବା ଏବଂ ଚାରି ବର୍ଷରୁ ଅଧିକ ସମୟ ଧରି ଯୁଦ୍ଧ ପରେ ୟୁକ୍ରେନ୍ ଯୁଦ୍ଧର ଅନ୍ତ ପାଇଁ ଆଲୋଚନା କରିବାକୁ ମସ୍କୋକୁ ବାଧ୍ୟ କରିବା ।

## ଓଲଟିଲା...

ପର୍ଯ୍ୟଟକମାନେ । ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ଉଦଳା ନିକଟସ୍ଥ ଦେବକୁଣ୍ଡରୁ ବୁଲାବୁଲି ସାରି ବାଲେଶ୍ୱର ଜିଲ୍ଲା ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ବୁଲିବାକୁ ଆସୁଥିବାବେଳେ ଭୁଡୁରୁବଣି ଠାରେ ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଟୁରିଷ୍ଟ ବସ୍ (ଡବ୍ଲୁ ବି ୩୩ସି ୫୭୨୪) ରାସ୍ତାରେ ଗୋରୁଙ୍କୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ବସ୍ ରାସ୍ତାର ବାମପଟ ତଳକୁ ଓଲଟି ପଡିଥିଲା । ତେବେ ବସ୍‌ରେ ୬୦ରୁ ଅଧିକ ବଙ୍ଗୀୟ ପର୍ଯ୍ୟଟକ ଥିବାବେଳେ ୩୦ରୁ ଅଧିକ ଆହତ ହୋଇ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୨ ଯାତ୍ରୀଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ବରହମପୁର ପୋଲିସ, ନୀଳଗିରି ଅଗ୍ନିଶମ ବିଭାଗ, ସ୍ଥାନୀୟ ଲୋକ ମିଳିତ ଭାବେ ଉଦ୍ଧାରକାର୍ଯ୍ୟ ଜାରି ରଖିଥିବା ବେଳେ ଆହତ, ଗୁରୁତର ଯାତ୍ରୀମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଓ ଅଗ୍ନିଶମ ଯୋଗେ ବରହମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଗୁରୁତରମାନଙ୍କୁ ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଖବର ଲେଖିବା ବେଳକୁ ଗୁରୁତର ୧୨ ଜଣଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଂଙ୍କଟାପର୍ଣ୍ଣ ହେବାରୁ ସେମାନଙ୍କୁ କଟକ ଏସିବି ମେଡିକାଲକୁ ସ୍ଥାନାନ୍ତର ହେବାର ସୁଚନା ରହିଛି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ. ELS-ANGL-OT-26-27-10

କାର୍ଯ୍ୟର ନାମ : ଅନୁଗୁଳ ସ୍ଥିତ ଇଲେକ୍ଟ୍ରିକ ଲୋକୋ ସେଡ୍‌ରେ ଉତ୍ପନ୍ନ ବିପଜ୍ଜନକ ବର୍ଜ୍ୟବସ୍ତୁକୁ ଦୁଇ ବର୍ଷ ପାଇଁ OSPCB (ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) ଦ୍ୱାରା ଅନୁମୋଦିତ ଏକ ବର୍ଜ୍ୟବସ୍ତୁ ନିଷ୍କାସନ କେନ୍ଦ୍ରରେ ନିଷ୍କାସନ କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ (₹): 22,09,718.09, EMD (₹) : 44,200.00, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.09.2026ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 09.10.2026 ରିଖ 1500 ଘଣ୍ଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର କାଗଜପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ http://www.ireps.gov.in ରେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୁଳ

PR-452/R/26-27



**AFFIDAVIT**

I, Jogeswari Devi, w\o- Lalitendu Bidyadhar Mohapatra, resident of GKV-85, Gati Krushna Villa, Brahmeswar Bagh,Tankapani Road, Bhubaneswar, Dist- Khurda, Pin-751020 Odisha declare by this affidavit CF No-28 dtd-10.08.26 that now onwards I shall be known as **Jogeshwari Devi** for all future purposes.



**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 17-09-2026, I, DIBAKAR SATAPATHY, residing at At-Prasant Plaza, Flat No-301, Biju Nagar, Patia, Bhubaneswar, Dist- Khordha, Odisha-751024, do hereby solemnly declare that I have changed the name of my daughter from DIBYASHA DIBYARUPA SATAPATHY (Old Name) to DIVYASHA SATAPATHY (New Name). Henceforth, she shall be known and addressed as **DIVYASHA SATAPATHY (New Name)** for all official, legal, educational, and other purposes.

DIBAKAR SATAPATHY



**ROURKELA DEVELOPMENT AUTHORITY**
**UDITNAGAR, ROURKELA-769012**
**No. 2087 /RDA., dated. 11.09.26**

13001/1877/2627

**PROCLAMATION**

It is hereby informed to the General public that I.Rama Chandra Sahoo, S/o Late Danda Pani Sahoo, 2.Jamuna Sahoo, D/o Late Danda Pani Sahoo,3. Laxmi Rout, D/o Late Danda Pani Sahoo ,4.Nirupama Sahu, W/o Ramesh Chandra Sahoo and 5.Manoj Kumar Kabi, Grand S/o Late Danda Pani Sahoo have applied for permission for transfer of allotment of **House No.-L/99. Phase-I, under Chhend Housing Project, Chhend, Rourkela-15** in favour of Gayatree Satapathy D/o Bhagaban Satapathy. If anybody has got objection to the proposed transfer, He/She may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd/- Secretary
Rourkela Development Authority

OIPR : 13001/13250/1/26-27/0035



**OFFICE OF THE ROURKELA MUNICIPAL CORPORATION**
**ROURKELA**

**INVITATION FOR BID**

13001/1870/2627 **No.14584 Dated. 18.09.2026**

**Bid Identification No. :- MC/RMC/62/2026**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in double cover on online Mode. Bid Identification No. **MC/RMC/62/2026** for **01** no. Electrical work with value of **Rs. 31.67 lakh.**

1. Bid documents will be available in website www.tendersorissa.gov.in from 18.09.2026.
2. Bids must be submitted on "online"on or before 30.09.2026 by 17-00 hours.
3. Bids shall be opened at 11.00 hours on 01.10.2026 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in Municipal Commissioner, Rourkela Municipal Corporation

Sd/- Municipal Commissioner,
Rourkela Municipal Corporation

OIPR : 13001/13131/1/26-27/0055



9001/146/2627

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ତା. ୨୧.୦୯.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0064



**PANCHAYAT SASMITI OFFICE, HATADIHI**
**BID Identification No. DTCN No. 02/Hatadihi / 2026-27**

19001/259/2627 **Letter No.4173 Dt. 19.9.2026**

1. The Block Development Officer, Hatadihi invites sealed percentage rate tenders in single cover system only on behalf of Govt, of Odisha for the construction of works as detailed as cited in the web portal, from registered and eligible class of civil contractor of the state PWD /(R&B)/ Water Resources / Rural Works / MI/CPWD for the following works eventually to be drawn up in the P.W.D.P.-I Agreement form in conformity with the detailed Tender Call Notice.
2. The tender paper (including Tender call notice, approved Tender Schedule and DTCN) will be available in the official web site http// :kendujhar.odisha.govt.in from dt. 21.09.2026 to 09.10.2026 and can be downloaded from the website.
3. Bids shall be received by this Agency up to 1.00 pm on date 09.10.2026 through registered post/ speed post only, the authority will not be held responsible for any postal delay in delivering of the Bid documents or non-receipt of the same.
4. The Bid will be opened on dt. 12.10.2026 at 11.00 am in the office of the undersigned in the presence of the members of the Block Tender committee and the bidders or their authorized representative. If the office happens to be closed on the date of receipt/ opening of the bids as specified, above will be received/ opened on the next working day at the same time and venue.

Sd/- Block Development Officer,
Hatadihi

OIPR : 19001/19200/1/26-27/0002



24001/451/2627

**ଭାରତ ଗେଜେଟରେ ପ୍ରକାଶିତ ହେବ, ଅସାଧାରଣ ଭାଗ-II**
**ଧାରା ୩, ଉପଧାରା (II)**
**ଭାରତ ସରକାର**
**ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ**
**ଅଧିସୂଚନା**
**ନୂଆଦିଲ୍ଲୀ, ୨୪ ଅଗଷ୍ଟ, ୨୦୨୬**

ଏସ୍.ଓ. ୪୬୫୫(ଇ).-ଯେହେତୁ ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟରେ ଭାରତ ସରକାରଙ୍କ ଅଧିସୂଚନା, ଏସ୍.ଓ. ୨୦୬୨(ଇ) ତାରିଖ : ୨୨ ଏପ୍ରିଲ ୨୦୨୬ ଭାରତ ଗେଜେଟ, ଅସାଧାରଣ, ଭାଗ II, ଧାରା ୩, ଉପଧାରା (ii)ରେ ପ୍ରକାଶିତ ହୋଇ ଜାତୀୟ ରାଜପଥ ଅଧିନିୟମ, ୧୯୫୬ (୧୯୫୬ ର ୪୮) (ଯାହାକୁ ଏଥିରେ ଉକ୍ତ ଅଧିନିୟମ ବୋଲି କୁହାଯାଇଛି) ର ଧାରା ୩ କ ର ଉପଧାରା (୧) ଅଧୀନରେ ଜାରି ହୋଇଥିଲା, ଯେଉଁରେ କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟରେ ବାର୍ଷିକ ଯୋଜନା ୨୦୨୨-୨୩ ଅନ୍ତର୍ଗତ EPC ପଦ୍ଧତିରେ NH -୧୫୭ର କିମି ୨୯,୮୦୦ (ଡିଜାଇନ୍ କିମି ୦.୦) ଠାରୁ କିମି ୩୮.୫୦୦ (ଡିଜାଇନ୍ କିମି ୬.୭୫୦) ପର୍ଯ୍ୟନ୍ତ ଫୁଲବାଣୀ ସହରକୁ ବାଇପାସ୍ ରୋଡ୍ ନିର୍ମାଣ ପ୍ରକଳ୍ପର ନିର୍ମାଣ (ପ୍ରଶସ୍ତିକରଣ/ଚାରି-ଲେନିଂ ଇତ୍ୟାଦି), ରକ୍ଷଣାବେକ୍ଷଣ, ପରିଚାଳନା ଓ ପରିଚାଳନା ପାଇଁ ଉକ୍ତ ଅଧିସୂଚନା ସହିତ ସଂଲଗ୍ନ ଅନୁସୂଚୀରେ ଉଲ୍ଲେଖିତ ଜମି ଅର୍ଜନ କରିବାର ଉଦ୍ଦେଶ୍ୟ ଘୋଷଣା କରିଥିଲେ ।

ଏବଂ ଯେହେତୁ ଉକ୍ତ ଅଧିସୂଚନା ଏସ୍.ଓ. ୨୦୬୨(ଇ) ତାରିଖ : ୨୨ ଏପ୍ରିଲ ୨୦୨୬ ର ସାରାଂଶ "ପ୍ରଗତିବାଦୀ, ତାରିଖ ୧୫.୦୫.୨୦୨୬" ଏବଂ "ସମୟ, ତାରିଖ ୧୫.୦୫.୨୦୨୬"ରେ ଉକ୍ତ ଅଧିନିୟମର ଧାରା ୩କ ର ଉପଧାରା (୩) ଅନୁଯାୟୀ ପ୍ରକାଶିତ ହୋଇଛି;

ଏବଂ ଯେହେତୁ କ୍ଷମତାପ୍ରାପ୍ତ ଅଧିକାରୀ, ଧାରା ୩ଗ ଅଧୀନରେ ଦାଖଲ ହୋଇଥିବା ଆପତ୍ତିଗୁଡ଼ିକ ଗ୍ରହଣ କରି, ସେଗୁଡ଼ିକୁ ବିଚାର କରି ଉପଯୁକ୍ତ ଭାବରେ ନିଷ୍ପତ୍ତି କରିଛନ୍ତି ;

ଏବଂ ଯେହେତୁ, ଉକ୍ତ ଅଧିନିୟମର ଧାରା ୩ଘ ର ଉପଧାରା (୧) ଅନୁଯାୟୀ, କ୍ଷମତାପ୍ରାପ୍ତ ଅଧିକାରୀ ତାଙ୍କର ପ୍ରତିବେଦନ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛନ୍ତି ;

ଅତଏବ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଉକ୍ତ ପ୍ରତିବେଦନ ପ୍ରାପ୍ତ ହେବା ପରେ ଏବଂ ଉକ୍ତ ଅଧିନିୟମର ଧାରା ୩ଘ ର ଉପଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି ଯେ, ଉକ୍ତ ଅନୁସୂଚୀରେ ଉଲ୍ଲେଖିତ ଜମି ପୂର୍ବୋକ୍ତ ଉଦ୍ଦେଶ୍ୟ ପାଇଁ ଅର୍ଜନ କରାଯିବା ଉଚିତ୍ ;

ଆହୁରି ମଧ୍ୟ, ଉକ୍ତ ଅଧିନିୟମର ଧାରା ୩ଘ ର ଉପଧାରା (୨) ଅନୁଯାୟୀ, କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି ଯେ, ଏହି ଅଧିସୂଚନା ରାଜପତ୍ରରେ ପ୍ରକାଶିତ ହେବା ମାତ୍ରେ, ଉକ୍ତ ଅନୁସୂଚୀରେ ଉଲ୍ଲେଖିତ ଜମି ସମସ୍ତ ଦାୟ-ଦେବାରୁ ମୁକ୍ତ ହୋଇ ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ସରକାରଙ୍କ ଠାରେ ନ୍ୟସ୍ତ ହେବ ।

ଅନୁସୂଚୀ

ଓଡ଼ିଶା ରାଜ୍ୟରେ ବାର୍ଷିକ ଯୋଜନା ୨୦୨୨-୨୩ ଅନ୍ତର୍ଗତ EPC ପଦ୍ଧତିରେ NH- ୧୫୭ର କିମି ୨୯,୮୦୦ (ଡିଜାଇନ୍ କିମି ୦.୦) ଠାରୁ କିମି ୩୮.୫୦୦ (ଡିଜାଇନ୍ କିମି ୬.୭୫୦) ପର୍ଯ୍ୟନ୍ତ ଫୁଲବାଣୀ ସହରକୁ ବାଇପାସ୍ ରୋଡ୍ ନିର୍ମାଣ ପ୍ରକଳ୍ପ ଅନ୍ତର୍ଗତ ଗଠନ ସହିତ କିମ୍ବା ଗଠନ ବିନା ଅର୍ଜନ କରାଯିବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ ।

File Number: F. No. RO/BBSR/11017/LA/97/2016/3D
Shaikh Amin Khan, Director

District: KANDHAMAL
https://egazette.gov.in
Publication Date: 24/09/2026
https://egazette.gov.in
https://bhoomirashi.gov.in
**Note :** The physical copy of this notification is also available at the office of CALA/PIU/PMU/RO/ED and Landowners may also see the notification there.

**TO BE PUBLISHED IN THE GAZETTE OF INDIA, EXTRAORDINARY PART-II, SECTION 3, SUB SECTION (II)**
**GOVERNMENT OF INDIA**
**MINISTRY OF ROAD TRANSPORT AND HIGHWAYS**
**Notification**
**New Delhi, the 24th August, 2026**

**S.O. 4655(E).**- Whereas by the notification of the Government of India in the Ministry of Road Transport and Highway, S.O. **2062(E) Dated:22 April 2026** published in Gazette of India, Extraordinary, Part II, Section 3, Sub-section (II) issued under sub-section (1) or section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening /four-laning, etc.), maintenance, management and operation of project Construction of Bypass road to Phulbani town from 29,800(Design Km 0.0) to Km 38.500 (Design Km 6.750) of NH-157 in the state of Odisha on EPC mode under Annual Plan 2022-23.

And whereas the substance of the said notification S.O. **2062(E) Dated:22 April 2026 has been published in "Pragativadi on dated 15.05.2026"** and **"Samaya on dated 15.05.2026"** under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately;

And whereas, In pursuance or sub-section (1) of section 3D of the said Act, the Competent Authority has submitted its report to the Central Government'

Now, therefore, upon receipt of the said report of the Competent Authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, In pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**SCHEDULE**

**Brief Description of the land to be acquired with or without structures falling under the project Construction of Bypass Road to Phulbani town from 29,800(Design Km 0.0) to Km 38.500 (Design Km 6.750) of NH-157 in the state of Odisha on EPC mode under Annual Plan 2022-23.**

File Number: F. No. RO/BBSR/11017/LA/97/2016/3D
Shaikh Amin khan , Director.

District: KANDHAMAL
https://egazette.gov.in
Publication Date: 24/09/2026
https://egazette.gov.in
https://bhoomirashi.gov.in
**Note :** The physical copy of this notification is also available at the office of CALA/PIU/PMU/RO/ED and Landowners may also see the notification there.
Sd/- Deputy Collector-cum-CALA
Collectorate, Kandhamal

OIPR : 24001/24411/3/26-27/0002



46001/23/2627

**Department of Social Security &**
**Empowerment of Persons with Disabilities**
**Lokaseva Bhavan, Red Building, BBSR-751001**
**Tel: 0674-2390116**
**Mail: ssepdodisha@gmail.com / ssepdsec.od@nic.in**
**No.9390 /SSEPD, Dt.19.09.2026**

**CORRIGENDUM**

In the Tender invited vide this Department Tender Notice No. 9066/ SSEPD Dated 08.09.2026 for organizing the International Day of Older Persons, 2026 at Bhubaneswar, the following points are hereby revised as detailed below:

1. A Proprietorship firm is hereby allowed to participate in the bid.
2. CA certified Provisional Financial Statement for FY 2025-26 is hereby accepted for firms whose audited financial statements for FY 2025-26 have not yet been finalized, provided that they have submitted the Audited Financial Statements for FY 2022-23, FY 2023-24 and FY 2024-25.
3. The item/requirement **"Actor/Actress for fitness enthusiast"** at Page 12 Section-III Scope of Work (B) Point-11 & FORM-F1 Page-26 (B) Point-11 is hereby withdrawn.
4. The item/requirement **"Yoga Instructor from the department (will be paid by the event management agency)** Page 12 Section-III Scope of Work (B) Point-12 & FORM-F1 Page-26 (B) Point-His hereby withdrawn.

Other terms and conditions of the bid document dated 08.09.2026 remain unaltered.

Sd/-
Director, SSEPD

OIPR : 46001/46006/1/26-27/0007



**GOVERNMENT OF ODISHA**
**WORKS DEPARTMENT**
**OFFICE OF THE SUPERINTENDING ENGINEER,**
**BALLIGUDA (R&B) DIVISION BALLIGUDA**

34001/818/2627

**TELEPHONE & fax 06846-243242 E-mail- eepwd.balliguda@gmail.com**

**1st Corrigendum to Bid Identification No. S.E. BLG-05/2026-27**

Letter No. 2721 Date. 11.09.2026

The following changes are made in Detailed Tender Call Notice to the work having Bid Identification No. S.E. BLG -05/2026-27. Vide Memo No.2209 dtd.14.08.2026.

1. Name of the work may be read as follows:
   - I. STMC-For 1 no of road for a length of 4.363 km under Baliguda R&B Division (Package 1) (STMC of Dasingbadi to Tajungia via Sonepur road (ODR) from 11/900 km to 16/263 Km in the district of Kandhamal)
   - II. STMC-For 1 no of road for a length of 1.626 km under Baliguda R&B Division (Package 2) (STMC of Balliguda-Barakhama-Khamankhole-Sindhiguda Road (SH-41) from 8/500 Km to 10/000 Km & 48/500 km to 48/626 Km in the district of Kandhamal)
   - III. STMC-For 1 no of road for a length of 0.838 km under Baliguda R&B Division (Package 3) (STMC for Belghar-Ambodola road (ODR) from 15/275 km to 16/113 Km in the district of Kandhamal)
2. The Bid documents will be available on the website: www.tendersodisha.gov.in from 21.09.2026 to 30.09.2026 up to 5.00 P.M instead of 24.08.2026 to 07.09.2026 up to 5.00 P.M for online bidding.
3. Bid shall be received on "ONLINE" on or before 5.00 P.M of 30.09.2026 instead of up to 5.00 P.M of 07.09.2026.
4. Bid received online shall be opened at 11.30 A.M on 01.10.2026 instead of at 11.30 A.M on 08.09.2026.
5. All other terms & conditions shall remain unchanged.

Sd/- Superintending Engineer
Balliguda (R&B) Division

OIPR : 34001/34162/1/26-27/0007


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ବେଆଇନ ଦେଶୀମଦ ବିକ୍ରୀକୁ ନେଇ ଜନଆକ୍ରୋଶ

# କିଆକଟା ଥାନା ଘେରିଲେ ଶତାଧିକ ଗ୍ରାମବାସୀ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ଉପଖଣ୍ଡ କିଆକଟା ଥାନା ଅଞ୍ଚଳରେ ଦିନକୁ ଦିନ ବେଆଇନ ଦେଶୀ ମଦ କାରବାର ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଦୀର୍ଘ ଦିନରୁ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଗଳିକନ୍ଦିରେ ବେଧଡ଼କ ଭାବେ ଚାଲିଥିବା ଏହି ମଦ ବେପାର ବିରୋଧରେ ଶେଷରେ ଲୋକଙ୍କ ଧର୍ଯ୍ୟଚ୍ୟୁତି ଘଟିଛି। ଆଜି ଶତାଧିକ ମହିଳା ଏକାଠିହୋଇ କିଆକଟା ଥାନା ଘେରାଉ କରିବା ସହ ଥାନା ପରିସରରେ ଜୋରଦାର ହଟ୍ଟଗୋଳ କରିଛନ୍ତି। ଅଭିଯୋଗ ଅନୁଯାୟୀ, କିଆକଟା ପଞ୍ଚାୟତ ଶଙ୍ଖାମାଳ, ନାଏକପଡ଼ା, ହେଲେଇ, ହଟୁଆପଡ଼ା ଓ ଥାଟିମୁଣ୍ଡା ତଥା ଏହାର ଆଖପାଖ ଗ୍ରାମରେ ବେଆଇନ ଦେଶୀ ଓ ହାଣ୍ଡିଆ ମଦର କାରବାର




ଚରମ ସୀମାରେ ପହଞ୍ଚିଛି। ଗାଁ ଗଣ୍ଡାରେ ଅବାଧରେ ମଦ ମିଳୁଥିବାରୁ ଗ୍ରାମାଞ୍ଚଳର ଶାନ୍ତି ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମଦ୍ୟପଙ୍କ ଉତ୍ପାତ ଯୋଗୁଁ ନାରୀ ନିର୍ଯାତନା, ପାରିବାରିକ କଳହ ଏବଂ ଛୋଟବଡ଼ ଅପରାଧ ବୃଦ୍ଧି ପାଉଛି। ଫଳରେ ସାଧାରଣ ଲୋକେ, ବିଶେଷକରି ସ୍କୁଲ-କଲେଜ ଯାଉଥିବା ଛାତ୍ରଛାତ୍ରୀ ଏବଂ ମହିଳାମାନେ ରାସ୍ତାରେ ଯିବାଆସିବା କରିବା ଅସମ୍ଭବ ହୋଇପଡୁଛି। ଗ୍ରାମବାସୀଙ୍କ କହିବା କଥା, ଏହି ଅବୈଧ ମଦ କାରବାର ସମ୍ପର୍କରେ ପୂର୍ବରୁ ସ୍ଥାନୀୟ ପୋଲିସକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। ପୋଲିସର ଏପରି ନିଷ୍କ୍ରିୟତା ଯୋଗୁଁ ମଦ ମାଫିଆମାନେ ନିର୍ଭୟରେ ନିଜର ବେପାର ଚଳାଇଛନ୍ତି। ପ୍ରଶାସନର ଉଦାସୀନତାକୁ ବିରୋଧ କରି ଆଜି ଶଙ୍ଖାମାଳ ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଆକଟା ପଞ୍ଚାୟତର ଏହି ଅଞ୍ଚଳ ଗୁଡ଼ିକରୁ ସମ୍ପୂର୍ଣ୍ଣ ଭାବେ ବେଆଇନ ଦେଶୀ ମଦ କାରବାର ଉଚ୍ଛେଦ କରିବା ଏବଂ ମଦ ମାଫିଆଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଘେରାଉ ସମୟରେ ଥାନା ପରିସରରେ କିଛି ସମୟ ପାଇଁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଚଢ଼ାଉ କରାଯାଇ ମଦ କାରବାର ବନ୍ଦ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଖୁବ୍ ଶୀଘ୍ର ଯଦି ଅଞ୍ଚଳକୁ ମଦମୁକ୍ତ କରା ନ ଯାଏ, ତେବେ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ ସହ ବଡ଼ ଧରଣର ଗଣଆନ୍ଦୋଳନ କରାଯିବ ବୋଲି ମହିଳା ସଂଘ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି ।

## ଡାକ୍ତର ଶକ୍ତି ଦାସ ପୂର୍ବ ଭାରତ ଅସ୍ଥିଶଲ୍ୟ ସଂଘ ସମ୍ପାଦକ

କଟକ, (ସ୍ୱପ୍ର) : ଡା. ଶକ୍ତି ପ୍ରସାଦ ଦାସ ପୂର୍ବଭାରତ ଅସ୍ଥି ଶଲ୍ୟ ସଂଘର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବ ଭାରତ ଅସ୍ଥିଶଲ୍ୟ ସଂଘର ବାର୍ଷିକ ସମ୍ମିଳନୀ ରାଞ୍ଚି




ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ସମସ୍ତ ଉତ୍ତର ପୂର୍ବ ରାଜ୍ୟ ଏହି ସଂଘର ସଦସ୍ୟ ଅଛନ୍ତି। ଡାଃ ଦାସ ଏହି ଦାୟିତ୍ୱରେ ୨ ବର୍ଷ ପାଇଁ ରହି କାର୍ଯ୍ୟ କରିବେ । ଏହା ପୂର୍ବରୁ ସେ ଏହି ସଂଘର ଓଡିଶାର ଉପସଭାପତି ଭାବେ କାର୍ଯ୍ୟ କରିଛନ୍ତି । ଏହି ବର୍ଷ ପାଇଁ ଓଡିଶା ରାଜ୍ୟରୁ ଡାଃ ସତ୍ୟ ପାତ୍ର ଉପସଭାପତି ଓ ଡାଃ ଶାଶ୍ୱତ ସାମନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନିତ ହୋଇଛନ୍ତି। ସଦସ୍ୟ ସଂଖ୍ୟା ବୃଦ୍ଧି, ଶିକ୍ଷାର ଉନ୍ନତି ପାଇଁ କର୍ମଶାଳା ଓ ସମସ୍ତ ପୂର୍ବ ଓ ପୂର୍ବୋତ୍ତର ରାଜ୍ୟମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସଂଘକୁ ଆଗକୁ ବଢିବାର ଆଶା ରଖି କାମ କରିବାକୁ ଡା. ଦାସ ଆଶା ରଖିଛନ୍ତି । ଡା. ତନ୍ମୟ ମହାନ୍ତି, ଡା. ଶ୍ରୀକାନ୍ତ ଦେବତା, ଡା. ବସନ୍ତ କୁମାର ବେହେରା, ଡା. ସଞ୍ଜୟ ଦାସ, ଡା. ନାରାୟଣଚନ୍ଦ୍ର ମହାକୁଡ, ଡା. ରଣଜୀତ ପାଣିଗ୍ରାହୀ ପ୍ରମୁଖ ଡା. ଶକ୍ତି ଦାସଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ବରିଷ୍ଠ ବିଜେପି ନେତା ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ଶ୍ରାଦ୍ଧବାର୍ଷିକୀ

ଭଦ୍ରକ,(ସବ୍ୟୁ):ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା ତିହିଡିରେ ଆୟୋଜିତ ହୋଇଛି । ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ରାଜ୍ୟସଭା ସାଂସଦ ମନମୋହନ ସାମଲ,ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା,ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସମେତ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ,ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ବହୁ ଦଳୀୟ ନେତା ଯୋଗଦେଇ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଷ୍ଣୁ ସେଠୀଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ




କରିଥିଲେ । ଏଥିସହ ବହୁ ବରିଷ୍ଠ ନେତା ଓ ଶୁଭେଚ୍ଛୁ ବିଷ୍ଣୁ ସେଠୀଙ୍କୁ ମନେ ପକାଇଛନ୍ତି । ଶ୍ରଦ୍ଧାଞ୍ଜଳି ସଭାରେ ପହଂଚି ବିଷ୍ଣୁ ସେଠୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ରାଜନୈତିକ ଓ ସାହିତ୍ୟିକ ଜୀବନକୁ ମନେ ପକାଇଥିଲେ ବହୁ ବରିଷ୍ଠ ନେତା। ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ,ବିଷ୍ଣୁ ସେଠୀ କେବଳ ଭଦ୍ରକ ଜିଲ୍ଲାର ନୁହେଁ,ସାରା ଓଡ଼ିଶାର ଜଣେ ଅନନ୍ୟ ନେତା ଥିଲେ। ରାଜନୀତି ସହ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ସେ ସ୍ମରଣ କରିଥିଲେ। ସ୍ମୃତିସଭାର ଆଉ ଏକ ପ୍ରମୁଖ ଆକର୍ଷଣ ଥିଲା ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ରଚିତ 'ଘାସଫୁଲ' କବିତା ପୁସ୍ତକର ଉନ୍ମୋଚନ । ଉପସ୍ଥିତ ଅତିଥିମାନେ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ତାଙ୍କ ସାହିତ୍ୟିକ ପ୍ରତିଭାକୁ ମଧ୍ୟ ସ୍ମରଣ କରିଥିଲେ। ରାଜନୀତିର ମଇଦାନରୁ ସାହିତ୍ୟର ଦୁନିଆ ପର୍ଯ୍ୟନ୍ତ ବିଷ୍ଣୁ ସେଠୀଙ୍କ ବହୁମୁଖୀ ପ୍ରତିଭା ଓ ଜନସେବାର ସ୍ମୃତି ଆଜି ବି ତାଙ୍କୁ ଲୋକଙ୍କ ମନରେ ଜୀବିତ ରଖିଛି।

### ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୋଲିସର ପଦକ୍ଷେପ

## ପାଣ୍ଡେକୁ ଏନ୍ଏସ୍ଏରେ ବାନ୍ଧିଲା ପୋଲିସ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାରେ ପାର୍ବଣ ଋତୁରେ ଆଇନ ଶୃଙ୍ଖଳା ପରିସ୍ଥିତି ଜନସାଧାରଣଙ୍କ ଶାନ୍ତି ଶୃଙ୍ଖଳା ଏବଂ ସାଧାରଣ ସୁରକ୍ଷା ପ୍ରତି ଦୃଷ୍ଟିରେ ରଖି ବିଭିନ୍ନ ମାମଲାରେ ଜଡିତ ଥିବା ପାଣ୍ଡେ ଓରଫ ବିଶ୍ୱଜିତ ବେହେରାକୁ ପୋଲିସ ଜାତୀୟ ସୁରକ୍ଷା ଆଇନରେ ଗରିଫ କରି ଅଟକ ରଖିଥିବାର ଜଣାପଡିଛି। ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ବାଜିଚୌକର ବିଶ୍ୱଜିତ ବେହେରା ଓରଫ ପାଣ୍ଡେ(୩୨)କୁ ପୋଲିସ ଜାତୀୟ ସୁରକ୍ଷା ଆଇନ ଅଧିନରେ ଗିରଫ କରି ଜେଲ ହାଜତକୁ ପଠାଇଥିବାର ଜଣାପଡିଛି। ଜନସାଧାରଣଙ୍କ ସୁରକ୍ଷା,ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୋଲିସ ଜାତୀୟ ସୁରକ୍ଷା ଆଇନ ଧାରା ୧୯୮୦ଅନୁସାରେ ଗତକାଲି ଗିରଫ କରାଯାଇ ଜିଲ୍ଲାକାରାଗାରକୁ ପଠାଇ ଦିଆଯାଇଛି। ତା ନାମରେ ୯ଟି ସଙ୍ଗୀନ ମାମଲା ରହିଥିବା ବେଳେ ତାର କାର୍ଯ୍ୟକଳାପ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ଓ ସାଧାରଣ ଜୀବନ ଯାପନ ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ଆଶଙ୍କା କରି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ଜନସାଧାରଣଙ୍କୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଏବଂ କୌଣସି ପ୍ରକାରର ଗୁଜବ, ଉତ୍ତେଜନା ମୂଳକ ସୂଚନାରେ ବିଶ୍ୱାସ ନକରିବାକୁ ଅନୁରୋଧ କରାଯାଇଛି। ପୂଜା ପାର୍ବଣକୁ ଦୃଷ୍ଟିରେ ରଖି ପ୍ରତିଶୋଧକ ମୂଳକ ପ୍ରତିକାର ସ୍ୱରୂପ ଆଗକୁ ଗଣ୍ଡଗୋଳ କିମ୍ବା ସମାଜରେ ପ୍ରତିକୂଳ ପ୍ରଭାବ ପକାଉଥିବା ଅଭିଯୁକ୍ତଙ୍କ ବିରୁଦ୍ଧରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏକ ବିଜ୍ଞପ୍ତିରେ ଜିଲ୍ଲା ପୋଲିସ ପ୍ରକାଶ କରିଛି।

## ବ୍ରାଉନସୁଗର ଜବତ, ୩ ଗିରଫ




ତାଳଚେର, (ସବ୍ୟୁ) : ବିଶେଷ ସୂତ୍ରରୁ ଖବରପାଇ ତାଳଚେର ପୋଲିସ୍ ବାଘୁଆବୋଲ ଛକ ନିକଟରେ ଆତର୍କିତ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ସରକାରୀ ସାକ୍ଷୀମାନଙ୍କ ଉପସ୍ଥିତିରେ ତଲାସି କରାଯାଇ ସେମାନଙ୍କ ନିକଟରୁ ୮.୬୬୦ ଗ୍ରାମର ବ୍ରାଉନସୁଗାର, ୨ଟି ମୋବାଇଲ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ୩ଜଣ ଅଭିଯୁକ୍ତ ବାଘୁଆବୋଲ ଗ୍ରାମ କେନ୍ଦୁବଣିଆ ସାହିର ସନ୍ତୋଷ ଜାଲ ଓରଫ ସନ୍ତୁ (୩୬), ଶରତ ଜାଲ(୩୦), ଦିପ୍ତିରଞ୍ଜନ ବେହେରା ଓରଫ ଟେରୁ (୨୪) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ୍ ସୂତ୍ରରୁ ଜଣାପଡ଼ିଛି।

## ଗର୍ଭବତୀ ମହିଳା ମୃତ

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକ କାସିମପୁର ପଞ୍ଚାୟତସ୍ଥିତ ପଛାଲୋ ଗ୍ରାମରେ ଶନିବାର ଅସ୍ୱାଭାବିକ ଭାବେ ଗର୍ଭବତୀ ମହିଳାଙ୍କର ମୃତ୍ୟୁ ଘଟିଛି। ଶନିବାର ଦିନ ପଛାଲୋ ଗ୍ରାମର ସାତ ମାସର ଗର୍ଭବତୀ ଥିବା ମମତାରାଣୀ ଜେନା(୨୭) ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଓ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥିବା ଜଣାପଡିଥିଲା। ଧୂଷୁରୀ ଥାନାର ଏସଆଇ ସୁଜାତା ସାହୁ ଏବଂ ଏଏସଆଇ ବୈଷ୍ଣବ ତ୍ରିପାଠୀ ମେଡ଼ିକାଲରେ ପହଂଚି ମୃତ ମହିଳା ମମତାରାଣୀ ଶବ ବ୍ୟବଚ୍ଛେଦ କରାଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟର କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଅପମୃତ୍ୟୁ ମାମଲା ସଂଖ୍ୟା-୨୫/୨୬ ରୁଜୁ କରାଯାଇଛି।

## ଚେକ୍ ବାଉନ୍ସ ମାମଲାରେ ବ୍ୟବସାୟୀଙ୍କୁ ୬ମାସ ଜେଲ୍, ୪ଲକ୍ଷ ଜରିମାନା

ବାରିପଦା, (ସବ୍ୟୁ) : ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ମାନ୍ୟବର ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଶୁଭ୍ରାଂଶୁ ଠାକୁର ଅଭିଯୁକ୍ତ ସୁମନ୍ୟୁ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୬ମାସ କାରାଦଣ୍ଡ ଆଦେଶ ଶୁଣାଇବା ସହ ୪ଲକ୍ଷଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ଏକମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ବ୍ୟାଙ୍କ ପକ୍ଷରୁ ଆଇନ୍ଜିବୀ ବଟକୃଷ୍ଣ ପାଢୀ ମାମଲା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଗୋଁସାଇପାଳ ଗ୍ରାମର ସୁମନ୍ୟୁ ସାହୁ ବ୍ୟବସାୟ ପାଇଁ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସାରସକଣା ଶାଖାରୁ ୨ଲକ୍ଷଟଙ୍କା ଋଣ ନେଇଥିଲେ । ଏହି ଋଣ ପରିଶୋଧ ପାଇଁ ସେ ୨ଲକ୍ଷ ୪୫ହଜାର ୪୭୭ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ । ଚେକ୍‌ଟି ବାଉନ୍ସ ହୋଇଯିବାରୁ ସାରସକଣା ଶାଖାର ମ୍ୟାନେଜର ପରିଚାଳିକା ଏକ ମାମଲା ଜେଏମ୍ଏଫ୍‌ସି ପ୍ରଥମ ଶ୍ରେଣୀଙ୍କ କୋର୍ଟରେ ଆଇ.ସି.ସି. ନମ୍ବର-୪/୧୫/୨୦୨୪ରେ ଦାୟର କରିଥିଲେ । ସାକ୍ଷୀ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

### ବାରିପଦା ପୌରାଞ୍ଚଳର ବିକାଶ ଦାବି

## ଜେଏମ୍ଏମ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିପଦା, (ସବ୍ୟୁ) : ବାରିପଦା ପୌରାଞ୍ଚଳରେ ବିକାଶମୂଳକ କାର୍ଯ୍ୟରେ ମନ୍ଥରତା ଓ ବିଭିନ୍ନ ନାଗରିକ ସମସ୍ୟାର ସମାଧାନ ଦାବିରେ ଜେଏମଏମ ବାରିପଦା ଶାଖା ପକ୍ଷରୁ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବାରିପଦା ପୌରପାଳିକାର ୨୮ଟି ୱାର୍ଡରେ



ବିକାଶମୂଳକ କାର୍ଯ୍ୟ ଦୀର୍ଘଦିନ ଧରି ଠପ୍ ରହିଛି। ୨୦୨୫-୨୬ ଏବଂ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ମଧ୍ୟ ବିଭିନ୍ନ ବିକାଶ ପ୍ରକଳ୍ପ ପାଇଁ ଅର୍ଥ ବିନିଯୋଗ ଓ ନୂତନ ଟେଣ୍ଡର ପ୍ରକ୍ରିୟା ଆଗେଇ ନଥିବା ଦଳ ଦାବି କରିଛି। ରାସ୍ତା ଉନ୍ନତି, ଡ୍ରେନେଜ୍ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ସହର ସୌନ୍ଦର୍ଯ୍ୟକରଣ ଓ ଜଳାଶୟର ଉନ୍ନତି ଭଳି କାର୍ଯ୍ୟ ପ୍ରଭାବିତ ହେବାରୁ ବର୍ଷାଦିନେ ଜଳଜମା ସମସ୍ୟା ସହ ସାଧାରଣ ଲୋକେ ବିଭିନ୍ନ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ଅର୍ଥ କମିଶନ ଅନୁଦାନ, ଡିଭୋଲୁସନ୍ ଫଣ୍ଡ ଓ ଟାଇଡ୍ ଗ୍ରାଣ୍ଟ ଭଳି ବିଭିନ୍ନ ଯୋଜନାର ଅର୍ଥ ଉପଲବ୍ଧ ଥିଲେ ମଧ୍ୟ ତାହାର ଉପଯୋଗ ହେଉନଥିବା ଦଳ ଅଭିଯୋଗ କରିଛି। ଏଥିସହ ପୌରପାଳିକାରେ ଦୁଇଜଣ ପୌର ଯନ୍ତ୍ରୀ ଥାଇ ମଧ୍ୟ ବିକାଶ କାର୍ଯ୍ୟ ଆଗେଇ ନଥିବା ନେଇ ଜେଏମ୍ଏମ୍ ପ୍ରଶ୍ନ ଉଠାଇଛି। ପୌର ନିର୍ବାହୀ ଅଧିକାରୀ ବିକାଶ ପ୍ରକଳ୍ପ ପ୍ରତି ଆବଶ୍ୟକ ଗୁରୁତ୍ୱ ଦେଉନଥିବା ଏବଂ ରାଜନୈତିକ ଚାପରେ କାର୍ଯ୍ୟ କରୁଥିବା ଭଳି ମନେହେଉଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ପୌରାଞ୍ଚଳରେ ଠପ୍ ଥିବା ସମସ୍ତ ବିକାଶ କାର୍ଯ୍ୟର ସମୀକ୍ଷା କରି ଆସନ୍ତା ୧୫ଦିନ ମଧ୍ୟରେ ନୂତନ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରିବା ସହ ଅନୁଦାନର ସଠିକ୍ ବିନିଯୋଗ ନିମନ୍ତେ ଜେଏମ୍ଏମ୍ ଦାବି କରିଛି। ଦାବି ପୂରଣ ନହେଲେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳୀନ ଧାରଣା ଓ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯିବ ବୋଲି ଦଳ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ବରିଷ୍ଠ ନେତା ସୁଜିତ ବେହେରା, ସହର ସଭାପତି ତରେନ ସେନାପତି, ଅଭିଷେକ ଦଣ୍ଡପାଟ, ସୁଶାନ୍ତ ସିଂ, ଗେଡୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ଘରୁ ଚୋରି ଘଟଣାର ସାଇଣ୍ଟିଫିକ୍ ତଦନ୍ତ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ରଙ୍ଗାମାଟିଆ ଗ୍ରାମରେ ଘରେ ନଥିବା ବେଳେ ଦୁଇ ଶିକ୍ଷକଙ୍କ ଘରୁ ଚୋରି ଘଟଣାରେ ଶୁକ୍ରବାର ଅପରାହ୍ନ ସମୟରେ ସାଇଣ୍ଟିଫିକ ଟିମ ତଦନ୍ତ କରିଥିବା ଜଣାଯାଇଛି । ଶିକ୍ଷକ ଗିରିଜା ପ୍ରସାଦ ଦାଶ ଏବଂ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ରଶ୍ମୀରେଖା ପଣ୍ଡାଙ୍କ ରଙ୍ଗାମାଟିଆ ସ୍ଥିତ ଘରୁ କିଛି ଦୁର୍ବୃତ୍ତ ଘରେ କେହି ନଥିବାର ସୁଯୋଗ ନେଇ ତାଲା ଭାଙ୍ଗି ମୋବାଇଲ , ସ୍ମାର୍ଟ ୱାଚ ସହ ନଗଦ ଟଙ୍କା ଚୋର କରି ନେଇଥିଲେ । ଏହାକୁ ନେଇ ଉଭୟ ଶିକ୍ଷକ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଗୁରୁବାର ସନ୍ଧାନୀ କୁକୁର ସହ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ତଦନ୍ତ କରିଥିବା ବେଳେ ଶୁକ୍ରବାର ଅପରାହ୍ନ ସମୟରେ ସାଇଣ୍ଟିଫିକ ଟିମ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିବା ସହ ଚୋରି ସମ୍ପର୍କିତ ପ୍ରମାଣ ସଂଗ୍ରହ କରିଛି। ଉକ୍ତ ଚୋରୀ ଘଟଣାକୁ ନେଇ ତଦନ୍ତ ବ୍ୟାପକ କରିଛି ବୈଶିଙ୍ଗା ପୁଲିସ । ଏ ନେଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ପୁଲିସ ।


## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାବତ ଭାଇକୁ କଟୁରୀରେ ହାଣିଲେ

ଜଗତସିଂହପୁର,(ସବ୍ୟୁ):ପୂର୍ବ ଶତ୍ରୁତାକୁ ନେଇ ତରିକୁନ୍ଦରେ ସାବତ ଭାଇକୁ ହଂସୁଆ କଟୁରୀରେ ହାଣିଲେ ଅନ୍ୟ ଦୁଇ ଭାଇ ।ସାବତ ଭାଇ ଇମ୍ରାନ ଖାନଙ୍କୁ ଗୁରୁତର ଅବସ୍ଥାରେ ଜଗତସିଂହପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ଇମ୍ରାନଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।ଘଟଣା ସ୍ଥଳରେ ଜଗତସିଂହପୁର ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।ସାବତ ଭାଇକୁ ହାଣି ଦୁଇ ଭାଇ ଆଦିଲ ଖାନ ଓ ଅଲିମ ଖାନ ଫେରାର ହୋଇଯାଇଛନ୍ତି ।ସୂଚନା ଅନୁସାରେ ତରିକୁନ୍ଦ ବେରାହମପୁର ଗ୍ରାମର ଅବଦୁଲ ସତାରଙ୍କର ୩ଟି ପତ୍ନୀ ଥିବାବେଳେ ଜମିବାଡିକୁ କେନ୍ଦ୍ର କରି ପରିବାରର ଭିନ୍ନ ଭିନ୍ନ ପୁଅମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥାଏ ।ଗତ ୩ ଦିନ ତଳେ ଅବଦୁଲ ସତାରଙ୍କର ପ୍ରଥମ ପତ୍ନୀଙ୍କର ଦୁଇ ପୁଅ ଆଦିଲ ଖାନ ଓ ଅଲିମ ଖାନ ପାରିବାରିକ ବିବାଦକୁ କେନ୍ଦ୍ର କରି ମଧ୍ୟମ ପତ୍ନୀଙ୍କ ପୁଅ ତଥା ସାବତ ଭାଇ ଇମ୍ରାନ ଖାନ ଓ ତାଙ୍କ ପରିବାରକୁ ଜୀବନରୁ ମାରି ଦେବାକୁ ଧମକ ଦେବା ସହିତ ଘରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ ।ଇମ୍ରାନ ଓ ତାଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଘର ସମେତ ଏକ ସ୍କୁଟି ଗାଡି ନିଆଁରେ ପୋଡି ଯାଇଥିଲା ।ଉଭୟ ଅଭିଯୁକ୍ତ ଘଟଣା ଘଟାଇ ଫେରାର ହୋଇଯାଇଥିଲେ ।ଏହାକୁ ନେଇ ଇମ୍ରାନଙ୍କ ପତ୍ନୀ ନଗମା ବିବି ତରିକୁନ୍ଦ ଫାଣ୍ଡିରେ ଏତଲା କରିଥିଲେ ।ପୋଲିସ କେଶ ନମ୍ବର ୬୬୦/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।ପୋଲିସ ଉଭୟ ଦୁଇ ଅଭିଯୁକ୍ତ ଭାଇଙ୍କୁ ଧରିବାରେ ବିଫଳ ହେବାରୁ ଆଜି ସକାଳ ସମୟରେ ଦୁଇ ଭାଇ ହଠାତ ବେରାହମପୁରରେ ପହଞ୍ଚି ଇମ୍ରାନଙ୍କୁ ଘରୁ ଡାକିଥିଲେ ।ଇମ୍ରାନ ଘରୁ ବାହାରିବା ପରେ ଦୁଇ ଭାଇ ଆଦିଲ ଓ ଅଲିମ ଅତି ନିର୍ମମ ଭାବରେ ହଂସୁଆ କଟୁରିରେ ହାଣି ଥିଲେ ।ଇମ୍ରାନଙ୍କର ମୁଣ୍ଡ,ହାତ,କାନ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ପ୍ରବଳ ରକ୍ତସ୍ରାବ ହୋଇଥିଲା ।ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଭାବେ ଆହତ ହୋଇଥିବା ଇମ୍ରାନଙ୍କୁ ପ୍ରଥମେ ଜଗତସିଂହପୁର ମେଡିକାଲ ଅଣାଯାଇଥିଲା ।ପରେ ଇମ୍ରାନଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନନ୍ତର କରାଯାଇଥିଲା ।ଜଗତସିଂହପୁର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଏସଡିପିଓ ଦିବ୍ୟ ରଂଜନ ନାଥ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ।ଏହି ଘଟଣାରେ ପୋଲିସ ଏସ୍ପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶରେ ଦୁଇଟି ଟିମ ଗଠନ କରାଯାଇ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ କରୁଛି ବୋଲି ଏସଡିପିଓ ଶ୍ରୀ ନାଥ ସୂଚନା ଦେଇଛନ୍ତି ।

## ଷାଠିବାଙ୍କୁଡା ୨ ସ୍ଥାନରେ ଧସିଲା ୭ଶହ ଫୁଟ ନଦୀବନ୍ଧ

### ଆତଙ୍କିତ ୪ ପଞ୍ଚାୟତର ନଦୀକୂଳିଆ ବାସୀ

ଆରଡି,(ସବ୍ୟୁ):ଗତ ୨ମାସ ମଧ୍ୟରେ ବୈତରଣୀ ନଦୀର ଆସିଥିବା ୫ଥର ଆସିଥିବା ବନ୍ୟାରେ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡି,ସୁନ୍ଦରପୁର,ଓଳଗ,ନାନ୍ଦପୁର ୪ ପଞ୍ଚାୟତ। ଏବେ ବନ୍ୟା। ଛାଡିଥିବାବେଳେ କୂଳ ଖାଉଛି ବୈତରଣୀ। ଫଳରେ ଓଳଗ ନିକଟସ୍ଥ ଅମୃତମଣୀ ଗାଁ ନୀକଟରେ ୨ଶହ ଫୁଟର ନଦୀବନ୍ଧ ବୈତରଣୀ ନଦୀଗର୍ଭକୁ ଚାଲିଯାଇଥିବା ବେଳେ ଅନେକ ସ୍ଥାନରେ ବଡ ବଡ ଫାଟ ସୃଷ୍ଟି ହୋଇଛି। ସେହିପରି ଷାଠିବାଙ୍କୁଡା ଗାଁ ଠାରୁ କିଛି ଦୂର ବୈତରଣୀ ନଦୀ କୂଳ ଲଙ୍ଘିବାରୁ ପାଖାପାଖି ୫ଶହ ଫୁଟ ଲମ୍ବର ନଦୀପଠାରୁ ବଡବଡ ମାଟି ଅତଡ଼ାଖଣ୍ଡ ନଦୀ ମଧ୍ୟକୁ



ଚାଲିଯାଇଛି। ତାହାସହ ସେହି ସ୍ଥାନ ଦେଇ ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥ ଯାଇଥିବାରୁ ରାସ୍ତା ପ୍ରତି ବିପଦ ସୃଷ୍ଟି ହେବା ସହ ୪ ପଞ୍ଚାୟତର ନଦୀକୂଳିଆ ଏବେ ଆତଙ୍କିତ ହୋଇପଡିଛନ୍ତି। ଏପରିକି ଗତ ୨ମାସ ମଧ୍ୟରେ ଆସିଥିବା ପାଖାପାଖି ୫ଥର ବନ୍ୟାରେ ବୈତରଣୀନଦୀ କୂଳ ଲଙ୍ଘିବାରୁ ଜାତୀୟ ରାଜପଥର ଦେଢ଼କିମି କଂକ୍ରିଟ ରାସ୍ତାକୁ ଧୋଇନେବା ସହ ୩ଶହ ଫୁଟର ଘାଇ ସୃଷ୍ଟି ହୋଇ ଆରଡି ସମେତ ୨୪ ଗାଁର ବହୁ କ୍ଷତି ଘଟାଇଥିଲା। ବନ୍ୟା ଛାଡିବା ପରେ କଟକ ଅଧିନ ଏନ୍ଏଚ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ନଦୀ କଡ଼ରେ ବଲା ଓ ବାଲିବସ୍ତା ଦିଆଯାଇ ଘାଇ ମରାମତି କରାଯାଇଛି। ହେଲେ ହୋଇଯାଇଥିବା ରାସ୍ତାର ଅସ୍ଥାୟୀ ମରାମତି ହୋଇଥିଲେ ମଧ୍ୟ ଏବେବି ବିପଦପୂର୍ଣ୍ଣ ଭାବେ ଯାତାୟତ କରୁଛନ୍ତି ସ୍ଥାନୀୟ ଅଂଚଳବାସୀଙ୍କ ସହ ଆଗନ୍ତୁକ ପର୍ଯ୍ୟଟକ। ଅନ୍ୟପଟେ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ରବିବାର ଠାରୁ ଲଘୁଚାପ ପ୍ରଭାବରେ ବର୍ଷା ହେବ,ତେଣୁ ଦୃଢ ନଦୀବନ୍ଧର ଯଥାଶିଘ୍ର ମରାମତି ପାଇଁ ସ୍ଥାନୀୟ ଲୋକ କହିଛନ୍ତି। ନଦୀବନ୍ଧ ଧସିବା ଘଟଣା ସମ୍ପର୍କରେ ଧାମନଗର ଜଳସମ୍ପଦ ବିଭାଗର କନିଷ୍ଠଯନ୍ତ୍ରୀ ବିମଳ ପ୍ରସାଦ ବେହେରାଙ୍କୁ ପଚାରିବାରୁ ଆମର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି,ସେହି ସ୍ଥାନରେ ଆଗକୁ କାମ ହେବ ବୋଲି କହିଛନ୍ତି ।

# ଦୁର୍ଘଟଣା ନୁହେଁ, ପ୍ରେମ ସମ୍ପର୍କରୁ ଯୁବକଙ୍କୁ ହତ୍ୟା ଅଭିଯୋଗ !

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ପୁଲିସର ତଦନ୍ତ କାର୍ଯ୍ୟଶୈଳୀ ବାରମ୍ବାର ଜିଲ୍ଲା ପୁଲିସର ମୁଣ୍ଡବ୍ୟଥାର ବିଷୟ ହୋଇଛି । ପୂର୍ବରୁ ଥାନା ଅଞ୍ଚଳରୁ ବାରମ୍ବାର ହାଇପ୍ରୋଫାଇଲ ସିରିଜ ଚୋରୀକୁ ନେଇ ନିନ୍ଦିତ ଥାନା ପୁଲିସ ଏବେ ଥାନା ଅଞ୍ଚଳରେ ଘଟିଥିବା ଏକ ଦୁର୍ଘଟଣା(ହତ୍ୟା)ର ଆଠ ଦିନ ପରେ ବି ପୁଲିସର ତଦନ୍ତ ଅଗ୍ରଗତି ଶୁନ ଥିବା ଅଭିଯୋଗ ହୋଇଛି। ମୁରିବାହାଲ ବ୍ଲକ ଟୁପାଉଡ଼ାର ପଞ୍ଚାୟତ ଡୁଙ୍ଗୁରୀଗୁଡ଼ା ଗ୍ରାମର ସ୍ୱର୍ଗତ ବାମନ ଖର୍ସେଲଙ୍କ ପୁଅ ପରୀକ୍ଷିତ (୨୦)ଙ୍କ ମୃତଦେହ ଗତ ୧୨ତାରିଖ ସନ୍ଧ୍ୟାରେ ସିନ୍ଧେକେଲା ପୁଲିସ ଥାନା ଅନ୍ତର୍ଗତ କୁର୍ଲୁଭଟା ଓ ଚାଟିଁପଲା ରାସ୍ତା ପାହାଡ ପାର୍ଶ୍ୱରୁ ବାଇକ ସହ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତରୁ ପରୀକ୍ଷିତଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ଆଲୋଚନା ହେଉଥିଲେ ମଧ୍ୟ ପ୍ରେମ ସମ୍ପର୍କରୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଦୁର୍ଘଟଣାର ରୂପ ଦିଆଯାଇଛି ବୋଲି ମୃତକଙ୍କ ପରିବାର ଲୋକେ ପୁଲିସରେ ଗୁରୁତର ଅଭିଯୋଗ କରିଛନ୍ତି । ମୃତକଙ୍କ ବଡ଼ଭାଇ କୃଷ୍ଣଚନ୍ଦ୍ର ସିନ୍ଧେକେଲା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ମୁତାବକ ତାଙ୍କ ଭାଇ ପରୀକ୍ଷୀତ ଗତ ୧୨ତାରିଖ ଅପରାହ୍ନରେ ଘରୁ ତାଙ୍କ ବାଇକରେ ବାହାରି ନିଜ ଭଉଣୀ ତପସିନୀ ବିଶି ବିବାହ କରିଥିବା ଗାଁ ଘେସରିପଡ଼ାକୁ ଯାଇଥିଲେ । ସେ କାହାର ଏକ ଫୋନ କଲ ପାଇ ଭଉଣୀ ଘରୁ କିଛି ସମୟ ପରେ ଆସୁଛି କହି ବାହାରି ଯାଇଥିଲେ । ହେଲେ ସନ୍ଧ୍ୟାରେ ଘଟଣାସ୍ଥଳରୁ ବାଇକ ସହ ତାଙ୍କ ମୃତଦେହ ପଡ଼ିଥିବା ଖବର ପାଇ ପୁଲିସ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଟିଟିଲାଗଡ ମେଡିକାଲରେ ଭର୍ତ୍ତି କରିଥିଲା। ସେହି ରାତି ୮ଟାରେ ପରିବାର ଲୋକେ ଖବର ପାଇ ଘଟଣାସ୍ଥଳକୁ ପହଞ୍ଚିବା ବେଳକୁ ପୁଲିସ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇ ଦିଆଯାଇଛି ବୋଲି ପ୍ରକାଶ କରିଥିଲା ।୧୩ତାରିଖ ଦିନ ସକାଳୁ ପରିବାର ଲୋକେ ପୁଣି ଘଟଣା ସ୍ଥଳକୁ ଯାଇ ପାରିପାର୍ଶ୍ୱିକ ପରିସ୍ଥିତି ଦେଖି ଏହା ଆଦୌ ଦୁର୍ଘଟଣାଜନିତ ନୁହେଁ ବରଂ ସୁଚିନ୍ତିତ ହତ୍ୟା ଷଡଯନ୍ତ୍ର ବୋଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଟିଟିଲାଗଡ଼ରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ପୂର୍ବରୁ ମାତ୍ର ଦୁଇ ମାସ ତଳେ ନିଜ ବାପାଙ୍କୁ ହରାଇଥିବା କୃଷ୍ଣଚନ୍ଦ୍ର ଏବେ ଭାଇଙ୍କ ସୁଚିନ୍ତିତ ହତ୍ୟା ଘଟଣାରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ି ନିଜ ମା' ସହ ଏବେ ଏକା ହୋଇଯାଇଛନ୍ତି ।ମୃତକଙ୍କ ଭାଇ କୃଷ୍ଣଚନ୍ଦ୍ର ପ୍ରେମ ସମ୍ପର୍କରୁ ତାଙ୍କ ଭାଇଙ୍କୁ ସୁଚିନ୍ତିତ ହତ୍ୟା କରାଯାଇଛି ବୋଲି ଗୁରୁତର ଅଭିଯୋଗ କରିଛନ୍ତି । ମୃତ ପରୀକ୍ଷିତଙ୍କ ଅଇଁଲାଭଟା ଗ୍ରାମର ଜଣେ ଯୁବତୀଙ୍କ ସହ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା । ଏହା ଜାଣିପାରି ନାରେନ ଗ୍ରାମର ଯୁବତୀଙ୍କ ଜଣେ ସମ୍ପର୍କୀୟ ମୃତ ପରୀକ୍ଷିତଙ୍କୁ ପୂର୍ବରୁ ବାରମ୍ବାର ଧମକଚମକ ଦେଇ ଆସୁଥିବା ଭାଇ କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି । ଘଟଣା ଦିନ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଅଇଁଲାଭଟା ଗ୍ରାମକୁ ଆସି ଘଟଣାସ୍ଥଳରେ ବୁଲାବୁଲି କରୁଥିବା କେତେକ ପ୍ରତ୍ୟେକ୍ଷଦର୍ଶୀ ଦେଖିଥିବା ପ୍ରକାଶ କରିଛନ୍ତି । ସେହି ଯୁବତୀଙ୍କ ସହ ପ୍ରେମ ସମ୍ପର୍କରୁ ହିଁ ତାଙ୍କର ସେହି ସମ୍ପର୍କୀୟ ପରୀକ୍ଷିତଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଛି ବୋଲି ଭାଇ କୃଷ୍ଣଚନ୍ଦ୍ର ଗୁରୁତର ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ସିନ୍ଧେକେଲା ଥାନା ପୁଲିସ କେବଳ ଏକ ଅପମୃତ୍ୟୁ କେଶ ନ ୦୬/୨୬ରୁଜୁ କରି ଚୁପ ବସିଛି । ଘଟଣାର ଆଠ ଦିନ ପରେ ବି ପୁଲିସର ତଦନ୍ତ ଅଗ୍ରଗତି ଶୁନ ଥିବା ସମ୍ପର୍କରେ ଥାନା ଆଇଆଇସି ଏଫ.ଲାକ୍ରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନଥିବାରୁ ତାଙ୍କ ମତାମତ ମିଳପାରିନାହିଁ । ସୋମବାର ପରିବାର ଲୋକେ ଟିଟିଲାଗଡ ଏସଡିପିଓ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ନ୍ୟାୟ ପାଇଁ ଭେଟିବେ ବୋଲି ପ୍ରକାଶ କରିଛନ୍ତି।

# ବିକଶିତ ଦେଶର ଅଙ୍ଗାରକାମ୍ଳ ନିର୍ଗମନ ୬ ଗୁଣ ଅଧିକ: ମୋଦୀ



**ନୂଆଦିଲ୍ଲୀ:** ବିଶ୍ୱରେ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ବିକାଶଶୀଳ ଦେଶଗୁଡ଼ିକୁ ଦାୟୀ କରିବା ଠିକ୍ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଶନିବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍ଜିଟି) ପକ୍ଷରୁ ଆୟୋଜିତ 'ଦ ଫ୍ୟୁଚର ଅଫ୍ ଏନଭାଇରମେଣ୍ଟ ଆଣ୍ଡ କ୍ଲାଇମେଟ୍ ଡାଇନାମିକ୍ସ' ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦଘାଟନ କରି ସେ ଏହା କହିଛନ୍ତି। ଦୁଇଦିନିଆ ଏହି ସମ୍ମିଳନୀ ୧୯ ଓ ୨୦ ସେପ୍ଟେମ୍ବରରେ ଅନୁଷ୍ଠିତ ହେଉଛି। ମୋଦୀ କହିଛନ୍ତି, ବିକାଶଶୀଳ ଦେଶଗୁଡ଼ିକ ଉପରେ କାର୍ବନ ନିର୍ଗମନର ଦାୟିତ୍ୱ ଅନେକ ସମୟରେ ଅନ୍ୟାୟ ଭାବେ ଲଦି ଦିଆଯାଉଛି। ତାଙ୍କ ଅନୁସାରେ, ଆଜି ମଧ୍ୟ ଭାରତର ମୁଣ୍ଡପିଛା କାର୍ବନ ନିର୍ଗମନ ବିଶ୍ୱ ହାରାହାରିର ଅଧାରୁ କମ୍। ଏହାସହ ବିକଶିତ ଦେଶଗୁଡ଼ିକର ମୁଣ୍ଡପିଛା କାର୍ବନ ନିର୍ଗମନ ଭାରତ ତୁଳନାରେ ପ୍ରାୟ ୬ ଗୁଣ ଅଧିକ ବୋଲି ସେ ଉଲ୍ଲେଖ କରିଛନ୍ତି। ପରିବେଶ ସୁରକ୍ଷା ଓ ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରି ଭାରତ ଆଗକୁ ବଢ଼ୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଅକ୍ଷୟ ଶକ୍ତି ଉପରେ ଭାରତ ଗୁରୁତ୍ୱ ଦେଉଥିବା ଉଲ୍ଲେଖ କରି ସେ କହିଥିଲେ ଯେ ଗତ ୧୨ ବର୍ଷରେ ଦେଶର ପବନ ଶକ୍ତି କ୍ଷମତା ପ୍ରାୟ ତିନିଗୁଣ ବୃଦ୍ଧି ପାଇଛି। ଜଳବିଦ୍ୟୁତ କ୍ଷେତ୍ରରେ ମଧ୍ୟ ବୃଦ୍ଧି ଘଟିଛି ଏବଂ ଭାରତ ଏବେ ପରମାଣୁ ଶକ୍ତି ଉତ୍ପାଦନକୁ ଦ୍ରୁତ ଗତିରେ ବଢ଼ାଇବା ଦିଗରେ କାମ କରୁଛି। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ପ୍ୟାରିସ୍ ଚୁକ୍ତିରେ ଭାରତ ନିର୍ଦ୍ଧାରଣ କରିଥିବା ଲକ୍ଷ୍ୟ ପୂରଣ ଦିଗରେ ଦେଶ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଅଗ୍ରଗତି କରିଛି। ପରିବେଶ ସୁରକ୍ଷାକୁ ନେଇ ଭାରତ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ପଦକ୍ଷେପ ନେଇଥିବା ସେ ଉଲ୍ଲେଖ କରିଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ଭାରତର ସୁପ୍ରିମକୋର୍ଟ ଓ ହାଇକୋର୍ଟର ବିଚାରପତି, ପରିବେଶ ବିଶେଷଜ୍ଞ, ବରିଷ୍ଠ ସରକାରୀ ଅଧିକାରୀଙ୍କ ସହ ୧୭ଟି ଦେଶର ବିଚାରପତି ଓ ନ୍ୟାୟିକ ପ୍ରତିନିଧି ଯୋଗ ଦେଇଛନ୍ତି। ପରିବେଶ ଶାସନ, ଜଳବାୟୁ ପରିବର୍ତ୍ତନ, ନୀତି ପ୍ରଣୟନ ଓ ଏହାର କାର୍ଯ୍ୟକାରିତା ଭଳି ପ୍ରସଙ୍ଗ ଉପରେ ସମ୍ମିଳନୀରେ ଆଲୋଚନା ହେଉଛି।

## ଉତ୍ତରାଖଣ୍ଡରେ ତରଳୁଛି ୨୩ଟି ପ୍ରମୁଖ ଗ୍ଲେସିୟର

**ନୂଆଦିଲ୍ଲୀ:** ଉତ୍ତରାଖଣ୍ଡର ଗ୍ଲେସିୟର ଦ୍ରୁତ ଗତିରେ ତରଳିବାରେ ଲାଗିଛି । ଫଳରେ ସମଗ୍ର ହିମାଳୟ ଅଞ୍ଚଳ ପାଇଁ ବଡ଼ ବିପଦ ସୃଷ୍ଟି ହୋଇଛି । ନିକଟରେ ନେପାଳରେ ଗ୍ଲେସିୟର ତରଳିବା କାରଣରୁ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ୧,୪୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହେବାର ମାତ୍ର କିଛି ଦିନ ପରେ ଏହି ଚିନ୍ତାଜନକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି । 'ୱାଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ୍ ଜିଓଲୋଜି'ର ବୈଜ୍ଞାନିକ ଜ୍ୟୋତି କୁମାରୀ, ଗିରୀଶ ଚନ୍ଦ୍ର କୋଠିଆରୀ, ଅତୁଲ କୁମାର ପଟେଲ ଏବଂ ମନୀଷ ମେହେଟ୍ଟାଙ୍କ ଦ୍ୱାରା ଲିଖିତ ଏହି ଗବେଷଣା ପତ୍ରଟି 'Discover Geoscience' ପତ୍ରିକାରେ ପ୍ରକାଶିତ ହୋଇଛି, ଯେଉଁଥିରେ ଉତ୍ତରାଖଣ୍ଡର ୨୩ଟି ପ୍ରମୁଖ ଗ୍ଲେସିୟରର ତଥ୍ୟ ଅନୁଧ୍ୟାନ କରାଯାଇଛି। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ଟିହରୀର ଖାତଲିଙ୍ଗ ହିମବାହ ବାର୍ଷିକ ସବାଧିକ ୮୮ ମିଟର, ପିଣ୍ଡାରୀ ଗ୍ଲେସିୟର ବାର୍ଷିକ ୪୫.୮୫ ମିଟର, ମିଲାମ୍ ଗ୍ଲେସିୟର ୩୨ରୁ ୩୭.୮ ମିଟର, ଚାମୋଲିର ସତୋପନ୍ଥ ୨୬.୪୫ ମିଟର ଏବଂ ଗଙ୍ଗୋତ୍ରୀ ଗ୍ଲେସିୟର ବାର୍ଷିକ ପ୍ରାୟ ୨୧ରୁ ୨୨ ମିଟର ହାରରେ ତରଳୁଛି । ବୈଜ୍ଞାନିକମାନଙ୍କ ଅନୁସାରେ ବୈଶ୍ୱିକ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନ ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ଗ୍ଲେସିୟର ଗୁଡ଼ିକର ଭୌଗୋଳିକ ଆକାର ଏବଂ ସେଗୁଡ଼ିକ ଉପରେ ଥିବା ଆବର୍ଜନାର ସ୍ତର ମଧ୍ୟ ଏହି ପ୍ରକ୍ରିୟାକୁ ପ୍ରଭାବିତ କରୁଛି। ୪,୦୦୦ ମିଟର ଉଚ୍ଚତାରେ ପୂର୍ବରୁ ବରଫପାତ ହେଉଥିବା ସ୍ଥାନଗୁଡ଼ିକରେ ଏବେ ବର୍ଷା ହେବା, ଗ୍ରୀଷ୍ମଋତୁର ଅବଧି ବୃଦ୍ଧି ପାଇବା ଏବଂ ଶୀତଦିନେ କମ୍ ବରଫପାତ ହେବା ଯୋଗୁଁ ନୂତନ ବରଫ ଜମାଟ ବାନ୍ଧିବାକୁ ଯଥେଷ୍ଟ ସମୟ ମିଳୁନାହିଁ । ଗଙ୍ଗା, ଯମୁନା, ଭାଗୀରଥୀ, ଅଳକାନନ୍ଦା, ସୁତଲେଜ୍, ସିନ୍ଧୁ ଏବଂ ବ୍ରହ୍ମପୁତ୍ର ଭଳି ପ୍ରମୁଖ ନଦୀଗୁଡ଼ିକ ହିମାଳୟରୁ ସୃଷ୍ଟି ହୋଇଥିବାରୁ ଏହି ଗ୍ଲେସିୟରଗୁଡ଼ିକ ତରଳିବା ଦ୍ୱାରା ନଦୀ ଅଞ୍ଚଳରେ 'ଗ୍ଲାସିଆଲ୍ ଲେକ୍ ଆଉଟବର୍ଷ୍ଟ ଫ୍ଲଡ୍' (GLOF), ପାହାଡ଼ ଧସିବା, ବରଫ ସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବ। ଏହାସହିତ ଆଗାମୀ ଦିନରେ ନଦୀଗୁଡ଼ିକ ଶୁଖିଯାଇ ଭାରତ ଓ ପଡ଼ୋଶୀ ଦେଶଗୁଡ଼ିକରେ ପାନୀୟ ଜଳ, କୃଷି ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଗମ୍ଭୀର ଜଳସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଛି।

## ୧୦୦ ବର୍ଷ ପରେ ବୈଜ୍ଞାନିକଙ୍କ ବଡ଼ ସଫଳତା: ମିଳିଲା ନୂଆ ପ୍ରଜାତିର ବିଲେଇ

**ନୂଆଦିଲ୍ଲୀ:** ଦୀର୍ଘ ୧୦୦ ବର୍ଷରୁ ଅଧିକ ସମୟର ବ୍ୟବଧାନ ପରେ ବୈଜ୍ଞାନିକମାନେ ଏକ ନୂତନ ପ୍ରଜାତିର ଜଙ୍ଗଲୀ ବିଲେଇ ଆବିଷ୍କାର କରିଛନ୍ତି । ଦକ୍ଷିଣ ଆମେରିକାର ବୋଲିଭିଆ ସ୍ଥିତ ଆଣ୍ଡିଜ୍ ପର୍ବତମାଳା ଓ ଆମାଜନ ଅବବାହିକା ମଧ୍ୟରେ ଥିବା 'ୟୁଙ୍ଗାସ' ରହସ୍ୟମୟ ଜଙ୍ଗଲରେ ଏହି ବିରଳ ବିଲେଇର ସନ୍ଧାନ ମିଳିଛି । ଦେଖିବାକୁ ସମ୍ପୂର୍ଣ୍ଣ ରୂପେ ଏକ ଖୁଙ୍କାର କଲରାପତ୍ରିଆ ବାଘ ଭଳି ଲାଗୁଥିବା ଏହି ବିଲେଇର ଓଜନ କିନ୍ତୁ ଆମ ଘରେ ରହୁଥିବା ସାଧାରଣ ପୋଷା ବିଲେଇ ଠାରୁ ମଧ୍ୟ କମ୍। ବୈଜ୍ଞାନିକମାନେ ଏହାର ବୈଜ୍ଞାନିକ ନାମ 'ଲିଓପାର୍ଡସ୍ ଟିଲକାୟୋ' ରଖିଛନ୍ତି। ଏହି ଐତିହାସିକ ଆବିଷ୍କାରର କାହାଣୀ ୨୦୧୬ ମସିହାରୁ ଆରମ୍ଭ ହୋଇଥିଲା । ସେହି ସମୟରେ ଜଣେ ସ୍ଥାନୀୟ ବ୍ୟକ୍ତି ରାସ୍ତା କଡ଼ରୁ ଏକ ଛୋଟ ଛୁଆ ବିଲେଇ ପାଇ ତାକୁ ସାଧାରଣ ପୋଷା ବିଲେଇ ଭାବି ନିଜ ଘରକୁ ଆଣିଥିଲେ। ସେ ତାକୁ ଖାଇବାକୁ ଦେଇ ରଖିଥିଲେ, କିନ୍ତୁ ବଡ଼ ହେବା ପରେ ଏହାର ବ୍ୟବହାର ସମ୍ପୂର୍ଣ୍ଣ ଜଙ୍ଗଲୀ ଜନ୍ତୁଙ୍କ ଭଳି ଥିବାରୁ, ସେ ବାଧ୍ୟ ହୋଇ ତାକୁ ସେଣ୍ଟା ଭେର୍ଡେ ଉଦ୍ଧାର କେନ୍ଦ୍ରକୁ ହସ୍ତାନ୍ତର କରିଦେଇଥିଲେ। ସେଠାରେ ବୋଲିଭିଆର ଜଣାଶୁଣା ଜୀବବିଜ୍ଞାନୀ ପାଓଲା ନୋଗାଲେସ୍ ଏହି ବିରଳ ବିଲେଇକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କୁ ଲାଗିଥିଲା ଯେ ଏହା ଅନ୍ୟ ଟାଇଗର କ୍ୟାଟ୍ ମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଦୀର୍ଘ ବର୍ଷ ଧରି ବ୍ରାଜିଲ ଏବଂ ଆଣ୍ଟୱେର୍ପ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ସହାୟତାରେ ବିଭିନ୍ନ ଦେଶର ୩୮ ଟି ଭିନ୍ନ ଭିନ୍ନ ବିଲେଇ ଏବଂ ମ୍ୟୁଜିୟମରେ ଥିବା ପୁରୁଣା ନମୁନା ଗୁଡ଼ିକର ଡିଏନଏ ପରୀକ୍ଷା କରାଯାଇଥିଲା । ପରିଶେଷରେ ଜଣାପଡିଥିଲା ଯେ, ପ୍ରାୟ ୧୪ ଲକ୍ଷ ବର୍ଷ ପୂର୍ବେ ଏହା ଅନ୍ୟ 'ଟାଇଗର କ୍ୟାଟ୍' ପ୍ରଜାତିରୁ ଅଲଗା ହୋଇଥିଲା। ଏହି ଗବେଷଣାର ବିସ୍ତୃତ ରିପୋର୍ଟ ନିକଟରେ ପ୍ରସିଦ୍ଧ ବିଜ୍ଞାନ ପତ୍ରିକା 'କରେଣ୍ଟ ବାୟୋଲୋଜି'ରେ ପ୍ରକାଶ ପାଇଛି। 'ଟିଲକାୟୋ' ପ୍ରଜାତିର ଏହି ବିଲେଇ ମାତ୍ର ୧୮ ଇଞ୍ଚ ଲମ୍ବ ଏବଂ ଏହାର ଓଜନ ପାଖାପାଖି ୧.୪ କିଲୋଗ୍ରାମ ରହିଥାଏ। ଏହାର ଶରୀରରେ କଲରାପତ୍ରିଆ ବାଘ ଭଳି କଳା ଓ ଖଇରିଆ ରଙ୍ଗର ଗୋଲାକାର ଛାପ ରହିଥିବା ବେଳେ ଏହାର କାନ ଗୋଲାକାର, ମୁହଁ ଛୋଟ ଏବଂ ନିଶ ଖୁବ୍ ଲମ୍ବା ହୋଇଥାଏ। କ୍ୟାମେରା ଟ୍ରାପ୍ ତଥ୍ୟରୁ ଜଣାପଡିଛି ଯେ, ଏମାନେ ସାଧାରଣତଃ ରାତି ସମୟରେ ଅଧିକ ସକ୍ରିୟ ରହିଥାନ୍ତି ଏବଂ ଛୋଟ ମୂଷା ଜାତୀୟ ଜୀବଙ୍କୁ ଶିକାର କରି ବଞ୍ଚନ୍ତି ।

## ସାଉଦି ଆରବର ଅଶୋଧିତ ତୈଳ ଉତ୍ପାଦନରେ ହ୍ରାସ, ବଢ଼ିପାରେ ତେଲ ଦର



**ନୂଆଦିଲ୍ଲୀ:** ଆମେରିକା ଏବଂ ଇରାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ଏବଂ ଯୁଦ୍ଧର ପ୍ରଭାବ ଏବେ ବିଶ୍ୱ ତୈଳ ବଜାର ଉପରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଲାଣି । ବିଶ୍ୱର ଅନ୍ୟତମ ପ୍ରମୁଖ ଅଶୋଧିତ ତୈଳ ଉତ୍ପାଦନକାରୀ ଦେଶ ସାଉଦି ଆରବର ତୈଳ ଉତ୍ପାଦନ ୧୯୯୦ ମସିହା ପରଠାରୁ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ଅର୍ଥାତ ଗତ ତିନି ଦଶନ୍ଧି ମଧ୍ୟରେ ଏହା ହେଉଛି ସାଉଦି ଆରବର ସବୁଠାରୁ କମ୍ ତୈଳ ଉତ୍ପାଦନ । ସ୍ଥାନୀୟ ପ୍ରଶାସନ ତଥା ଅର୍ଥନୈତିକ ବିଶେଷଜ୍ଞଙ୍କ ମତରେ ଏହି ଘଟଣା ଆଗାମୀ ଦିନରେ ବିଶ୍ୱ ଅର୍ଥନୀତି ପାଇଁ ବଡ଼ ଚିନ୍ତାର କାରଣ ପାଲଟିପାରେ ।ଓପେକକୁ ସାଉଦି ଆରବ ପକ୍ଷରୁ ଦିଆଯାଇଥିବା ଏକ ରିପୋର୍ଟ ଅନୁଯାୟୀ, ଗତ ଅଗଷ୍ଟ ମାସରେ ଦେଶର ଅଶୋଧିତ ତୈଳ ଉତ୍ପାଦନ ଦୈନିକ ୧.୯ ନିୟୁତ ବ୍ୟାରେଲ ହ୍ରାସ ପାଇ ୬.୨୩୮ ନିୟୁତ ବ୍ୟାରେଲରେ ସୀମିତ ରହିଛି । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସାଉଦିର ଦୈନିକ ଉତ୍ପାଦନ ପ୍ରାୟ ୧୦.୧ ନିୟୁତ ବ୍ୟାରେଲ ରହୁଥିଲା। ଏହି ଆଶ୍ଚର୍ଯ୍ୟଜନକ ହ୍ରାସ ୧୯୯୦ ମସିହାର ଉପସାଗରୀୟ ଯୁଦ୍ଧ ସମୟର ସର୍ବନିମ୍ନ ରେକର୍ଡକୁ ମଧ୍ୟ ଅତିକ୍ରମ କରିଯାଇଛି। ଆମେରିକା ଓ ଇରାନ ମଧ୍ୟରେ ଘନଉଥିବା ବିବାଦ କାରଣରୁ ସାଉଦି ଆରବର ରପ୍ତାନି ମାର୍ଗ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି, ଯାହାର ସିଧାସଳଖ ପ୍ରଭାବ ଉତ୍ପାଦନ କ୍ଷମତା ଉପରେ ପଡ଼ିଛି। ସୂଚନାଯୋଗ୍ୟ ଯେ, ଇରାନ ସମର୍ଥିତ ହୁଥି ବିଦ୍ରୋହୀମାନେ ସାଉଦି ଆରବର ତୈଳ ଟ୍ୟାଙ୍କର ଏବଂ ଷ୍ଟୋରେଜ୍ ଉପରେ ଲଗାତାର ଆକ୍ରମଣ କରୁଛନ୍ତି । ନିକଟରେ ସେପ୍ଟେମ୍ବର ୧୦ ତାରିଖରେ ଇଷ୍ଟ-ୱେଷ୍ଟ ପାଇପଲାଇନ ଉପରେ ଆକ୍ରମଣ ହେବା ଫଳରେ ସୁରକ୍ଷା ଦୃଷ୍ଟିରୁ ଏହାକୁ ବନ୍ଦ କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ଲାଲ ସାଗର ଏବଂ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ଉପରେ ଆସିଥିବା ସଙ୍କଟ ଯୋଗୁଁ ସାଉଦିର ମୁଖ୍ୟ ରପ୍ତାନି କରିଡର ବିପଦରେ ପଡ଼ିଛି । ୟେମେନର ପଶ୍ଚିମ ଉପକୂଳରେ ଥିବା ମୋଖା ବନ୍ଦରକୁ ନିକଟରେ ହୁଥି ବିଦ୍ରୋହୀମାନେ ନିଜ ନିୟନ୍ତ୍ରଣକୁ ନେଇଯାଇଛନ୍ତି ।ରସ୍ୟ ଉପସାଗରରେ ଟ୍ୟାଙ୍କର ଗୁଡ଼ିକ ଉପରେ ବାରମ୍ବାର ଆକ୍ରମଣ ଆଶଙ୍କା ଥିବାରୁ ବ୍ରେଣ୍ଟ କ୍ରୁଡ୍ ଅଏଲ୍ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ପାର୍ କରିସାରିଲାଣି । ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ଅଗଷ୍ଟ ମାସରେ ସାଉଦି ଆରବର ଅଶୋଧିତ ତୈଳ ରପ୍ତାନି ପ୍ରାୟ ଏକ ତୃତୀୟାଂଶ ହ୍ରାସ ପାଇ ଦୈନିକ ମାତ୍ର ୩ ନିୟୁତ ବ୍ୟାରେଲରେ ପହଞ୍ଚିଥିଲା । ଏବେ ବଡ଼ ପ୍ରଶ୍ନ ଉଠୁଛି, ତୈଳ ଯୋଗାଣରେ ଏହି ବିପୁଳ ଶୂନ୍ୟସ୍ଥାନ କିଏ ପୂରଣ କରୁଛି? ତେବେ ଉତ୍ପାଦନ କମିଥିଲେ ମଧ୍ୟ ବିଶ୍ୱ ବଜାରକୁ ସାଉଦି ଆରବର ତୈଳ ଯୋଗାଣ ଅଗଷ୍ଟରେ ଦୈନିକ ୭.୧୨୨ ନିୟୁତ ବ୍ୟାରେଲ ରହିଥିଲା । ଏହାର ସ୍ପଷ୍ଟ ଅର୍ଥ ହେଉଛି ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲେ ସୁଦ୍ଧା ସାଉଦି ଆରବ ନିଜର ଗଚ୍ଛିତ ଷ୍ଟକ ବା ରିଜର୍ଭରୁ ତୈଳ ଯୋଗାଇ ଏହି ଅଭାବକୁ ପୂରଣ କରୁଛି । ଏହାବ୍ୟତୀତ ଉପସାଗରୀୟ ଅଞ୍ଚଳ ବାହାରେ ଥିବା ଅନ୍ୟାନ୍ୟ ଅଣ-ଗଲ୍ଫ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଏହି ସମୟରେ ବିଶ୍ୱ ବଜାରରେ ନିଜର ଯୋଗାଣ ବୃଦ୍ଧି କରିଛନ୍ତି । ଯଦି ଯୁଦ୍ଧ ପରିସ୍ଥିତି ଏମିତି ଲାଗି ରହେ, ତେବେ ଆଗାମୀ ଦିନରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ତୈଳ ଦର ଆହୁରି ମହଙ୍ଗା ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ।

## ନନ୍ଦୀଗ୍ରାମ ଉପନିର୍ବାଚନ ପ୍ରାର୍ଥୀ ପ୍ରତ୍ୟାହାର କରିବନି କଂଗ୍ରେସ

**କୋଲକାତା:** ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି ଯେ କଂଗ୍ରେସ ପଶ୍ଚିମବଙ୍ଗ ଉପନିର୍ବାଚନରେ ନନ୍ଦୀଗ୍ରାମ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ପ୍ରତ୍ୟାହାର କରିବନି ଓ ତାଙ୍କ ଗିରଫଦାରୀକୁ ଜାତୀୟ ପ୍ରସଙ୍ଗ କରିବ। ଶନିବାର ସାମ୍ବାଦିକଙ୍କୁ ସମ୍ବୋଧିତ କରି ବେଣୁଗୋପାଳ କହିଛନ୍ତି ଯେ ପ୍ରଧାନଙ୍କୁ ତୃଣମୂଳ କଂଗ୍ରେସ ସମର୍ଥନ ଘୋଷଣା କରିବାର କିଛି ସମୟ ପରେ ଏକ ପୁରୁଣା ମାମଲାରେ ପ୍ରଧାନଙ୍କୁ ଗିରଫ କରାଯାଇଛି। ଜନୈକ ବରିଷ୍ଠ କଂଗ୍ରେସ ନେତାଙ୍କ ଅନୁସାରେ ପ୍ରଧାନଙ୍କୁ ଶୁକ୍ରବାର ୨୦୦୭ ମସିହା ନନ୍ଦୀଗ୍ରାମ ଭୂମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ସମ୍ପର୍କିତ ଏକ ପୁରୁଣା ମାମଲାରେ ଗିରଫ କରାଯାଇଛି। ପାର୍ଟି ସୂତ୍ର ଅନୁସାରେ ନନ୍ଦୀଗ୍ରାମ ଭୂମି ଅଧିଗ୍ରହଣ ସମ୍ପର୍କିତ ୧୨ରୁ ଅଧିକ ମାମଲାରେ ଅଭିଯୁକ୍ତ ପ୍ରଧାନଙ୍କୁ ପୂର୍ବ ମେଦିନପୁର ଜିଲ୍ଲା ଚାନ୍ଦିପୁରର ଏକ ହୋଟେଲରୁ ଗିରଫ କରାଯାଇଛି। ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ନନ୍ଦୀଗ୍ରାମ ଉପନିର୍ବାଚନରେ ପ୍ରଧାନଙ୍କ ଲାଗି ତାଙ୍କ ପାର୍ଟିର ସମର୍ଥନ ଘୋଷଣା କରିଥିଲେ। ଏହି ଘୋଷଣା ତାଙ୍କ ଗୋଷ୍ଠୀର ପ୍ରାର୍ଥୀ ନିର୍ବାଚନରୁ ନାମ ପ୍ରତ୍ୟାହାରର କିଛି ଘଣ୍ଟା ପରେ ହୋଇଥିଲା। ତେବେ ବେଣୁଗୋପାଳ କହିଛନ୍ତି ଯେ ଯେତେବେଳେ କଂଗ୍ରେସ ନେତା ଗିରଫକୁ ନେଇ ପଚରାଉଚରା ଲାଗି ପୋଲିସ ଷ୍ଟେସନକୁ ଗଲେ ସେତେବେଳେ ତାଙ୍କ ବିରୋଧରେ କୌଣସି ମାମଲା ନଥିବା ଓ ତାଙ୍କୁ ଅସ୍ଥାୟୀ ଅଟକ ରଖାଯାଇଥିବା ପୋଲିସ କହିଥିଲା। ତେବେ ତାଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବା ଓ ଅନ୍ୟ ସୁବିଧାସୁଯୋଗ ପ୍ରଦାନ କରାଯିବା କହି ପୋଲିସ ତାଙ୍କୁ ନିର୍ବାଚନରୁ ହଟିଯିବାକୁ ଚାପ ପକାଉଥିବା ଜଣାପଡିଛି। ଏଣୁ ଆମ ଦେଶରେ ଗଣତନ୍ତ୍ର ଏବେ ଏପରି ଅବସ୍ଥାକୁ ପହଞ୍ଚି ଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ବେଣୁଗୋପାଳ କହିଛନ୍ତି ଯେ ପଶ୍ଚିମବଙ୍ଗରେ ବିଜେପି ବିରୋଧୀଙ୍କ ସ୍ୱରକୁ ସମାପ୍ତ କରିବାକୁ ଉଦ୍ୟମ ଆରମ୍ଭ କରିଛି। ସେଠାରେ ଏବେ ସିପିଆଇ ଆଉ ବିଜେପି ବିରୋଧରେ ଲଢୁ ନାହିଁ, ସେଠାରେ କଂଗ୍ରେସ ଏବେ ଜନତାଙ୍କ ସ୍ୱର ପାଲଟିଛି। ଏଣୁ ଆମେ ନନ୍ଦୀଗ୍ରାମକୁ ଏବେ ଜାତୀୟ ପ୍ରସଙ୍ଗ କରିବୁ ଏହା ନିଶ୍ଚିତ। ବେଣୁଗୋପାଳ କହିଛନ୍ତି ଯେ ଘଟନାକ୍ରମ ସତ୍ତ୍ୱେ ନିର୍ବାଚନ ଆୟୋଗ ନିରବ ଅଛନ୍ତି ଓ ପ୍ରାର୍ଥୀପତ୍ର ଦାଖଲ ପରେ କିପରି କୌଣସି ପ୍ରାର୍ଥୀଙ୍କୁ କାମ କରିବାକୁ ରୋକଯିବ ସେ ନେଇ ପ୍ରଶ୍ନ କରିଛନ୍ତି। କଂଗ୍ରେସ ନେତା କହିଛନ୍ତି ଯେ ଯଦି ମାମଲା ବାସ୍ତବିକ ହୋଇଥାନ୍ତା ତେବେ ବୁଝା ପଡୁଥାଆନ୍ତା। ହେଲେ ୧୫ ବର୍ଷ ପୁରୁଣା ମାମଲାକୁ ଏବେ ଉଠାଇବା ଓ କହିବା ଆପଣ ଯଦି ନିର୍ବାଚନରୁ ଓହରି ଯିବେ ଆମେ ସବୁ କେସ୍ ପ୍ରତ୍ୟାହାର କରିନେବୁ ଏହା କିପରି ହେବ ବୋଲି ବେଣୁଗୋପାଳ ପ୍ରଶ୍ନ କରିଛନ୍ତି।



## ଶିକ୍ଷା ଓ ଛାତ୍ର ସମସ୍ୟା ନେଇ ରାହୁଲଙ୍କ ମତ

**ଇନ୍ଦୋର:** ମଧ୍ୟପ୍ରଦେଶର ଇନ୍ଦୋରରେ ଶନିବାର କଂଗ୍ରେସ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ 'ଛାତ୍ରଙ୍କ କି ଗୁଞ୍ଜ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ର ସମସ୍ୟା, ଶିକ୍ଷା ବ୍ୟବସ୍ଥା ଓ ଯୁବପିଢ଼ିର ପ୍ରଶ୍ନକୁ କେନ୍ଦ୍ର କରି ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ଥିଲା—'ସିଷ୍ଟମ୍ ବନାମ ଛାତ୍ର'। ଏହା ରାହୁଲଙ୍କ ଛାତ୍ରମାନଙ୍କ ସହ ପଞ୍ଚମ ସିଧାସଳଖ ଆଲୋଚନା କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଶିକ୍ଷା ଓ ଛାତ୍ର ସମ୍ପର୍କିତ ନୀତିକୁ ନେଇ ଅନେକ ପ୍ରଶ୍ନ ଉଠାଇଥିଲେ। ସେ ଦାବି କରିଥିଲେ ଯେ ଛାତ୍ରମାନେ ପ୍ରଶ୍ନ କରୁଥିବାରୁ ବ୍ୟବସ୍ଥା ସେମାନଙ୍କୁ ନେଇ ଅସହଜ ଅନୁଭବ କରୁଛି। ଏହି ପ୍ରସଙ୍ଗରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଓ ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ ନେଇ ମଧ୍ୟ ରାଜନୈତିକ ଆକ୍ରମଣ କରିଥିଲେ। ଏହି ଅଭିଯୋଗଗୁଡ଼ିକ ରାହୁଲଙ୍କ ନିଜସ୍ୱ ରାଜନୈତିକ ମତ ଓ ଦାବି ଭାବେ ରହିଛି। ଶିକ୍ଷା ବଜେଟ୍କୁ ନେଇ ମଧ୍ୟ ରାହୁଲ ଗାନ୍ଧୀ ପ୍ରଶ୍ନ ଉଠାଇଥିଲେ।

## ୧୯୬୫ ଯୁଦ୍ଧ ହିରୋ ଆଲଫ୍ରେଡ୍ ଟାଇରୋନଙ୍କ ପରଲୋକ

**ନୂଆଦିଲ୍ଲୀ:** ବୀର ଚକ୍ର ପୁରସ୍କୃତ ତଥା ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ ହିରୋ ଫ୍ଲାଇଟ ଲେଫ୍ଟନାଣ୍ଟ ଆଲଫ୍ରେଡ ଟାଇରୋନ୍ ଶୁକ୍ରବାର ୮୭ ବର୍ଷ ବୟସରେ ନୂଆଦିଲ୍ଲୀସ୍ଥିତ ବେସ୍ ହସ୍ପିଟାଲଠାରେ ପରଲୋକ ଘଟିଛି। ଭାରତୀୟ ବାୟୁସେନା (ଆଇଏଏଫ୍) ପକ୍ଷରୁ ବର୍ଷିଆନ୍ ଯୋଦ୍ଧାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆଇଏଏଫ୍ 'ଏକ୍ସ'ରେ ଏକ ପୋଷ୍ଟ କରି ଜଣେ ଯୁଦ୍ଧ ନାୟକ ଭାବରେ ବର୍ଣ୍ଣନା କରିଛି, ଯାହାଙ୍କ ଅଦମ୍ୟ ସାହସ ୧୯୬୫ ଭାରତ-ପାକ୍ ଯୁଦ୍ଧ ସମୟରେ ସାମରିକ ବିମାନ ଚଳାଚଳ ଇତିହାସରେ ଲିପିବଦ୍ଧ ହୋଇ ରହିଛି। କଲାଇକୁଣ୍ଡ ଯୁଦ୍ଧରେ ଫ୍ଲାଇଟ ଲେଫ୍ଟନାଣ୍ଟ ପରାକ୍ରମକୁ ଅତି ଉଚ୍ଚ ପ୍ରଶଂସା କରାଯାଇଛି। ପିଢ଼ି ପରେ ପିଢ଼ିକୁ ପ୍ରେରଣା ତାଙ୍କ ନିଜ ସୁରକ୍ଷାକୁ ଖାତିର୍ ନକରି ନିଜର ଦୃଢ଼ ସାହସିକତା, କୌଶଳଗତ ଚତୁରତା ପ୍ରଦର୍ଶନ କରିଥିବାରୁ ତାଙ୍କୁ ବୀର୍ ଚକ୍ର ପ୍ରଦାନ କରାଯାଇଥିଲା। କାହାଣୀ ବାୟୁସେନା କ୍ଷେତ୍ରରେ ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଉଥିବା ବୋଲି କୁହାଯାଇଛି। ୭ ସେପ୍ଟେମ୍ବର ୧୯୬୫ରେ ପୂର୍ବ ପାକିସ୍ତାନ (ବର୍ତ୍ତମାନ ବାଂଲାଦେଶ) ରୁ ଆରମ୍ଭ ହୋଇଥିବା ବିମାନ ଆକ୍ରମଣ ଜବାବରେ ଭାରତୀୟ ବାୟୁସେନାର ଏହି ପରାକ୍ରମୀ ଯୋଦ୍ଧା ପଶ୍ଚିମବଙ୍ଗର କଲାଇକୁଣ୍ଡ ପାକିସ୍ତାନ ବାୟୁସେନାର ବିମାନ ଖସାଇ ଦେଇଥିଲେ।

## ନକଲି ଘିଅରେ ତିରୁପତି ଲଡ୍ଡୁ ପ୍ରସ୍ତୁତ



**ହାଇଦ୍ରାବାଦ:** ତିରୁପତି ଲଡ୍ଡୁ ପ୍ରସାଦ ପ୍ରସ୍ତୁତ କରିବାରେ ପାମ୍ ତେଲ, ପାମ୍ କର୍ଣ୍ଣେଲ୍ ତେଲ, ପାମୋଲିନ୍ ଓ ବିଭିନ୍ନ ରାସାୟନିକ ପଦାର୍ଥ ମିଶ୍ରିତ ନକଲି ଘିଅ ବ୍ୟବହାର କରାଯାଇଥିବା ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁକୃତି ଫୁଡ୍ସର ପ୍ରମୋଟର କୈଳାସ ଚାନ୍ଦ ମଙ୍ଗଲାଙ୍କୁ ଗିରଫ କରିଛି। ଇଡି କହିଛି ଯେ, ମଙ୍ଗଲାଙ୍କୁ ଟିଟିଡି ଘିଅ ଅପମିଶ୍ରଣ ସହିତ ଜଡିତ ଏକ ମନି ଲଣ୍ଡରିଂ ମାମଲାରେ ସେପ୍ଟେମ୍ବର ୧୭ରେ ଏହାର ହାଇଦ୍ରାବାଦ କାର୍ଯ୍ୟାଳୟ ଦ୍ୱାରା ଗିରଫ କରାଯାଇଥିଲା। ପରେ ତାଙ୍କୁ ବିଶାଖାପାଟଣାସ୍ଥିତ ସ୍ୱତନ୍ତ୍ର ମନି ଲଣ୍ଡରିଂ ନିବାରଣ ଆଇନ କୋର୍ଟ ଆଗରେ ହାଜର କରାଯାଇଥିଲା, କୋର୍ଟ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛି।

ଏଜେନ୍ସି ଅନୁଯାୟୀ, ତିରୁପତି ଲଡ୍ଡୁ ପ୍ରସାଦ ପାଇଁ ବ୍ୟବହୃତ ଭେଜାଲ ଘିଅ ରିଫାଇନ ପାମ୍ ତେଲ ସହିତ ଏମ୍ଜି-୯୦, ମୋନୋଗ୍ଲିସେରାଇଡ୍ସ, ମାଇଭାସେଟ୍ ସଫ୍ଟ ୪୦୦ ଓ ଆସେଟିକ୍ ଏସିଡ୍ ଏଷ୍ଟର ଭଳି ରାସାୟନିକ ପଦାର୍ଥ ବ୍ୟବହାର କରି ପ୍ରସ୍ତୁତ କରାଯାଇଥିଲା। କେନ୍ଦ୍ରୀୟ ସଂସ୍ଥା ଅଭିଯୋଗ କରିଛି ଯେ, ଏଗୁଡ଼ିକୁ ଏଗମାର୍କ ସ୍ପେଶାଲ୍ ଗ୍ରେଡ୍ ଗାଈ ଘିଅ ଭାବରେ ଟିଟିଡିକୁ ଯୋଗାଣ କରାଯାଇଥିଲା। ୨୦୧୯ ରୁ ୨୦୨୪ ମଧ୍ୟରେ ଟିଟିଡିକୁ ଘିଅ ଯୋଗାଣର ଅଭିଯୋଗ ହୋଇଥିବା ଠେକେଇର ମୂଲ୍ୟ ୨୩୦ କୋଟି ଟଙ୍କା ହେବ ଓ ଏଥିରେ ୯୬ କୋଟି ଟଙ୍କାର ନକଲି ଘିଅ ମଙ୍ଗଲାଙ୍କ କାରଖାନା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ସେ ଶ୍ରୀ ବୈଷ୍ଣବୀ ଡେରୀ ସ୍ପେଶାଲିଟିଜ୍, ମାଲଗଙ୍ଗା ମିଲ୍କ ଆଣ୍ଡ ଆଗ୍ରୋ ପ୍ରଡକ୍ଟସ୍ ଓ ଏ.ଆର. ଡେରୀ ଫୁଡ୍ସ ସମେତ ବିଭିନ୍ନ ଫ୍ରଣ୍ଟ ସଂସ୍ଥା ମାଧ୍ୟମରେ ଭେଜାଲ ଘିଅ ଯୋଗାଣରେ ସମନ୍ୱୟ କରିଥିଲେ ବୋଲି ଇଡି କହିଛି। ସମାନ ଅଭିଯୋଗରେ ଏଜେନ୍ସି ପୂର୍ବରୁ ଭୋଲେ ବାବା ଅର୍ଗାନିକ୍ ଡେରୀ ମିଲ୍କର ନିର୍ଦ୍ଦେଶକ ତଥା ପ୍ରମୋଟର ବିପିନ୍ ଜୈନଙ୍କୁ ଗିରଫ କରିଥିଲା।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ: ନାଟକୀୟ ଢଙ୍ଗରେ ବାଜି ମାରିଲା ଏବିଭିପି




**ନୂଆଦିଲ୍ଲୀ:** ଦେଶର ରାଜଧାନୀରୁ ବିଜେପି ସହ ଜଡ଼ିତ ଛାତ୍ର ସଂଗଠନ ଏବିଭିପି ପାଇଁ ଆସିଛି ବଡ଼ ଖବର। ଦିଲ୍ଲୀ ବିଶ୍ୱ ବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବାଜିମାତ କରିଛି ଏବିଭିପି। ୨୦ ରାଉଣ୍ଡ ଭୋଟ ଗଣତି ପରେ ଏବିଭିପି ବେଶ ନାଟକୀୟ ଢଙ୍ଗରେ ସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ପଦକୁ ହାସଲ କରିଛି। ସ୍ୱାଧୀନ ପ୍ରାର୍ଥୀ ଉପ ସଭାପତି ପଦରେ ବିଜୟୀ ହୋଇଛନ୍ତି। ବିଶ୍ୱ ବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ସଭାପତି ପଦ ପାଇଁ ଅତ୍ୟନ୍ତ ରୋମାଞ୍ଚକର ଲଢ଼େଇ ହୋଇଛି। ଏବିଭିପି ଯଶ ଦାବାସଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ସହ ଜଡ଼ିତ ଛାତ୍ର ସଂଗଠନ ଏନଏସୟୁଆଇର ବିଜୟ ଶଙ୍କର ମୀନା ତାଙ୍କୁ କଡ଼ା ଟକ୍କର ଦେଇଥିଲେ। ରାଉଣ୍ଡ ଓ ୯ରେ ଉଭୟ ପରସ୍ପରଙ୍କ ଠାରୁ ମାତ୍ର ୧ ଖଣ୍ଡ ଭୋଟ ବ୍ୟବଧାନରେ ଆଗରେ ରହିଥିଲେ। ସେହିପରି ଅଧିକାଂଶ ରାଉଣ୍ଡରେ ବିଜୟ ଶଙ୍କରଙ୍କ ଦବାଦବା ଦେଖିବାକୁ ମିଳିଥିଲା। ହେଲେ ଶେଷ କିଛି ରାଉଣ୍ଡ ଭୋଟ ଗଣତି ପରେ ସ୍ଥିତି ବଦଳି ଯାଇଥିଲା। ଶେଷରେ ବିଜୟ ଶଙ୍କର ମୀନାଙ୍କୁ ହରାଇ ଏବିଭିପିର ଯଶ ବିଜୟୀ ହୋଇଛି। ଯଶଙ୍କୁ ୨୪, ୫୭୬ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜୟ ପାଇଛନ୍ତି ୨୨,୫୨୩ ଖଣ୍ଡ ଭୋଟ। ଗତ ଛାତ୍ର ସଂସଦ ନିର୍ବାଚନରେ ମଧ୍ୟ ଏବିଭିପି ସଭାପତି ପଦରେ ଜିତିଥିଲା। ଅର୍ଥାତ ଏହି ସଂଗଠନ ନିଜର ପଦ ବଜାୟୀ ରଖିଛି। ସେହିପରି ଏବିଭିପିରା ରିୟା ଛାୱଡି ୨୧,୬୫୦ ଖଣ୍ଡ ଭୋଟ ପାଇ ସମ୍ପାଦକ ପଦ ହାତେଇଥିବା ବେଳେ ଲକ୍ଷ୍ୟ ରାଜ ସିଂହ ୧୬,୬୧୫ ଖଣ୍ଡ ଭୋଟ ସହ ଯୁଗ୍ମ ସମ୍ପାଦକ ହୋଇଛନ୍ତି। ଛାତ୍ର ସଂସଦର ଉପ ସଭାପତି ପଦ ଏବିଭିପି ଜିତି ପାରିନାହିଁ। ଏହି ଆସନରେ ସ୍ୱାଧୀନ ପ୍ରାର୍ଥୀ ଦୀପାଂଶୁ ଶୋକୀନ ବିଜୟ ହାସଲ କରିଛନ୍ତି। ଦୀପାଂଶୁ ହେଉଛନ୍ତି ଏନଏସୟୁଆଇର ପୂର୍ବତନ ସଦସ୍ୟ। ସେ ୩୦,୬୧୫ ଖଣ୍ଡ ଭୋଟ ପାଇଥିବା ବେଳେ ଏବିଭିପିର ଇଶୁ ମୌର୍ଯ୍ୟ କେବଳ ୧୬,୯୧୦ ଖଣ୍ଡ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପ୍ରଥମଥର ପାଇଁ ଜଣେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ଉପ ସଭାପତି ପଦ ଜିତିଛନ୍ତି।ଏବିଭିପି ୩ଟି ଗୁରୁତ୍ୱପୂର୍ଣ୍ଣ ପଦ ହାସଲ କରି ଥିଲେ ହେଁ କୌଣସି ପ୍ରକାରର ବିଜୟ ରାଲି ନ କରିବାକୁ ବିଶ୍ୱବିଦ୍ୟାଳୟ ପ୍ରିନ୍ସିପାଲ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହାଇକୋର୍ଟ ଛାତ୍ର ସଂସଦ ନିର୍ବାଚନ ପରେ କୌଣସି ରାଲି ନ କରିବାକୁ କହିଥିଲେ। ସେହି ଅନୁସାରେ ଏପରି ବ୍ୟବସ୍ଥା କରାଯାଇଛି। ଶନିବାର ସକାଳ ୮ଟାରେ ବିଶ୍ୱବିଦ୍ୟାଳୟର ସ୍ପୋର୍ଟସ ଷ୍ଟାଡିୟମରେ ଥିବା ବହୁମୁଖୀ ହଲ୍ରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଗଣତି ଆରମ୍ଭରୁ ଛାତ୍ର ସଂସଦର ସଭାପତି ପଦରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ବିଜୟ ଶଙ୍କର ଅଧିକାଂଶ ସମୟ ଲିଡ୍ରେ ରହୁଥିଲେ ହେଁ ଶେଷରେ ଯଶ ବିଜୟ ମୁକୁଟ ପିନ୍ଧିଛନ୍ତି। ୨୦୨୬ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଭୋଟ ହାର ୪୦.୪୬% ରହିଥିଲା। ୫୨ଟି ପୁଲିଂ ବୁଥରେ ୧.୫୧ ଲକ୍ଷ ଯୋଗ୍ୟ ଭୋଟର ସେପ୍ଟେମ୍ବର ୧ ତାରିଖ ସକାଳ ୮.୩୦ରୁ ୭.୩୦ ଯାଏ ଭୋଟିଂ କରିଥିଲେ। ଡେ କଲେଜ ପିଲା ୮.୩୦ରୁ ଦିନ ୧ଟା ଓ ଇଭିନିଙ୍ଗ କଲେଜ ଭୋଟର ଦିନ ୩ଟାରୁ ସନ୍ଧ୍ୟା ୭.୩୦ ଯାଏ ମତାଧିକାର ସାବ୍ୟସ୍ତ କରିଥିଲେ। ଏହାପରେ ଆଜି ଭୋଟ ଗଣତି ସହ ରେଜଲ୍ଟ ପ୍ରକାଶ ପାଇଛି।

# ଏସିଆଡ ବିଗୁଲ ବାଜିଲା

# ୪୩ କ୍ରୀଡାରେ ୧୧ ହଜାର କ୍ରୀଡାବିତ



ନାଗୋୟା,୧୯।୯ (ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଶନିବାରଠାରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି ୨୦ତମ ଏସିଆନ୍ ଗେମ୍ସ। ଆସନ୍ତା ଅକ୍ଟୋବର ୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହାକ୍ରୀଡ଼ାରେ ୪୫ ଦେଶ ଓ ଅଞ୍ଚଳର ୧୧ ହଜାରରୁ ଅଧିକ ଆଥଲେଟ୍ ୪୩ଟି କ୍ରୀଡ଼ାରେ ଭାଗ ନେଉଛନ୍ତି। ଏଥିରେ ଅଲିମ୍ପିକର ପାରମ୍ପରିକ କ୍ରୀଡ଼ା ସହ ଏସିଆର ନିଜସ୍ୱ ଲୋକପ୍ରିୟ କ୍ରୀଡ଼ା ମଧ୍ୟ ସାମିଲ ହୋଇଛି।

ଉଦଘାଟନୀ ସମାରୋହ ଶନିବାର ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଜାପାନ ସମ୍ରାଟ ନାରୁହିତୋ ଆନୁଷ୍ଠାନିକ ଭାବେ କ୍ରୀଡ଼ାର ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହର ଥିମ୍ ଥିଲା 'ହାର୍ମୋନିକ୍ ହାର୍ଟ ବିଟ୍ସ'। ଟର୍ଚ୍ଚ ରିଲେର ଶେଷରେ ଜାପାନର ହାମର ଥ୍ରୋର ପିତା-ପୁଅ ଯୋଡ଼ି ଶିଗେନୋବୁ ମୁରୋଫୁଶି ଓ କୋଜି ମୁରୋଫୁଶି ମିଳିତ ଭାବେ କ୍ରୀଡ଼ାର ଜ୍ୟୋତି ପ୍ରଜ୍ୱଳନ କରିଥିଲେ।

## ୧୧ ହଜାରରୁ ଅଧିକ ଆଥଲେଟ୍

ଆଇଚି-ନାଗୋୟା ଏସିଆନ୍ ଗେମ୍ସରେ ଆଥଲେଟଙ୍କ ସଂଖ୍ୟା ୧୧ ହଜାରରୁ ଅଧିକ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରାୟ ୧୦,୭୦୦ ଆଥଲେଟ୍ ଅଂଶଗ୍ରହଣ କରିଥିବା ବେଳେ ଏସିଆନ୍ ଗେମ୍ସରେ ଏହି ସଂଖ୍ୟା ତାହାଠାରୁ ଅଧିକ। ତେବେ ଏହାକୁ ଆୟୋଜନ କିମ୍ବା ମର୍ଯ୍ୟାଦା ଦୃଷ୍ଟିରୁ ଅଲିମ୍ପିକ୍ସଠାରୁ ବଡ଼ ବୋଲି କୁହାଯାଇନାହିଁ।

ଜାପାନ ୯୩୩ ଜଣ ଆଥଲେଟ୍ସଙ୍କ ସହ ସବୁଠାରୁ ବଡ଼ ଦଳ ପଠାଇଛି। ଚୀନ୍ରୁ ୮୧୫ ଜଣ ଏବଂ ହଂକଂରୁ ପ୍ରାୟ ୫୮୦ ଜଣ ଆଥଲେଟ୍ ଅଂଶଗ୍ରହଣ କରୁଛନ୍ତି। ଗତ ହାଙ୍ଗଝୋଉ ଏସିଆନ୍ ଗେମ୍ସରେ ଚୀନ୍ ୨୦୧ ସ୍ୱର୍ଣ୍ଣ ସହ ସର୍ବାଧିକ ପଦକ ଜିତିଥିବା ବେଳେ ଜାପାନ ୫୨ ଓ ଦକ୍ଷିଣ କୋରିଆ ୪୨ ସ୍ୱର୍ଣ୍ଣ ଜିତିଥିଲା। ଭାରତ ୨୮ଟି ସ୍ୱର୍ଣ୍ଣ ପଦକ ସହ ପରବର୍ତ୍ତୀ ସ୍ଥାନରେ ଥିଲା।

## ଅଲିମ୍ପିକ୍ କ୍ରୀଡ଼ା ସହ ଏସିଆର ପାରମ୍ପରିକ ଖେଳ

ଏଥର ଏସିଆନ୍ ଗେମ୍ସରେ ଆଥଲେଟିକ୍ସ, ସନ୍ତରଣ ଓ ଫୁଟବଲ୍ ଭଳି ପାରମ୍ପରିକ ଅଲିମ୍ପିକ୍ କ୍ରୀଡ଼ା ସହ କବାଡ଼ି, ସେପାକ୍ଟାକ୍ରୋ ଓ କୁରାଶ୍ ଭଳି ଏସିଆନ୍ କ୍ରୀଡ଼ା ମଧ୍ୟ ରହିଛି।

ଏହାଛଡ଼ା ଟେକ୍ୱଲ୍, ଭର୍ଚୁଆଲ୍ ତାଏକୋଣ୍ଡୋ, ପାଡେଲ୍ ଓ ମିକ୍ସଡ୍ ମାର୍ଶାଲ୍ ଆର୍ଟ୍ସ ଭଳି ନୂଆ କ୍ରୀଡ଼ା ମଧ୍ୟ କାର୍ଯ୍ୟକ୍ରମରେ ସ୍ଥାନ ପାଇଛି।

ଟେକ୍ୱଲ୍ ଏଥର ପ୍ରଥମ ଥର ପାଇଁ ଏସିଆନ୍ ଗେମ୍ସରେ ସାମିଲ ହୋଇଛି। ହାଙ୍ଗଝୋଉରେ ପଦାର୍ପଣ କରିଥିବା ଇ-ସ୍ପୋର୍ଟ୍ସ ମଧ୍ୟ ପୁଣିଥରେ ଏହି କ୍ରୀଡ଼ା ମହାକୁମ୍ଭର ଅଂଶ ହୋଇଛି।

ଉଦ୍ଘାଟନ ପୂର୍ବରୁ ଆରମ୍ଭ ହୋଇଥିଲା କିଛି ମୁକାବିଲା

ଏସିଆନ୍ ଗେମ୍ସର ଆନୁଷ୍ଠାନିକ ଉଦ୍ଘାଟନ ଶନିବାର ହୋଇଥିଲେ ମଧ୍ୟ କିଛି କ୍ରୀଡ଼ାର ପ୍ରତିଯୋଗିତା ଏହାର ଏକ ସପ୍ତାହରୁ ଅଧିକ ସମୟ ପୂର୍ବରୁ ଆରମ୍ଭ ହୋଇଥିଲା। ବାସ୍କେଟବଲ୍ ସେପ୍ଟେମ୍ବର ୧୦ରୁ ଆରମ୍ଭ ହୋଇଥିବା ବେଳେ ଫୁଟବଲ୍ ମୁକାବିଲା ମଧ୍ୟ ଉଦଘାଟନୀ ସମାରୋହ ପୂର୍ବରୁ ଆରମ୍ଭ ହୋଇଯାଇଥିଲା।

ଏସିଆନ୍ ଗେମ୍ସର ପ୍ରଥମ ସ୍ୱର୍ଣ୍ଣ ପଦକ ରବିବାର ମିଳିବା ଆଶା ରହିଛି। ଟ୍ରାଏଥଲନ୍ ସହ ସନ୍ତରଣର କିଛି ଇଭେଣ୍ଟ ମଧ୍ୟ ପ୍ରାରମ୍ଭିକ ଆକର୍ଷଣ ହେବ। ଚୀନର ବିଶ୍ୱ ରେକର୍ଡଧାରୀ ସନ୍ତରଣବିତ୍ ପାନ୍ ଝାନଲେ ଏବଂ ୧୩ ବର୍ଷୀୟା ସନ୍ତରଣ ପ୍ରତିଭା ୟୁ ଜିଦିଙ୍କ ଉପରେ ମଧ୍ୟ ନଜର ରହିବ।

## ଭିନ୍ନ ଢଙ୍ଗରେ ଆଥଲେଟ୍ ଆବାସ

ଏଥର ପ୍ରାୟ ୧୭ ହଜାର ଆଥଲେଟ୍ ଓ ଅଧିକାରୀଙ୍କ ପାଇଁ ଜାପାନର ବିଭିନ୍ନ ସ୍ଥାନରେ ଆବାସ ବ୍ୟବସ୍ଥା କରାଯାଇଛି। ଅଲିମ୍ପିକ୍ସ ଭଳି ଏଠାରେ ଗୋଟିଏ ପାରମ୍ପରିକ ଆଥଲେଟ୍ ଭିଲେଜ୍ ନାହିଁ। ହୋଟେଲ୍, ପରିବର୍ତ୍ତିତ କାଠ ନିର୍ମିତ କଣ୍ଟେନର ଏବଂ ଏକ କ୍ରୁଜ୍ ଜାହାଜରେ ଆବାସ ବ୍ୟବସ୍ଥା କରାଯାଇଛି।

'କୋଷ୍ଟା ସେରେନାଦ ନାମକ ଇଟାଲୀୟ କ୍ରୁଜ୍ ଜାହାଜରେ ପ୍ରାୟ ୫ ହଜାର ଆଥଲେଟ୍ ଓ ଅଧିକାରୀଙ୍କ ରହିବା ବ୍ୟବସ୍ଥା ରହିଛି। ତେବେ କିଛି ଦଳ ରହଣି ବ୍ୟବସ୍ଥା, ଯାତାୟାତ ଓ ଲଜିଷ୍ଟିକ୍ ସମସ୍ୟା ନେଇ ଅଭିଯୋଗ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ଆଗାମୀ ୧୬ ଦିନ ଧରି ଆଇଚି-ନାଗୋୟା ଏସିଆନ୍ ଗେମ୍ସରେ ଏସିଆର ଶ୍ରେଷ୍ଠ କ୍ରୀଡ଼ାବିତମାନଙ୍କ ମଧ୍ୟରେ ପଦକ ପାଇଁ ଲଢ଼େଇ ଜାରି ରହିବ। ଅଲିମ୍ପିକ୍ସଠାରୁ ଭିନ୍ନ ନିଜସ୍ୱ କ୍ରୀଡ଼ା ସଂସ୍କୃତି ଓ ପରମ୍ପରା ସହ ଏଥରର ଏସିଆନ୍ ଗେମ୍ସ ବିଶ୍ୱ କ୍ରୀଡ଼ାପ୍ରେମୀଙ୍କ ନଜରରେ ରହିବ।

# ମନୁ, ପବନ ଧରିଲେ ତ୍ରିରଙ୍ଗା

## ୫୦୧ ଜଣିଆ ଦଳରେ ଭାରତ

**ନାଗୋୟା,୧୯।୯ (ଏଜେନ୍ସି): ଜାପାନର ନାଗୋୟାରେ ଶନିବାର ରଙ୍ଗାରଙ୍ଗ ଓ ହାଇଟେକ୍ ଉଦଘାଟନୀ ସମାରୋହ ସହ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି ୨୦ତମ ଏସିଆନ୍ ଗେମ୍ସ। ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡରେମରେ ଆୟୋଜିତ ଭବ୍ୟ ସମାରୋହରେ ଜାପାନର ସମ୍ରାଟ ନାରୁହିତୋ ଏସିଆର ସର୍ବବୃହତ୍ କ୍ରୀଡ଼ା ମହୋତ୍ସବର ଆନୁଷ୍ଠାନିକ ଉଦଘାଟନ କରିଥିଲେ। ସମାରୋହରେ ସମ୍ରାଜ୍ଞୀ ମାସାକୋ, ଜାପାନ ରାଜପରିବାରର ସଦସ୍ୟ, ଅଲିମ୍ପିକ୍ କାଉନସିଲ୍ ଅଫ୍ ଏସିଆର ସଭାପତି ଶେଖ୍ ଜୋଆନ୍ ବିନ୍ ହାମାଦ୍ ଅଲ୍ ଥାନି ଓ ଆଇଓସି ସଭାପତି କର୍ଷ୍ଟି କୋଭେଣ୍ଟ୍ରି ଉପସ୍ଥିତ ଥିଲେ।**



- ଏଥର ଆଥଲେଟ୍ ଭିଲେଜ ନାହିଁ
- ଟେକ୍‌ବଲ ଓ ଭର୍ଚୁଆଲ ତାଏକୋଣ୍ଡୋର ପଦାର୍ପଣ
- ଉଦ୍‌ଘାଟନ ପୂର୍ବରୁ ଭାରତର ଅଭିଯାନ
- ମିଜୁହୋ ଷ୍ଟାଡିୟମରେ ଉଦ୍‌ଘାଟନୀ

## ଜାପାନୀ ଜାତୀୟ ସଙ୍ଗୀତରୁ ଆରମ୍ଭ

ପ୍ରାୟ ଦୁଇ ଘଣ୍ଟାର ଉଦ୍‌ଘାଟନୀ ସମାରୋହ ଜାପାନର ଜାତୀୟ ସଙ୍ଗୀତ ସହ ଆରମ୍ଭ ହୋଇଥିଲା। ଏହାପରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଜାପାନ ସେଲ୍ଫ-ଡିଫେନ୍ସ ଫୋର୍ସର ୯ ଜଣ ସଦସ୍ୟ ଷ୍ଟାଡିୟମରୁ ଜାତୀୟ ପତାକା ଆଣିଥିଲେ। ପତାକା ଉତ୍ତୋଳନ ପରେ ଷ୍ଟାଡିୟମ୍ ଅନ୍ଧକାର ହୋଇଯାଇଥିବା ବେଳେ ଜାପାନର ଜାତୀୟ ପତାକା ଉପରେ ଆଲୋକ ପକାଯାଇଥିଲା।

ଏହାପରେ ଆରମ୍ଭ ହୋଇଥିଲା ଆଥଲେଟାନଙ୍କ ପରେଡ୍। ୪୫ଟି ଦେଶ ଓ ଅଞ୍ଚଳ ସହ ଓସିଏ ରିଫ୍ୟୁଜି ଟିମ୍ ଏଥିରେ



ଅଂଶଗ୍ରହଣ କରିଥିଲା। ଆଫଗାନିସ୍ତାନ ଦଳ ପ୍ରଥମେ ପରେଡରେ ପ୍ରବେଶ କରିଥିଲା। ଏସିଆର ପ୍ରମୁଖ କ୍ରୀଡ଼ା ଶକ୍ତି ଚୀନ୍ ୮୦୦ରୁ ଅଧିକ ଆଥଲେଟିକ ଦଳ ସହ ଆକର୍ଷଣର କେନ୍ଦ୍ରରେ ରହିଥିଲା।

## ୪୬୯ ସ୍ୱର୍ଣ୍ଣ ପଦକ ପାଇଁ ଲଢ଼େଇ

ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଚାଲିବ ଏହି ଏସିଆନ୍ ଗେମ୍ସ। ପ୍ରାୟ ୧୧ ହଜାର ଆଥଲେଟ୍ ୪୩ଟି କ୍ରୀଡ଼ାରେ ଅଂଶଗ୍ରହଣ କରି ୪୬୯ଟି ସ୍ୱର୍ଣ୍ଣ ପଦକ ପାଇଁ ଲଢ଼େଇ କରିବେ। ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମରେ ଉଦଘାଟନୀ ସମାରୋହ ସହ ବନ୍ଦ ସମାରୋହ ମଧ୍ୟ ଆୟୋଜିତ ହେବ।

## ମନୁ-ପବନଙ୍କ ହାତରେ ତ୍ରିରଙ୍ଗା

ଉଦଘାଟନୀ ପରେଡ୍ରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ମନୁ ଭାକର ଓ ୨୦୨୨ ଏସିଆନ୍ ଗେମ୍ସର ସ୍ୱର୍ଣ୍ଣ ପଦକ ବିଜେତା କବାଡ଼ି ଖେଳାଳି ପବନ ସେହରାୱତ୍। ପାରମ୍ପରିକ ନେଭି ବ୍ଲୁ ପୋଷାକରେ ଉଭୟେ ଗର୍ବର ସହ ଭାରତର ତ୍ରିରଙ୍ଗା ଧରି ପରେଡରେ ସାମିଲ ହୋଇଥିଲେ।

ପୂର୍ବରୁ ସଠଫୁଟ୍ ତାରକା ତଜିନ୍ଦରପାଲ ସିଂହ ତୁରଙ୍କୁ ଭାରତର ଧ୍ୱଜବାହକ କରାଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟରେ ତାଙ୍କୁ ଅନୁଷ୍ଠାନ ପାଇଁ ଆବଶ୍ୟକ କିଟ୍ ମିଳିନଥିବାରୁ ପବନ ସେହରାୱତ୍ ତାଙ୍କ ସ୍ଥାନ ନେଇଥିଲେ। ଏଥର ଏସିଆନ୍ ଗେମ୍ସ ପାଇଁ ଭାରତ ୫୦୧ ଜଣିଆ ଆଥଲେଟ୍ ଦଳ ପଠାଇଛି।

## ହାଙ୍ଗଝୋଉ ସଫଳତାକୁ ଟପିବା ଲକ୍ଷ୍ୟ

୨୦୨୩ ହାଙ୍ଗଝୋଉ ଏସିଆନ୍ ଗେମ୍ସରେ ଭାରତ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୧୦୬ଟି ପଦକ ଜିତିଥିଲା। ଏଥିରେ ୨୮ଟି ସ୍ୱର୍ଣ୍ଣ ଥିଲା ଏବଂ ପଦକ ତାଲିକାରେ ଭାରତ ଚତୁର୍ଥ ସ୍ଥାନରେ ରହିଥିଲା। ଆଇଚି-ନାଗୋୟାରେ ଏହି ପ୍ରଦର୍ଶନକୁ ଆହୁରି ଆଗକୁ ନେବା ଲକ୍ଷ୍ୟରେ ଭାରତୀୟ ଦଳ ମଇଦାନକୁ ଓହ୍ଲାଇଛି।

ଉଦଘାଟନୀ ସମାରୋହ ପୂର୍ବରୁ କିଛି କ୍ରୀଡ଼ାର ପ୍ରତିଯୋଗିତା ଆରମ୍ଭ ହୋଇସାରିଛି। ମହିଳା କ୍ରିକେଟରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଶୁକ୍ରବାର ଆୟୋଜକ ଜାପାନକୁ ୮ ୱିକେଟରେ ହରାଇ ସେମିଫାଇନାଲରେ ପହଞ୍ଚିଛି।

ଏହାଛଡ଼ା ଏଥର ଏସିଆନ୍ ଗେମ୍ସରେ ପ୍ରଥମଥର ସାମିଲ ହୋଇଥିବା ଟେକ୍ୱଲରେ ମଧ୍ୟ ଭାରତ ପଦକ ଦୌଡ଼ରେ ରହିଛି। ମହିଳା ସିଙ୍ଗଲ୍ସ ସେମିଫାଇନାଲରେ କ୍ୱିମ୍ବି ଡି'ସୌଜା ପରାଜିତ ହୋଇଥିବାରୁ ସେ ଏବେ ବ୍ରୋଞ୍ଜ ପଦକ ପାଇଁ ଖେଳିବେ।

# ଏସିଆନ୍ ଗେମ୍ସର ରୋଷେଇଘର: ୮୦ ଶେଫ୍, ୨୫ ଦେଶ ଓ ପ୍ରତିଦିନ ୪୫୦ ପ୍ରକାର ଖାଦ୍ୟ

ଏସିଆନ୍ ଗେମ୍ସର ମଇଦାନରେ ଆଥଲେଟମାନେ ପଦକ ପାଇଁ ଲଢୁଥିବା ବେଳେ ମୈଦାନ ବାହାରେ ଚାଲିଛି ଆଉ ଏକ ବିଶାଳ ଅଭିଯାନ—ହଜାର ହଜାର ଖେଳାଳିଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି। ଆଇଚି-ନାଗୋୟା ଏସିଆନ୍ ଗେମ୍ସର କେନ୍ଦ୍ରୀୟ କିଚେନରେ ୨୫ଟି ଦେଶର ୮୦ ଜଣ ସଟଫୁଟ ସହ ପ୍ରାୟ ୨୦୦ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ସକାଳ ୫ଟାରୁ ଖାଦ୍ୟ ପରିବେଷଣ ଆରମ୍ଭ ହୋଇ ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ଚାଲୁଛି।

ଏହି ବିଶାଳ ରୋଷେଇ ବ୍ୟବସ୍ଥାର ଦାୟିତ୍ୱରେ ଅଛନ୍ତି ଗ୍ଲୋବାଲ୍ ହସ୍ପିଟାଲିଟି ଗ୍ରୁପର ପ୍ରତିଷ୍ଠାତା ପିଟର୍ ରାଇଟ୍। ତାଙ୍କ ଅଭିଜ୍ଞତାରେ ସିଡନୀ, ବେଜିଂ ଓ ରିଓ ଅଲିମ୍ପିକ୍ସ, ଭାଙ୍କୁଭର୍ ଶୀତକାଳୀନ ଅଲିମ୍ପିକ୍ସ ଏବଂ ଦୁଇଟି କମନ୍ୱେଲ୍ଥ ଗେମ୍ସର କ୍ୟାଟରିଂ ବ୍ୟବସ୍ଥା ରହିଛି। ତାଙ୍କ ଦୃଷ୍ଟିରେ ଏସିଆନ୍ ଗେମ୍ସର ଖାଦ୍ୟ ବ୍ୟବସ୍ଥା କେବଳ ଖାଦ୍ୟ ପରଷିବା ନୁହେଁ, ବରଂ ଏକ ଛୋଟ ଅନ୍ତର୍ଜାତୀୟ ଖାଦ୍ୟ ବ୍ୟବସ୍ଥା ପରିଚାଳନା କରିବା। ପ୍ରତିଦିନ ହଜାର ହଜାର କିଲୋ ଖାଦ୍ୟ ଏଠାରେ ପ୍ରତିଦିନ ପ୍ରାୟ ୨ ଟନ୍ ଚିକେନ୍, ୮୦୦ କେଜି ବିଫ୍, ୮୦୦ କେଜି ମାଛ ଏବଂ ସର୍ବାଧିକ ଚାହିଦା ଥିବା ଦିନରେ ପ୍ରାୟ ଏକ ଟନ୍ ଚାଉଳ ବ୍ୟବହାର ହେଉଛି। ଦିନକୁ ପ୍ରାୟ ୬୦ ହଜାର କଦଳୀ, ୩୫ ହଜାର ପର୍ଯ୍ୟନ୍ତ ବ୍ରେଡ୍, ରୋଲ୍, ଫ୍ଲାଟ୍ରେଡ୍, ନାନ୍ ଓ ଟର୍ଟିଲା ମଧ୍ୟ ଖର୍ଚ୍ଚ ହେଉଛି। ଜଣେ ଆଥଲେଟ୍ ସାଧାରଣତଃ ଦିନକୁ ୭ରୁ ୮ଟି ଫଳ ଖାଉଥିବା ରାଇଟ୍ କହିଛନ୍ତି।

ଚାଉଳରେ ମଧ୍ୟ ରହିଛି ବିଭିନ୍ନତା। ବାସମତୀ, ଜାସ୍ମିନ୍, ଜାପାନୀ, ଷ୍ଟିକି ଏବଂ ବ୍ଲାକ୍ ରାଇସ୍ ଭଳି ବିଭିନ୍ନ ପ୍ରକାରର ଚାଉଳ ରନ୍ଧାଯାଉଛି। ଏଥିପାଇଁ କିଚେନ୍ରେ ଏକାଧିକ ରାଇସ୍ କୁକର୍ ଓ ବଡ଼ ମେସିନ୍ ବ୍ୟବହାର କରାଯାଉଛି।

**ଏସିଆର ସ୍ୱାଦ, ଗୋଟିଏ ଟେରେଲରେ**

ଜାପାନରେ ଏସିଆନ୍ ଗେମ୍ସ ହେଉଥିବାରୁ ମେନୁ କେବଳ ସୁଶି ଓ ସାଶିମିରେ ସୀମିତ ନୁହେଁ। ଚୀନ୍, କୋରିଆ, ଥାଇଲାଣ୍ଡ, ମାଲେସିଆ, ମଧ୍ୟପ୍ରାଚ୍ୟ ଓ ଭାରତୀୟ ଖାଦ୍ୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ଖାଦ୍ୟରେ ରୋଗନ୍ ଜୋଶ୍, ଡାଲି, ବିଭିନ୍ନ କରି, ଚଟଣି, ନାନ୍ ଓ ବିରିୟାନି ରହିଛି।

ପ୍ରତ୍ୟେକ ମିଲ୍ ସମୟରେ ଖେଳାଳିମାନଙ୍କ ପାଖରେ ପ୍ରାୟ ୧୧୦ରୁ ୧୨୦ ପ୍ରକାର ଖାଦ୍ୟ ବିକଳ୍ପ ରହୁଛି। ଦିନର ଚାରିଟି ମିଲ୍—ବ୍ରେକଫାଷ୍ଟ, ଲଞ୍ଚ, ଡିନର୍ ଓ ସପର୍—ପାଇଁ ମେନୁ ବଦଳାଯାଉଛି। ମୋଟ ଦୈନିକ ମେନୁରେ ପ୍ରାୟ ୪୫୦ ପ୍ରକାର ଆଇଟମ୍ ରହୁଛି।

**ଖେଳାଳିଙ୍କ ପସନ୍ଦକୁ ଗୁରୁତ୍ୱ**

ଏଲିଟ୍ ଆଥଲେଟିକମାନଙ୍କ ପାଇଁ କେବଳ ସ୍ୱାଦ ନୁହେଁ, ପୋଷଣ ମଧ୍ୟ ଅତ୍ୟନ୍ତ ଜରୁରୀ। ତେଣୁ ଖାଦ୍ୟକୁ ଅନେକ ସମୟରେ ପୃଥକ୍ ଉପାଦାନ ଭାବେ ରଖାଯାଉଛି। ଉଦାହରଣସ୍ୱରୂପ, ସାଲାଡ୍ ବାର୍ରେ ଟମାଟୋ, ମକା, ଲଙ୍କା, ଗାଜର, କାକୁଡ଼ି ଓ କିମ୍ଚି ଭଳି ୪୦ରୁ ୫୦ଟି ଉପାଦାନ ରହୁଛି। ଖେଳାଳି ନିଜ ପସନ୍ଦ ଓ ପୋଷଣ ଆବଶ୍ୟକତା ଅନୁସାରେ ନିଜ ପ୍ଲେଟ୍ ପ୍ରସ୍ତୁତ କରିପାରୁଛନ୍ତି।

କ୍ୟାଲୋରୀ ନିୟନ୍ତ୍ରଣ କରୁଥିବା ଖେଳାଳି ଚାହିଲେ ସସ୍ ବିନା ଗ୍ରିଲ୍ଡ ଚିକେନ୍ ନେଇପାରୁଛନ୍ତି କିମ୍ବା ଚାଉଳର ପରିମାଣ ନିର୍ଦ୍ଧାରିତ ରଖିପାରୁଛନ୍ତି। ଆଲର୍ଜି ଓ ମାକ୍ରୋନ୍ୟୁଟ୍ରିଏଣ୍ଟ୍ ଆବଶ୍ୟକତାକୁ ମଧ୍ୟ ଧ୍ୟାନରେ ରଖାଯାଉଛି।

**ବିରିୟାନିରୁ ମିଳିଥିଲା ବଡ଼ ଶିକ୍ଷା**

ପିଟର୍ ରାଇଟରଙ୍କ ପାଇଁ ଭାରତୀୟ ବିରିୟାନି ସହ ଜଡ଼ିତ ୧୯୯୨ର ଏକ ଅନୁଭୂତି ଆଜି ମଧ୍ୟ ମନେ ଅଛି। ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ପାକିସ୍ତାନ-ଇଂଲଣ୍ଡ ବିଶ୍ୱକପ୍ ଫାଇନାଲ୍ ସମୟରେ ପାକିସ୍ତାନ ଦଳ ବିରିୟାନି ଚାହିଥିଲା। ସେତେବେଳେ ଯୁବ ଶେଫ୍ ଥିବା ରାଇଟରଙ୍କ ବିରିୟାନି ବିଷୟରେ ବିଶେଷ ଜ୍ଞାନ ନଥିଲା।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod IOS
Download Now:
https://play.google.com/
store/app/details/
id- com.samayalive.app

## ବାରବାଟୀରେ ଆଜିଠୁ ମହାଲଢ଼େଇ

# ଗର୍ଜିବ କଟକ ପାନ୍ଥର୍ସ, ସାମ୍ନାରେ ସମ୍ବଲପୁର ୱାରିୟର୍ସ

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ସମୟରେ କ୍ଲାସିଫାଏଡ୍ / ... classifiedsamaya@gmail.com ...

କଟକ,୧୯।୯ (ସବ୍ୟୁ): ବାରବାଟୀରେ ହେବ ବଲ୍ ଓ ବ୍ୟାଟର ଜୋରଦାର ସଂଘର୍ଷ । ଛକା, ଚୌକା ରୋମାଞ୍ଚରେ କମ୍ପିବ ବାରବାଟି ଷ୍ଟାଡିୟମ । ଓଡ଼ିଶାର ତାରକା ଖଚିତ କ୍ରିକେଟ୍ ଖେଳାଳିଙ୍କୁ ନେଇ ମଇଦାନକୁ ଓହ୍ଲାଇବ ଗତବର୍ଷର ଡିଫେଣ୍ଡିଂ ଚାମ୍ପିଆନ୍ 'କଟକ ପାନ୍ଥର୍ସ' । ମୁକାବିଲାରେ ରହିବ 'ସମ୍ବଲପୁର ୱାରିୟର୍ସ' । ଟି-ଟ୍ୱେଣ୍ଟି ଲିଗ୍, ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣରେ ଭାରତ ମସଲା ମାଲିକାନାରେ ରହିଥିବା କଟକ ପାନ୍ଥର୍ସ ଏଥର ମଧ୍ୟ ଚାମ୍ପିଆନ୍ ହେବାର ଆତ୍ମବିଶ୍ୱାସ ନେଇ ପଡ଼ିଆକୁ ଓହ୍ଲାଇବାକୁ ପ୍ରସ୍ତୁତ ହୋଇ ସାରିଛି । ଭୁବନେଶ୍ୱର ରେଲୱେ ଗ୍ରାଉଣ୍ଡରେ ଦଳ ତାର ପ୍ରାଥମିକ ଅଭ୍ୟାସ ମ୍ୟାଚ୍ରେ ଉତ୍ତମ ପ୍ରଦର୍ଶନ କରି ଏମଜିଏମ୍କୁ ପରାସ୍ତ କରିଥିଲା । ସେହିପରି ବାରବାଟୀ ଷ୍ଟାଡ଼ିୟମରେ ମଧ୍ୟ ଫ୍ଲଡ୍ ଲାଇଟରେ ଜୋରଦାର୍ ଅଭ୍ୟାସ କରିଛନ୍ତି କଟକ ପାନ୍ଥର୍ସ ଟିମ୍ । ଏହି ଦଳର ନେତୃତ୍ୱ ନେଉଛନ୍ତି ଅଭିଜ୍ଞ ଅଲ୍ରାଉଣ୍ଡର ବିପ୍ଲବ



ସାମନ୍ତରାୟ । ତାଙ୍କ ଅଭିଜ୍ଞତା ସହ କୋଚ୍ ପ୍ରଭଞ୍ଜନ ମଲ୍ଲିକଙ୍କ ରଣକୌଶଳ ଦଳକୁ ମଇଦାନରେ ନୂଆ ଶକ୍ତି ଦେବ । ପାୱାରପ୍ଲେରୁ ଆରମ୍ଭ କରି ଡେଥ୍ ଓଭର୍ ପର୍ଯ୍ୟନ୍ତ ପ୍ରତିଟି ବଲ୍ ଆଣିପାରେ ମ୍ୟାଚର ମୋଡ଼ । ୩୦ ହଜାର ଦର୍ଶକଙ୍କ ନଜର ରହିବ ବାରବାଟୀର କେଉଁ ପଟେ ଉଠିବ ଛକା ଏବଂ କେତେବେଳେ ବାଉଣ୍ଡରି ଛୁଇଁବ ଚୌକା, ଆଉ କେତେବେଳେ ଚକ୍କା ଦେଖାଇ ଷ୍ଟମ୍ପ ଉଡ଼ାଇ ଦେବେ ବୋଲର୍ । ତେବେ ସବୁଠାରୁ ବଡ଼ କଥା ହେଲା, ଭାରତ ମସଲା ପରିବାର ପକ୍ଷରୁ ଚଳିତ ବର୍ଷ କଟକ ପାନ୍ଥର୍ସକୁ କିଣାଯାଇଥିବା ବେଳେ ଖେଳାଳିମାନଙ୍କ ପ୍ରତି ନିରନ୍ତର ସମର୍ଥନ ଓ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଥିବାରୁ ଦଳର ଆତ୍ମବିଶ୍ୱାସ ଆହୁରି ମଜବୁତ ହୋଇଛି । ବିଶେଷ କରି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓଡ଼ିଶାର ଲୁକ୍କାୟିତ ପ୍ରତିଭାମାନଙ୍କୁ ବିଶ୍ୱଦରବାରରେ ପହଞ୍ଚାଇବା ପାଇଁ ଓସିଏର ସହଯୋଗରେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ତାହା କ୍ରିକେଟରମାନଙ୍କ ମଧ୍ୟରେ ନୂଆ ସମ୍ଭାବନା ସୃଷ୍ଟି କରିଛି । ତେବେ ଆସନ୍ତା କାଲି ମ୍ୟାଚର କାହାର ବ୍ୟାଟ୍ ଗର୍ଜିବ ଏବଂ କାହାର ବୋଲିଂ ଶାଣିତ ହେବ, ତାହା ଦେଖିବାକୁ ବାକି ରହିଲା ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି